- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 44 ISSUE-38 SATURDAY 1 AUGUST 2026 PAGE-12 ₹ 7.00

SAMBALPUR

ବର୍ଷ-୪୪ ସଂଖ୍ୟା-୩୮ ଶନିବାର ୧ ଅଗଷ୍ଟ ୨୦୨୬ ପୃଷ୍ଠା-୧୨ ଟ.୭.୦୦




ଶ୍ରୀଲଙ୍କା ସିରିଜ୍ ପାଇଁ ବୁମ୍ରା ଫିଟ୍

▸ପୃଷ୍ଠା ୧୨ ଦେଖନ୍ତୁ...




## ମହାରାଷ୍ଟ୍ରରେ କୋଠା ଭୁଶୁଡ଼ି ୯ ମୃତ

ମୁମ୍ବାଇ, ୩୧।୭(ଏଜେନ୍ସି): ମହାରାଷ୍ଟ୍ରର ଭିୱଣ୍ଡି ଅଞ୍ଚଳରେ ଏକ ୪ ମହଲାର ଆବାସିକ କୋଠା ଭୁଶୁଡ଼ି ପଡ଼ିବାରୁ ଅତି କମରେ ୯ ଜଣଙ୍କର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଏବଂ ଅଗ୍ନିଶମ ବାହିନୀ ପକ୍ଷରୁ ବ୍ୟାପକ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ପ୍ରଶାସନିକ ସୂଚନା ଅନୁଯାୟୀ, ୪୮ଟି ରୁମ୍ ଥିବା ଏହି କୋଠାଟିକୁ ପୂର୍ବରୁ ବିପଜ୍ଜନକ ଘୋଷଣା କରାଯାଇଥିଲା ଏବଂ ସେଠାରେ ମରାମତି କାମ ଚାଲିଥିଲା। ରାତି ପ୍ରାୟ ୯ଟା ସମୟରେ କୋଠାରୁ ଶବ୍ଦ ଶୁଣି କିଛି ପରିବାର ବାହାରକୁ ବାହାରି ଆସିଥିଲେ ହେଁ, ଅନ୍ୟମାନେ ବାହାରିବା ପୂର୍ବରୁ ଗୃହର ଏକ ଭାଗ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିଲା। ଭଙ୍ଗାସ୍ତୂପ ତଳୁ ୯ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ଅନେକ ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି। ତେଣୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦୁର୍ଘଟଣାରେ ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କ ପାଇଁ ୫୦, ୦୦୦ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି।

## ବେଲୁଚିସ୍ତାନରେ ଖଣି ବିସ୍ଫୋରଣ; ୩୪ ଶ୍ରମିକ ମୃତ

କ୍ୱେଟା, ୩୧।୭(ଏଜେନ୍ସି): ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ଗୁରୁବାର ଏକ ଦୁଃଖଦ ଘଟଣା ଘଟିଯାଇଛି। କ୍ୱେଟା ସହର ନିକଟସ୍ଥ ଏକ କୋଇଲା ଖଣିରେ ମିଥେନ୍ ଗ୍ୟାସ୍ ବିସ୍ଫୋରଣ ଘଟି ଅତି କମରେ ୩୪ ଜଣ ଶ୍ରମିକଙ୍କ ପ୍ରାଣହାନି ଘଟିଥିବା ବେଳେ ୧୦ ଜଣ ଶ୍ରମିକ ଭିତରେ ଫସି ରହିଛନ୍ତି। ଖଣି ଭିତରେ ମିଥେନ୍ ଗ୍ୟାସ୍ ଜମା ହୋଇ ରହିବା ଯୋଗୁଁ ଏହି ଭୟଙ୍କର ବିସ୍ଫୋରଣ ଘଟିଥିଲା। ବିପର୍ଯ୍ୟୟ ପରିଚାଳନା ଟିମ୍ ସହାୟତାରେ ୩୪ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଖଣି ଭିତରେ ଅମ୍ଳଜାନର ମାତ୍ରା ଅତ୍ୟନ୍ତ କମିଯାଇଥିବାରୁ ଏବଂ ବିଷାକ୍ତ ଗ୍ୟାସ୍ ଭରି ରହିଥିବାରୁ ଅଟକ ଥିବା ଅନ୍ୟ ଶ୍ରମିକଙ୍କୁ ଜୀବିତ ଉଦ୍ଧାର କରିବା ଆଶା କ୍ଷୀଣ ହୋଇପଡ଼ିଛି। ମୃତକଙ୍କ ପରିବାର ପାଇଁ ବେଲୁଚିସ୍ତାନ ସରକାର ୫ ଲକ୍ଷ ପାକିସ୍ତାନୀ ଟଙ୍କାର କ୍ଷତିପୂରଣ ଘୋଷଣା କରିଛନ୍ତି।

## ସଡ଼କ ଦୁର୍ଘଟଣାରେ ମେଜର୍ ମୃତ, ୨ ଲେଫ୍ଟନାଣ୍ଟ ଆହତ

ଜୈସଲମେର, ୩୧।୭(ଏଜେନ୍ସି): ରାଜସ୍ଥାନର ଜୈସଲମେର ସାମରିକ ଘାଟି ନିକଟରେ ଗୁରୁବାର ରାତିରେ ଏକ ଦୁଃଖଦ ସଡ଼କ ଦୁର୍ଘଟଣାରେ ଭାରତୀୟ ସେନାର ଜଣେ ମେଜରଙ୍କ ଜୀବନ ଯାଇଥିବା ବେଳେ ୨ ଜଣ ଲେଫ୍ଟନାଣ୍ଟ ଗୁରୁତର ଆହତ ହୋଇଛନ୍ତି। ତିନି ଜଣ ସେନା ଅଧିକାରୀ ଏକ ବ୍ୟକ୍ତିଗତ ଗାଡ଼ିରେ ଜୈସଲମେର ସହରରୁ ସାମରିକ ଘାଟିକୁ ଫେରୁଥିବା ବେଳେ ଯୁଦ୍ଧ ସଂଗ୍ରହାଳୟ ନିକଟରେ ହଠାତ୍ ରାସ୍ତାକୁ ଏକ ଓଟ ଚାଲିଆସିଥିଲା। ଗାଡ଼ିଟି ଓଟକୁ ଧକ୍କା ଦେବା ପରେ ନିୟନ୍ତ୍ରଣ ହରାଇ ପ୍ରାୟ ୫ ଥର ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ଓଟଟିର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଉଦ୍ଧାରକାରୀ ଦଳ ଆହତ ଅଧିକାରୀମାନଙ୍କୁ ସାମରିକ ହସ୍ପିଟାଲକୁ ନେଇଥିଲେ ହେଁ ମଧ୍ୟପ୍ରଦେଶର ଇନ୍ଦୋର ନିବାସୀ ୩୦ ବର୍ଷୀୟ ମେଜର ହମ୍‌ଜା ଆରିଫ୍ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ। ସେ ମାତ୍ର ମାସକ ପୂର୍ବରୁ ବିବାହ କରିଥିଲେ। ଆହତ ଦୁଇ ଲିଫ୍ଟନାଣ୍ଟ ଅଭିନବ ରାଠୋର ଏବଂ ଆୟୁଷ୍ମାନ ଗୁସାଇଁଙ୍କ ଚିକିତ୍ସା ଜାରି ରହିଛି।

## ଏଫ୍‌ବିଆଇର 'ମୋଷ୍ଟ ୱାଣ୍ଟେଡ୍' ତାଲିକାରେ ପଞ୍ଜାବର ଗୁରପ୍ରୀତ ସିଂହ

ନୂଆଦିଲ୍ଲୀ, ୩୧।୭(ଏଜେନ୍ସି): ଆମେରିକାର ଗୁଇନ୍ଦା ସଂସ୍ଥା ଏଫ୍‌ବିଆଇ ପଞ୍ଜାବର ଜଣେ ଭାରତୀୟ ନାଗରିକ ଗୁରପ୍ରୀତ ସିଂହଙ୍କୁ ନିଜର 'ମୋଷ୍ଟ ୱାଣ୍ଟେଡ୍' ତାଲିକାରେ ସାମିଲ କରିଛି। ସେ ଏକ ଅନ୍ତର୍ଜାତୀୟ ସଂଗଠିତ ଅପରାଧୀ ଗ୍ରୁପ୍ ସହ ମିଶି ନିଶାଦ୍ରବ୍ୟ ଚୋରା ଚାଲାଣ, ବେଆଇନ ଅସ୍ତ୍ର କାରବାର ଏବଂ ଅପରାଧିକ ଷଡ଼ଯନ୍ତ୍ରରେ ଲିପ୍ତ ଥିବା ଅଭିଯୋଗ ହୋଇଛି। ଏଫ୍‌ବିଆଇର ଅନୁଯାୟୀ, ଗୁରପ୍ରୀତ ପଞ୍ଜାବରୁ ଆରମ୍ଭ ହୋଇଥିବା 'ଜଗୁ ଭଗବାନପୁରିଆ ସଂଗଠିତ ଅପରାଧୀ ଗ୍ରୁପ୍'ର ସଦସ୍ୟ ଭାବେ ଆମେରିକାର କାଲିଫର୍ଣ୍ଣିଆ ଏବଂ ଅନ୍ୟାନ୍ୟ ସ୍ଥାନରେ ବେଆଇନ କାର୍ଯ୍ୟକଳାପ ଚଳାଉଥିଲେ। ତାଙ୍କ ବିରୋଧରେ ଲସ୍ ଏଞ୍ଜେଲସ୍‌ର ସଂଘୀୟ ଅଦାଲତ ପକ୍ଷରୁ ଗତ ଜୁନ୍ ୨୫, ୨୦୨୬ରେ ଗିରଫ ୱାରେଣ୍ଟ ଜାରି କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଗୁରପ୍ରୀତ ହେଉଛନ୍ତି ଗତ କିଛି ଦିନ ମଧ୍ୟରେ ଏଫ୍‌ବିଆଇର 'ମୋଷ୍ଟ ୱାଣ୍ଟେଡ୍' ତାଲିକାରେ ସ୍ଥାନ ପାଇଥିବା ଦ୍ୱିତୀୟ ଭାରତୀୟ ନାଗରିକ। ଏହା ପୂର୍ବରୁ ଆମେରିକା, କାନାଡ଼ା ଓ ମେକ୍ସିକୋରେ କୋକେନ୍ ଏବଂ ନିଶାଦ୍ରବ୍ୟ ଚୋରା ଚାଲାଣ ଅଭିଯୋଗରେ ଅମୃତପାଲ ସିଂହ ନାମକ ଅନ୍ୟ ଜଣେ ଭାରତୀୟଙ୍କୁ ଏହି ତାଲିକାରେ ସାମିଲ କରାଯାଇଥିଲା। ଭାରତରୁ ଚାଲିଥିବା ଏହି ବିପଜ୍ଜନକ ଗ୍ୟାଙ୍ଗଗୁଡ଼ିକ ଆମେରିକାରେ ବେଆଇନ ନିଶା ଓ ଅସ୍ତ୍ର କାରବାର ବୃଦ୍ଧି କରୁଥିବାରୁ ଏଫ୍‌ବିଆଇ ଏବେ ସେମାନଙ୍କ ଗିରଫଦାରୀ ପାଇଁ ନଜର ଆହୁରି କଡ଼ାକଡ଼ି କରିଛି।

ଭାରତୀୟ ହକି ଦଳର ଗେରୁଆ ଜର୍ସି ବିବାଦ

## ସ୍ପଷ୍ଟୀକରଣ ମାଗିଲେ ଦିଲ୍ଲୀପ ତିର୍କୀ



ନୂଆଦିଲ୍ଲୀ, ୩୧।୭(ଏଜେନ୍ସି): ଭାରତୀୟ ଜାତୀୟ ହକି ଦଳର ପାରମ୍ପରିକ ନୀଳ ରଙ୍ଗର ଜର୍ସିକୁ ଗେରୁଆ (କମଳା) ରଙ୍ଗରେ ବଦଳାଯିବା ଘଟଣା ଏବେ ଏକ ନୂଆ ମୋଡ଼ ନେଇଛି। ହକି ଇଣ୍ଡିଆର ସଭାପତି ଦିଲ୍ଲୀପ ତିର୍କୀ ଏହି ନିଷ୍ପତ୍ତି ସମ୍ପର୍କରେ ତାଙ୍କୁ କୌଣସି ପୂର୍ବ ସୂଚନା ଦିଆଯାଇ ନ ଥିବା ପ୍ରକାଶ କରିବା ସହ ଦଳର କାର୍ଯ୍ୟକାରୀ କମିଟିକୁ ଏଡ଼ାଇ କିପରି ଏହି ନିଷ୍ପତ୍ତି ନିଆଗଲା, ସେ ନେଇ ବୋର୍ଡ ଅଧିକାରୀମାନଙ୍କୁ କଠୋର ଭାଷାରେ ଚିଠି ଲେଖି ସ୍ପଷ୍ଟୀକରଣ ମାଗିଛନ୍ତି। ଇଚ୍ଛାକୃତ ଭାବେ ଏହି ବିଷୟକୁ ରାଜନୀତିକରଣ ନ କରିବାକୁ ଅନୁରୋଧ କରିବା ପରେ ମଧ୍ୟ, ଅଭ୍ୟନ୍ତରୀଣ ଆଲୋଚନାରୁ ଜଣାପଡ଼ିଛି ଯେ ହକି ଇଣ୍ଡିଆର ନିର୍ବାଚିତ ନେତୃତ୍ୱଙ୍କୁ ଅନ୍ଧାରରେ ରଖି ଏହି ବଡ଼ ନିଷ୍ପତ୍ତି ନିଆଯାଇଥିଲା। ଏହି ମାମଲାରେ ଓଡ଼ିଶା ସରକାର ମଧ୍ୟ ଦିଲ୍ଲୀପ ତିର୍କୀଙ୍କଠାରୁ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି। ଦିଲ୍ଲୀପ ତିର୍କୀ ବୋର୍ଡ ସଦସ୍ୟଙ୍କୁ ପଠାଇଥିବା ଇମେଲରେ ଲେଖିଛନ୍ତି ଯେ ଜର୍ସିର ରଙ୍ଗ ବଦଳାଇବା ନିଷ୍ପତ୍ତି କାର୍ଯ୍ୟକାରୀ କମିଟିର ଏହି ବିବାଦ ବଢ଼ିବା ପରେ ଓଡ଼ିଶା ସରକାର ମଧ୍ୟ ଏହି ନିଷ୍ପତ୍ତିର ପୃଷ୍ଠଭୂମି ସମ୍ପର୍କରେ ସ୍ପଷ୍ଟୀକରଣ ଚାହିଁଛନ୍ତି। ଗତକାଲି ଗଣମାଧ୍ୟମକୁ ଦେଇଥିବା ବିବୃତିରେ ଦିଲ୍ଲୀପ କହିଥିଲେ ଯେ ନୀଳ ରଙ୍ଗର ଟର୍ଫ (ଖେଳ ପଡ଼ିଆ)ରେ ନୀଳ ଜର୍ସି ପିନ୍ଧିବା ଦ୍ୱାରା ଖେଳାଳିଙ୍କୁ ପରସ୍ପରକୁ ଦେଖିବାରେ ସମସ୍ୟା ହେଉଥିବାରୁ ଏହି ପରିବର୍ତ୍ତନ କରାଯାଇଛି। ଏହା କୌଣସି ରାଜନୈତିକ ଚାପରେ ହୋଇନାହିଁ। କ୍ରୀଡ଼ାଗତ ସୁବିଧା ପାଇଁ ଏହି ରଙ୍ଗ ବଦଳାଯାଇଛି ବୋଲି ପୂର୍ବରୁ କୁହାଯାଉଥିଲେ ହେଁ, ସଂସ୍ଥାର ଅଭ୍ୟନ୍ତରୀଣ କାର୍ଯ୍ୟଶୈଳୀ ଏବଂ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ରହିଥିବା ତ୍ରୁଟି ଏବେ ପଦାରେ ପଡ଼ିଛି। ଦିଲ୍ଲୀପ ତିର୍କୀ ସମ୍ପୃକ୍ତ ଅଧିକାରୀମାନଙ୍କୁ ୫ଟି ନିର୍ଦ୍ଦିଷ୍ଟ ପ୍ରଶ୍ନର ଲିଖିତ ଉତ୍ତର ସହ ତୁରନ୍ତ ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ହମାସ୍-ଇସ୍ରାଏଲ ଶାନ୍ତି ଚୁକ୍ତି ଦାବି କଲେ ଟ୍ରମ୍ପ

## ଅସ୍ତ୍ର ସମର୍ପଣ କରିବ ହମାସ୍, ଗାଜାରୁ ସେନା ପ୍ରତ୍ୟାହାର କରିବ ଇସ୍ରାଏଲ

ୱାସିଂଟନ୍, ୩୧।୭(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗାଜାରେ ଯୁଦ୍ଧବିରତି ଏବଂ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ହମାସ ଏବଂ ଇସ୍ରାଏଲ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପୂର୍ଣ୍ଣ ଅସ୍ତ୍ରସମ୍ପାତ ଚୁକ୍ତି ହୋଇଥିବା ଦାବି କରିଛନ୍ତି। ଏହି ଚୁକ୍ତି ଅନୁଯାୟୀ, ହମାସ ଏବଂ ଅନ୍ୟ ସଶସ୍ତ୍ର ଗୋଷ୍ଠୀଗୁଡ଼ିକ ନିଜର ସମସ୍ତ ଅସ୍ତ୍ରଶସ୍ତ୍ର ସମର୍ପଣ କରିବେ ଏବଂ ଇସ୍ରାଏଲ ସେନା ଗାଜାରୁ ପର୍ଯ୍ୟାୟକ୍ରମେ ଓହରିଯିବ। 'ବୋର୍ଡ ଅଫ୍ ପିସ୍' ମାଧ୍ୟମରେ ହୋଇଥିବା ଏହି ଚୁକ୍ତି ସମ୍ପର୍କରେ ଟ୍ରମ୍ପ ନିଜ ସାମାଜିକ ଗଣମାଧ୍ୟମ ମଞ୍ଚରେ ସୂଚନା ଦେଇଛନ୍ତି। ଚୁକ୍ତି ଅନୁସାରେ, ଗାଜାରେ ସୁରକ୍ଷା ବ୍ୟବସ୍ଥା ପରିଚାଳନା ପାଇଁ ଏକ ଅନ୍ତର୍ଜାତୀୟ ସ୍ଥାୟୀ ସୁରକ୍ଷା ବାହିନୀ ଏବଂ ପାଲେଷ୍ଟାଇନର ନୂତନ ପୁଲିସ ବାହିନୀ ଗଠନ କରାଯିବ। ଏହା ପରେ ଗାଜା ପରିଚାଳନା ଭାର ଏକ ନୂତନ ଟେକ୍ନୋକ୍ରାଟ୍ (ବୈଷୟିକ) ପାଲେଷ୍ଟାଇନ୍ ସରକାରଙ୍କ ହାତକୁ ଯିବ। ମିଶର, କାତାର ଏବଂ ତୁର୍କୀର ମଧ୍ୟସ୍ଥତା ଯୋଗୁଁ ଏହି ଚୁକ୍ତି ସମ୍ଭବ ହୋଇଥିବା କୁହାଯାଇଛି। ତେବେ ଏହି ଚୁକ୍ତିକୁ ପୂର୍ଣ୍ଣାଙ୍ଗ ରୂପେ କାର୍ଯ୍ୟକାରୀ କରିବା ପାଇଁ ଅନେକ ଚ୍ୟାଲେଞ୍ଜ ରହିଛି। ଅସ୍ତ୍ର ସମର୍ପଣ ପ୍ରକ୍ରିୟା, ସେନା ପ୍ରତ୍ୟାହାର, ନୂତନ ସୁରକ୍ଷା ବ୍ୟବସ୍ଥା ଏବଂ ନୂତନ ସରକାର ଗଠନ କରିବାରେ କେତେକ ମାସର ସମୟ ଲାଗିପାରେ। ଅନ୍ୟପଟେ, ଇରାନ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବାକୁ ହମାସକୁ ପରାମର୍ଶ ଦେଇଥିବା ନେଇ ଆମେରିକା ଦାବି କରିଥିଲେ ହେଁ, ହମାସ ଗାଜାବାସୀଙ୍କ ହିତ ପାଇଁ ଏଥିରେ ସମ୍ମତି ଜଣାଇଥିବା କୁହାଯାଇଛି। ଗାଜାରେ ଦୀର୍ଘ ଦିନ ଧରି ଚାଲିଥିବା ସଂଘର୍ଷର ଅନ୍ତ ଘଟାଇବା ପାଇଁ ଟ୍ରମ୍ପଙ୍କ ୨୦-ପଏଣ୍ଟ ଯୋଜନାର ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

କାବେରୀ ଜଳ ବିବାଦ

# କର୍ଣ୍ଣାଟକ-ତାମିଲନାଡୁ ବିବାଦ ତୀବ୍ର

ବେଙ୍ଗାଲୁରୁ, ୩୧।୭(ଏଜେନ୍ସି): କାବେରୀ ନଦୀ ଜଳ ବଣ୍ଟନକୁ ନେଇ କର୍ଣ୍ଣାଟକ ଏବଂ ତାମିଲନାଡୁ ମଧ୍ୟରେ ଦୀର୍ଘ ଦିନରୁ ଚାଲିଆସୁଥିବା ବିବାଦ ବର୍ତ୍ତମାନ ଅଧିକ ଜଟିଳ ହେବାରେ ଲାଗିଛି। ସୂଚନା ଅନୁଯାୟୀ, ଜଳ ବଣ୍ଟନ ପ୍ରସଙ୍ଗରେ ଉଭୟ ରାଜ୍ୟ ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି। ଏପରିକି ଆଲୋଚନା ମାଧ୍ୟମରେ ସମାଧାନ ପାଇଁ କରାଯାଉଥିବା ପ୍ରୟାସ ବାଧାପ୍ରାପ୍ତ ହୋଇଛି। ଜୁଲାଇ ୩୦ରେ କାବେରୀ ଜଳ ପରିଚାଳନା କର୍ତ୍ତୃପକ୍ଷ (ସିଡବ୍ଲ୍ୟୁଏମ୍‌ଏ)ଙ୍କ ନିକଟରେ କର୍ଣ୍ଣାଟକ ନିଜର ଆପତ୍ତି ଓ ପକ୍ଷ ରଖିଛି। ତେବେ ରାଜ୍ୟ ସରକାରଙ୍କ ଏହି ଉପସ୍ଥାପନାକୁ ନେଇ ପ୍ରବଳ ରାଜନୈତିକ ସମାଲୋଚନା ଆରମ୍ଭ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେପି ସାଂସଦ ବସବରାଜ ବୋମ୍ମାଇ କର୍ଣ୍ଣାଟକର ପକ୍ଷକୁ 'ଅତ୍ୟନ୍ତ ଦୁର୍ବଳ' ବୋଲି ଅଭିହିତ କରିଛନ୍ତି। ରାଜ୍ୟ ସରକାର ସିଡବ୍ଲ୍ୟୁଏମ୍‌ଏ ନିକଟରେ ତଥ୍ୟ ଭିତ୍ତିକ ଦୃଢ଼ ଯୁକ୍ତି ରଖିବାରେ ପୁଣିଥରେ ବିଫଳ ହୋଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଜଳ ବଣ୍ଟନ ନିଷ୍ପତ୍ତିକୁ ବିରୋଧ



କରି କର୍ଣ୍ଣାଟକରେ ବିଜେପି ପକ୍ଷରୁ ବ୍ୟାପକ ପ୍ରଦର୍ଶନ କରାଯାଉଛି। ଗୁରୁବାର ନୂଆଦିଲ୍ଲୀରେ ସିଡବ୍ଲ୍ୟୁଏମ୍‌ଏ ତାଙ୍କ ବୈଠକରେ କର୍ଣ୍ଣାଟକକୁ ତାମିଲନାଡୁକୁ ପ୍ରତିଦିନ ୩, ୫୦୦ କ୍ୟୁସେକ୍ ପାଣି ଛାଡିବାକୁ ନିର୍ଦ୍ଦେଶ ଦେଇଛନ୍ତି। କାବେରୀ ଜଳ ଛାଡିବା ନେଇ ଏହି ନିଷ୍ପତି ପରେ ଦୁଇ ରାଜ୍ୟ ମଧ୍ୟରେ ବିବାଦ ତୀବ୍ର ହୋଇଛି। କର୍ଣ୍ଣାଟକ ବିଜେପି ସଭାପତି ବି.ୱାଇ. ବିଜୟେନ୍ଦ୍ର ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କୁ ସମାଲୋଚନା କରି କହିଛନ୍ତି ଯେ ତାମିଲନାଡୁକୁ ପାଣି ଛାଡିବା ନିଷ୍ପତ୍ତି କର୍ଣ୍ଣାଟକର ଚାଷୀଙ୍କ ପ୍ରତି ଅନ୍ୟାୟ। କେଆରଏସ ଡ୍ୟାମ୍ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ସମୟରେ ତାଙ୍କୁ ପୁଲିସ ଅଟକ ରଖିଛି। ଏହି ଘଟଣା ରାଜ୍ୟରେ ରାଜନୈତିକ ପରିସ୍ଥିତିକୁ ଅଧିକ ଉତ୍ତେଜନାମୂଳକ କରିଦେଇଛି। ଅନ୍ୟପଟେ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ବିଜୟ ଏବଂ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଡିକେ.

■ ମୁଖ୍ୟମନ୍ତ୍ରୀ ସ୍ତରୀୟ ବୈଠକ ସ୍ଥଗିତ
■ ବିଜେପି ନେତାଙ୍କୁ ଅଟକ

ଶିବକୁମାରଙ୍କ ମଧ୍ୟରେ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ଆଲୋଚନା ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। କର୍ଣ୍ଣାଟକ ସରକାର ତାମିଲନାଡୁ ମୁଖ୍ୟମନ୍ତ୍ରୀଙ୍କୁ ଏହି ଆଲୋଚନା ଘୁଞ୍ଚାଇବା ପାଇଁ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ, ମେକେଦାଟୁ ପ୍ରକଳ୍ପ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ପୂର୍ବ ନିଷ୍ପତ୍ତିକୁ ନେଇ ମଧ୍ୟ ବିବାଦ ଜାରି ରହିଛି। କର୍ଣ୍ଣାଟକ ଏହି ପ୍ରକଳ୍ପ ପାଇଁ ଦାବି କରୁଥିବା ବେଳେ ତାମିଲନାଡୁ ଏହାକୁ କ୍ରମାଗତ ଭାବେ ବିରୋଧ କରିଆସୁଛି।

● ଦିଲ୍ଲୀ ଦଙ୍ଗା ମାମଲା

## ତାହିର ହୁସେନଙ୍କ ସହ ୫ ଜଣଙ୍କୁ ଆଜୀବନ କାରାଦଣ୍ଡ

ନୂଆଦିଲ୍ଲୀ, ୩୧।୭(ଏଜେନ୍ସି): ୨୦୨୦ ଦିଲ୍ଲୀ ଦଙ୍ଗା ସମୟରେ ଗୁଇନ୍ଦା ବିଭାଗ (ଆଇବି) ଅଫିସର ଅଙ୍କିତ ଶର୍ମାଙ୍କୁ ନିର୍ମମ ଭାବେ ହତ୍ୟା କରାଯିବା ମାମଲାରେ କରକରଡୁମା ଅଦାଲତ ଶୁକ୍ରବାର ଅନ୍ତରୀଣ ରାୟ ଶୁଣାଇଛନ୍ତି। ଆପ୍‌ର ପୂର୍ବତନ କାଉନସିଲର ତାହିର ହୁସେନଙ୍କ ସମେତ ୫ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି କୋର୍ଟ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଦିଲ୍ଲୀ ପୁଲିସ ପକ୍ଷରୁ ସମସ୍ତ ଅଭିଯୁକ୍ତଙ୍କ ପାଇଁ ମୃତ୍ୟୁଦଣ୍ଡ ଦାବି କରାଯାଇଥିଲା। ଗତ ଜୁଲାଇ ୧୩ ତାରିଖରେ କୋର୍ଟ ତାହିର ହୁସେନ, ନାଜିମ, କାସିମ, ଅନସ ଏବଂ ଜାଭେଦଙ୍କୁ ହତ୍ୟା, ଅପହରଣ, ଦଙ୍ଗା ସୃଷ୍ଟି କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଥିଲେ। ମୋଟ ୧୧ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୬ ଜଣଙ୍କୁ ପ୍ରମାଣ ଅଭାବରୁ ଖଲାସ କରାଯାଇଛି। ୨୦୨୦ ଫେବୃଆରୀ ୨୫ରେ ଅଙ୍କିତ ଘରୁ ବାହାରି ନିଖୋଜ ହୋଇଯାଇଥିଲେ। ପରଦିନ ସକାଳେ ଚାନ୍ଦବାଗ ପୋଲ ନିକଟସ୍ଥ ଖଜୁରୀ ଖାସ୍ ନାଳରୁ ତାଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରାଯାଇଥିଲା। ତାହିର ଓ ତାଙ୍କ ସହଯୋଗୀମାନେ ଅଙ୍କିତଙ୍କୁ ହତ୍ୟା କରି ନାଳକୁ ଫିଙ୍ଗି ଦେଇଥିଲେ। ୨୦୨୦ ଫେବୃଆରୀ ୨୩ରୁ ୨୬ ମଧ୍ୟରେ ଉତ୍ତର-ପୂର୍ବ ଦିଲ୍ଲୀରେ ସିଏଏ ସମର୍ଥକ ଓ ବିରୋଧୀଙ୍କ ମଧ୍ୟରେ ହିଂସାକାଣ୍ଡ ଘଟିଥିଲା। ଏଥିରେ ୫୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୫୦ରୁ ଅଧିକ ଲୋକ ଆହାତ ହୋଇଥିଲେ।

## ପେପର ଲିକ୍, ରାମ ମନ୍ଦିର ପ୍ରସଙ୍ଗରେ ବିରୋଧୀଙ୍କ ହଙ୍ଗାମା: ସଂସଦର ଉଭୟ ଗୃହ ମୁଲତବୀ

ନୂଆଦିଲ୍ଲୀ, ୩୧।୭(ଏଜେନ୍ସି): ପେପର ଲିକ୍ ଏବଂ ଅଯୋଧ୍ୟା ରାମ ମନ୍ଦିରରୁ ଦାନ ଚୋରି ଅଭିଯୋଗକୁ ନେଇ ବିରୋଧୀ ସଦସ୍ୟଙ୍କ ପ୍ରବଳ ହଙ୍ଗାମା ଯୋଗୁଁ ଆଜି ସଂସଦର ଉଭୟ ଗୃହ ରାଜ୍ୟସଭା ଓ ଲୋକସଭାକୁ ଦିନକ ପାଇଁ ମୁଲତବୀ ରଖାଯାଇଛି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳର ସାଂସଦମାନେ ବିଭିନ୍ନ ପ୍ରସଙ୍ଗରେ ସ୍ଲୋଗାନ ଦେଇ ଗୃହରେ ପ୍ରବଳ ହଙ୍ଗାମା ସୃଷ୍ଟି କରିଥିଲେ। ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ କହିବାକୁ ଅଧ୍ୟକ୍ଷ ସିପି. ରାଧାକୃଷ୍ଣନ ଅନୁମତି ଦେଇଥିଲେ। ତେବେ ଖଡ଼ଗେ କେତକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଅଧ୍ୟକ୍ଷ କୌଣସି ନୋଟିସ୍ ଗ୍ରହଣ କରିନଥିଲେ। ଏହାପରେ ବିରୋଧୀ ସଦସ୍ୟମାନେ ଏକାଠି ହୋଇ ପେପର ଲିକ୍ ଏବଂ ରାମ ମନ୍ଦିରର ଦାନ ଅର୍ଥ ଚୋରି ସମ୍ପର୍କରେ ସ୍ଲୋଗାନ ଦେବା ଆରମ୍ଭ କରିଦେଇଥିଲେ। ସେ ଅଭିଯୋଗ କରିଛନ୍ତି ଯେ, ବିରୋଧୀ ଦଳ 'ସଡ଼କ-ଛାପ' ରାଜନୀତି କରି ଗୃହର ମର୍ଯ୍ୟାଦା ହାନି କରୁଛନ୍ତି ଏବଂ ଏହା ଦ୍ୱାରା ଗଣତନ୍ତ୍ର ନଷ୍ଟ ହେଉଛି। ହଙ୍ଗାମା ନଥମିବାରୁ ଅଧ୍ୟକ୍ଷ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ। ରାଜ୍ୟସଭାର ପରବର୍ତ୍ତୀ ବୈଠକ ଅଗଷ୍ଟ ୩, ସୋମବାର ଦିନ ଅନୁଷ୍ଠିତ ହେବ। ଅନ୍ୟପଟେ ଲୋକସଭାରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଥିଲା। 'ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ (ସଂଶୋଧନ) ବିଲ୍' ପାରିତ ହେବା ପରେ ହଙ୍ଗାମା ଯୋଗୁଁ ଗୃହକୁ ଦିନକ ପାଇଁ ମୁଲତବୀ ରଖାଯାଇଛି। ବିରୋଧୀ ଦଳ ସଦସ୍ୟମାନେ ଗୃହ ଆରମ୍ଭରୁ ହିଁ ବିଭିନ୍ନ ଦାବି ନେଇ ବିରୋଧ ପ୍ରଦର୍ଶନ କରିଥିଲେ। ପ୍ରସଙ୍ଗକ୍ରମେ, ସଂସଦରେ ଆଜି ସୁପ୍ରିମକୋର୍ଟ ବିଚାରପତିଙ୍କ ସମ୍ପର୍କିତ ବିଲ୍ ମଧ୍ୟ ଆଲୋଚନା ପାଇଁ କାର୍ଯ୍ୟସୂଚୀରେ ରହିଥିଲା। ମାତ୍ର ବିରୋଧୀଙ୍କ ପ୍ରତିବାଦ ଯୋଗୁଁ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇପାରିନାହିଁ।

## ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିମନ୍ତ୍ରଣ କରିବ ପାକିସ୍ତାନ

ନୂଆଦିଲ୍ଲୀ, ୩୧।୭(ଏଜେନ୍ସି): ୨୦୨୭ ମସିହାରେ ଇସଲାମାବାଦରେ ଅନୁଷ୍ଠିତ ହେବାକୁ ଥିବା ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ଶିଖର ସମ୍ମିଳନୀ ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ ପଠାଯିବ ବୋଲି ପାକିସ୍ତାନ ସଂକେତ ଦେଇଛି। ସଂଗଠନର ନିୟମାନୁସାରେ ସମସ୍ତ ସଦସ୍ୟ ରାଷ୍ଟ୍ରଙ୍କ ଭଳି ଭାରତକୁ ମଧ୍ୟ ଆନୁଷ୍ଠାନିକ ନିମନ୍ତ୍ରଣ ପତ୍ର ପ୍ରେରଣ କରାଯିବ ବୋଲି ପାକିସ୍ତାନ ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଇସଲାମାବାଦରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପାକିସ୍ତାନ ବିଦେଶ ମନ୍ତ୍ରଣାଳୟର ମୁଖପାତ୍ର କହିଛନ୍ତି ଯେ, ଆୟୋଜକ ଦେଶ ଭାବେ ସମସ୍ତ ସଦସ୍ୟ ରାଷ୍ଟ୍ରର ମୁଖ୍ୟମାନଙ୍କୁ ନିମନ୍ତ୍ରଣ କରିବା ପାକିସ୍ତାନର କର୍ତ୍ତବ୍ୟ। ସୂଚନାଯୋଗ୍ୟ, ୨୦୨୭ ମସିହାରେ ପାକିସ୍ତାନ ଏସ୍‌ସିଓ ଶିଖର ସମ୍ମିଳନୀର ଆୟୋଜନ କରିବାକୁ ଯାଉଛି। ଭାରତ ଓ ପାକିସ୍ତାନ ବ୍ୟତୀତ ଚୀନ୍, ରୁଷ୍, କାଜାଖସ୍ତାନ, କିର୍ଗିଜସ୍ତାନ, ତାଜିକିସ୍ତାନ, ଉଜବେକିସ୍ତାନ, ଇରାନ୍ ଏବଂ ବେଲାରୁଷ ଏହି ସଂଗଠନର ଅନ୍ୟତମ ସଦସ୍ୟ ଅଟନ୍ତି। ଅନ୍ୟପଟେ,

ଇସଲାମାବାଦରେ ୨୦୨୭ ଏସ୍‌ସିଓ ସମ୍ମିଳନୀ

ମନିଲାରେ ଏସିଆନ୍ ସମ୍ମିଳନୀ ଅବସରରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଏବଂ ପାକିସ୍ତାନ ବିଦେଶ ମନ୍ତ୍ରୀଙ୍କ ମଧ୍ୟରେ କୌଣସି ଆଲୋଚନା ପାଇଁ ପ୍ରସ୍ତାବ ଆସିଥିବା ନେଇ ପାକିସ୍ତାନ ଅସ୍ୱୀକାର କରିଛି। ବହୁପାକ୍ଷିକ ଆଞ୍ଚଳିକ ସୁରକ୍ଷା ଓ ଆର୍ଥିକ ସହଯୋଗ ପାଇଁ ଏସ୍‌ସିଓ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ହୋଇଥିବାରୁ ଏହି ନିମନ୍ତ୍ରଣ ପ୍ରକ୍ରିୟାକୁ ନିୟମିତ ପ୍ରୋଟୋକଲ୍ ଭାବେ ଦେଖାଯାଉଛି। ତେବେ ଉଭୟ ଦେଶ ମଧ୍ୟରେ ଥିବା କୂଟନୈତିକ ସମ୍ପର୍କକୁ ଦୃଷ୍ଟିରେ ରଖି ଏହି ପ୍ରସ୍ତାବିତ ନିମନ୍ତ୍ରଣ ଏବଂ ପରବର୍ତ୍ତୀ ପଦକ୍ଷେପ ଉପରେ କୂଟନୀତିଜ୍ଞଙ୍କ ନଜର ରହିଛି।

## ଓମାର ଅବଦୁଲ୍ଲା-ପାୟଲଙ୍କ ବିବାହ ବିଚ୍ଛେଦକୁ ସୁପ୍ରିମ୍‌କୋର୍ଟଙ୍କ ମଞ୍ଜୁରି

ନୂଆଦିଲ୍ଲୀ, ୩୧।୭(ଏଜେନ୍ସି): ଜାମ୍ମୁ ଓ କାଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏବଂ ତାଙ୍କ ପତ୍ନୀ ପାୟଲ ଅବଦୁଲ୍ଲାଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ଚାଲିଥିବା ଦାମ୍ପତ୍ୟ ବିବାଦର ଅନ୍ତ ଘଟିଛି। ଆପୋସ ବୁଝାମଣା ଏବଂ ମଧ୍ୟସ୍ଥତା ଆଧାରରେ ସୁପ୍ରିମ୍‌କୋର୍ଟ ଦୁହିଁଙ୍କ ବିବାହ ବିଚ୍ଛେଦ ଆବେଦନକୁ ମଞ୍ଜୁର କରିଛନ୍ତି। ଶୁକ୍ରବାର ଦିନ ବିଚାରପତି ପି ଏସ୍ ନରସିଂହା ଏବଂ ବିଚାରପତି ଆଲୋକ ଆରାଧେଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ହୋଇଥିଲା। ଓମାରଙ୍କ ପକ୍ଷରୁ ହାଜର ହୋଇଥିବା ବରିଷ୍ଠ ଆଇନଜୀବୀ କପିଲ ସିବଲ ଅଦାଲତଙ୍କୁ ଜଣାଇଥିଲେ ଯେ, ଆପୋସ ଆଲୋଚନା ଓ ମଧ୍ୟସ୍ଥତା ମାଧ୍ୟମରେ ଦୁଇ ପକ୍ଷ ସମସ୍ତ ବିବାଦର ସମାଧାନ କରିସାରିଛନ୍ତି। ଏଥିସହ ଭାରତୀୟ ସମ୍ବିଧାନର ୧୪୨ ନମ୍ବର ଧାରା ଅଧୀନରେ ମିଳିତ ଭାବେ ବିବାହ ବିଚ୍ଛେଦ ପାଇଁ ଆବେଦନ କରାଯାଇଛି। ଗତ ଜୁଲାଇ ୨୨



ତାରିଖରେ ଏହି ମିଳିତ ଆବେଦନ ଦାଖଲ କରାଯାଇଥିଲା। ୧୯୯୪ ମସିହାରେ ବିବାହ କରିଥିବା ଓମାର ଏବଂ ପାୟଲ ୨୦୦୯ ମସିହାରୁ ଅଲଗା ରହୁଥିଲେ।

## ଗଲୱାନ୍ ବିବାଦ ପରେ ପ୍ରଥମ ଥର ଭାରତ ଆସିବେ ସି ଜିନ୍‌ପିଙ୍ଗ୍

ନୂଆଦିଲ୍ଲୀ, ୩୧।୭(ଏଜେନ୍ସି): ୨୦୨୦ ଗଲୱାନ୍ ଘାଟୀ ସଂଘର୍ଷ ପରେ ପ୍ରଥମ ଥର ପାଇଁ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ ଭାରତ ଗସ୍ତରେ ଆସିବାକୁ ଯାଉଛନ୍ତି। ନୂଆଦିଲ୍ଲୀରେ ଆସନ୍ତା ସେପ୍ଟେମ୍ବର ୧୨-୧୩ରେ ଅନୁଷ୍ଠିତ ହେବାକୁ ଥିବା ବ୍ରିକ୍ସ ସମ୍ମିଳନୀରେ ସେ ଯୋଗଦେବାର ସମ୍ଭାବନା ରହିଛି। ୨୦୧୯ ଅକ୍ଟୋବର ପରେ ଜିନ୍‌ପିଙ୍ଗ୍‌ଙ୍କର ଏହା ପ୍ରଥମ ଭାରତ ଗସ୍ତ ହେବ। ଏହି ଗସ୍ତ ପୂର୍ବରୁ ଦୁଇ ଦେଶ ମଧ୍ୟରେ କୂଟନୈତିକ ଆଲୋଚନାକୁ ଆହୁରି ତ୍ୱରାନ୍ୱିତ କରାଯାଉଛି। ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ୍ ଚୀନ୍ ଗସ୍ତ କରି ଉଚ୍ଚସ୍ତରୀୟ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ସୀମା ବିବାଦର ସମାଧାନ ଏବଂ ସୀମା ପରିଚାଳନା ପାଇଁ ଦୁଇ ଦେଶର ସ୍ୱତନ୍ତ୍ର ପ୍ରତିନିଧିମାନଙ୍କ ମଧ୍ୟରେ ବୈଠକ ହେବ। ଏହି ଗସ୍ତ କାଳରେ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ସୀମା ସୁରକ୍ଷା, ଆଞ୍ଚଳିକ ସ୍ଥିରତା ଏବଂ ଆର୍ଥିକ ସହଯୋଗ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବ। ଦୀର୍ଘ ବର୍ଷର ସୀମା ବିବାଦ ଏବଂ କୂଟନୈତିକ ତିକ୍ତତା ପରେ ଚୀନ୍ ରାଷ୍ଟ୍ରପତିଙ୍କ ଏହି ସମ୍ଭାବ୍ୟ ଭାରତ ଗସ୍ତ ଦୁଇ ଦେଶ ମଧ୍ୟରେ ସମ୍ପର୍କ ସୁଧାରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ସାବ୍ୟସ୍ତ ହୋଇପାରେ।

## ପ୍ରଧାନମନ୍ତ୍ରୀଙ୍କୁ ଆକ୍ଷେପ: ମେଟା ଇଣ୍ଡିଆ ମୁଖ୍ୟଙ୍କ ବିରୋଧରେ ମାମଲା

ହାଇଦରାବାଦ୍, ୩୧।୭(ଏଜେନ୍ସି): କକ୍ରୋଚ୍ ଜନତା ପାର୍ଟି (ସିଜେପି) ଆନ୍ଦୋଳନ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ଆକ୍ଷେପଜନକ, ବିକୃତ (ମୋର୍ଫଡ୍) ଏବଂ ଏଆଇ ଦ୍ୱାରା ପ୍ରସ୍ତୁତ ଭିଡିଓ ଓ ଫଟୋ ପ୍ରସାରଣ ଅଭିଯୋଗରେ ମେଟା ଇଣ୍ଡିଆ ମୁଖ୍ୟ ଅରୁଣ ଶ୍ରୀନିବାସ ଏବଂ କେତେକ ଫେସବୁକ୍-ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ପ୍ରୋଫାଇଲ୍ ବିରୋଧରେ ମାମଲା ରୁଜୁ ହୋଇଛି। ହାଇଦରାବାଦ ସାଇବର କ୍ରାଇମ୍ ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଭାରତୀୟ ଜନତା ପାର୍ଟି(ବିଜେପି)ର କାର୍ଯ୍ୟକର୍ତ୍ତା ଟି ସାଇକିରଣ ଗୌଡ଼ ଏବଂ ବ୍ୟବସାୟୀ ଏସ୍ ଅରବିନ୍ଦ ରେଡ୍ଡୀଙ୍କ ଅଭିଯୋଗ ଆଧାରରେ ପୁଲିସ ଏହି ପଦକ୍ଷେପ ନେଇଛି। ଅଭିଯୋଗକାରୀଙ୍କ ଦର୍ଶାଇବା ଅନୁଯାୟୀ, ଇନ୍‌ଷ୍ଟାଗ୍ରାମ୍ ଏବଂ ଫେସବୁକ୍‌ରେ ପ୍ରଧାନମନ୍ତ୍ରୀଙ୍କର ଅଶ୍ଳୀଳ, ଆକ୍ଷେପଜନକ ଏବଂ ବିଭ୍ରାନ୍ତିକର ଭିଡିଓ ସେୟାର କରାଯାଉଥିଲା। ଏହା ଦ୍ୱାରା ସାଧାରଣ ଜନତାଙ୍କୁ ବିଭ୍ରାନ୍ତ କରିବା ସହ ସମାଜରେ ଅଶାନ୍ତି ସୃଷ୍ଟି କରିବାର ପ୍ରୟାସ କରାଯାଇଛି। ସାଇବର କ୍ରାଇମ୍ ପୁଲିସ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା (ଆଇଟି) ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ୟୁରୋପୀୟ ସୀମାରେ ବଡ଼ ବିପର୍ଯ୍ୟୟ

# ସ୍ପେନର ସେଉଟାରେ ୫୦,୦୦୦ ଅନୁପ୍ରବେଶକାରୀ


ମାଦ୍ରିଦ, ୩୧।୭(ଏଜେନ୍ସି): ସ୍ପେନର ଉତ୍ତର ଆଫ୍ରିକୀୟ ସୀମାନ୍ତ ସହର ସେଉଟାରେ ଗୋଟିଏ ଦିନରେ ପ୍ରାୟ ୫୦, ୦୦୦ ମୋରୋକୋ ଅନୁପ୍ରବେଶକାରୀ ପ୍ରବେଶ କରିବା ପରେ ପରିସ୍ଥିତି ଅତ୍ୟନ୍ତ ସମ୍ବେଦନଶୀଳ ହୋଇପଡ଼ିଛି। ସୀମାରେ ସୁରକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିବା ପରେ ସ୍ପେନ୍ ସରକାର ସେଠାରେ ସେନା, ନୌସେନା ଓ ବିମାନବାହିନୀ ମୁତୟନ କରିଛନ୍ତି। ସମୁଦ୍ର ପାରି କରି ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଥିବା ସମୟରେ ଅତି କମରେ ୧୮ ଜଣ ଅନୁପ୍ରବେଶକାରୀଙ୍କର ବୁଡ଼ି ମୃତ୍ୟୁ ହୋଇଛି। ସେଉଟା ହେଉଛି ଉତ୍ତର ଆଫ୍ରିକା ଉପକୂଳରେ ଅବସ୍ଥିତ ସ୍ପେନର ଏକ ସ୍ୱାୟତ୍ତଶାସିତ ସହର। ଏହା ମୋରୋକୋ ସହ ୬ ମାଇଲ ବିଶିଷ୍ଟ ସୀମା ଭାଗ କରେ। ସେଉଟା ଓ ମେଲିଲା ହେଉଛନ୍ତି ଆଫ୍ରିକା ମହାଦେଶ ସହ ୟୁରୋପୀୟ ୟୁନିୟନର ଏକମାତ୍ର ସ୍ଥଳ



ସୀମା। ୟୁରୋପରେ ପ୍ରବେଶ କରିବା ପାଇଁ ସେଉଟା ସବୁଠାରୁ ସହଜ ଓ ଛୋଟ ରାସ୍ତା। ସୀମାରେ ଉଚ୍ଚ ସୁରକ୍ଷା ବାଡ଼ ଓ ଜଗୁଆଳି ଥିବା ସତ୍ତ୍ୱେ, ଅନୁପ୍ରବେଶକାରୀମାନେ ନିକଟସ୍ଥ ମୋରୋକୋ ସହରଗୁଡ଼ିକରୁ ସମୁଦ୍ରରେ ପହଁରି କିମ୍ବା ବାଡ଼ କାଟି ପ୍ରବେଶ କରିବାକୁ ଚେଷ୍ଟା କରନ୍ତି। ଗତ କିଛି ଦିନ ହେବ ଚାପ ବଢୁଥିବା ବେଳେ ଗୁରୁବାର ଦିନ ହଜାର ହଜାର ଯୁବକ, ମହିଳା ଓ ଶିଶୁ ସମୁଦ୍ରରେ ପହଁରି ଏବଂ ଟାୟାର/ଫ୍ଲିପର ସାହାଯ୍ୟରେ ସେଉଟା ସୀମାରେ ପହଞ୍ଚିଥିଲେ। ସ୍ପେନ ଗୃହ ମନ୍ତ୍ରଣାଳୟ ଅନୁସାରେ ୨୪ ଘଣ୍ଟା ମଧ୍ୟରେ ପାଖାପାଖି ୫୦, ୦୦୦ରୁ ଅଧିକ ଲୋକ ସୀମା ପାର ହୋଇଛନ୍ତି। ଖରାପ ପାଗ ଓ

■ ପାଣିରେ ବୁଡ଼ି ୧୮ ମୃତ, ସେନା ମୁତୟନ

ପ୍ରବଳ ସମୁଦ୍ର ସ୍ରୋତ ଯୋଗୁଁ ସୀମାରେ ଥିବା ପଥର ଓ ସୀମା ବାଡ଼କୁ ଏଡ଼ାଇବାକୁ ଚେଷ୍ଟା କରୁଥିବା ବେଳେ ଅତି କମରେ ୧୮ ଜଣଙ୍କର ବୁଡ଼ି ମୃତ୍ୟୁ ହୋଇଛି। ଅନେକ ଅନୁପ୍ରବେଶକାରୀଙ୍କୁ ପାଣିରୁ ଉଦ୍ଧାର କରାଯାଇଛି। ସ୍ଥିତି ଅନିୟନ୍ତ୍ରିତ ହେବାରୁ ସ୍ପେନ ନିଜର ଆର୍ମଡ ଫୋର୍ସ, ସିଭିଲ ଗାର୍ଡ ଏବଂ ନୌସେନା ବୁଡ଼ାଳି ଦଳକୁ ସୁରକ୍ଷା ଦାୟିତ୍ୱ ଦେଇଛି। ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ ସୀମା ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିବା ନେଇ ସୂଚନା ରହିଛି। ମୋରୋକୋ ୧୫୮୦ ମସିହାରୁ ସ୍ପେନ ଅଧୀନରେ ଥିବା ସେଉଟାକୁ ନିଜର ଅଧିକୃତ ଭୂଖଣ୍ଡ ବୋଲି ଦାବି କରିଆସୁଛି। ୨୦୨୧ ମସିହାରେ ମଧ୍ୟ ମୋରୋକୋ ସୀମା କୋହଳ କରିଦେବାରୁ ୮, ୦୦୦ ଅନୁପ୍ରବେଶକାରୀ ପ୍ରବେଶ କରିଥିଲେ, ଯାହା ଦୁଇ ଦେଶ ମଧ୍ୟରେ କୂଟନୈତିକ ବିବାଦ ସୃଷ୍ଟି କରିଥିଲା। ସ୍ପେନର ସର୍ବୋଚ୍ଚ ଅଦାଲତଙ୍କ ଏକ ନୂତନ ନିର୍ଦ୍ଦେଶ ଅନୁସାରେ, ସମୁଦ୍ରରୁ ଧରାପଡୁଥିବା ଅନୁପ୍ରବେଶକାରୀଙ୍କୁ ତୁରନ୍ତ ମୋରୋକୋ ଫେରାଯାଇପାରିବ ନାହିଁ। ଏହି ନିୟମର ସୁଯୋଗ ନେଇ ମାନବ ଚାଲାଣକାରୀ ଗ୍ରୁପଗୁଡ଼ିକ ଲୋକଙ୍କୁ ପ୍ରବର୍ତ୍ତାଇଥିବା ସନ୍ଦେହ କରାଯାଉଛି। ସ୍ପେନର ବିରୋଧୀ ଦଳଗୁଡ଼ିକ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜଙ୍କ କୋହଳ ଅନୁପ୍ରବେଶ ନୀତିକୁ ନିନ୍ଦା କରିଛନ୍ତି।



ଜୁଡୋରେ ଅସ୍ମିତାଙ୍କୁ ପ୍ରଥମ ସ୍ୱର୍ଣ୍ଣ

▶ପୃଷ୍ଠା ୧୨ ଦେଖନ୍ତୁ...


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-38 ◆SATURDAY ◆1 AUGUST 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୩୮ ◆ଶନିବାର ◆୧ ଅଗଷ୍ଟ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ୨୯ ବର୍ଷ ପରେ ମହାସାଗରୀୟ ଶବ୍ଦ 'ଦି ବ୍ଲୁପ୍'ର ସନ୍ଧାନ

■ ନୂଆଦିଲ୍ଲୀ, ୩୧।୭ (ଏଜେନ୍ସି): ୧୯୯୭ ମସିହାରେ ପ୍ରଶାନ୍ତ ମହାସାଗରର ଗଭୀର ଜଳରାଶିରୁ ଶୁଣାଯାଇଥିବା ଏକ ରହସ୍ୟମୟ ଶବ୍ଦ 'ଦି ବ୍ଲୁପ୍'କୁ ନେଇ ଦୀର୍ଘ ବର୍ଷ ଧରି ଚାଲିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଏହି ଶବ୍ଦ କୌଣସି ଅଜଣା ସାମୁଦ୍ରିକ ଜୀବର ନୁହେଁ, ବରଂ ଆଣ୍ଟାର୍କଟିକାର ବିଶାଳ ବରଫଖଣ୍ଡ ଭାଙ୍ଗିବା ଯୋଗୁଁ ସୃଷ୍ଟି ହୋଇଥିଲା ବୋଲି ବୈଜ୍ଞାନିକମାନେ ସ୍ପଷ୍ଟ କରିଛନ୍ତି। ୧୯୯୭ରେ ଆମେରିକାର ଜାତୀୟ ମହାସାଗରୀୟ ଏବଂ ବାୟୁମଣ୍ଡଳୀୟ ପ୍ରଶାସନର ସମୁଦ୍ର ତଳେ ଥିବା ମାଇକ୍ରୋଫୋନ୍‌ରେ ଏହି ଶବ୍ଦ ରେକର୍ଡ ହୋଇଥିଲା। ଏହି



ଶବ୍ଦର ତୀବ୍ରତା ଏତେ ଅଧିକ ଥିଲା ଯେ ହଜାର ହଜାର କିଲୋମିଟର ଦୂର ପର୍ଯ୍ୟନ୍ତ ଏହା ଶୁଣାଯାଇଥିଲା। ପ୍ରଥମେ ଏହାକୁ କୌଣସି ସାମୁଦ୍ରିକ ଦାନବ, କାଳ୍ପନିକ ପ୍ରାଣୀ କିମ୍ବା ବିଶାଳକାୟ ତିମିର ଶବ୍ଦ ବୋଲି ସନ୍ଦେହ କରାଯାଉଥିଲା। ମାତ୍ର ବୈଜ୍ଞାନିକମାନେ ଦୀର୍ଘ ଗବେଷଣା ପରେ ଜାଣିବାକୁ ପାଇଲେ ଯେ ଆଣ୍ଟାର୍କଟିକାରେ ଗ୍ଲେସିୟର ଭାଙ୍ଗିବା ଏବଂ ବରଫଖଣ୍ଡଗୁଡ଼ିକ ପରସ୍ପର ସହ ଘଷିହୋଇ କମ୍ପନ ସୃଷ୍ଟି ହେବା ଯୋଗୁଁ ଏହି ଶବ୍ଦ ସୃଷ୍ଟି ହୋଇଥିଲା। ଗଭୀର ସମୁଦ୍ରର ଏହି ରହସ୍ୟର ସମାଧାନ ହେବା ସହ ପ୍ରକୃତିର ଅପାର ଶକ୍ତି ସମ୍ପର୍କରେ ଏକ ନୂତନ ତଥ୍ୟ ସାମ୍ନାକୁ ଆସିଛି।

## ଆଜିଠୁ ଖୋଲିବ ଭିତରକନିକା ଜାତୀୟ ଉଦ୍ୟାନ

■ ରାଜନଗର, ୩୧।୭ (ସମିସ): ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ଆସନ୍ତାକାଲିଠାରୁ ଦେଶବିଦେଶର ପର୍ଯ୍ୟଟକଙ୍କ ପାଇଁ ଖୋଲିବ। ବଉଳା କୁମ୍ଭୀରଙ୍କ ପ୍ରଜନନ ଋତୁ ପାଇଁ ପ୍ରତିବର୍ଷ ମେ' ୧ରୁ ଜୁଲାଇ ୩୧ ଦୀର୍ଘ ୩ ମାସ ଧରି ଭିତରକନିକା ବନ୍ଦ ରହିଥାଏ। ଆଜି ଏହି ଅବଧି ସରିଯାଉଥିବାରୁ ଆସନ୍ତାକାଲିଠାରୁ ଏହି ଜାତୀୟ ଉଦ୍ୟାନକୁ ଖୋଲାଯିବ। ଏଥିପାଇଁ ବନ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଭିତରକନିକା ମଧ୍ୟକୁ ପ୍ରବେଶ କରିବାକୁ ପର୍ଯ୍ୟଟକଙ୍କ ପାଇଁ ପରିଚୟ ପତ୍ର ବାଧ୍ୟତାମୂଳକ କରାଯାଇଛି।



ପର୍ଯ୍ୟଟକ ଗୁପ୍ତି, ଚାନ୍ଦବାଲି, ଖୋଲା ଓ ଡାଙ୍ଗମାଳ ପ୍ରଭୃତି ୪ଟି ପ୍ରବେଶ ପଥ ଦେଇ ଭିତରକନିକାକୁ ପ୍ରବେଶ କରିପାରିବେ। ପର୍ଯ୍ୟଟକ ଜଳ ପଥରେ ବଉଳା କୁମ୍ଭୀର, ଦେଶୀ ଓ ବିଦେଶୀ ପକ୍ଷୀ, ହରିଣ, ବାରହା, ସମ୍ବର, ଝିଙ୍କ ଆଦି ନାନା ପଶୁପକ୍ଷୀ ଓ ମ୍ୟୁଜିୟମ ଦେଖିବା ସହ ବନ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ପ୍ରଥମ ସ୍କାଏ ୱାକ୍ ବ୍ରିଜ, ୱାଚ୍ ଟାୱାର, ସେଲ୍‌ଫି ପଏଣ୍ଟ, ମ୍ୟାନଗ୍ରୁଭ ମେଟା ନର୍ସରୀ, ବୋଟ ଲାଇବ୍ରେରୀ, ସହିଦ ସ୍ତମ୍ଭ, କୁମ୍ଭୀର ପ୍ରଜନନ କେନ୍ଦ୍ର ଆଦି ଦେଖିପାରିବେ। ଯନ୍ତ୍ରଚାଳିତ ବୋଟ୍ ସହ ବନବିଭାଗ ▶ପୃଷ୍ଠା-୧୦

# ବଢ଼ିରେ ଉବୁଟୁବୁ ଗାଁ-ଗଣ୍ଡା

## ବୈତରଣୀ, ସାଳନ୍ଦୀ ଜଳସ୍ତର ପୁଣି ଉପରମୁହାଁ

## ବିପଦସଙ୍କେତ ଉପରେ ଦେବୀ, ଦୟା, ଭାର୍ଗବୀ

■ ଭୁବନେଶ୍ୱର, ୩୧।୭ (ସମିସ): ମହାନଦୀରେ ଟଳମଳ ସ୍ଥିତି। ମୁଣ୍ଡଳୀ ଦେଇ ୯ ଲକ୍ଷ କ୍ୟୁସେକ୍‌ରୁ ଅଧିକ ଜଳ ପ୍ରବାହିତ ହେଉଛି। ମହାନଦୀରେ ଜଳସ୍ତର ବୃଦ୍ଧି ପରେ ଏହାର ଶାଖାନଦୀଗୁଡ଼ିକରେ ଜଳସ୍ତର ଭୟଙ୍କର ଭାବରେ ବୃଦ୍ଧି ପାଇଛି। ଦେବୀ, ଦୟା, ଭାର୍ଗବୀର ଜଳସ୍ତର ବିପଦ ସଙ୍କେତ ଅତିକ୍ରମ କରିଛି। ଅନ୍ୟପକ୍ଷରେ ଉତ୍ତର ଓଡ଼ିଶାରେ ବନ୍ୟା ସ୍ଥିତି ସାମାନ୍ୟ ଆଶ୍ୱସ୍ତି ଦେବା ବେଳକୁ ପୁଣି ବୈତରଣୀ ଓ ସାଳନ୍ଦୀ ଜଳସ୍ତର ଉପରମୁହାଁ ହୋଇଛି। ବର୍ତ୍ତମାନ ସୁଦ୍ଧା ୧୪ଟି ଜିଲ୍ଲାର ୧୪୪୬ଟି ଗାଁ ଏବଂ ୧୩ଟି ପୌରାଞ୍ଚଳର ୨୦୧ ୱାର୍ଡର ୮ ଲକ୍ଷ ୩୪ ହଜାର ୭୪୧ ଲୋକ ପ୍ରଭାବିତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ପାଖାପାଖି ୩ ଲକ୍ଷ ଲୋକ ଏବେ ବି ପାଣି ଘେରରେ ରହିଛନ୍ତି। ବନ୍ୟା ଯୋଗୁଁ ୨ଲକ୍ଷ ୬୯ ହଜାର ହେକ୍ଟର ଚାଷଜମିର ଫସଲ ନଷ୍ଟ ହୋଇଛି।

ଉତ୍ତର ଓଡ଼ିଶାରେ ଯଦିଓ ନଦୀଗୁଡ଼ିକରେ ଜଳ ପ୍ରବାହ କମିବାରେ ଲାଗିଛି, ହେଲେ ▶ପୃଷ୍ଠା-୧୦



### ଆଜି ବନ୍ୟା ସ୍ଥିତି ଦେଖିବେ ମୁଖ୍ୟମନ୍ତ୍ରୀ

ଶନିବାର ଆକାଶ ମାର୍ଗରୁ ବନ୍ୟା ସ୍ଥିତି ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ୪ ଦିନିଆ ଦିଲ୍ଲୀ ଗସ୍ତରୁ ଫେରି ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ଯାଜପୁର, ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳର ଏରିଏଲ୍ ସର୍ଭେ କରିବେ। ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓ ଏସ୍‌ଆର୍‌ସି ରାଜେଶ ପ୍ରଭାକର ପାଟିଲ୍ ମଧ୍ୟ ଉପସ୍ଥିତ ରହିବେ।

## ହୀରାକୁଦ ଜଳସ୍ତର ୬୨୫.୧୦ ଫୁଟ୍

## ଖୋଲିଲା ୨୨ ଗେଟ୍

■ ସମ୍ବଲପୁର, ୩୧।୭ (ସମିସ): ହୀରାକୁଦ ନଦୀବନ୍ଧର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍। ଉପରମୁଣ୍ଡରେ ବର୍ଷା କମିଥିଲେ ହେଁ ଛତିଶଗଡ଼ର ଡ୍ୟାମ ଓ ବ୍ୟାରେଜରୁ ଜଳ ନିଷ୍କାସନ ଯୋଗୁଁ ହୀରାକୁଦ ଜଳଭଣ୍ଡାରରେ ପ୍ରବେଶ ଜଳ ପରିମାଣ ବୃଦ୍ଧି ପାଇଛି। ଶୁକ୍ରବାର ସନ୍ଧ୍ୟା ୬ଟା ସୁଦ୍ଧା ସେକେଣ୍ଡ ପ୍ରତି ୪,୨୨,୯୬୮ କ୍ୟୁସେକ୍ ଜଳ ହୀରାକୁଦରେ ପ୍ରବେଶ କରୁଛି। ସକାଳେ ହୀରାକୁଦ ଜଳସ୍ତର ୬୨୫.୧୫ ଫୁଟ୍‌ରେ ପହଞ୍ଚିଛି। ପୂର୍ବରୁ ୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଥିବାବେଳେ ଆଜି ପର୍ଯ୍ୟାୟକ୍ରମେ ପୂର୍ବାହ୍ଣ ସାଢ଼େ ୧୦ଟା ବେଳେ ୧୦ଟି, ମଧ୍ୟାହ୍ନରେ ୨ଟି ଏବଂ ଅପରାହ୍ଣ ସାଢ଼େ ୪ଟା ବେଳେ ଆଉ ୮ଟି ଗେଟ୍ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏବେ ମୋଟ ୨୨ଟି ଗେଟ୍ ଦେଇ ହୀରାକୁଦରୁ ବନ୍ୟାଜଳ ନିଷ୍କାସନ କରାଯାଉଛି।

**ସେକେଣ୍ଡକୁ ପ୍ରବେଶ କରୁଛି ୪,୨୨,୯୬୮ କ୍ୟୁସେକ୍ ପାଣି**

ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୫.୧୦ ଫୁଟ୍ ରହିଛି। ନଦୀବନ୍ଧର ▶ପୃଷ୍ଠା-୧୦

## ଆମେରିକାରେ ଚାକିରି ସ୍ୱପ୍ନକୁ ବଡ଼ ଝଟ୍‌କା

■ ୱାଶିଂଟନ, ୩୧।୭ (ଏଜେନ୍ସି): ଉଚ୍ଚଶିକ୍ଷା ପରେ ଆମେରିକାରେ ଚାକିରି କରିବାକୁ ଲକ୍ଷ୍ୟ ରଖିଥିବା ଭାରତୀୟ ସମେତ ବିଦେଶୀ ଛାତ୍ରଛାତ୍ରୀଙ୍କ ପାଇଁ ଏକ ନୈରାଶ୍ୟଜନକ ଖବର ଆସିଛି। ଆମେରିକାରେ ପାଠପଢ଼ା ଶେଷ ହେବା ପରେ 'ଓପିଟି' ଜରିଆରେ କାର୍ଯ୍ୟ କରିବା ପାଇଁ ୧ ଲକ୍ଷ ଆମେରିକୀୟ ଡଲାର (ପ୍ରାୟ ୯୫ ଲକ୍ଷ ଟଙ୍କା) ର ମୋଟା ଅଙ୍କର ଫି' ଲାଗୁ କରିବାକୁ ଟ୍ରମ୍ପ ପ୍ରଶାସନ ବିଚାର କରୁଛି। 'ୱାଲ୍ ଷ୍ଟ୍ରିଟ୍ ଜର୍ନାଲ୍' ଅନୁଯାୟୀ, ଗୃହ ସୁରକ୍ଷା ବିଭାଗ (ଡିଏଚ୍‌ଏସ୍) ଅଧୀନରେ ଏହି ପ୍ରସ୍ତାବ ଉପରେ ଆଲୋଚନା ଚାଲିଛି। ଏହାସହ ଛାତ୍ର ଭିସାର ନିୟମକୁ କଡ଼ାକଡ଼ି କରି ଆମେରିକାରେ ରହିବା ଅବଧିକୁ ସର୍ବାଧିକ ୪ ବର୍ଷ ପର୍ଯ୍ୟନ୍ତ ସୀମିତ କରିବାକୁ ସରକାର ନିୟମ ଚୂଡ଼ାନ୍ତ କରିଛନ୍ତି। ଏହାଠାରୁ ଅଧିକ ସମୟ ପଢ଼ିବା ପାଇଁ ସରକାରୀ ମଞ୍ଜୁରୀ ନେବାକୁ ପଡ଼ିବ। ଏହି ୧ ଲକ୍ଷ ଡଲାର ଫି' ଛାତ୍ର ନିଜେ ଦେବେ ନା ତାଙ୍କୁ ନିଯୁକ୍ତି ଦେଉଥିବା ସଂସ୍ଥା ଦେବ, ସେ ନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ତେବେ ଏହି ପ୍ରସ୍ତାବ ଲାଗୁ ହେଲେ



### ପାଠପଢ଼ା ପରେ କାମ ପାଇଁ ୧ ଲକ୍ଷ ଡଲାର ଫି' ଲାଗୁ କରିବାକୁ ଟ୍ରମ୍ପଙ୍କ ଯୋଜନା

ଆମେରିକାରେ ପଢୁଥିବା ୩.୩ ଲକ୍ଷରୁ ଅଧିକ ଭାରତୀୟ ଛାତ୍ରଛାତ୍ରୀ ଏବଂ କମ୍ପାନୀଗୁଡ଼ିକ ଉପରେ ପ୍ରଚଣ୍ଡ ଆର୍ଥିକ ବୋଝ ପଡ଼ିବ। ଆମେରିକା ନିଜର ଆଇନଗତ ଇମିଗ୍ରେସନ୍ ବ୍ୟବସ୍ଥାକୁ ଅଧିକ ସୁରକ୍ଷିତ ଏବଂ କଡ଼ାକଡ଼ି କରିବା ପାଇଁ ଏହି ପଦକ୍ଷେପ ନେଉଥିବା କହିଛି। ଏହି ପ୍ରସ୍ତାବ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେଲେ ବିଦେଶୀ ଛାତ୍ରଛାତ୍ରୀଙ୍କ ପାଇଁ ଆମେରିକାରେ କ୍ୟାରିୟର ଗଢ଼ିବା ଆହୁରି ବ୍ୟୟବହୁଳ ଏବଂ କଷ୍ଟକର ହୋଇପଡ଼ିବ।

### ଡାକ୍ତରୀ ପିଜି ପ୍ରଶ୍ନପତ୍ର ଲିକ୍ ଘଟଣା

## କାହାକୁ ସୁରକ୍ଷା ଦେବାକୁ ମିଛ କହୁଛନ୍ତି କୁଳପତି

■ ଭୁବନେଶ୍ୱର/ବ୍ରହ୍ମପୁର, ୩୧।୭ (ସମିସ): ପ୍ରଶ୍ନପତ୍ର ଲିକ୍ ହେଲା, ମାତ୍ର ତାହାକୁ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର କୁଳପତି ମାନିବାକୁ ନାରାଜ। ମାତ୍ର କୌତୂହଳର ବିଷୟ ହେଉଛି ଯେ କୁଳପତିଙ୍କ କଥା ଏବେ ତାଙ୍କ ପାଇଁ ବୁମେରାଂ ହୋଇଛି। ପ୍ରଶ୍ନପତ୍ର ଲିକ୍‌କୁ ମାଲ୍ ପ୍ରାକ୍ଟିସ୍ ବୋଲି ଅଭିହିତ କରିବାକୁ ଯାଇ ନିଜେ କୁଳପତି ନିଜ ଜାଲରେ ଛନ୍ଦି ହୋଇ ଯାଇଛନ୍ତି। ପରୀକ୍ଷା ଆରମ୍ଭ ପୂର୍ବରୁ ନୁହେଁ, ପରୀକ୍ଷା ଆରମ୍ଭ

### ପରୀକ୍ଷା ଆରମ୍ଭ ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ; ସିସିଟିଭି ଫୁଟେଜ୍ ନଷ୍ଟ ପାଇଁ ଯୋଜନା

ହେବା ପରେ ପ୍ରଶ୍ନପତ୍ର ଭାଇରାଲ୍ ହୋଇଥିବା କୁଳପତିଙ୍କ କଥା ମିଥ୍ୟା ସାବ୍ୟସ୍ତ ହୋଇଛି। ପରୀକ୍ଷା ଆରମ୍ଭ ପରେ ପ୍ରଶ୍ନପତ୍ର ବାହାରକୁ ଆସିଲେ ତାହାକୁ ପ୍ରଶ୍ନପତ୍ର ଲିକ୍ ନୁହେଁ, ମାଲ୍ ପ୍ରାକ୍ଟିସ୍ କୁହାଯିବ କୁଳପତି କହିଛନ୍ତି। ସକାଳ ୧୦ ଟାରେ ପରୀକ୍ଷା ଆରମ୍ଭ ହୋଇଥିବାବେଳେ ଏହାର ୨ ମିନିଟ୍ ପୂର୍ବରୁ ଅର୍ଥାତ୍ ୯.୫୮ରୁ ପ୍ରଶ୍ନପତ୍ର ହ୍ୱାଟସ୍‌ଆପ୍ ଗ୍ରୁପ୍‌ରେ ଭାଇରାଲ୍ ହୋଇଛି। ଫଳରେ କୁଳପତି ମିଛ ▶ପୃଷ୍ଠା-୧୦

### କିରାଣି କିଙ୍ଗ୍‌ପିନ୍; ସିଣ୍ଡିକେଟ୍‌ରେ ସାମିଲ୍ ଥିଲେ ୩ ଅଧ୍ୟାପକ

ପ୍ରଶ୍ନପତ୍ର ଲିକ୍ ଘଟଣାରେ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀଙ୍କ ସମେତ ଜଣେ କିରାଣି ଓ ୩ ଜଣ ଅଧ୍ୟାପକ ସାମିଲ ଥିବା ଅଭିଯୋଗ ହୋଇଛି। ପ୍ରଶ୍ନପତ୍ର ଲିକ୍ ହୋଇଥିବା ହ୍ୱାଟସ୍‌ଆପ୍ ଗ୍ରୁପ୍‌ରେ ପରୀକ୍ଷାର୍ଥୀଙ୍କ ସମେତ ଏହି ସମସ୍ତେ ବହୁ ପୂର୍ବରୁ ସାମିଲ ହୋଇଛନ୍ତି। ଏପରିକି ଅଯୋଧ୍ୟା ନଗର ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟରେ କିରାଣି ଜଣକ ରହୁଥିବାବେଳେ ପ୍ରଶ୍ନପତ୍ର ଲିକ୍ ପାଇଁ ସେଠାରେ ହିଁ ସମସ୍ତ ପୂର୍ବ ପ୍ରସ୍ତୁତି କରାଯାଇଥିବା ଜଣା ପଡ଼ିଛି। ଏକାଧିକ ପରୀକ୍ଷାର୍ଥୀ ସେହି ଆପାର୍ଟମେଣ୍ଟକୁ ଯାତାୟାତ କରି ସମସ୍ତ ପୂର୍ବ ପ୍ରସ୍ତୁତି କରିଛନ୍ତି। ଆର୍ଥିକ ହେରଫେର ଅଭିଯୋଗରେ ସମ୍ପୃକ୍ତ କିରାଣିଙ୍କୁ କିଛି ବର୍ଷ ପୂର୍ବେ ଅନ୍ୟତ୍ର ବଦଳି ▶ପୃଷ୍ଠା-୧୦

### ୫ ଜଣିଆ ତଦନ୍ତ କମିଟି ଗଠିତ

■ ବ୍ରହ୍ମପୁର, ୩୧।୭ (ସମିସ): 'ଓସୁ' ଦ୍ୱାରା ପରିଚାଳିତ ମେଡିକାଲ ପିଜି ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶରେ ଏମକେସିଜି ମେଡିକାଲ କଲେଜ କର୍ତ୍ତୃପକ୍ଷ ଏକ ତଦନ୍ତ କମିଟି ଗଠନ କରିଛନ୍ତି। ଡାକ୍ତରଖାନା ଅଧିକ୍ଷକ ପ୍ରଫେସର ସୁଦୀପା ଦାଶଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ରେଜିଷ୍ଟ୍ରାର ଡଃ ଶ୍ୱେତ କୁମାର ଦାସଙ୍କ ସମେତ ୩ଜଣ ପ୍ରଫେସରଙ୍କୁ ଟିମରେ ସାମିଲ କରାଯାଇଛି। ଘଟଣାର ତଦନ୍ତ କରି ୭୨ଘଣ୍ଟା ବା ୩ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଡିନ୍ ତଥା ଅଧ୍ୟକ୍ଷ ପ୍ରଫେସର ଡାକ୍ତର ହରିକ୍ରୀଷ୍ଣା ଦଳେଇ ନିର୍ଦ୍ଦେଶ ଦେଇଛନ୍ତି।

## ଶାହାଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୩୧।୭ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀଠାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସାକ୍ଷାତ ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ରାଜ୍ୟର ବିକାଶମୂଳକ ପଦକ୍ଷେପ, ଆଇନ ଶୃଙ୍ଖଳା ପରିସ୍ଥିତି, ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ଚାଲୁରହିଥିବା ବିଭିନ୍ନ ବିକାଶମୂଳକ ଓ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ କରିଛନ୍ତି। ରାଜ୍ୟର ବିକାଶ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଗୃହମନ୍ତ୍ରୀଙ୍କ ନିରନ୍ତର ସହଯୋଗ କାମନା। କେନ୍ଦ୍ର ଗୃହମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ ଯୋଗୁଁ ଓଡ଼ିଶା ଆଜି ଏକ 'ନକ୍ସଲମୁକ୍ତ ରାଜ୍ୟ' ଭାବେ ମାନ୍ୟତା ପାଇଥିବା ଦର୍ଶାଇ ମୁଖ୍ୟମନ୍ତ୍ରୀ ତାଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ନକ୍ସଲ ଦମନରେ ଏହି ସଫଳତା ରାଜ୍ୟର ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛି ବୋଲି ସେ କହିଥିଲେ। ନକ୍ସଲ ମୁକ୍ତ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର 'ଗ୍ରାମୋଦୟ ▶ପୃଷ୍ଠା-୧୦



## ଗାଡ଼ରେ ପଡି ୨ କୁନି ଭାଇ-ଭଉଣୀ ମୃତ

■ କୋଇଡ଼ା, ୩୧।୭ (ସମିସ): କୋଇଡ଼ା ଖଣି ଅଞ୍ଚଳରେ ଘଟିଛି ଏକ ଦୁଃଖଦ ଘଟଣା। ଶୌଚ ପାଇଁ ଯିବାବେଳେ ଏକ ପାଣି ଭର୍ତ୍ତି ଗାଡ଼ରେ ପଡ଼ି ୫ବର୍ଷର ଭଉଣୀ ଓ ୩ ବର୍ଷର ଭାଇର ଜୀବନ ଯାଇଛି। ମୃତକ ହେଲେ କାଦୋଡିହା ଗ୍ରାମର ଶମ୍ଭୁ ଭୂମିଜ ଓ ଗଙ୍ଗା ଭୂମିଜଙ୍କ ଝିଅ ପ୍ରିୟା ଓ ମନୋଜ।

ପ୍ରକାଶ ଯେ, ଆଜି ଦିନ ପ୍ରାୟ ୧୧ଟାବେଳେ କୋଇଡ଼ା ଥାନାରୁ ୨ କିମି ଦୂର କାଦୋଡିହି ଗ୍ରାମର ଶମ୍ଭୁ ସ୍ତ୍ରୀ ଗଙ୍ଗା ଓ ପୁଅ-ଝିଅଙ୍କ ସହ ବସି ଖାଉଥିବାବେଳେ। ଝିଅ ପ୍ରିୟା ମା'କୁ ଝାଡ଼ା ଯାଉଛି କହି ୩ବର୍ଷର ଭାଇ ମନୋଜକୁ ଧରି ଯାଇଥିଲେ। ପଡ଼ିଆକୁ ଯାଉଥିବାବେଳେ ଘରର ୩ଶହ ମିଟର ଦୂରରେ ପଡୋଶୀ ଖୋଳିଥିବା ଏକ ଗାଡ଼ରେ ବର୍ଷା ପାଣି ଜମି ରହିଥିବାରୁ ସେଥିରେ ଅସାବଧାନତାବଶତଃ ଖସି ପଡିଥିଲେ। ବହୁ ସମୟ ଧରି ଘରକୁ ନଫେରିବାରୁ ପରିବାର ଲୋକେ ଖୋଜଖୋଜି କରିଥିଲେ। ସେତିକି ବେଳେ ଜଣେ ବ୍ୟକ୍ତି ଆସି ସେମାନେ ଗାଡ଼ରେ ପଡ଼ିଯାଇଥିବା କହିଥିଲେ। ଖୋଜାଖୋଜି ପରେ ସେଥିରୁ ଝିଅ ପ୍ରିୟାର ମୃତଦେହ



ମିଳିଥିଲେ ମଧ୍ୟ ପୁଅର ମୃତଦେହ ମିଳି ନଥିଲା। ବହୁ ସମୟ ଧରି ଖୋଜାଖୋଜି କରିବା ପରେ ପୋତି ହୋଇଯାଇଥିବା ପୁଅର ବି ମୃତଦେହ ମିଳିଥିଲା। ଏହାପରେ ବାପା-ମା'ଙ୍କ କାନ୍ଦବୋବାଳିରେ ଫାଟି ପଡ଼ିଥିଲା ଅଞ୍ଚଳ। ଉଭୟ ଭାଇ-ଭଉଣୀଙ୍କୁ କୋଇଡ଼ା ହସ୍‌ପିଟାଲ ନେଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମା' ଗଙ୍ଗା ୨ ସନ୍ତାନଙ୍କ ଅକାଳ ମୃତ୍ୟୁ ଖବର ପାଇ ଚେତାଶୂନ୍ୟ ହୋଇପଡ଼ିଥିଲେ। ତାଙ୍କ ଅବସ୍ଥା ମଧ୍ୟ ଗୁରୁତର ରହିଛି। ତାଙ୍କୁ ମେଡିକାଲରେ ଭର୍ତ୍ତି କରି ଚିକିତ୍ସା ଚାଲିଛି। ବାପା ଶମ୍ଭୁ ଏ ନେଇ କୋଇଡା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ରାଜ୍ୟରେ ସାଂଘାତିକ ରକ୍ତ ସଙ୍କଟ

## ୨ ବର୍ଷରେ କମିଛି ୫୦ ପ୍ରତିଶତ ରକ୍ତଦାନ ଶିବିର

■ ଭୁବନେଶ୍ୱର, ୩୧।୭ (ସମିସ): ବୁନ୍ଦାଏ ରକ୍ତ ଅନ୍ୟ ଜଣକ ଜୀବନ ରକ୍ଷା କରିପାରେ। ମାତ୍ର ଏବେ ସାରା ରାଜ୍ୟରେ ରକ୍ତର ଭୟଙ୍କର ଅଭାବ। ୨ବର୍ଷ ମଧ୍ୟରେ ରକ୍ତଦାନ ଶିବିର ଆୟୋଜନ ପ୍ରାୟ ୬୦ ପ୍ରତିଶତ କମିବା ଫଳରେ ରାଜ୍ୟର ରକ୍ତ ଭଣ୍ଡାରରେ ଭୟଙ୍କର ରକ୍ତ ସଙ୍କଟ ସୃଷ୍ଟି ହୋଇଛି। ଫଳରେ ଜୀବନ ସହ ସଂଘର୍ଷ କରୁଥିବା ରୋଗୀଙ୍କ ସମେତ ଥାଲାସେମିଆ ରୋଗୀମାନେ ଅତ୍ୟନ୍ତ ଗୁରୁତର ସମୟ ଦେଇ ଗତି କରୁଛନ୍ତି। ଏପରିକି ରକ୍ତଭଣ୍ଡାରଗୁଡ଼ିକରେ ସାଧାରଣ 'ଓ' ପଜିଟିଭ୍ ରକ୍ତ ବି ମିଳୁନାହିଁ। ରାଜ୍ୟର ଭରସା ପାଲଟିଥିବା କ୍ୟାପିଟାଲ ରକ୍ତଭଣ୍ଡାରରେ ଆବଶ୍ୟକ ରକ୍ତ ଅଭାବ ରୋଗୀଙ୍କ ପାଇଁ ଜୀବନମରଣ ସମସ୍ୟଶ ସୃଷ୍ଟି କରିଛି। କଟକ ରେଡକ୍ରସ୍ ସେଣ୍ଟ୍ରାଲ ବ୍ଲଡ ବ୍ୟାଙ୍କ, ଏସସିବି ବ୍ଲଡ ବ୍ୟାଙ୍କ୍, ଭୁବନେଶ୍ୱର ରିଜିଓନାଲ ରେଡକ୍ରସ ବ୍ଲଡବ୍ୟାଙ୍କ, କ୍ୟାପିଟାଲ ବ୍ଲଡ ସେଣ୍ଟର, ବିଏମ୍‌ସି ବ୍ଲଡ ସେଣ୍ଟର, ବୁର୍ଲା ମେଡ଼ିକାଲ କଲେଜ ବ୍ଲଡ୍ ସେଣ୍ଟର, ଭଞ୍ଜନଗରରେ ମଧ୍ୟ ରକ୍ତ ସଙ୍କଟ ରହିଥିବା ବେଳେ କୌଣସି ରକ୍ତଭଣ୍ଡାରରେ 'ଓ'-ପଜିଟିଭ ରକ୍ତ ନଥିବା ଜଣାପଡ଼ିଛି। ତେବେ ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ ହେଉଥିବା 'ଓ'- ପିଜିଟିଭ ରକ୍ତପାଇଁ ବିଭିନ୍ନ ରକ୍ତଭଣ୍ଡାରରୁ ରୋଗୀଙ୍କ ସମ୍ପର୍କୀୟ ଫେରୁଥିବା ବେଳେ ବିରଳ ବର୍ଗର ଅନ୍ୟ ରକ୍ତର ଉପଲବ୍ଧତା ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସରକାରଙ୍କର ୫୬ଟି ବ୍ଲଡବ୍ୟାଙ୍କ ରହିଥିବା ବେଳେ ରେଡକ୍ରସ୍‌ର ୨ଟି ଏବଂ ଏମସ୍‌ର ଗୋଟିଏକୁ ମିଶାଇ ରାଜ୍ୟରେ ମୋଟ୍ ୫୯ଟି ବ୍ଲଡବ୍ୟାଙ୍କ ରହିଛି। ରାଜ୍ୟରେ ପ୍ରାୟ ୧୭ହଜାର ଥାଲାସେମିଆ ରୋଗୀଙ୍କ ପାଇଁ ମାସିକ ୫୦ହଜାର ୟୁନିଟ୍ ରକ୍ତର



### ଥାଲାସେମିଆ ରୋଗୀଙ୍କୁ ଭରସା ପାଲଟିଛନ୍ତି ଡୋନର୍

### ସରକାରୀ ପ୍ରୋତ୍ସାହନ, ସଚେତନତା ଅଭାବରୁ କମିଛି ଶିବିର ସଂଖ୍ୟା

ଆବଶ୍ୟକତା ହେଉଥିବା ବେଳେ ଦୁର୍ଘଟଣା, କର୍କଟ ରୋଗୀଙ୍କ ସହ ବିଭିନ୍ନ ଅସ୍ତ୍ରୋପଚାର ନିମନ୍ତେ ମଧ୍ୟ ରକ୍ତର ଆବଶ୍ୟକତା ପଡ଼ିଥାଏ। ଫଳରେ ବାର୍ଷିକ ପ୍ରାୟ ୬ଲକ୍ଷ ୟୁନିଟ୍ ରକ୍ତର ଆବଶ୍ୟକତା ପଡ଼ିଥାଏ। ପୂର୍ବରୁ ଜୀବନବିନ୍ଦୁ ରକ୍ତଦାନ ଶିବିରରୁ ବାର୍ଷିକ ପ୍ରାୟ ସାଢ଼େ ୩ଲକ୍ଷରୁ ୪ଲକ୍ଷ ୟୁନିଟ୍ ରକ୍ତ ଯୋଗାଇ ଦିଆଯାଉଥିବା ବେଳେ ବିଭିନ୍ନ ସଂଗଠନ ପକ୍ଷରୁ ଶିବିର କରାଯାଇ ବଳକା ରକ୍ତ ସଂଗ୍ରହ କରାଯାଉଥିଲା। ବର୍ତ୍ତମାନ କେତୋଟି ହାତଗଣତି ସଂଗଠନ ପକ୍ଷରୁ ଏବଂ ବିଭିନ୍ନ କାର୍ଯ୍ୟକ୍ରମ ବ୍ୟତୀତ ଅନ୍ୟ ସମୟରେ ନିୟମିତ ରକ୍ତଦାନ ଶିବିରର ଆୟୋଜନ ହେଉନାହିଁ। ଫଳରେ ଜୀବନବିନ୍ଦୁର କୌଣସି ବିକଳ୍ପ ବ୍ୟବସ୍ଥା ହୋଇନଥିବାରୁ ରକ୍ତଦାନ ଶିବିର ମଧ୍ୟ କମିଛି। ୨୦୨୦ ମସିହା ଅଗଷ୍ଟ ମାସ ୯ ତାରିଖରେ 'ଓଡ଼ିଶା ମୋ ପରିବାର' ଅଧୀନରେ 'ଜୀବନବିନ୍ଦୁ' କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିପାଇଁ ପ୍ରତିବର୍ଷ ରାଜ୍ୟବ୍ୟାପୀ ରକ୍ତଦାନ ଶିବିର ଆୟୋଜନ କରାଯାଇ ରକ୍ତଭଣ୍ଡାରକୁ ବିପୁଳ ରକ୍ତ ପ୍ରଦାନ କରାଯାଉଥିଲା। ମାତ୍ର ଏବେ ସ୍ଥିତି ବଦଳି ଯାଇଛି। ସରକାର ପରିବର୍ତ୍ତନ ପରେ ରାଜ୍ୟରେ ରକ୍ତ ଅଭାବ ଗୁରୁତର ରୂପ ଧାରଣ କରିଛି। ▶ପୃଷ୍ଠା-୧୦

ସକାଳ THE SAKALA



# ଦରବୃଦ୍ଧି ଓ ଶ୍ରମ କୋଡ୍ ବାତିଲ ଦାବିରେ ସିପିଆଇଏମ୍‌ର ବିକ୍ଷୋଭ

## ପାଠ୍ୟପୁସ୍ତକରେ ତ୍ରୁଟି ପାଇଁ ଗଣ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି

**ରାଉରକେଲା, ୩୧।୭ (ସମିସ)**




ଲୋକଙ୍କ ଜୀବନ ଜୀବିକା ଓ ବଞ୍ଚିବାର ଅଧିକାର ସୁରକ୍ଷା ଦାବିକୁ ନେଇ ସିପିଆଇଏମ୍ ଓଡ଼ିଶା ରାଜ୍ୟ କମିଟି ଆହ୍ୱାନରେ ପାର୍ଟିର ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ଜୁଲାଇ ମାସ ତମାମ ଘର ଘର ବୁଲି ପ୍ରଚାର ଅଭିଯାନ ସହିତ ଆଜି ୩୧ତମ ଦିନରେ ପାନପୋଷ ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ୨୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି।

ପାର୍ଟିର ରାଉରକେଲା ଆଞ୍ଚଳିକ କମିଟି ସମ୍ପାଦକ ରାଜ କିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ପାର୍ଟିର ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ଜିଲ୍ଲା କମିଟି ସଦସ୍ୟ ବି ପି ମହାପାତ୍ର, ଆଞ୍ଚଳିକ ସମ୍ପାଦକ ମଣ୍ଡଳୀ ସଦସ୍ୟ ଅଜୟ ଶର୍ମା, ଭାଗିରଥି ଟୁଡୁ, ବିଶ୍ୱଜିତ ମାଝୀ, ଚନ୍ଦ୍ରଭାନୁ ଦାସ, ଲକ୍ଷ୍ମୀଧର ନାୟକ, ଆଞ୍ଚଳିକ କମିଟି ସଦସ୍ୟ ଏନ୍ ଏନ୍ ପାଣିଗ୍ରାହୀ, ଅରୁଣ ମହାରଣା, ପ୍ରଭାତ ମହାନ୍ତି, ଅଜିତ ଏକ୍କା ପ୍ରମୁଖ ବକ୍ତବ୍ୟ ରଖି ଓଡ଼ିଶାରେ ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିବା ପରଠାରୁ ସାଧାରଣ ଲୋକଙ୍କ ଜୀବନଜୀବିକା ଦୁର୍ବିସହ ହୋଇପଡ଼ିଛି। ନିର୍ବାଚନ ସମୟରେ ଦିଆଯାଇଥିବା ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ଦରଦାମ ବୃଦ୍ଧି, ବେକାରୀ, କୃଷି ସଂକଟ, ଶ୍ରମିକ ଶୋଷଣ, ମହିଳାଙ୍କ ଉପରେ ବଢ଼ୁଥିବା ଅତ୍ୟାଚାର, ଆଦିବାସୀ ଓ ଦଳିତଙ୍କ ଉପରେ ଦମନ, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ଶିକ୍ଷାରେ ଅରାଜକତା, ଭୁଶୁଡି ପଡ଼ିଥିବା ସ୍ୱାସ୍ଥ୍ୟ ବ୍ୟବସ୍ଥା, ବିଦ୍ୟୁତ ଦରବୃଦ୍ଧି, ସାମାଜିକ ସୁରକ୍ଷା ଯୋଜନାରେ କଟକଣା ଏବଂ କର୍ପୋରେଟ ସ୍ୱାର୍ଥ ପାଇଁ ଜମି, ଜଙ୍ଗଲ ଓ ଖଣିଜ ସମ୍ପଦର ଲୁଣ୍ଠନ ଆଦି ଜନ ବିରୋଧି ସରକାରଙ୍କ କାର୍ଯ୍ୟ ସାଧାରଣ ଜନଜୀବନକୁ ବିପର୍ଯ୍ୟସ୍ତ କରିଦେଇ ବୋଲି କହିବା ସହ ଏହା ବିରୁଦ୍ଧରେ ସମସ୍ତେ ଏକ ହେବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ସ୍ମାରକପତ୍ରରେ କୁହାଯାଇଛି ଯେ ଓଡ଼ିଶାରେ ପ୍ରଥମ ଥର ପାଇଁ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ପାଠ୍ୟପୁସ୍ତକରେ ବ୍ୟାପକ ତ୍ରୁଟି ଯାହାର ଉତ୍ତରଦାୟିତ୍ୱ ରାଜ୍ୟ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନେଇ ତୁରନ୍ତ ଇସ୍ତଫା ଦାବି କରିଥିଲେ। ତତ୍‌ସହିତ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀ ର ଅହେତୁକ ବଜାର ଦର ନିୟନ୍ତ୍ରଣ କରିବା, ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ର ଦରବୃଦ୍ଧି ନିୟନ୍ତ୍ରଣ, ଚାଷୀ ଙ୍କୁ ସର୍ବନିମ୍ନ ଏମ୍‌ଏସପି ପ୍ରଦାନ ଓ ଚାଷୀ ଆତ୍ମହତ୍ୟା ରୋକିବାକୁ କୃଷି ଋଣ ଛାଡ କରିବା, ମନରେଗାରେ ୨ ଶହ ଦିନ କାମ ଓ ୭ ଶହ ଟଙ୍କା ଦୈନିକ ମଜୁରୀ, ଶ୍ରମିକ ବିରୋଧୀ ୪ ଟି ଶ୍ରମ କୋର୍ଡ ବାତିଲ, ସର୍ବନିମ୍ନ ମଜୁରୀ ଓ ସମାନ କାମକୁ ସମାନ ଦରମା, ରାଉରକେଲା ସରକାରୀ ଡାକ୍ତରଖାନାର ସମ୍ପ୍ରସାରଣ ସହିତ ଅଧିକ ସ୍ପେସାଲିଷ୍ଟ ଡାକ୍ତର, ନର୍ସ ସହିତ ଅଧିକ ବେଡ୍ ଓ ଅଧିକ ଟିକେଟ କାଉଣ୍ଟର ଖୋଲିବାକୁ ଦାବି କରାଯାଇଛି।

ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ପାର୍ଟିନେତା ବସନ୍ତ ପାଢ଼ୀ, କବି ପ୍ରଧାନ, ସାଗର ଛୋଟରାୟ, ଏନ୍ କେ ରାଉତରାୟ, ବଛିରାମ ବେହେରା, ବିଶ୍ୱନାଥ ଲେଙ୍କା, ପ୍ରମୋଦ ପରିଡ଼ା, ନିରଞ୍ଜନ ସିଂହ, ଅଶୋକ ଦାସ, ଆଦିତ୍ୟ ନାୟକ, ଲକ୍ଷ୍ମୀ ମହାନ୍ତି, କୁନ୍ଦନ ବେହେରା, ଜନ୍ମେଜୟ ଘୋଷ, ରାଜୀବ ବସନ୍ତ ରାୟ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ମୋବାଇଲ୍ ଓ ଟଙ୍କା ଲୁଟ୍ ଘଟଣାରେ ୩ ଗିରଫ



**ରାଉରକେଲା, ୩୧।୭ (ସମିସ):** ରଘୁନାଥପାଲି ଥାନା ପୁଲିସ ଏଫ୍‌ସିଆଇ ବସ୍ତି ନିକଟରେ ଛୁରି ଦେଖାଇ ଜଣେ ଯୁବକଙ୍କ ଠାରୁ ମୋବାଇଲ୍ ଫୋନ୍ ଓ ନଗଦ ଟଙ୍କା ଲୁଟ୍ ଘଟଣାରେ ୩ ଜଣଙ୍କୁ ଗିରଫ କରିଛି। ଘଟଣାରେ ଜଣେ ନାବାଳକ ମଧ ସମ୍ପୃକ୍ତ ଥିବା ପୁଲିସ ସୂଚନା ଦେଇଛି।

ପୁଲିସ ସୂଚନା ଅନୁସାରେ, ଉଦିତନଗର ଥାନା ଅନ୍ତର୍ଗତ ମାଲଗୋଦାମ ଅଞ୍ଚଳର ବାସିନ୍ଦା ମହମ୍ମଦ ପରୱେଜ ଗତ ୨୭ ଜୁଲାଇ ରାତି ପ୍ରାୟ ୧୧ଟା ୪ରେ ବାଲୁଘାଟରୁ ଘରକୁ ଫେରୁଥିବା ବେଳେ ଏଫ୍‌ସିଆଇ ବସ୍ତି ନିକଟରେ ଚାରି ଜଣ ମୁଖାପିନ୍ଧା ଦୁର୍ବୃତ୍ତ ତାଙ୍କୁ ଛୁରି ଦେଖାଇ ମାଡ଼ ମାରି ଏକ ମୋବାଇଲ୍ ଫୋନ୍, ୨ ହଜାର ଟଙ୍କା ନଗଦ ଓ ଜବରଦସ୍ତି ଫୋନ୍‌ପେ'ର ୟୁପିଆଇ ପିନ୍ ମାଗି ନେଇଥିଲେ। ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ରଘୁନାଥପାଲି ଥାନାରେ ମାମଲା ରୁଜୁ ହୋଇଥିଲା।

ତଦନ୍ତ ସମୟରେ ପୁଲିସ ସାଗର ପ୍ରଧାନ, ଶୁଭ ଓରଫ ପ୍ରଶାନ୍ତ ନାୟକ, ରାମଚନ୍ଦ୍ର ମାଛଖଣ୍ଡ ଓ ଜଣେ ନାବାଳକ ଏହି ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ଜାଣିବାକୁ ପାଇଥିଲା। ପରେ ସାଗର, ଶୁଭ ଓ ରାମଚନ୍ଦ୍ରଙ୍କୁ ଗିରଫ କରାଯାଇଥିବା ବେଳେ ନାବାଳକଙ୍କୁ କିଶୋର ନ୍ୟାୟ ଆଇନ ଅନୁଯାୟୀ ପଦକ୍ଷେପ ନିଆଯାଇଛି। ଅଭିଯୁକ୍ତମାନଙ୍କ ନିକଟରୁ ଲୁଟ୍ ହୋଇଥିବା ନଗଦ ୧ ହଜାର ଟଙ୍କା ଜବତ କରାଯାଇଛି। ପ୍ରମୁଖ ଅଭିଯୁକ୍ତ ସାଗର ପ୍ରଧାନଙ୍କ ବିରୋଧରେ ବହୁ ମାମଲା ପୂର୍ବରୁ ରହିଥିବା ବେଳେ ଅନ୍ୟ ଅଭିଯୁକ୍ତଙ୍କ ଅପରାଧିକ ରେକର୍ଡ ଯାଞ୍ଚ ଚାଲିଛି। ମାମଲାର ତଦନ୍ତ ଏସ୍‌ଆଇ ଏସ୍.ଆର୍. ଗିରି କରୁଛନ୍ତି।

# ଆର୍‌ଏସ୍‌ପି ପକ୍ଷରୁ କିଶୋରୀ ସ୍ୱାସ୍ଥ୍ୟ ସଚେତନତା ଶିବିର

**ରାଉରକେଲା, ୩୧।୭ (ସମିସ):** ରାଉରକେଲା ଇସ୍ପାତ କାରଖାନାର ସିଏସଆର ବିଭାଗ ସହଯୋଗରେ ଇସ୍ପାତ ଜେନେରାଲ ହସ୍ପିଟାଲ ଦ୍ୱାରା ଜୁଲାଇ ୩୦ ତାରିଖରେ ବିସ୍ରା ବ୍ଲକର ଝିରପାଣି ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଏକ କିଶୋର ସ୍ୱାସ୍ଥ୍ୟ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଗର୍ଭାଶୟ ଗ୍ରୀବା କର୍କଟ ଉପରେ ବିଶେଷ ଧ୍ୟାନ ଦେଇ କିଶୋରୀଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ଏବଂ ସୁସ୍ଥ ଜୀବନଶୈଳୀ ଅଭ୍ୟାସକୁ ଉତ୍ସାହିତ କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଶିବିରରୁ ବିଦ୍ୟାଳୟ ଏବଂ ଆଖପାଖ ଅଞ୍ଚଳର ପ୍ରାୟ ୧୫୦ ଜଣ ଏଥିରେ ଲାଭାନ୍ୱିତ ହୋଇଥିଲେ। ଏହି ଅବସରରେ ମହାପ୍ରବନ୍ଧକ (ସି.ଏସ.ଆର ) ବି. ମଲ୍ଲିକ, ବରିଷ୍ଠ ଚିକିତ୍ସା ଅଧିକାରୀ (ଓ ଆଣ୍ଡ ଜି) ଡାକ୍ତର କୁମାରୀ ପ୍ରିୟା ଏବଂ ଶିଶୁରୋଗ ବିଶେଷଜ୍ଞଙ୍କ ଏକ ଟିମ୍ ଉପସ୍ଥିତ ଥିଲେ। ସର୍ଭିକାଲ କର୍କଟ ବିରୋଧରେ ଏକ ପ୍ରଭାବଶାଳୀ ନିବାରକ ପଦକ୍ଷେପ ଭାବରେ ହ୍ୟୁମାନ୍ ପାପିଲୋମାଭାଇରସ୍ (ଏଚ.ପି.ଭି) ଟିକାକରଣ ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା। ସମୟୋପଯୋଗୀ ଟିକାକରଣର ଗୁରୁତ୍ୱ ବିଷୟରେ ଅଂଶଗ୍ରହଣକାରୀଙ୍କୁ ସୂଚନା ଦିଆଯାଇଥିଲା ଏବଂ ଇସ୍ପାତ ଜେନେରାଲ ହସ୍ପିଟାଲରେ ଏଚ.ପି.ଭି ଟିକା ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯାଉଛି ବୋଲି ସମସ୍ତଙ୍କୁ ସଚେତନ କରାଯାଇଥିଲା। ଏହି ସଚେତନତା ଅଭିଯାନ ଯୋଗ୍ୟ କିଶୋରୀ ଏବଂ ସେମାନଙ୍କ ପରିବାରକୁ ଏହି ସୁବିଧାର ଲାଭ ଉଠାଇବାକୁ ଏବଂ ସର୍ଭିକାଲ କର୍କଟ ରୋକିବା ଦିଗରେ ଏକ ସକ୍ରିୟ ପଦକ୍ଷେପ ନେବାକୁ ଉତ୍ସାହିତ କରିଥିଲା। ଏହି ପଦକ୍ଷେପ ଜନସ୍ୱାସ୍ଥ୍ୟ ଏବଂ ରୋଗ ନିବାରଣ ସଚେତନତା, ବିଶେଷ କରି ଯୁବପିଢ଼ିଙ୍କ ମଧ୍ୟରେ, ସେଲ୍‌ଫ, ଆର.ଏସ.ପି ଏବଂ ଇସ୍ପାତ ଜେନେରାଲ ହସ୍ପିଟାଲର ନିରନ୍ତର ପ୍ରତିବଦ୍ଧତାକୁ ଦର୍ଶାଉଛି।



# ଆର୍‌ଏସ୍‌ପି ପକ୍ଷରୁ ଡ୍ରେନ୍ ସଫେଇ ଅଭିଯାନ

**ରାଉରକେଲା, ୩୧।୭ (ସମିସ):** ଦକ୍ଷିଣ ରାଉରକେଲା ଅନ୍ତର୍ଗତ ତରକେରା ଠାରୁ ସରନା ଛକ ପର୍ଯ୍ୟନ୍ତ ରାଉରକେଲା ଇସ୍ପାତ କାରଖାନାର ପାଚେରୀ କଡେ କଡେ ଯାଇଥିବା ଡ୍ରେନକୁ ଆଜି ଜେସିବି ଦ୍ୱାରା ସଫା କରାଯାଇଥିଲା। ସୂଚନାଯୋଗ୍ୟ ଯେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ରାଉରକେଲା ଇସ୍ପାତ ସହରାଞ୍ଚଳ ଏବଂ ରାଉରକେଲା ସହର ସମେତ ଜନବସତି ଅଞ୍ଚଳରେ ବର୍ଷା ପାଣି ଘର ଭିତରେ ପ୍ରବେଶ କରିଥିଲା। ବିଶେଷକରି ପାନପୋଷର ଜଗନ୍ନାଥ କଲୋନୀ, ଗୋପବନ୍ଧୁପାଲି ଖଟାଲ ବସ୍ତି, ରାଉରକେଲା ରେଳ ଷ୍ଟେସନର ପଞ୍ଚମ ଫାଟକ ସମ୍ମୁଖ ଜନବସତି, ଟିସିଆଇ ଛକ ନିକଟସ୍ଥ ବସ୍ତି, ବାଲୁଘାଟ ବସ୍ତିରେ ପ୍ରବଳ ବର୍ଷା ଯୋଗୁଁ ବର୍ଷା ପାଣି ପ୍ରବେଶ କରିଥିଲା। ଏଥିସହିତ ଆରଏସପି ଡମ୍ପିଂ ୟାର୍ଡକୁ ଯାଇଥିବା ରାସ୍ତା କଡ଼ରେ ଥିବା ପାଚେରୀ ମଧ ଭୁଶୁଡ଼ି ପଡ଼ିଥିଲା। ଅନେକ ସ୍ଥାନରେ ଆରଏସପି ପାଚେରୀ ତଳ ଅଂଶରୁ ପାଣି ବାହାରି ରାସ୍ତା ଉପରେ ପ୍ରବାହିତ ହୋଇ ଡମ୍ପିଂ ୟାର୍ଡରୁ ରାଉରକେଲାକୁ ଯାଉଥିବା ରାସ୍ତା ଉପରେ ପାଣି ମଧ ପ୍ରବାହିତ ହେଉଛି। ଫଳରେ ସେହି ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ପାଇଁ ବହୁତ ଅସୁବିଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ଆଜି ଆରଏସପି ପକ୍ଷରୁ ଜେସିବି ସାହାଯ୍ୟରେ ସଫେଇ କାର୍ଯ୍ୟ କରାଯାଇଥିଲା। ତରକେରା ଠାରୁ ସରନା ଛକ ପର୍ଯ୍ୟନ୍ତ ରାଉରକେଲା ଇସ୍ପାତ କାରଖାନାର ପାଚେରୀ କଡେ କଡେ ଯାଇଥିବା ଡ୍ରେନରୁ ଦଳ ଓ ଅଳିଆ ଆଜି ଜେସିବି ଦ୍ୱାରା ସଫା କରାଯାଇଥିଲା।

# ବିଦ୍ୟାଳୟରେ ଡେଙ୍ଗୁ ଓ ମ୍ୟାଲେରିଆ ସଚେତନତା




**କୁତ୍ରା, ୩୧।୭ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ତୁନମୁରାଠାରେ ଥିବା ସର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜୁନିଆର ରେଡକ୍ରସ ଆନୁକୂଲ୍ୟରେ ବିଦ୍ୟାଳୟପରିସରରେଡେଙ୍ଗୁ ଓ ମ୍ୟାଲେରିଆସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବର୍ଷା ଦିନେ ମଶା ବଂଶ ବୃଦ୍ଧି ଓ ଡେଙ୍ଗୁ ଜ୍ୱରର ଭୟାବହତାକୁ ରୋକିବା ଲକ୍ଷ୍ୟରେ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ଏହି ସଚେତନତା ସଭା ଓ ସଫେଇ ଅଭିଯାନର ଆରମ୍ଭ କରାଯାଇଥିଲା। ପ୍ରଧାନଶିକ୍ଷକ ଡଃ ଅମରେଶ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡଃ ସୀମାରାଣୀ ନାଏକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସେ ତାଙ୍କ ଅଭିଭାଷଣରେ ଡେଙ୍ଗୁର କାରଣ, ଲକ୍ଷଣ ଓ ନିରାକରଣ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସୂଚନା ଦେଇଥିଲେ। ଫାର୍ମାସିଷ୍ଟ ସବିତା ମାଝୀ ଓ ଏଏନଏମ ରୋସମାଲି ସରେଙ୍ଗ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଜୁନିଅର ରେଡକ୍ରସର ଛାତ୍ରଛାତ୍ରୀମାନେ ବିଭିନ୍ନ ସଚେତନତା ମୂଳକ ପ୍ଲାକାର୍ଡ ଓ ବ୍ୟାନର ଧରି ସ୍ଥାନୀୟ ଅଞ୍ଚଳରେ ଏକ ଶୋଭାଯାତ୍ରା କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଜୁନିଅର ରେଡକ୍ରସର ପରାମର୍ଶଦାତା ସାନିକା ଖାଲଖୋ ଓ କରିସ୍ମା କେରକେଟା ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ ଶିକ୍ଷକ ହରେକୃଷ୍ଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆର୍‌ଏସ୍‌ପି ପକ୍ଷରୁ କାର୍ଯ୍ୟଦକ୍ଷତା ସୁଧାର କର୍ମଶାଳା

**ରାଉରକେଲା, ୩୧।୭ (ସମିସ):** ରାଉରକେଲା ଇସ୍ପାତ କାରଖାନାର ଜ୍ଞାନାର୍ଜନ ଏବଂ ବିକାଶ ବିଭାଗ ଦ୍ୱାରା ଜୁଲାଇ ୩୦ ତାରିଖ ଦିନ 'ଉତ୍ପାଦକତା ବୃଦ୍ଧି ଏବଂ ହଟ୍ ମେଟାଲ୍ ରେ ସିଲିକନ୍ ହ୍ରାସ' ଶୀର୍ଷକ ବିଷୟ ଉପରେ ଏକ, ଦିବସବ୍ୟାପୀ କାର୍ଯ୍ୟଦକ୍ଷତା ସୁଧାର କର୍ମଶାଳା (ପିଆଇଡବ୍ଲ୍ୟୁ) ଆୟୋଜିତ ହୋଇଯାଇଛି। ଏଥିରେ ବ୍ଲାଷ୍ଟ ଫର୍ଣ୍ଣେସ୍, ଷ୍ଟିଲ୍ ମେଲ୍ଟିଂ ଶପ୍, କୋକ୍ ଓଭନ୍ସ, ସିଣ୍ଟର ପ୍ଲାଣ୍ଟସ୍, ଆରଏମଏଚପି ଏବଂ ଟିଆରଏମ୍‌ରୁ ଉଭୟ ଅଧିକାରୀ ଓ କର୍ମଚାରୀଙ୍କୁ ମିଶାଇ ମୋଟ ୨୯ ଜଣ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟ କୁଶଳତାରେ ସୁଧାର ଆଣିବା ଲକ୍ଷ୍ୟରେ ବୈଷୟିକ ଶିକ୍ଷା, ଜ୍ଞାନ ଆଦାନପ୍ରଦାନ ଏବଂ ମିଳିତ ସମସ୍ୟା ସମାଧାନ ପାଇଁ ଏହି କର୍ମଶାଳା ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ କାର୍ଯ୍ୟ କରିଥିଲା।"ଏହି କାର୍ଯ୍ୟକ୍ରମକୁ ରାଉରକେଲା ଇସ୍ପାତ କାରଖାନା ର ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ବି. ଆର୍. ପଲାଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନିର୍ବାହୀ ନିର୍ଦ୍ଦେଶକ (ଅର୍ଥ)ର ଅତିରିକ୍ତ ଦାୟିତ୍ୱରେ ଥିବା ମୁଖ୍ୟ ମହାପ୍ରବନ୍ଧକ (ଅର୍ଥ) ଆର୍. ଦାସଗୁପ୍ତା, ଆର.ଏସ.ପି ସେଣ୍ଟର ଆର.ଡି.ସି.ଆଇ.ଏସର ମୁଖ୍ୟ ମହାପ୍ରବନ୍ଧକ ଏସ୍. ଚଟ୍ଟୋପାଧ୍ୟାୟ, ଏବଂ ଆର.ଏସ.ପି, ବ୍ଲାଷ୍ଟ ଫର୍ଣ୍ଣେସ୍ ର ମୁଖ୍ୟ ମହାପ୍ରବନ୍ଧକ ସୁମିତ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

ନିଜର ଉଦ୍‌ଘାଟନୀ ଅଭିଭାଷଣରେ ଶ୍ରୀ ପଲାଇ ଆଲୋକପାତ କରିଥିଲେ ଯେ ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଖର୍ଚ୍ଚ ହ୍ରାସ କରିବା। ସେ ଅଂଶଗ୍ରହଣକାରୀଙ୍କୁ ଏପରି ବ୍ୟାବହାରିକ ଏବଂ କାର୍ଯ୍ୟକାରୀ ଯୋଜନା ଆଣିବାକୁ ଆହ୍ୱାନ ଦେଇଥିଲେ ଯାହା ପ୍ରମୁଖ ଟେକ୍ନୋ-ଇକୋନୋମିକ୍ ମାନଦଣ୍ଡରେ ମାପଯୋଗ୍ୟ ସୁଧାର ଆଣିପାରିବ। ସେ ବୈଷୟିକ ଆଲୋଚନାଗୁଡ଼ିକୁ କାର୍ଯ୍ୟକାରୀ ଫଳାଫଳରେ ପରିଣତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ପ୍ଲାଣ୍ଟର ସାମଗ୍ରିକ କାର୍ଯ୍ୟଦକ୍ଷତାରେ ଯୋଗଦାନ ଦେବ।



କର୍ମଶାଳାରେ ଉତ୍ପାଦନକ୍ଷମତା ବୃଦ୍ଧି, ଖର୍ଚ୍ଚ ହ୍ରାସ ଏବଂ କାର୍ଯ୍ୟଗତ ଶୃଙ୍ଖଳା ଉପରେ ଆଧାରିତ କାର୍ଯ୍ୟକ୍ରମ ମାଧ୍ୟମରେ ଲୌହ ଉତ୍ପାଦନ ପ୍ରକ୍ରିୟାକୁ ସୁଦୃଢ଼ କରିବା ଏବଂ ବ୍ଲାଷ୍ଟ ଫର୍ଣ୍ଣେସର କାର୍ଯ୍ୟଦକ୍ଷତାରେ ସୁଧାର ଆଣିବା ଉପରେ ଧ୍ୟାନ ଦିଆଯାଇଥିଲା। କର୍ମଚାରୀଙ୍କ ମଧ୍ୟରେ ବ୍ୟାବହାରିକ ଆଲୋଚନାକୁ ଉତ୍ସାହିତ କରିବା ଏବଂ ପ୍ରକ୍ରିୟାର ଦକ୍ଷତା ଓ ଉତ୍ପାଦର ଗୁଣବତ୍ତା ବୃଦ୍ଧି ପାଇଁ କାର୍ଯ୍ୟକାରୀ ଚିନ୍ତାଧାରା ସୃଷ୍ଟି କରିବା ପାଇଁ ଏହି ଅଧିବେଶନଗୁଡ଼ିକୁ ପ୍ରସ୍ତୁତ କରାଯାଇଥିଲା। ଲୌହ ଉତ୍ପାଦନର ମୌଳିକ ନିୟମ ଏବଂ ବ୍ଲାଷ୍ଟ ଫର୍ଣ୍ଣେସ୍ ପରିଚାଳନା ବିଷୟରେ ଆଲୋଚନା ସହିତ ବୈଷୟିକ ଅଧିବେଶନ ଆରମ୍ଭ ହୋଇଥିଲା, ଯେଉଁଥିରେ ବିଶେଷଜ୍ଞମାନେ ହଟ୍ ମେଟାଲ୍‌ର ଗୁଣବତ୍ତା ଏବଂ ଫର୍ଣ୍ଣେସ୍‌ର ଦକ୍ଷତାକୁ ପ୍ରଭାବିତ କରୁଥିବା ପ୍ରମୁଖ ପ୍ରକ୍ରିୟା ମାନଦଣ୍ଡ ବିଷୟରେ ବୁଝାଇଥିଲେ।

ଅପରାହ୍ନରେ, ଅଂଶଗ୍ରହଣକାରୀଙ୍କୁ ବିଭିନ୍ନ ସିଣ୍ଡିକେଟ୍ ରେ ଅନ୍ତର୍ଭୁକ୍ତ କରି ସେମାନଙ୍କୁ ନିର୍ଦ୍ଦିଷ୍ଟ କାର୍ଯ୍ୟଦକ୍ଷତା ସମ୍ବନ୍ଧୀୟ ସମସ୍ୟା ଉପରେ ଆଲୋଚନା କରିବା ଏବଂ ବ୍ୟାବହାରିକ ସମାଧାନର ପରାମର୍ଶ ଦେବାକୁ କୁହାଯାଇଥିଲା। ପରେ ପ୍ରତ୍ୟେକ ସିଣ୍ଡିକେଟ୍ ଚୂଡ଼ାନ୍ତ ଅଧିବେଶନରେ ସେମାନଙ୍କର ସୁପାରିଶ ଉପସ୍ଥାପନ କରିଥିଲେ, ଯେଉଁଥିରେ ଉତ୍ପାଦନକ୍ଷମତା ବୃଦ୍ଧି, ହଟ୍ ମେଟାଲ୍ ସିଲିକନ୍ ହ୍ରାସ ଏବଂ ପରିଚାଳନା ଖର୍ଚ୍ଚ ହ୍ରାସ କରିବାର ପଦକ୍ଷେପଗୁଡ଼ିକର ରୂପରେଖ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲାଷ୍ଟ ଫର୍ଣ୍ଣେସ୍ ର ଉପ ମହାପ୍ରବନ୍ଧକ ବି.ବି.କେ. ବେହେରାଙ୍କ ସହ ଏଚ.ଆର - ଏଲ.ଆଣ୍ଡ.ଡି ର ସହକାରୀ ମହାପ୍ରବନ୍ଧକ ଜ୍ୟୋତି ଓରେୟା ଏବଂ ଏଚ.ଆର - ଏଲ.ଆଣ୍ଡ.ଡିର ବରିଷ୍ଠ ପ୍ରବନ୍ଧକ ଜ୍ୟୋତିର୍ମୟୀ ରାଉତିଆ ସଂଯୋଜନା କରିଥିଲେ।

# ଗାନ୍ଧୀ ମହାବିଦ୍ୟାଳୟ ଅଧକ୍ଷାଙ୍କ ଅବସର



**ରାଉରକେଲା, ୩୧।୭ (ସମିସ):** ଦେଓଗାଁ ସ୍ଥିତ ଗାନ୍ଧୀ ମହାବିଦ୍ୟାଳୟର ଅଧକ୍ଷା ଡକ୍ଟର ଚନ୍ଦ୍ରିକା ପଟ୍ଟନାୟକ ଆଜି ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ସେ ମହାବିଦ୍ୟାଳୟର ବରିଷ୍ଠ ଅଧାପକ ସୁରେଶ କୁମାର ମହାପାତ୍ରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ଆଜିଠାରୁ ନୂତନ ଅଧକ୍ଷ ଭାବେ ସୁରେଶ କୁମାର ମହାପାତ୍ର ଦାୟିତ୍ୱରେ ରହିବେ ବୋଲି ସୂଚନା ମିଳିଛି। ଏହି ଅବସରରେ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଦାୟୀ ଅଧକ୍ଷା ଶ୍ରୀମତୀ ପଟ୍ଟନାୟକଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ନୂତନ ଅଧକ୍ଷ ସୁରେଶ କୁମାର ମହାପାତ୍ର, ଅଧାପିକା ଏବଂ କର୍ମଚାରୀମାନେ ବକ୍ତବ୍ୟ ରଖି ଶ୍ରୀମତୀ ପଟ୍ଟନାୟକଙ୍କ ଗୁଣଗାନ କରିଥିଲେ। ଏହି ଅବସରରେ ରାଜଗାଙ୍ଗପୁରର ସରବତୀ ଦେବୀ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଅଶୋକ କୁମାର ବେଉରା, ବରିଷ୍ଠ କିରାଣି ହୃଷୀକେଶ ସାହୁ, କୈଳାସ ଚନ୍ଦ୍ର ଛୋଟରାୟ, କୈଳାସ ବାରିକ, ମାନସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


### ଏରୋସ୍ପେସ୍, ଅଟୋମୋବାଇଲ୍ ଏବଂ ଅକ୍ଷୟ ଶକ୍ତି ପ୍ରୟୋଗ ପାଇଁ ୩-ଡି ରିଇନ୍‌ଫୋର୍ସଡ୍ ଆଡଭାନ୍ସଡ୍ କମ୍ପୋଜିଟ୍ ଟେକ୍ନୋଲୋଜି ପାଇଁ

# ଏନ୍‌ଆଇଟି ରାଉରକେଲାକୁ ମିଳିଲା ପେଟେଣ୍ଟ

**ରାଉରକେଲା, ୩୧।୭ (ସମିସ)**

ଏନ୍‌ଆଇଟି ରାଉରକେଲାର ଗବେଷକମାନେ ଏକ ଉନ୍ନତ ନିର୍ମାଣ ପ୍ରଯୁକ୍ତିବିଦ୍ୟା ପାଇଁ ଏକ ପେଟେଣ୍ଟ ହାସଲ କରିଛନ୍ତି। ଯାହା ଫାଇବର-ରିଇନ୍‌ଫୋର୍ସଡ୍ ପଲିମର କମ୍ପୋଜିଟ୍‌ର ଶକ୍ତି ଏବଂ ସ୍ଥାୟୀତ୍ୱ ବୃଦ୍ଧି କରିପାରିବ। ଏହି ବିକଶିତ ପ୍ରଯୁକ୍ତିବିଦ୍ୟା ଉଚ୍ଚ-କାର୍ଯ୍ୟଦକ୍ଷତା ସମ୍ପନ୍ନ ଇଞ୍ଜିନିୟରିଂ ପ୍ରୟୋଗ ପାଇଁ କମ୍ପୋଜିଟ୍ ସାମଗ୍ରୀ କ୍ଷେତ୍ରରେ ଏକ ପ୍ରମୁଖ ମାଇଲଖୁଣ୍ଟ ଅଟେ।

ଏହି ଗବେଷଣାର ଫଳାଫଳ ହେଉଛି ଏନଆଇଟି ରାଉରକେଲା ମେଟାଲର୍ଜିକାଲ୍ ଆଣ୍ଡ ମ୍ୟାଟେରିଆଲ୍ସ ଇଞ୍ଜିନିୟରିଂ ବିଭାଗର ଏଫଆରପି କମ୍ପୋଜିଟ୍ ଲ୍ୟାବ୍ ଟିମ୍ ଯେଉଁଥିରେ ସହକାରୀ ପ୍ରଫେସର ଡକ୍ଟର ରାଜେଶ କୁମାର ପ୍ରୁଷ୍ଟି, ପ୍ରଫେସର ବଙ୍କିମ ଚନ୍ଦ୍ର ରାୟ, ଏବଂ ଗବେଷକ ପରିମଳ ଜାନା ସାମିଲ ଅଛନ୍ତି ଏବଂ ଏମଏନଆଇଟି ଜୟପୁରର ମେକାନିକାଲ୍ ଇଞ୍ଜିନିୟରିଂ ବିଭାଗର ଡକ୍ଟର ଦିନେଶ କୁମାର ରାଠୋରଙ୍କ ନିରନ୍ତର ମିଳିତ ସହଯୋଗର ପ୍ରତିଫଳକ ଅଟେ। ଫାଇବର-ରିଇନ୍‌ଫୋର୍ସଡ୍ ପଲିମର କମ୍ପୋଜିଟ୍‌ଗୁଡ଼ିକରେ ଅସାଧାରଣ ଶକ୍ତି-ଓଜନ ଅନୁପାତ, ଉତ୍ତମ ଫାଟିଗ୍ ପ୍ରତିରୋଧକ ଶକ୍ତି, ଡିଜାଇନ୍ ନମନୀୟତା ସହିତ ଚମତ୍କାର କ୍ଷୟ ପ୍ରତିରୋଧକ କ୍ଷମତା ରହିଛି, ଯାହା ଏହାକୁ ବ୍ୟାପକ ଇଞ୍ଜିନିୟରିଂ ପ୍ରୟୋଗ ପାଇଁ ଉପଯୁକ୍ତ କରିଥାଏ। ଏହି ହାଲୁକା ତଥା ମଜବୁତ୍ ସାମଗ୍ରୀଗୁଡ଼ିକ ବାଣିଜ୍ୟିକ ବିମାନ, ପ୍ରତିରକ୍ଷା ପ୍ଲାଟଫର୍ମ, ମହାକାଶ ଯାନ, ହାଇ-ସ୍ପିଡ୍ ରେଲ୍, ଅକ୍ଷୟ ଶକ୍ତି ପ୍ରଣାଳୀ, ଏବଂ ହାଇଡ୍ରୋଜେନ୍ ଷ୍ଟୋରେଜ୍ ଟ୍ୟାଙ୍କରେ ବହୁଳ ଭାବରେ ବ୍ୟବହୃତ ହେଉଥିବା ବେଳେ, ସମୟ ସହିତ ଅତ୍ୟାଧିକ ଚାପରେ କ୍ଷତି ସହିବାର ସୀମା ଯୋଗୁଁ ଫାଟ ସୃଷ୍ଟି ହେବା, ସ୍ତରଗୁଡ଼ିକ ଅଲଗା ହୋଇଯିବା ଏବଂ କାର୍ଯ୍ୟଦକ୍ଷତା ହ୍ରାସ ପାଇବା ଭଳି ସମସ୍ୟା ଦେଖାଦେଇଥାଏ। ଏହି ସୀମାବଦ୍ଧତାକୁ ଦୂର କରିବା ପାଇଁ ଏନଆଇଟି ରାଉରକେଲା ନେତୃତ୍ୱାଧୀନ ଗବେଷକ ଦଳ ୩-ଡି ରିଇନ୍‌ଫୋର୍ସଡ୍ କମ୍ପୋଜିଟ୍ ବିକଶିତ କରିଛନ୍ତି।



ବିକଶିତ ନୂତନ ଉଦ୍ଭାବନର ବାସ୍ତବ ପ୍ରୟୋଗ ବିଷୟରେ କହି ଏନଆଇଟି ରାଉରକେଲା ସହକାରୀ ପ୍ରଫେସର ଡକ୍ଟର ରାଜେଶ କୁମାର ପ୍ରୁଷ୍ଟି କହିଛନ୍ତି, ଆମର ପ୍ରଯୁକ୍ତିବିଦ୍ୟାର ସେହିସବୁ କ୍ଷେତ୍ରରେ ବ୍ୟାପକ ପ୍ରୟୋଗ ରହିଛି ଯେଉଁଠାରେ ହାଲୁକା ଥାଇ ମଧ ଆଘାତ ସହିପାରୁଥିବା ସାମଗ୍ରୀର ଆବଶ୍ୟକତା ରହିଛି। ବିମାନ ପ୍ୟାନେଲ୍, ଅଟୋମୋବାଇଲ୍ କ୍ରାସ୍ ଷ୍ଟ୍ରକ୍‌ଚର, ୱିଣ୍ଡ ଟରବାଇନ୍ ବ୍ଲେଡ୍, ପ୍ରେସର ଭେସେଲ୍‌ସ, ସାମୁଦ୍ରିକ ସଂରଚନା, ଏବଂ ଅନ୍ୟାନ୍ୟ ଅତ୍ୟାଧୁନିକ ଇଞ୍ଜିନିୟରିଂ ଯନ୍ତ୍ରାଂଶ ହେଉଛି କିଛି ମୁଖ୍ୟ ଉଦାହରଣ ଯେଉଁଠାରେ ଆମର ନବସୃଜନ ସିଧାସଳଖ ବ୍ୟବହୃତ ହୋଇପାରିବ। ପରବର୍ତ୍ତୀ ପଦକ୍ଷେପ ଭାବରେ, ଗବେଷକ ଦଳ ବିକଶିତ ସାମଗ୍ରୀକୁ ବଡ଼ ସଂରଚନାକକ ଯନ୍ତ୍ରାଂଶରେ ପରୀକ୍ଷା କରିବାକୁ ଏବଂ ଏହାର ଦୀର୍ଘକାଳୀନ ପରିବେଶଗତ ସ୍ଥାୟୀତ୍ୱର ମୂଲ୍ୟାଙ୍କନ କରିବାକୁ ଯୋଜନା କରୁଛନ୍ତି। ଏହା ସହିତ, ଏହି ନବସୃଜନକୁ ଲ୍ୟାବ୍‌ରୁ ବଜାରକୁ ଆଣିବା ପାଇଁ ଟିମ୍ ଟେକ୍ନୋଲୋଜି ଲାଇସେନ୍ସିଂ ଏବଂ ଶିଳ୍ପ ସହଯୋଗ ପାଇଁ ପ୍ରୟାସ କରୁଛନ୍ତି।

# ନାବାଳିକାଙ୍କୁ ଦୁର୍ବ୍ୟବହାର; ଅଭିଯୁକ୍ତକୁ ୩ ବର୍ଷ ଜେଲ

**ସମ୍ବଲପୁର, ୩୧।୭ (ସମିସ) :** ସମ୍ବଲପୁର ଅତିରିକ୍ତ ସେସନ୍ସ ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ବିଚାରପତି ସୌମ୍ୟକ ପାତ୍ର ସମ୍ବଲପୁର ସହରରେ ଜଣେ ନାବାଳିକାଙ୍କୁ ଦୁର୍ବ୍ୟବହାର ଅଭିଯୋଗର ଶୁଣାଣି କରି ଅଭିଯୁକ୍ତ ସୁରଜ ଛୁରିଆକୁ ଦୋଷୀ ସାବ୍ୟସ୍ତ କରିବାସହ ୩ ବର୍ଷ ସଶ୍ରମ କାରାଦଣ୍ଡ ଓ ୫ ହଜାର ଟଙ୍କା ଜୋରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ଦୁଇ ମାସ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସେକ୍ୟୁଟର (ପିପି) ପ୍ରସନ୍ନ କୁମାର ସାହୁ ମାମଲା ପରିଚାଳନା କରୁଥିଲେ। ମିଳିଥିବା ଅଭିଯୋଗର ବିବରଣୀ ଅନୁଯାୟୀ, ୨୪.୯.୨୦୨୩ ଦିନ ପ୍ରାୟ ୧୨.୦୦ ସମୟରେ ପିଡିତାଙ୍କ ଭାଇ କାମ କରିବାକୁ ଯାଇଥିଲେ ଏବଂ ତାଙ୍କ ମାନସିକ ଭିନ୍ନକ୍ଷମ ଭଉଣୀ (ପିଡିତା), ସେମାନଙ୍କ ଘରେ ଏକା ଥିଲେ। ସେହି ସମୟରେ ଅଭିଯୁକ୍ତ ସୂରଜ ଛୁରିଆ ଘରେ ପ୍ରବେଶ କରି ପିଡିତାଙ୍କୁ ଅଶ୍ଳୀଳ ଶବ୍ଦରେ ଗାଳିଦେଇ ଦୁର୍ବ୍ୟବହାର କରିଥିଲେ। ପିଡିତା ଘରୁ ବାହାରକୁ ଆସି ଘଟଣା ବିଷୟରେ ନିକଟସ୍ଥ ଲୋକଙ୍କୁ ଜଣାଇଥିଲେ। ଏହାପରେ, ପିଡ଼ିତାଙ୍କ ଭାଇ ବରେଇପାଲି ଥାନାରେ ରିପୋର୍ଟ ଦାଖଲ କରିଥିଲେ। ରିପୋର୍ଟ ଆଧାରରେ ଥାନାରେ ମାମଲା ରୁଜୁକରି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମାପ୍ତ ହେବାପରେ, ପୁଲିସ ଅଭିଯୁକ୍ତ ସୁରଜଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲା।

# ଦନ୍ତା ତାଣ୍ଡବ; ଗୋଟିଏ ରାତିରେ ଭାଙ୍ଗିଲା ୪ ଘର



**ରେଢ଼ାଖୋଲ, ୩୧।୭(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଅଧୀନ ବଡ଼ମାଳ ବନାଞ୍ଚଳରେ ଦୁଇ ଗୋଠ ଛଡ଼ା ଦନ୍ତାଙ୍କ ଉପଦ୍ରବ ବଢ଼ି ଚାଲିଛି। ଗୁରୁବାର ବିଳମ୍ବିତ ରାତିରେ ଦନ୍ତା ଦ୍ୱୟ ଗରଗଡ଼ବାହାଲ ପଞ୍ଚାୟତରେ ତାଣ୍ଡବ ଲୀଳା ରଚାଇଥିଲେ। ପ୍ରଥମେ ଉକ୍ତ ଗ୍ରାମର ବାସିନ୍ଦା ଲକ୍ଷ୍ମୀଧର ବେହେରାଙ୍କ ଦୁଇଟି ଘର ଭାଙ୍ଗି ନଷ୍ଟ କରିବା ପରେ କରଡ଼ାପାଳରେ ଗଣେଶ ରଥ, ଠିଲୁ ସାହୁ ଓ ସତ୍ୟବାନ ପ୍ରଧାନଙ୍କ ଘର ଭାଙ୍ଗି ପରିବାର ଲୋକଙ୍କୁ ବେସାହାରା କରି ଦେଇଥିଲେ। ଏହି ଦନ୍ତା ହାତୀ ଉପଦ୍ରବ ବେଳେ କୌଣସି ମତେ ସମସ୍ତ ପରିବାର ଘର ଛାଡ଼ି ଜୀବନ ବଞ୍ଚାଇ ଦୌଡି ପଳାଇଥିଲେ। ଏକ ମାସ ହେବ ହାତୀ ମାନେ ବାରମ୍ବାର ଗ୍ରାମରେ ଉପଦ୍ରବ ଯୋଗୁଁ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ସେପଟେ ବନ ବିଭାଗ ଦନ୍ତା ଦ୍ୱୟଙ୍କୁ ଆୟତ୍ତ କରିବାରେ ନିଷ୍କ୍ରିୟତା ପ୍ରକାଶ କରିଛନ୍ତି। ଏଥିରେ ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରି ଦନ୍ତା ଦ୍ୱୟଙ୍କୁ ଅନ୍ୟତ୍ର ଘୋଡାଇବା ପାଇଁ ବନ ବିଭାଗ ପାଖରେ ଦାବି କରିଛନ୍ତି। ଏଥିରେ ବଡ଼ମାଳ ରେଞ୍ଜ ଅଧିକାରୀ ଚିନ୍ମୟ କୁମାର ଗର୍ଡିଆ ହାତୀ ଦ୍ୱୟଙ୍କ ଗତିବିଧି ଉପରେ ନଜର ରଖାଯାଇଛି ବୋଲି କହିଛନ୍ତି।

**ମହିଳାଙ୍କୁ ଟାଙ୍ଗିଆରେ ନିର୍ମମ ହତ୍ୟା ମାମଲା**

# ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ ଓ ଜରିମାନା

**ରେଢ଼ାଖୋଲ, ୩୧।୭(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅଧୀନ ଜାମୁନାଲି ଗ୍ରାମରେ ଜଣେ ମହିଳାଙ୍କୁ ଟାଙ୍ଗିଆରେ ହାଣି ଭାବରେ ହତ୍ୟା ମାମଲାରେ ଶୁକ୍ରବାର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଅଦାଲତ ଅଭିଯୁକ୍ତକୁ ଜରିମାନା ସହିତ ଆଜୀବନ କାରାଦଣ୍ଡ ଆଦେଶ ଦେଇଛନ୍ତି। ଗତ୨୦୨୨ ମସିହା ୩ ତାରିଖ ଏପ୍ରିଲ ମାସରେ ରେଢ଼ାଖୋଲ ଥାନା ଅଧୀନ ଜାମୁନାଲି ଗ୍ରାମର ବାସିନ୍ଦା ସରସ୍ୱତୀ ଭୋଇ ସଂଧ୍ୟା ସମୟରେ ତାଙ୍କ ପୁଅକୁ ଘରେ ନ ପାଇବାରୁ ପତି ପତ୍ନୀ ଅନ୍ୟତ୍ର ଭାବରେ ଖୋଜିବାକୁ ଯାଇଥିଲେ। ସେହି ସମୟରେ ଅଭିଯୁକ୍ତ ଚରଣ ଶବର ଏକ ଟାଙ୍ଗିଆରେ ସରସ୍ୱତୀଙ୍କୁ ହାଣି ନିର୍ମମ ଭାବରେ ହତ୍ୟା କରିଥିଲେ। ଖବରପାଇ ସରସ୍ୱତୀ ଭୋଇଙ୍କ ସ୍ୱାମୀ କାଶୀ ଭୋଇ ଘଟଣାସ୍ଥଳରେ ପହଞ୍ଚି ଏମିତି କିଏ କଲା ବୋଲି ପଚାରିବାରୁ ସରସ୍ୱତୀ ଚରଣ ଶବର ଟାଙ୍ଗିଆରେ ହାଣି ଦେଇଛି ବୋଲି କହିଥିଲେ। ସେଠାରୁ ତାଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଆଣି ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ କାଶୀ ଭୋଇ ରେଢ଼ାଖୋଲ ଥାନା ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ। ଏଥିରେ ତତ୍କାଳୀନ ଥାନା ଅଧିକାରୀ ସୁରୁବାବୁ ଛତ୍ରିଆ ଏକ ମାମଲା ରୁଜୁ କରି ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଉକ୍ତ କେସରେ ମାନ୍ୟବର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ରେଢ଼ାଖୋଲ ପାର୍ଥ ସାରଥି ପଟ୍ଟନାୟକ ୧୮ ଜଣ ସାକ୍ଷ୍ୟ ଗ୍ରହଣ କରି ଓ ୨୦ ଗୋଟି ଦସ୍ତାବିଜ୍ କୁ ଆଧାର କରି ଆଜି ମୁଦାଲା ଚରଣ ସବରକୁ ଆଜୀବନ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତା ସହିତ ୧୫ ହଜାର ଟଙ୍କା ଜରିମାନା ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ନ ହେଲେ ଅତିରିକ୍ତ ଏକ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦରଖାସ୍ତକାରୀ ଙ୍କୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କେସରେ ସରକାରଙ୍କ ତରଫରୁ ସଂଯୁକ୍ତା କଚ୍ଛପ ଓ ତୁଷାରକାନ୍ତ କର ପରିଚାଳନା କରିଥିଲେ।

# ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ୩ ଗିରଫ

**ରେଢ଼ାଖୋଲ, ୩୧।୭(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ନାକଟିଦେଉଳ ଥାନା ଅଧୀନ ବାଟଗାଁ ପଞ୍ଚାୟତ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ୩ ଜଣ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି ପୁଲିସ। ଅଭିଯୁକ୍ତ ଯୁବକ ମାନେ ହେଲେ ରେଢ଼ାଖୋଲ ଥାନା ଅଧୀନ ଓଇଞ୍ଜା ଗ୍ରାମର ବାସିନ୍ଦା ମିଳନ ସାହୁ, ତଣ୍ଡାବିରା ଗ୍ରାମର ଝସକେତନ ସାହୁ ଏବଂ ନାକଟିଦେଉଳ ଥାନା ଅଧୀନ କୁଞ୍ଜାମୁରା ଗ୍ରାମର ସାଗର ସାହୁ। ସୂଚନା ଯୋଗ୍ୟ ଯେ, ନାବାଳିକା ଜଣକ ଗୁରୁବାର ଏକ ସାଇକେଲରେ କୁଞ୍ଜାମୁରା ଗ୍ରାମ ସ୍ଥିତ ଶିବମନ୍ଦିର ଅଭିମୁଖେ ଯାଉଥିବା ସମୟରେ ଉକ୍ତ ତିନି ଅଭିଯୁକ୍ତ ଯୁବକ ଏକ କାର୍‌ରେ ଆସି ନାବାଳିକାଙ୍କୁ ଜୋର୍ ଜବରଦସ୍ତ ଉଠାଇ ନେଇ ପଳାଇ ଯାଇଥିଲେ। ଏହା ଜାଣିବା ପରେ ପରିବାର ଲୋକେ ନାକଟିଦେଉଳ ଥାନାକୁ ସୂଚନା ଦେଇଥିଲେ। ପୁଲିସ ଗ୍ରାମବାସୀଙ୍କ ସହଯୋଗରେ ଅପହୃତା ନାବାଳିକାଙ୍କୁ ଉଦ୍ଧାରକରି କାର୍ ସହିତ ଉକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଏ ସଂକ୍ରାନ୍ତରେ ନାକଟିଦେଉଳ ଥାନାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଉକ୍ତ ଅଭିଯୁକ୍ତ ଯୁବକମାନଙ୍କୁ କୋର୍ଟ ଚାଲାଣ କରାଯାଉଥିବା ଜଣାପଡ଼ିଛି।

**ଜନ୍ମଦିନରେ ଆଜି ସମସ୍ତେ ପାଳିବେ 'ସମ୍ବଲପୁରୀ ଦିନ୍'**

# ଜରାଜୀର୍ଣ୍ଣ ଅବସ୍ଥାରେ 'ନିକ ଅପା କୁଟୀର'

**ସମ୍ବଲପୁର, ୩୧।୭ (ସମିସ)**

'ସମ୍ବଲପୁରୀ' ଭାଷା, ସାହିତ୍ୟ, ସଂସ୍କୃତିର ପୁରୋଧା ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ଜନ୍ମଦିନ ଅଗଷ୍ଟ ୧ ତାରିଖକୁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆବାହକତ୍ୱରେ ୨୦୧୩ ମସିହାରୁ 'ସମ୍ବଲପୁରୀ ଦିନ୍' ଭାବେ ପାଳନ କରାଯାଉଛି। ଏହା କେବଳ ସମ୍ବଲପୁର ନୁହେଁ, ପଶ୍ଚିମ ଓଡ଼ିଶା ସମେତ ସାରା ରାଜ୍ୟ, ଏପରିକି ଦେଶର ପ୍ରବାସୀ ପଶ୍ଚିମ ଓଡ଼ିଶାବାସୀ ରହୁଥିବା

## ଅବହେଳିତ ଗୁରୁ ସତ୍ୟନାରାୟଣଙ୍କ ବାସଭବନ

ସ୍ଥାନ ମାନଙ୍କରେ ସମ୍ବଲପୁରୀ ବସ୍ତ୍ର ପରିଧାନ କରି ସମ୍ବଲପୁରୀ ନାଚ, ଗୀତ, କବିତା ଆସର ସହ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ତେବେ, ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ସମ୍ବଲପୁର ବାସଭବନ, ତାଙ୍କ କର୍ମକ୍ଷେତ୍ର 'ନିକ ଅପା କୁଟୀର' ଜରାଜୀର୍ଣ୍ଣ ହୋଇ ପଡ଼ିରହିଛି। ପ୍ରତିବର୍ଷ ତାଙ୍କ ଜନ୍ମଜୟନ୍ତୀରେ ଏହି ଗୃହ ସମ୍ମୁଖରେ ବୈଠକ କରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କ୍ଷୋଭପ୍ରକାଶ କରାଯାଇଥାଏ। ଏହାର ପୁନରୁଦ୍ଧାର ପାଇଁ ଲୋକ ପ୍ରତିନିଧି ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥାଏ। ପୁଣି ବିତିଯାଏ ଗୋଟିଏ ବର୍ଷ, କୁଟୀରର ପୁନରୁଦ୍ଧାର ପାଇଁ କୌଣସି ପଦକ୍ଷେପ ନିଆଯାଏ ନାହିଁ। ଏହିପରି ଚାଲିଆସିଛି ଗତ ଦଶନ୍ଧି ଦଶନ୍ଧି ଧରି। ୨୦୧୦ ମସିହାରେ ସମ୍ବଲପୁରୀ ଭାଷା ପରିଷଦ ପକ୍ଷରୁ ଏହି କୁଟୀର ସମ୍ମୁଖରେ ସଭାକରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହିତ ସ୍ମାରକ ପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ପ୍ରତିବର୍ଷ ବିଭିନ୍ନ ଅଗ୍ରଣୀ ଅନୁଷ୍ଠାନ ପକ୍ଷରୁ ପୁନରୁଦ୍ଧାର ସକାଶେ ଦାବି କରାଯାଇଥାଏ। କେତେଜଣ ସମ୍ବଲପୁରୀ ଭାଷାପ୍ରେମୀ ତାଙ୍କ ପରିବାରକୁ ଯୋଗାଯୋଗ କରିବାରୁ ୨୦୨୪ ମସିହା ଅଗଷ୍ଟ ମାସରେ ତାଙ୍କ ନାତିନାତୁଣୀ ଆସି ଜରାଜୀର୍ଣ୍ଣ ଗୃହକୁ ଦେଖି କାନ୍ଦି ପକାଇଥିଲେ। କୁଟୀରର ପୁନରୁଦ୍ଧାର ନେଇ ଆଲୋଚନା ମଧ୍ୟ କରିଥିଲେ। ଏହାପରେ ଦୁଇବର୍ଷ ବିତିଗଲାଣି, ତଥାପି ପ୍ରଶାସନ ନୀରବ। ଏହାକୁ ନେଇ 'ସମ୍ବଲପୁରୀ' ଭାଷାପ୍ରେମୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଜିଲ୍ଲା ପ୍ରଶାସନ ଓ ସରକାର ସମ୍ବଲପୁରୀ ଭାଷାର ପୁରୋଧାଙ୍କୁ ଅସମ୍ମାନ କରୁଛନ୍ତି ବୋଲି ମତପ୍ରକାଶ ପାଉଛି।

ଗୁରୁ ସତ୍ୟନାରାୟଣ ବହିଦାରଙ୍କୁ 'ସମ୍ବଲପୁରୀ ଅସ୍ମିତା'ର ପରିଚୟ ବୋଲି ମଧ୍ୟ କୁହାଯାଇଥାଏ। କିନ୍ତୁ ତାଙ୍କ ବାସଭବନ 'ନିକ ଅପା କୁଟୀର' ଏବେ ବି ଅବହେଳିତ ଓ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ରାମଜୀଗୁଡ଼ି ପଡ଼ାସ୍ଥିତ 'ନିକ ଅପା କୁଟୀର' ପ୍ରାୟ ୬ ଡେସିମିଲ ଜାଗାରେ ରହିଛି। କୋଠାର ଛାତ



ଭୁଷୁଡ଼ି ପଡ଼ିଥିବାବେଳେ ତା'ଉପରେ ଅନାବନା ଗଛ ଉଠି କାନ୍ଥଗୁଡ଼ିକ ଭାଙ୍ଗିବାକୁ ବସିଲାଣି। ଗୁରୁ ସ୍ୱର୍ଗତ ବହିଦାରଙ୍କ ପ୍ରତି ସମ୍ବଲପୁରୀ ପ୍ରେମୀଙ୍କ ଅନେକ ଶ୍ରଦ୍ଧା ରହିଛି। ଏହି କୁଟୀରକୁ ଏକ 'ସ୍ମୃତି ଭବନ' ଭାବେ ବିକଶିତ କରିବା ପାଇଁ ସବୁବେଳେ ଦାବି ହୋଇଆସିଛି। ସମ୍ବଲପୁରୀ ଭାଷାର ଅଗ୍ରଜ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଘର ଦେଖିଲେ କେହି ବିଶ୍ୱାସ କରିପାରିବେନି ଯେ ସମ୍ବଲପୁରବାସୀ ଯାହାଙ୍କୁ ଏତେ ବଡ଼ ବୋଲି ଭାବନ୍ତି, ତାଙ୍କ କର୍ମକ୍ଷେତ୍ରକୁ ଏତେ ଅବହେଳା କରାଯାଉଛି।

ସମ୍ବଲପୁରୀ ସଂସ୍କୃତିବିତ୍ ଡ. ସିଦ୍ଧାର୍ଥ ପଣ୍ଡାଙ୍କ ଅନୁଯାୟୀ, ସମ୍ବଲପୁରୀ ଭାଷା ସାହିତ୍ୟର ପୁରୋଧା ଗୁରୁ ସତ୍ୟନାରାୟଣ ବହିଦାର ତତ୍କାଳୀନ ସମୟରେ ପ୍ରଥମେ ସମ୍ବଲପୁରୀ ଭାଷାକୁ ଓଡ଼ିଆ ଓ ଅନ୍ୟ ଭାଷାର ସମକକ୍ଷ କରିବାସହ ସମ୍ବଲପୁରୀ କହିବା ଓ ଲେଖିବା ପାଇଁ ପ୍ରୋତ୍ସାହିତ କରୁଥିଲେ। ଏଭଳି ଜଣେ ମହାନ୍ ସାଧକଙ୍କ ବାସଭବନକୁ ଅବହେଳା କରିବା, ଆମେ ପୂଜ୍ୟପୂଜାର ସମ୍ମାନ ରଖିପାରୁନାହୁଁ କହିଲେ ଅତ୍ୟୁକ୍ତି ହେବନାହିଁ। ସହକାରୀ ନିର୍ଦ୍ଦେଶକ (ପର୍ଯ୍ୟଟନ) ରବୀନ୍ଦ୍ର କୁମାର ଦଳେଇ କହିଛନ୍ତି, ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଗୃହ ପୁନରୁଦ୍ଧାର କିମ୍ବା ସ୍ମୃତିସଦନ କରିବା ନେଇ କୌଣସି ପ୍ରସ୍ତାବ ପର୍ଯ୍ୟଟନ କାର୍ଯ୍ୟାଳୟର ହସ୍ତଗତ ହୋଇନାହିଁ। ସେଭଳି ପ୍ରସ୍ତାବ ଆସିଲେ ଆମେ ତାହା ସରକାରଙ୍କୁ ପ୍ରେରଣ କରି ନିର୍ଦ୍ଦେଶମତେ ପଦକ୍ଷେପ ନେବୁ।

# ରୋଟାରୀ କ୍ଲବ୍ ଅଫ୍ ସମ୍ବଲପୁର ଗ୍ରେଟର୍ ପକ୍ଷରୁ 'ପ୍ରୋଜେକ୍ଟ ସେବା ସଙ୍ଗିନୀ'

**ସମ୍ବଲପୁର, ୩୧।୭ (ସମିସ) :** ରୋଟାରୀ କ୍ଲବ ଅଫ ସମ୍ବଲପୁର ଗ୍ରେଟର ପକ୍ଷରୁ ଧନୁପାଲି ସ୍ଥିତ କିଡ୍‌ଜୀ ପରିସରରେ 'ପ୍ରୋଜେକ୍ଟ ସେବା ସଙ୍ଗିନୀ' ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମର ମୂଳ



ଉଦ୍ଦେଶ୍ୟ ଥିଲା, ସମ୍ବଲପୁର ମହାନଗର ନିଗମର ୩୫ ଓ ୩୭ ନମ୍ବର ୱାର୍ଡରେ କାର୍ଯ୍ୟରତ ଆଶା ଦିଦି, ଅଙ୍ଗନବାଡ଼ି କର୍ମୀ ଓ ଅଙ୍ଗନବାଡ଼ି ସହାୟିକାମାନଙ୍କ ନିଷ୍ଠାପୂର୍ଣ୍ଣ ସେବାକୁ ସମ୍ମାନିତ କରିବା। ଏହି କାର୍ଯ୍ୟକ୍ରମରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ପୁଷ୍ଟିକର ଖାଦ୍ୟ, ଟିକାକରଣ ଏବଂ ସାମୁଦାୟିକ କଲ୍ୟାଣ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରୁଥିବା ଏହି ତୃଣମୂଳସ୍ତରର ସ୍ୱାସ୍ଥ୍ୟକର୍ମୀମାନଙ୍କ ଅବଦାନକୁ ସ୍ୱୀକୃତି ଦିଆଯାଇଥିଲା। ସଭାରେ ଉପସ୍ଥିତ ସ୍ୱାସ୍ଥ୍ୟକର୍ମୀମାନେ ସେମାନଙ୍କ କାର୍ଯ୍ୟକ୍ଷେତ୍ରରେ ବଞ୍ଚିତ ପରିବାରମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ନିଜ ଅନୁଭୂତି ବାଣ୍ଟିଥିଲେ। ଏହି ମତାମତ ଆଧାରରେ ଭବିଷ୍ୟତରେ ମାତୃ ଓ ଶିଶୁ କଲ୍ୟାଣ, ସ୍ୱାସ୍ଥ୍ୟ, ପୁଷ୍ଟି, ଶିକ୍ଷା ଏବଂ ପରିମଳ କ୍ଷେତ୍ରରେ ଆବଶ୍ୟକ ସେବା ପ୍ରକଳ୍ପ ଗ୍ରହଣ କରିବାକୁ ରୋଟାରୀ କ୍ଲବ୍ ଯୋଜନା କରିବ। ଏହି ପ୍ରକଳ୍ପକୁ ପ୍ରୋଜେକ୍ଟ ଚେୟାରପର୍ସନ୍ ଇଶା ପାଢ଼ୀଙ୍କ ନେତୃତ୍ୱରେ, କୋଚେୟାର ଓ ସମ୍ପାଦକ ଲକ୍ଷ୍ମୀକାନ୍ତ ମହାପାତ୍ର ଏବଂ ଡାଇରେକ୍ଟର ପ୍ରୋଜେକ୍ଟସ୍ ଅମିତାଭ ପରିଡ଼ାଙ୍କ ସହଯୋଗରେ, କ୍ଲବ ସଭାପତି ଜି.ଜି ଜୋସେଫଙ୍କ ନେତୃତ୍ୱରେ ପରିଚାଳନା କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ତୃଷ୍ଣା ବାଗ, ଉର୍ମିଳା ବେହେରା, ନୀଲମ ଆନନ୍ଦ, ବିକ୍ରମାଦିତ୍ୟ ସିଂଦେଓ, ସତ୍ୟ ପୁରୋହିତ, ଗୀତମ ଗୋଲାର ଓ ରାଜୀବ ଜୈନ ସହଯୋଗ କରିଥିଲେ। ରୋଟାରୀ କ୍ଲବ ଅଫ ସମ୍ବଲପୁର ଗ୍ରେଟର୍ 'ପ୍ରୋଜେକ୍ଟ ସେବା ସଙ୍ଗିନୀ' ମାଧ୍ୟମରେ ସୁସ୍ଥ ପରିବାର ଗଠନ, ମହିଳା ସଶକ୍ତିକରଣ ଏବଂ ସମାଜରେ ସୁଦୃଢ଼ ସହଭାଗିତା ସୃଷ୍ଟି ଦିଗରେ ଆଉ ଏକ ଅର୍ଥପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଥିବା ଡିଷ୍ଟ୍ରିକ୍ଟ ମ୍ୟାନେଜମେଣ୍ଟ ଟିମ୍‌ର ମହମ୍ମଦ ପରୱେଜ ଅଲି ଖାନ୍ ଜଣାଇଛନ୍ତି।

# ଭିସୁଟ୍‌ରେ ସ୍ଥାୟୀ ନବସୃଜନ ପାଇଁ ସ୍ମାର୍ଟ ପଦାର୍ଥ ଉପରେ ସେମିନାର

**ସମ୍ବଲପୁର, ୩୧।୭ (ସମିସ) :** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ପକ୍ଷରୁ ସ୍ୱର୍ଣ୍ଣ ଜୟନ୍ତୀ ସେମିନାର ହଲ୍‌ରେ 'ସ୍ଥାୟୀ ନବସୃଜନ ପାଇଁ ସ୍ମାର୍ଟ ପଦାର୍ଥ' ଶୀର୍ଷକ ଏକଦିବସୀୟ ସେମିନାର ଏବଂ ପ୍ରଫେସର ଦେବଦତ୍ତ ମିଶ୍ରଙ୍କ ବିଦାୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଭିସୁଟ୍ କୁଳପତି ପ୍ରଫେସର ଦୀପକ କୁମାର ସାହୁଙ୍କ ସଭାପତିତ୍ୱରେ ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ, ଭୁବନେଶ୍ୱରର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆମନ୍ତ୍ରିତ ବକ୍ତା ଭାବେ ଆଇଆଇଟି ବମ୍ବେର ଏସ୍.ଜେ. ମେହେତା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ପ୍ରଫେସର ତୃପ୍ତି ମିଶ୍ର ସ୍ମାର୍ଟ ପଦାର୍ଥ, ସ୍ଥାୟୀ ନବସୃଜନ ଏବଂ ଶିଳ୍ପ-ଶିକ୍ଷାନୁଷ୍ଠାନ ସମନ୍ୱୟର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ।



ଏହି ଅବସରରେ ବିଶ୍ୱବିଦ୍ୟାଳୟର ଆଇକ୍ୟୁଏସି ନିର୍ଦ୍ଦେଶକ ପ୍ରଫେସର ଶରତ କୁମାର ସ୍ୱାଇଁ ଏବଂ ପ୍ରଫେସର ଦେବଦତ୍ତ ମିଶ୍ର ମଧ୍ୟ ନିଜ ଅଭିଭାଷଣରେ ଗବେଷଣା, ନବସୃଜନ, ନୈତିକ ମୂଲ୍ୟବୋଧ ଏବଂ ଉଚ୍ଚଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଡ.ଦେବସ୍ମିତା ମିଶ୍ର ଏବଂ ଡ. ସଙ୍ଘମିତ୍ରା ଜେନା ସେମିନାରର ସଂଯୋଜନା ଓ ପରିଚାଳନା କରିଥିଲେ। ପରବର୍ତ୍ତୀ ଅଧିବେଶନରେ, ପ୍ରଫେସର ଗଣେଶ୍ୱର ନାଥ, ଅଧିଷ୍ଠାତା, ନିରନ୍ତର ଓ ଦୂରଶିକ୍ଷା କେନ୍ଦ୍ର, ପ୍ରଫେସର ପ୍ରିୟରଞ୍ଜନ ମହାପାତ୍ର, ମୁଖ୍ୟ, ରାସାୟନିକ ଯାନ୍ତ୍ରିକୀ ବିଭାଗ, ଡଃ ସୁମନ୍ତ ପଣ୍ଡା, ସହଯୋଗୀ ପ୍ରାଧ୍ୟାପକ, ଯାନ୍ତ୍ରିକ ଇଞ୍ଜିନିୟରିଂ ବିଭାଗ ଏବଂ ଡ. ଦେବସ୍ମିତା ମିଶ୍ର, ସହକାରୀ ପ୍ରାଧ୍ୟାପକ, ଯାନ୍ତ୍ରିକ ପ୍ରକୌଶଳ ଓ ସ୍ମାର୍ଟ ଉତ୍ପାଦନ ଇଞ୍ଜିନିୟରିଂ ବିଭାଗ ପ୍ରଫେସର ଦେବଦତ୍ତ ମିଶ୍ରଙ୍କ ସହ ନିଜ ଦୀର୍ଘ ଅନୁଭୂତି ବାଣ୍ଟିବା ସହ ଶିକ୍ଷା, ଗବେଷଣା, ପ୍ରଶାସନିକ ନେତୃତ୍ୱ ଏବଂ ଛାତ୍ରଛାତ୍ରୀଙ୍କ ପ୍ରତି ତାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ତାଙ୍କ ପତ୍ନୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ, ବୁଢ଼ାରଜା ଉଚ୍ଚ ବିଦ୍ୟାଳୟ, ସମ୍ବଲପୁରର ସୁମିତା ପତ୍ରୀ, ତାଙ୍କ ବଡ଼ଭାଇ ପ୍ରାଧ୍ୟାପକ, ବିଟ୍ସ ପିଲାନୀ, ହାଇଦ୍ରାବାଦ କ୍ୟାମ୍ପସ ପ୍ରଫେସର ବିଭୁଦତ୍ତ ମିଶ୍ର, ତାଙ୍କ ଭଉଣୀ ପ୍ରଣତୀ ମିଶ୍ର ପ୍ରମୁଖ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଫେସର ଦେବଦତ୍ତ ମିଶ୍ରଙ୍କ ଜୀବନ, କର୍ମ ଓ ଅବଦାନକୁ ନେଇ ପ୍ରସ୍ତୁତ ସ୍ମରଣିକା 'ଅନୁସ୍ମୃତି' ଉନ୍ମୋଚନ କରାଯାଇଥିଲା।

# ଷ୍ଟିଲ୍ ଟ୍ୟାପ୍ ଓ ମୋଟର ଚୋର ଗିରଫ

**ସମ୍ବଲପୁର, ୩୧।୭ (ସମିସ) :** ବୁର୍ଲା ଥାନା ପୁଲିସ ଘରର ତାଲା ଭାଙ୍ଗି ଚୋରି ମାମଲାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିବାସହ ତା'ଠାରୁ ଚୋରି ସାମଗ୍ରୀ ଜବତ କରିଛି। ପୁଲିସର ସୂଚନା ଅନୁଯାୟୀ, ବୁର୍ଲା ଥାନା ଅନ୍ତର୍ଗତ ମାଝିପାଲିର ଜଣେ ବ୍ୟକ୍ତି ଅଭିଯୋଗ କରିଥିଲେ ଯେ, ଗତ ୨୬ ତାରିଖ ମଧ୍ୟରାତ୍ରରେ ସେ ଯେତେବେଳେ ତାଙ୍କ ବ୍ୟକ୍ତିଗତ କାମ ପାଇଁ ବାହାରକୁ ଯାଇଥିଲେ, କିଛି ଦୁର୍ବୃତ୍ତ ମାଝିପାଲିରେ ଥିବା ତାଙ୍କ ନବନିର୍ମିତ ଘରୁ ଦ୍ୱାର ତାଲା ଭାଙ୍ଗି ଘର ଭିତରେ ପଶି ୨୬ଟି ଷ୍ଟିଲ୍ ପାଣି ଟ୍ୟାପ୍, ଗୋଟିଏ ସବମର୍ସିବଲ୍ ମୋଟର ପମ୍ପ, ୬ଟି ଶାଢ଼ି ଚୋରି କରି ନେଇଥିଲେ। ପୁଲିସ ଏହି ମାମଲାର ତଦନ୍ତ କରି ବୁର୍ଲା ମହତାବ ନଗରର ଶିବ ଲୁହା (୨୨)କୁ ଗିରଫ କରିଛି। ଅଭିଯୁକ୍ତଠାରୁ ଚୋରି ହୋଇଥିବା ସାମଗ୍ରୀ ଜବତ କରାଯାଇଛି। ଏହାସହ ଆଜି ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ ନାମରେ ପୂର୍ବରୁ ବୁର୍ଲା ଥାନାରେ ଅପରାଧିକ ମାମଲା ରହିଥିବା ପୁଲିସ ସୂଚନା ଦେଇଛି।

# ବେଦିକ୍ ଇଣ୍ଟରନ୍ୟାସନାଲ୍ ସ୍କୁଲରେ ପ୍ରଥମ ଡିଜିଟାଲ୍ ଭୋଟିଂରେ ଛାତ୍ର ପରିଷଦ ନିର୍ବାଚନ

**ସମ୍ବଲପୁର, ୩୧।୭ (ସମିସ) :** ବେଦିକ୍ ଇଣ୍ଟରନ୍ୟାସନାଲ୍ ସ୍କୁଲରେ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଛାତ୍ର ପରିଷଦ ନିର୍ବାଚନ ପ୍ରଥମଥର କମ୍ପ୍ୟୁଟରୀକୃତ ଡିଜିଟାଲ୍ ଭୋଟିଂ ମାଧ୍ୟମରେ ସଫଳତାର ସହ ଅନୁଷ୍ଠିତ ହୋଇଛି। ପ୍ରାୟ ୩ ହଜାର ଛାତ୍ରଛାତ୍ରୀ ଉତ୍ସାହର ସହ ମତଦାନ କରିଥିଲେ। ନିର୍ବାଚନରେ ଅଭିଲାଷ ଭୋଇ ହେଡ୍ ବୟ, ଆର୍ଯ୍ୟା ଗୁପ୍ତା ହେଡ୍ ଗର୍ଲ, ଆହାନ ଅଗ୍ରୱାଲ ଡେପୁଟି ହେଡ୍ ବୟ, ଲିପ୍ସାରାଣୀ ପଣ୍ଡା ଡେପୁଟି ହେଡ୍ ଗର୍ଲ, ପ୍ରଣବ ଗୋବିନ୍ଦ ଗଡ଼ିଆ ସାଂସ୍କୃତିକ କ୍ୟାପଟେନ୍ (ବାଳକ) ଏବଂ ପ୍ରତୀକ୍ଷାରାଣୀ ସେଠୀ ସାଂସ୍କୃତିକ କ୍ୟାପଟେନ୍ (ବାଳିକା) ଭାବେ ନିର୍ବାଚିତ ହୋଇଛନ୍ତି।




ଡିଜିଟାଲ୍ ଭୋଟିଂ ବ୍ୟବସ୍ଥା ନିର୍ବାଚନକୁ ସ୍ୱଚ୍ଛ, ନିରପେକ୍ଷ ଓ ଦ୍ରୁତ କରିବା ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ନେତୃତ୍ୱ ଗୁଣର ବିକାଶକୁ ଆହୁରି ସୁଦୃଢ଼ କରିଛି। ବିଦ୍ୟାଳୟ ପକ୍ଷରୁ ନବନିର୍ବାଚିତ ସମସ୍ତ ପଦାଧିକାରୀଙ୍କୁ ଅଭିନନ୍ଦନ ଜଣାଯାଇଛି।

# କୁଚିଣ୍ଡା ବିଜେଡି ପକ୍ଷରୁ ସୁଶାନ୍ତ ସିଂଙ୍କୁ ଶ୍ରଦ୍ଧାଞ୍ଜଳି

**କୁଚିଣ୍ଡା, ୩୧।୭(ସମିସ):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ନିର୍ବାଚନ ମଣ୍ଡଳୀସ୍ତରୀୟ, ଶ୍ରଦ୍ଧାଞ୍ଜଳି ସଭା କୁଚିଣ୍ଡାସ୍ଥିତ ଟାଉନହଲ ଠାରେ ପଶ୍ଚିମ ଓଡ଼ିଶାର ଟାଣୁଆ ନେତା, ପୂର୍ବତନ ମନ୍ତ୍ରୀ ତଥା ଭଟଲି ବିଧାୟକ ସ୍ୱର୍ଗତ ସୁଶାନ୍ତ ସିଂଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ କୁଚିଣ୍ଡା ନଗରପାଳ ପ୍ରଦ୍ୟୁତ କୁମାର ମହାନ୍ତି, ଜିଲ୍ଲା ପରିଷଦ ସଭାପତି କୁମୁଦିନୀ ନାୟକ, ପୂର୍ବତନ ବିଧାୟକ କିଶୋର ନାଏକ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, କୁଚିଣ୍ଡା ବ୍ଲକ ଚେୟାରମ୍ୟାନ ଭୁବନେଶ୍ୱର କିସାନ, ଜିଲ୍ଲା ପରିଷଦ ସଭ୍ୟ କ୍ରିଷ୍ଣା ଟପ୍ପୋ, ତନୟା ଧାରୁଆ, ଅଜିତ ମହାପାତ୍ର, କୁଚିଣ୍ଡା ଏନଏସି ଉପାଧ୍ୟକ୍ଷା, ଦେବଯାନୀ କାଲୋ, ମହେନ୍ଦ୍ର ବାଗ, ଅରବିନ୍ଦ ସାହୁ, ବିପ୍ର ଚରଣ ବାଘ, ପ୍ରକାଶ ପଟେଲ, କିଶୋର କିସାନ, ଗଣେଶ ଅଗ୍ରୱାଲ, ଗଣେଶ ରାମ ଅଗ୍ରୱାଲ, ନବୀନ ହୋତା, ପ୍ରଶାନ୍ତ ସାହୁ, ସରୋଜଧୁରୁଆ, ପ୍ରାଣପ୍ରିୟ ପଟେଲଙ୍କ ସହିତ ବହୁ ସରପଞ୍ଚ, ପୂର୍ବତନ ସରପଞ୍ଚ, ସମିତି ମେମ୍ବର ଉପସ୍ଥିତ ରହିଥିଲେ।

**୨୦୨୧ ଧମା ହତ୍ୟା ମାମଲା**

# ପତ୍ନୀହନ୍ତାକୁ ଆଜୀବନ କାରାଦଣ୍ଡ

**ସମ୍ବଲପୁର, ୩୧।୭ (ସମିସ)**

ସମ୍ବଲପୁର ସେସନ୍ସ ଜଜ୍ ପ୍ରଜ୍ଞା ପାଣିଗ୍ରାହୀ ୨୦୨୧ରେ ଧମା ଥାନା ଅଞ୍ଚଳରେ ଘଟିଥିବା ହତ୍ୟା ମାମଲାର ବିଚାରକରି ଅଭିଯୁକ୍ତ ଅଶ୍ୱିନୀ ପଧାନକୁ ଦୋଷୀ ସାବ୍ୟସ୍ତ କରିବାସହ ଆଜୀବନ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ହେଲେ ଆଉ ୪ ମାସ ଅଧିକ ଜେଲଦଣ୍ଡ ଭୋଗିବ ବୋଲି ରାୟରେ ପ୍ରକାଶ କରିଛନ୍ତି।

ଘଟଣାଟି ସମ୍ବଲପୁର ଜିଲ୍ଲା ଧମା ଥାନା ଅଞ୍ଚଳରେ ଘଟିଥିଲା। ମାମଲାର ବିବରଣୀ ଅନୁଯାୟୀ, ବିମଳା ପଧାନ ୧୨ ବର୍ଷ ପୂର୍ବରୁ ତବଲୋଇ ଗ୍ରାମର ଅଶ୍ୱିନୀ ପଧାନଙ୍କୁ ବିବାହ କରିଥିଲେ। ୬.୧୨.୨୦୨୧ ସକାଳ ୭ଟା୩୦ ସମୟରେ ବିମଳା ପଧାନଙ୍କ ଭାଇ ସନାତନ ଧୁରୁଆ ସୂଚନା ପାଇଲେ ଯେ, ସେହିଦିନ ସକାଳ ୬ଟା ସମୟରେ ଅଶ୍ୱିନୀ ପଧାନ ତବଲୋଇ ଗ୍ରାମସ୍ଥିତ ତାଙ୍କ ଘରେ ତାଙ୍କ ପତ୍ନୀ ବିମଳା ପଧାନଙ୍କୁ ହତ୍ୟା କରି ସେଠାରୁ ପଳାଇ ଯାଇଛନ୍ତି। ଏହାପରେ ସନାତନ ତବଲୋଇ ଗ୍ରାମକୁ ଯାଇଥିଲେ ଏବଂ ତାଙ୍କ ବଡ଼ ଭଉଣୀ ବିମଳାଙ୍କୁ ମୃତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ଏହାପରେ ସେ ଧମା ଥାନାରେ ଅଭିଯୋଗ କରିଥିଲେ। ଧମା ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ମାମଲାର ତଦନ୍ତ ସମୟରେ, ପୁଲିସ ନିଶ୍ଚିତ କରିଥିଲା ଯେ, ମୃତ ବିମଳା ଅଭିଯୁକ୍ତ ଅଶ୍ୱିନୀ ପଧାନଙ୍କୁ ତାଙ୍କର ଦ୍ୱିତୀୟ ପତ୍ନୀ ଭାବରେ ବିବାହ କରିଥିଲେ। ବିବାହପରେ ସେମାନେ ଖୁସିରେ ଏକାଠି ରହୁଥିଲେ, କିନ୍ତୁ ଘଟଣାର ଗୋଟିଏ ବର୍ଷ ପୂର୍ବରୁ ଅଭିଯୁକ୍ତ ଅଶ୍ୱିନୀ ମୃତ ବିମଳାଙ୍କ ଚରିତ୍ରକୁ ସନ୍ଦେହ କରିବା ଆରମ୍ଭ କରିଥିଲେ। ତେଣୁ ଅଶ୍ୱିନୀ ତାଙ୍କ ପତ୍ନୀଙ୍କ ସହ ଝଗଡ଼ା କରୁଥିଲେ ଏବଂ ତାଙ୍କୁ ଗାଳି ମଧ୍ୟ ଦେଉଥିଲେ। ୬.୧୨.୨୦୨୧ ଦିନ ଭୋର ସମୟରେ ଅଭିଯୁକ୍ତ ତାଙ୍କ ପତ୍ନୀଙ୍କ ଚରିତ୍ରକୁ ସନ୍ଦେହ କରି ତାଙ୍କ ସହିତ ଝଗଡ଼ା କରିଥିଲେ। ହଠାତ୍ ଅଭିଯୁକ୍ତ ଉତ୍ତେଜିତ ହୋଇ ବିମଳାଙ୍କୁ ଏକ କୁରାଢ଼ିରେ ଆକ୍ରମଣ କରିଥିଲେ। ବିମଳା ତାଙ୍କ ଘର ବାରଣ୍ଡାରେ ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିଲେ ଏବଂ ତାଙ୍କ ଦେହରୁ ପ୍ରଚୁର ରକ୍ତସ୍ରାବ ହେଉଥିଲା। ସେ ତଳେ ପଡ଼ିଯିବା ପରେ ଅଭିଯୁକ୍ତ ଅଶ୍ୱିନୀ ଘଟଣାସ୍ଥଳରୁ ପଳାଇଗଲେ ଏବଂ ଯୁଯୋମୁରା ଥାନା ଅଧୀନସ୍ଥ କୁସାମୁରା ବଡମାଲ ଅଞ୍ଚଳ ଆଡ଼କୁ ଚାଲି ଚାଲି ଗଲେ। ସେହି ସମୟରେ ପଡ଼ୋଶୀ ତପା ପଧାନ, ତାଙ୍କ ଦୁଇ ପୁଅ ଏବଂ ଅନ୍ୟମାନଙ୍କ ସହିତ ଆହତ ବିମଳାଙ୍କୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ସେ ତାଙ୍କ ଘର ସମ୍ମୁଖରେ ପ୍ରାଣ ହରାଇଲେ। ଘଟଣାସ୍ଥଳରେ ଧମା ପୁଲିସ ପହଞ୍ଚିବାସହ ସମ୍ବଲପୁରରୁ ସାଇଣ୍ଟିଫିକ୍ ପହଞ୍ଚି ନମୁନା ସଂଗ୍ରହ କରିଥିଲେ। ହତ୍ୟା ମାମଲାର ତଦନ୍ତ ସମୟରେ, ପୁଲିସ ଯୁଯୋମୁରା ଥାନା ଅନ୍ତର୍ଗତ କୁସାମୁରା ବଡମାଲ ଅଞ୍ଚଳରେ ଚଢ଼ଉ କରି ଅଭିଯୁକ୍ତ ଅଶ୍ୱିନୀ ପଧାନକୁ ୮ ତାରିଖ ଗିରଫ କରିଥିଲା। ଏହାସହ ସେ ବ୍ୟବହାର କରିଥିବା କୁରାଢ଼ୀଟିକୁ ଅଭିଯୁକ୍ତ ଦେଖାଇବା ପରେ ପୋଖରୀକଡ଼ ବୁଦାରୁ ଜବତ କରିଥିଲା। ଧମା ଥାନାଧିକାରୀ ଘଟଣାର ତଦନ୍ତ କରି ଅଭିଯୁକ୍ତ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ।


ଆଜି ସେସନ୍ସ ଜଜ୍ ପ୍ରଜ୍ଞା ପାଣିଗ୍ରାହୀ ୧୯ ଜଣଙ୍କ ସାକ୍ଷ୍ୟପ୍ରମାଣ ଓ ତଥ୍ୟ ଆଧାରରେ ଶୁଣାଣି କରି ଅଭିଯୁକ୍ତ ଅଶ୍ୱିନୀ ପଧାନକୁ ଦୋଷୀ ସାବ୍ୟସ୍ତ କରି ଦଫା ୩୦୨ ଆଇପିସିରେ ଆଜୀବନ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜୋରିମାନା କରିଛନ୍ତି। ଜୋରିମାନା ଅନାଦେୟ ହେଲେ ଆଉ ୪ ମାସ ଅଧିକ ସଶ୍ରମ କାରାଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି। ସରକାରୀ ଓକିଲ ପିପି ସୁବାସ ଚନ୍ଦ୍ର ମହନ୍ତ ମାମଲା ପରିଚାଳନା କରିଥିଲେ।

# ଆକାଶବାଣୀ ସମ୍ବଲପୁର କେନ୍ଦ୍ରରେ ବିଦାୟକାଳୀନ ସଭା



**ସମ୍ବଲପୁର, ୩୧।୭ (ସମିସ) :** ଆକାଶବାଣୀ, ସମ୍ବଲପୁର କେନ୍ଦ୍ରର ରିକ୍ରିଏସନ୍ କ୍ଲବ ପକ୍ଷରୁ ଆଜି ଏକ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି। ଅବସର ଗ୍ରହଣ କରିଥିବା କେନ୍ଦ୍ରର ବରିଷ୍ଠ ଟେକ୍ନିସିଆନ କୃଷ୍ଣଚନ୍ଦ୍ର ଭୋଇଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶ୍ରୀ ଭୋଇ ୧୯୮୯ ଜାନୁଆରୀ ୬ ତାରିଖରେ ଏହି କେନ୍ଦ୍ରରୁ ଟେକ୍ନିସିଆନ୍ ଭାବରେ ଚାକିରି ଜୀବନ ଆରମ୍ଭ କରି ଏଲପିଟି ପୁରୀ, ଏଲପିଟି ଝାରସୁଗୁଡ଼ା ଏବଂ ଆକାଶବାଣୀ, ସମ୍ବଲପୁରରେ ୩୭ ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟ କରିଛନ୍ତି। ଆକାଶବାଣୀ ରିକ୍ରିଏସନ୍ କ୍ଲବ ଦ୍ୱାରା ଆୟୋଜିତ ସଭାରେ କେନ୍ଦ୍ରର ନିର୍ଦ୍ଦେଶକ (ଅଭିଯାନ୍ତ୍ରିକୀ) ସନ୍ତୋଷ ପ୍ରଧାନ ସଭାପତିତ୍ୱ କରିଥିବାବେଳେ କାର୍ଯ୍ୟକ୍ରମ ମୁଖ୍ୟ ମନୀଷ ଭଟ୍ଟାଚାର୍ଯ୍ୟ ଏବଂ ବାର୍ତ୍ତା ସମ୍ପାଦକ ଆଲୋକ ଚନ୍ଦ୍ର ବାରିକଙ୍କ ସହିତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଆକାଶବାଣୀ ରିକ୍ରିଏସନ କ୍ଲବର ସମ୍ପାଦକ କ୍ଷେତ୍ରମଣି ବିଭାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କେନ୍ଦ୍ରର କାର୍ଯ୍ୟକ୍ରମ ସମ୍ପାଦକ ସନ୍ତୋଷ ପିଙ୍ଗ, ଅଜୟ ସାହୁ, ସୌଭାଗ୍ୟ ରଥ, ମାଳିକ ମୁଣ୍ଡା ପ୍ରମୁଖ ଶ୍ରୀ ଭୋଇଙ୍କ ଅବସର ପରବର୍ତ୍ତୀ ଜୀବନ ସୁଖ, ଶାନ୍ତି ଓ ନିରାମୟ ହେଉ ବୋଲି କାମନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସତ୍ୟରଞ୍ଜନ ପଣ୍ଡା, ବୃନ୍ଦାବନ ସେଠୀ, ସୋମନାଥ ଜାଲ ପ୍ରମୁଖ ସହଯୋଗ କରିଥିଲେ।

# ସମ୍ପାଦକୀୟ



ଯାହା କହି ହୁଏ ନାହିଁ କି ନ କହି ରହି ହୁଏ ନାହିଁ, ତାହା ସଙ୍ଗୀତ ମାଧ୍ୟମରେ ପରିପ୍ରକାଶ କରାଯାଇପାରେ।

-ଭିକ୍ଟର ହ୍ୟୁଗୋ

ସକାଳ THE SAKALA

## ରଙ୍ଗ-ରାଜନୀତି

ଓଡ଼ିଶା ସରକାରଙ୍କ ପ୍ରାୟୋଜିତ ଭାରତୀୟ ହକି ଦଳର ଜର୍ସି(ଆନ୍ତର୍ଜାତିକ ପ୍ରତିଯୋଗିତାରେ ଖେଳାଳିମାନେ ପିନ୍ଧୁଥିବା କ୍ରୀଡ଼ା ପୋଷାକ)ର ରଙ୍ଗ ନୀଳରୁ ଗେରୁଆକୁ ପରିବର୍ତ୍ତନ କରାଯିବା ପରେ ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି ହୋଇଛି। ଜର୍ସିର ରଙ୍ଗ ପରିବର୍ତ୍ତନ ନୂଆ କଥା ନୁହେଁ କି ଭାରତୀୟ ହକି ଦଳର ଜର୍ସି ପ୍ରଥମରୁ ଅପରିବର୍ତ୍ତିତ ରହିନାହିଁ। କିନ୍ତୁ ଦୀର୍ଘଦିନ ଧରି ନୀଳ ରଙ୍ଗ ଭାରତୀୟତା ଭାବନା ଓ ଐକ୍ୟର ପ୍ରତୀକ ଭାବେ ପ୍ରଦର୍ଶିତ ହୋଇଆସୁଛି। ତେଣୁ ହଠାତ୍ ଏହାର ରଙ୍ଗ ପରିବର୍ତ୍ତନର ଆବଶ୍ୟକତାକୁ ନେଇ ପ୍ରଶ୍ନ ଉଠିଛି। ବିଶେଷକରି ଗେରୁଆ ରଙ୍ଗକୁ ପରିବର୍ତ୍ତନ ହେବା ପରେ ଏହାକୁ ନେଇ ରାଜନୀତି ତେଜିଛି। ସବୁଠାରୁ ଆଚମ୍ବିତ କଥା ହେଲା ଜର୍ସିର ରଙ୍ଗ ପରିବର୍ତ୍ତନ ବିଷୟରେ ନିର୍ବାହୀ ପରିଷଦରେ ଆଲୋଚନା ହୋଇନାହିଁ କି ଏ ବିଷୟରେ ହକି ଇଣ୍ଡିଆ(ଭାରତୀୟ ହକି ଦଳ)ର ସଭାପତି ତଥା ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ଦିଲ୍ଲୀପ ତିର୍କୀ ମଧ୍ୟ ଅବଗତ ନୁହନ୍ତି। ଅର୍ଥାତ୍ ସମ୍ପୂର୍ଣ୍ଣ ଅନୈତିକ ଭାବରେ କାହା ଚାପରେ ଏହି ମନମୁଖି କାର୍ଯ୍ୟଟି ହୋଇଥିବା ଆପାତତଃ ବୁଝାପଡୁଛି। କାହା ନିର୍ଦ୍ଦେଶରେ ଏବଂ କାହା ଅନୁମତିରେ ଜର୍ସିର ରଙ୍ଗ ପରିବର୍ତ୍ତନ ହେଲା ସେ ସମ୍ପର୍କରେ ବିସ୍ତୃତ ବିବରଣୀ ଦେବାକୁ ଦିଲ୍ଲୀପ ତିର୍କୀ ନିର୍ବାହୀ ପରିଷଦର ବରିଷ୍ଠ ଅଧିକାରୀଙ୍କଠାରୁ ଜବାବ ତଲବ କରିଛନ୍ତି।

୨୦୨୪ରେ କ୍ଷମତାକୁ ଆସିବା ପରେ ରାଜ୍ୟର ବିଜେପି ସରକାର ସରକାରୀ ରାଜକୋଷର ଅପଚୟରେ କୋଠାବାଡ଼ି, ଯାନବାହନ ଆଦିକୁ ଦଳୀୟ ଗୈରିକ ରଙ୍ଗରେ ପରିବର୍ତ୍ତନ କରିବାର ଧାରା ଜାରି ରଖିଛନ୍ତି। ଓଡ଼ିଶା ସରକାର ଭାରତୀୟ ହକି ଦଳର ପ୍ରାୟୋଜକ ଥିବାରୁ ଏହିକ୍ରମରେ ଏବେ ଖେଳାଳିମାନଙ୍କର ଜର୍ସିର ରଙ୍ଗ ପରିବର୍ତ୍ତନ ସହିତ ରାଜନୀତି ଯୋଡ଼ି ହେବା ସ୍ୱାଭାବିକ। ଶାସନାଧୀନ ରାଜ୍ୟ ବିଜେପି ସରକାର ଭାବିବା ଦରକାର ଯେ ଭାରତୀୟ ହକି ଦଳର ପ୍ରାୟୋଜକ ଓଡ଼ିଶା ସରକାର, ବିଜେଡି ନୁହେଁ କି ଜର୍ସିର ରଙ୍ଗ ସବୁଜ ନ ଥିଲା। ତେଣୁ ଜର୍ସିରେ ଓଡ଼ିଶା ସରକାରଙ୍କ ପ୍ରତୀକ ରହିବା ଦରକାର, ଯାହା ରହିଛି। ତେଣୁ ହଠାତ୍ ଜର୍ସିର ରଙ୍ଗ ଗେରୁଆ ହୋଇଯିବା ପରେ ସହଜରେ ଗ୍ରହଣୀୟ ଓ ନିର୍ବିବାଦୀୟ ହୋଇପାରୁନାହିଁ।

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାରତୀୟ ହକିକୁ ପୁନଃଜୀବନ ଦେଇଥିବା ନବୀନ ପଟ୍ଟନାୟକ ଜର୍ସିର ରଙ୍ଗ ପରିବର୍ତ୍ତନକୁ ନାପସନ୍ଦ କରିଛନ୍ତି। ଏଭଳି ଉଦ୍ୟମକୁ ନିମ୍ନମାନର ରାଜନୀତି ଭାବେ ଅଭିହିତ କରି ସାମାଜିକ ଗଣମାଧ୍ୟମ ଏକ୍ସରେ ସେ ଉଲ୍ଲେଖ କରିଛନ୍ତି ଯେ ଭାରତୀୟ ହକି ଟିମ୍‌ର ଏହି ନୀଳ ରଙ୍ଗ କେବଳ ଗୋଟିଏ ରଙ୍ଗ ନୁହେଁ। ଏହା ଦେଶର କ୍ରୀଡ଼ା ଐତିହ୍ୟ ସହ ଯୋଡ଼ିହୋଇ ରହିଥିବା ଏକ ଆବେଗ। ଦଶନ୍ଧି ଦଶନ୍ଧି ଧରି ଏହି ରଙ୍ଗ ଆମକୁ ଆଶା, ବିଜୟ, ପରାଜୟ ଏବଂ କ୍ରୀଡ଼ା କ୍ଷେତ୍ରରେ ଶ୍ରେଷ୍ଠତା ହାସଲ କରିବାର ଲକ୍ଷ୍ୟରେ ଏକାଠି ବାନ୍ଧି ରଖିଛି। ଆମେ ଆମର ନୀଳ ଜର୍ସି ପିନ୍ଧିଥିବା ପୁରୁଷ ଓ ମହିଳା ଖେଳାଳିମାନଙ୍କ ସହ ଆମେ କାନ୍ଦିଛୁ, ହସିଛୁ, ଉତ୍ସବ ପାଳନ କରିଛୁ ଏବଂ ଗର୍ବର ସହ ଛିଡ଼ା ହୋଇଛୁ। ଏହି ନୀଳ ଜର୍ସି ପିନ୍ଧି ଆମ ଟିମ୍ ଅଲିମ୍ପିକ୍ସ ପଦକ ଜିତିଛି ଏବଂ ବିଶ୍ୱ ମଞ୍ଚରେ ଆମ ଜାତୀୟ ସଙ୍ଗୀତ ଗୁଞ୍ଜରିତ ହୋଇଛି। ନୀଳ ରଙ୍ଗ ଆମ ଜାତୀୟ ପତାକାର ଅଶୋକ ଚକ୍ରରୁ ଅଣାଯାଇଛି। ଏହା ଆମ ଜାତୀୟ ଗୌରବ ଓ ପରିଚୟର ପ୍ରତୀକ। ଯେତେବେଳେ ଜାତୀୟ ହକି ଟିମ୍ ପ୍ରାୟୋଜକ ଅଭାବରେ ସଂଘର୍ଷ କରୁଥିଲା, ସେତେବେଳେ ଆମ ଜାତୀୟ ଦଳ ଏବଂ ପ୍ରିୟ ଖେଳକୁ ସହଯୋଗ କରିବାରେ ଓଡ଼ିଶା ପ୍ରଥମ ଓ ଏକମାତ୍ର ରାଜ୍ୟ ଭାବେ ଇତିହାସ ରଚିଥିଲା। ଜାତୀୟ ହକି ପ୍ରତି ରାଜ୍ୟର ଏହି ସହଯୋଗ ପାଇଁ ସାରା ବିଶ୍ୱରେ ଥିବା ପ୍ରତ୍ୟେକ ଓଡ଼ିଆ ଗର୍ବିତ ଥିଲେ। ୪୧ ବର୍ଷର ଦୀର୍ଘ ପ୍ରତୀକ୍ଷା ପରେ ଆମ ପୁରୁଷ ଦଳ ଅଲିମ୍ପିକ୍ସ ପଦକ ଜିତିଥିଲା। କେବଳ ଓଡ଼ିଶାରେ ସରକାର ବଦଳିଯାଇଛି ବୋଲି ଆମ ଜାତୀୟ ଦଳର ରଙ୍ଗ ବଦଳାଯିବା ଉଚିତ୍ ନୁହେଁ। ଆର୍ଜେଣ୍ଟିନାର ଆଇକନିକ୍ ଷ୍ଟ୍ରାଇପ୍ସ (ଗାର) ଏବଂ ବ୍ରାଜିଲ୍‌ର ହଳଦିଆ ଜର୍ସି ସେହି ଦେଶ ପାଇଁ ଯେତିକି ମହତ୍ତ୍ୱ ରଖେ, ଭାରତୀୟ ହକି ଖେଳାଳିଙ୍କ ନୀଳ ଜର୍ସି ଆମ ପାଇଁ ସେତିକି ଗୁରୁତ୍ୱପୂର୍ଣ୍ଣ। ଏହା ଆମ ସାମୂହିକ ସ୍ମୃତିରେ ସଦାସର୍ବଦା ଲିପିବଦ୍ଧ ହୋଇରହିଛି। ଏହି ରଙ୍ଗରେ କୌଣସି ବି ପରିବର୍ତ୍ତନ, ଆମ ଅମୂଲ୍ୟ କ୍ରୀଡ଼ା ଐତିହ୍ୟକୁ ପୋଛିଦେବାର ଏକ ଅତ୍ୟନ୍ତ ନିନ୍ଦନୀୟ ପ୍ରଚେଷ୍ଟା।

ଜର୍ସିର ଗୈରିକୀକରଣକୁ ଜାତୀୟ ସ୍ତରରେ ମଧ୍ୟ ନାପସନ୍ଦ କରାଯାଇଛି। ପୂର୍ବତନ କ୍ରୀଡ଼ାବିତ୍‌ମାନେ ଏହି ଉଦ୍ୟମକୁ ତୀବ୍ର ସମାଲୋଚନା କରିଛନ୍ତି। ସଂସଦରେ ମଧ୍ୟ ପ୍ରତିବାଦର ସ୍ୱର ଶୁଭିଛି। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ସରକାରଙ୍କ ଜର୍ସି ରଙ୍ଗ ପରିବର୍ତ୍ତନ ଆଭିମୁଖ୍ୟକୁ ତୀବ୍ର ସମାଲୋଚନା କରିବା ସହିତ ଦେଶର ଅଖଣ୍ଡତା ଓ ଏକତା ପ୍ରତି ଆହ୍ୱାନ ବୋଲି କହିଛନ୍ତି। ବିଶେଷକରି ଆମର ଜାତୀୟ କ୍ରୀଡ଼ାରେ ଜର୍ସିର ଗୈରିକୀକରଣ କରାଯିବା ପରେ ଦଳର ସଦସ୍ୟଙ୍କ ଭିତରେ ଭେଦଭାବ ସୃଷ୍ଟି କରିବ ଏବଂ ଖେଳର ମୌଳିକ ଲକ୍ଷ୍ୟ ସୁଦୂର ପରାହତ ହେବ। ରଙ୍ଗ ଆଧାରରେ ଦେଶକୁ ଭାଗ ଭାଗ କରିବାର ହୀନ ଉଦ୍ୟମ ଆରମ୍ଭ ହୋଇଛି। କିନ୍ତୁ ଭାରତର ଆତ୍ମା ଏକ ଓ ଅଭିନ୍ନ। ଏହାକୁ କୌଣସି ରଙ୍ଗରେ ରଙ୍ଗାୟିତ କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି।

କ୍ଷମତାର ମୋହ ଶାସକକୁ ଅନ୍ଧ କରିଦେଲେ ଏଭଳି ଉଦ୍‌ଭ୍ରାନ୍ତ ଚିନ୍ତାଧାରା ସବୁ ମୁଣ୍ଡରେ ପଶେ। ରାଜ୍ୟରେ ଓ ଦେଶରେ ବହୁ ମୌଳିକ ସମସ୍ୟା ରହିଛି। ତାହାର ସମାଧାନର ବାଟ ନ ଖୋଜି କେବଳ ଦଳୀୟ ଏଜେଣ୍ଡାକୁ ପ୍ରାଥମିକତା ଦେବା ଗଣତନ୍ତ୍ରରେ ସ୍ପୃହଣୀୟ ନୁହେଁ। ରାଜ୍ୟ କୋଠାବାଡ଼ିର ରଙ୍ଗ ବଦଳାଇବା ପାଇଁ ରାଜ୍ୟବାସୀ ବିଜେପିକୁ ଭୋଟ ଦେଇ ନଥିଲେ। ତେଣୁ ଶାସନାଧୀନ ଦଳ ବାସ୍ତବବାଦୀ ହେବା ଆବଶ୍ୟକ। ୨୦୨୪ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ବିଜେଡି ଶାସନ ଓଡ଼ିଶାର ବିକାଶର ରେଖା ଯେଉଁଠି ଛାଡ଼ିଥିଲା ସେଥିରୁ ଇଞ୍ଚେ ହେଲେ ବି ଅଗ୍ରଗତି କରି ନାହିଁ ବରଂ ନିମ୍ନମୁଖୀ ହୋଇଛି। ହିତାଧିକାରୀମାନେ ରାସନ୍ ଓ ଭତ୍ତା ପାଇବାରୁ ଦୀର୍ଘଦିନ ଧରି ବଞ୍ଚିତ ଅଛନ୍ତି। ଶାସନକଳର ଏହି ଅପରାଗତାକୁ ଲୁଚାଇବାକୁ ଯୋଜନାର ନାମ ଏବଂ କୋଠାବାଡ଼ିର ରଙ୍ଗ ପରିବର୍ତ୍ତନର ଅପପ୍ରୟାସ ଆରମ୍ଭ ହୋଇଥିବା ଲୋକମୁଖରେ ଚର୍ଚ୍ଚା ହେଉଛି।

ସରକାର ଜାଣି ରଖିବା ଦରକାର ଯେ ରଙ୍ଗ ରାଜନୀତିରେ ଲୋକଙ୍କୁ ଅଧିକ ଦିନ ବିଭ୍ରାନ୍ତ କରି ରଖିହେବ ନାହିଁ। ସମୟ ସ୍ରୋତରେ ରଙ୍ଗ ରାଜନୀତି ଅଚିରେ ଧୋଇ ହୋଇଯିବ। କେବଳ ବିକାଶର ରଙ୍ଗ ହିଁ ଦୀର୍ଘସ୍ଥାୟୀ। ଲୋକେ ବିକାଶର ଚିତ୍ର ଓ ପ୍ରଗତିର ରଙ୍ଗ ଦେଖିବାକୁ ଚାହାନ୍ତି। କ୍ଷମତାବିଭୋର ସରକାର ଲୋକମାନସିକତାକୁ ପଢ଼ିବାକୁ ଚେଷ୍ଟା କରନ୍ତୁ ଏବଂ ଲୋକଙ୍କୁ ଉନ୍ନତିର ରଙ୍ଗରେ ରଙ୍ଗାୟିତ କରିବାକୁ ଯୋଜନା କରନ୍ତୁ।

# ସମାବେଶୀ ବିକାଶରେ ସମ୍ଭାବନାର ସୂର୍ଯ୍ୟୋଦୟ

**ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ**

## ମୋ ସ୍ୱପ୍ନର ଓଡ଼ିଶା

ଉତ୍କଳ ଗୌରବ ମଧୁସୂଦନ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ଉତ୍କଳମଣି ଗୋପବନ୍ଧୁ ଦାସ ଏବଂ ବ୍ୟାସକବି ଫକିରମୋହନ ସେନାପତି ପ୍ରମୁଖ ମହାମନୀଷୀ ଉତ୍କଳ ସମ୍ମିଳନୀ ଗଠନ କରି ପରାଧୀନ ଭାରତ ବର୍ଷର ବିଭିନ୍ନ ପ୍ରଦେଶରେ ରହିଯାଇଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଗଠନ କରିବାର ମଙ୍ଗ ଧରି ସଫଳ ହୋଇଥିଲେ। ସେହି ପ୍ରଥିତଯଶା ମହାପୁରୁଷମାନଙ୍କ ତ୍ୟାଗ, ବଳିଦାନ, ପ୍ରେରଣା, ଅଦମ୍ୟ ଦୁଃସାହସିକତାର ଫଳପ୍ରସୂ ଉଦ୍ୟମ ଯୋଗୁଁ ୧୯୩୬ ମସିହା ଏପ୍ରିଲ ମାସ ପହିଲା ଦିନ ଗଠିତ ହେଲା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ। ଅବଶ୍ୟ ଅନେକ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଅନ୍ୟାନ୍ୟ ପ୍ରଦେଶରେ ରହିଗଲା।

ସମୟର ଚୋରାବାଲିରେ ଅନେକ ଘଟଣା, ଦୁର୍ଘଟଣା, ସୁଯୋଗ, ଦୁର୍ଯୋଗ, ବିକାଶ, ବିନାଶ, ପ୍ରଗତି, ଦୁର୍ଗତି, ସୁନାମ, ଦୁର୍ନାମ ଏବଂ ସଫଳତା, ବିଫଳତାର ଇତିହାସକୁ ଦେଖିଦେଖି ଓଡ଼ିଶା ଆଜି ୯୦ଟି ବସନ୍ତକୁ ପାର କରି ୨୦୩୬ ମସିହା ଏପ୍ରିଲ ୧ ତାରିଖ ଦିନ ଏହାର ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯାଉଛି। ଏହାକୁ ଆଖି ଆଗରେ ରଖି ୨୦୩୬ ମସିହା ସୁଦ୍ଧା ଓଡ଼ିଶା ଯେପରି ୫୦୦ ବିଲିୟନ ଡଲାର ଅର୍ଥନୀତିରେ ପରିଣତ ହୋଇ ଏକ ବିକଶିତ ରାଜ୍ୟ ଭାବରେ ପରିଗଣିତ ହେବ ସେଥିପାଇଁ ରାଜ୍ୟ ସରକାର ଭିଜନ ପ୍ରସ୍ତୁତ କରିଛନ୍ତି। ଭିଜନ ପ୍ରସ୍ତୁତ କରିବା ବଡ଼କଥା ନୁହେଁ; ମାତ୍ର ଏହାକୁ ସଫଳ ଭାବରେ କାର୍ଯ୍ୟାନ୍ୱୟନ କରିବା ହେଉଛି ଖୁବ୍ ଆହ୍ୱାନପୂର୍ଣ୍ଣ।

ସରକାର ଏବେ ବିଭିନ୍ନ ପ୍ରକାର ଶିଳ୍ପ ପ୍ରତିଷ୍ଠା କରିବାରେ ବିଶେଷ ମନୋନିବେଶ କରୁଛନ୍ତି ଏବଂ ଲକ୍ଷଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ହେଉଥିବା କଥା ବିଭିନ୍ନ ସମୟରେ ପ୍ରଚାର କରୁଛନ୍ତି। ଖାଲି କଳକାରଖାନା ପ୍ରତିଷ୍ଠା ହୋଇଗଲେ କିମ୍ବା ରାସ୍ତାଘାଟର ବିକାଶ କରିଦେଲେ କ'ଣ ରାଜ୍ୟ ଓ ରାଜ୍ୟବାସୀଙ୍କର ବିକାଶ ହୋଇଯିବ? ଏହାଦ୍ୱାରା ବିକାଶ ଆଖିକୁ ଦେଖାଯାଇପାରେ, ମାତ୍ର ପ୍ରକୃତ ବିକାଶ କେବଳ ଗୋଟିଏ ଶ୍ରେଣୀ(ଧନୀ)ର ଏବଂ ଗୋଟିଏ କ୍ଷେତ୍ର(ଶିଳ୍ପ)ରେ ସୀମିତ ରହିଯିବ। ବିକଶିତ ରାଜ୍ୟ କହିଲେ ବିକାଶ ସବୁବର୍ଗର ଏବଂ ସବୁକ୍ଷେତ୍ରର ହେବା ଦରକାର। ସେହିଭଳି କେବଳ ଜି.ଏସ.ଡି.ପି ବୃଦ୍ଧି କରିଦେଲେ ଯେ ରାଜ୍ୟ ଉନ୍ନତି ହୋଇଗଲା ତାହା ଭାବିବା ଭୁଲ।

ଅମାପ ପ୍ରକୃତିରାଜି, ପ୍ରଚୁର ଖଣିଜ, ବୈଭବ, ଐଶ୍ୱର୍ଯ୍ୟ ଏବଂ ପ୍ରାଚୁର୍ଯ୍ୟଭରା ପବିତ୍ର ଭୂମି ହେଉଛି ଓଡ଼ିଶା। ଦେଶବିଦେଶର ଶିଳ୍ପପତିଙ୍କଠୁ ଆରମ୍ଭ କରି ପୁଞ୍ଜିନିବେଶକାରୀମାନଙ୍କର ଦୃଷ୍ଟି ଆମ ରାଜ୍ୟର ଖଣିଜ ସମ୍ପଦ ଉପରେ ନିବଦ୍ଧ। ଆମ ରାଜ୍ୟ ଧନୀ, କିନ୍ତୁ ରାଜ୍ୟର ଲୋକମାନେ ଗରୀବ। ଆମ ରାଜ୍ୟରେ ମୁଣ୍ଡପିଛା ଆୟ ହେଉଛି ୧ଲକ୍ଷ ୮୬ହଜାର ଟଙ୍କା ମାତ୍ର। ମାସ ଶେଷରେ ୩ କୋଟି ୨୫ ଲକ୍ଷ ଲୋକ ମାଗଣା ରାସନକୁ ଅପେକ୍ଷା କରନ୍ତି। ସାଢ଼େ ୩ କୋଟି ଲୋକ ଆୟୁଷ୍ମାନ ଯୋଜନାରେ ମାଗଣା ଚିକିତ୍ସା ପାଇଁ ଆକାଂକ୍ଷାରତ। ୫୬ ଲକ୍ଷ ଲୋକ ବାର୍ଦ୍ଧକ୍ୟ ଭତ୍ତାକୁ ଭରସା କରିଛନ୍ତି। ଏବେବି ରାଜ୍ୟର ୧୫ ପ୍ରତିଶତ ଲୋକ ଉତ୍କଟ ଦାରିଦ୍ର୍ୟର କଷାଘାତରେ ପେଶି ହେଉଛନ୍ତି। ସରଳ, ନିରୀହ ଓଡ଼ିଆ ଯୁବକ ଆଜି ଦାଦନର ଦାନବ ଆଗରେ ଅସହାୟ। ଦୁର୍ଯୋଗର ଚକ୍ରବ୍ୟୂହକୁ ଭେଦକରି ସୁଯୋଗର ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ସେ ଅସମର୍ଥ। ପ୍ରକୃତପକ୍ଷେ ଯେଉଁଦିନ ଏହିସବୁ ଉପେକ୍ଷିତ, ଅବହେଳିତ ଲୋକମାନଙ୍କର ସାମଗ୍ରିକ ବିକାଶ ହୋଇପାରିବ ଏବଂ ସେମାନେ ଜୀବନଯାପନ ପାଇଁ ଆଉ ସରକାରୀ ଯୋଜନା ଉପରେ ନିର୍ଭରଶୀଳ ହେବେ ନାହିଁ ସେଦିନ ଯାଇ ଓଡ଼ିଶା ବିକଶିତ ହେଲା ବୋଲି ଆମକୁ ବୁଝିବାକୁ ପଡ଼ିବ। ପ୍ରତିବର୍ଷ ଜି.ଏସ.ଡି.ପି ହାର ୧୦ରୁ ୧୨ ପ୍ରତିଶତ ବୃଦ୍ଧି ପାଇବା ସହିତ ମୁଣ୍ଡପିଛା ଆୟ ୯ ଲକ୍ଷ ଟଙ୍କାରେ ପହଞ୍ଚି ପାରିଲେ ଯାଇ ସମ୍ଭାବନାର ସୂର୍ଯ୍ୟୋଦୟ ହେବ।

ବିଗତ ସରକାରରେ ଶୃଙ୍ଖଳିତ ଆର୍ଥିକ ପରିଚାଳନା ହେତୁ ଆଜି ରାଜ୍ୟର ଅର୍ଥନୀତି ସୁଦୃଢ଼ ଓ ସମୃଦ୍ଧ ହୋଇପାରିଛି। ଉତ୍କଟ ନିଅଣ୍ଟିଆ ଅବସ୍ଥା ଏବଂ ଓଭର ଡ୍ରାଫ୍ଟ କବଳରୁ ରାଜ୍ୟ ମୁକ୍ତ ହୋଇ ରାଜସ୍ୱ ବଳକା ରାଜ୍ୟରେ ପରିଣତ ହୋଇପାରିଛି। ଖୋଲାବଜାରରୁ ଋଣ ଆଣୁ ନଥିବାରୁ ଋଣ-ଜିଏସ୍‌ଡିପି ଅନୁପାତ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି। ଯାହାଫଳରେ ରାଜ୍ୟ ସରକାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବୃହତ ବଜେଟ ପ୍ରସ୍ତୁତ କରିପାରିଛନ୍ତି। ମାତ୍ର ଏହାଦ୍ୱାରା ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା କରିବା ଏବଂ ୫୦୦ ବିଲିୟନ ଡଲାର ଅର୍ଥନୀତିର ଲକ୍ଷ୍ୟ ହାସଲ ହୋଇପାରିବ ନାହିଁ। ଏଥିପାଇଁ ଦୁଇଗୁଣରୁ ଅଧିକ ବଡ଼ ବଜେଟ ରାଜ୍ୟବାସୀଙ୍କୁ ଦେବାକୁ ପଡ଼ିବ, ପର୍ଯ୍ୟାପ୍ତ ସମ୍ବଳ ବୃଦ୍ଧି କରିବାକୁ ପଡ଼ିବ ଏବଂ କେନ୍ଦ୍ର ସରକାରଙ୍କ ଠାରୁ ସ୍ୱତନ୍ତ୍ର ଅନୁଦାନ ଆଣିବାକୁ ପଡ଼ିବ। ଲକ୍ଷ୍ୟ ହେବ ସମାବେଶୀ ବିକାଶ।

ଏ ପରିପ୍ରେକ୍ଷୀରେ ମୁଁ ବିକଶିତ ଓଡ଼ିଶା-୨୦୩୬ ପାଇଁ ନିମ୍ନରେ ମୋର କିଛି ମତାମତ ଓ ପ୍ରସ୍ତାବ ଉତ୍ଥାପନ କରୁଛି।

୧) ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। କୃଷି ଓ କୃଷକର ବିକାଶ ହେଲେ ସମଗ୍ର ଓଡ଼ିଶାର ବିକାଶ ମାନଚିତ୍ର ବଦଳିଯାଇ ପାରିବ। ମାତ୍ର ଓଡ଼ିଶାର ଚାଷୀ ସବୁବେଳେ ଅବହେଳିତ। ଅନିଶ୍ଚିତତାର ଭସାବାଦଲ ହିଁ ତା'ର ଭାଗ୍ୟରେ ଲେଖା। ଆମ ଦେଶର ୪୮.୩ ପ୍ରତିଶତ ଚାଷଜମି, ବିଶେଷକରି ପଞ୍ଜାବ ଭଳି ରାଜ୍ୟର ୯୮.୧ ପ୍ରତିଶତ ଜମି, ଜଳସେଚିତ ହୋଇଥିବା ବେଳେ ଓଡ଼ିଶାରେ ମାତ୍ର ୩୫ ପ୍ରତିଶତ ଜମି ଜଳସେଚିତ ହୋଇପାରିଛି। କୃଷିର ବିକାଶ କରିବାକୁ ହେଲେ ପ୍ରଥମେ ଜମିକୁ ଜଳସେଚିତ କରିବାକୁ ପଡ଼ିବ। ସେଥିପାଇଁ ମହାନଦୀ, ବ୍ରହ୍ମଣୀ, ବୈତରଣୀ ଓ ସୁବର୍ଣ୍ଣରେଖା ଇତ୍ୟାଦି ନଦୀରେ ବହୁମୁଖୀ ନଦୀବନ୍ଧ କିମ୍ବା ଜଳପ୍ରକଳ୍ପ ନିର୍ମାଣ କରି ପ୍ରତ୍ୟେକ ଚାଷୀକୁ ଜଳସେଚନ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ବିଦ୍ୟୁତ ଉତ୍ପାଦନ ମଧ୍ୟ ବୃଦ୍ଧି ପାଇପାରିବ। ଚାଷୀକୁ ମାଗଣା କିମ୍ବା ଅତିସ୍ୱଳ୍ପ ଦରରେ ବିଜୁଳି, ଶୀତଳ ଭଣ୍ଡାର, ଅଭାବୀ ବିକ୍ରିରୁ ମୁକ୍ତି ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବା ଉଚିତ।

୨) ରାଜ୍ୟର ଚାଷୀ ଚାଷ କରିବାକୁ ଚାହିଁଲେ ମଧ୍ୟ ବିଭିନ୍ନ ଯାଗାରେ ଛୋଟ ଛୋଟ ଆକାରରେ ଜମିର ଅବସ୍ଥିତି ଥିବାରୁ କୌଣସି ଗୋଟିଏ ଲାଭଜନକ ଚାଷ କରିପାରୁ ନାହିଁ। ତେଣୁ ଚକବନ୍ଦୀ କାର୍ଯ୍ୟକ୍ରମ ମାଧ୍ୟରେ ଚାଷଜମିକୁ ଗୋଟିଏ ଗୋଟିଏ ଚକରେ ପରିଣତ କରିପାରିଲେ ଗୋଟିଏ ଜାଗାରେ ଚାଷୀ ତା'ର ମନପସନ୍ଦର ଫସଲ ସହିତ କୁକୁଡ଼ା ଚାଷ, ମାଛ ଚାଷ, ଗୋପାଳନ, ଉଦ୍ୟାନକୃଷି ଇତ୍ୟାଦି କରି ଲାଭବାନ ହୋଇପାରନ୍ତା। ଚାଷୀର ଅର୍ଥନୈତିକ ଉନ୍ନତି ପାଇଁ ଚକବନ୍ଦୀ କାର୍ଯ୍ୟକ୍ରମ(କନ୍‌ସୋଲିଡେସନ୍ ଅଫ୍ ଲ୍ୟାଣ୍ଡ ହୋଲ୍ଡିଂ) ଉପରେ ସରକାରଙ୍କର ସର୍ବାଧିକ ଗୁରୁତ୍ୱ ରହିବା ଆବଶ୍ୟକ।

୩) ରାଜ୍ୟର ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଶିଳ୍ପ ବିକାଶର ଆବଶ୍ୟକତା ରହିଛି। ଅବଶ୍ୟ ଓଡ଼ିଶା ପୁଞ୍ଜି ନିବେଶକାରୀଙ୍କୁ ଆକର୍ଷଣ କରିବା ଦିଗରେ ପାଞ୍ଚଟି ଉନ୍ନତ ରାଜ୍ୟ ମଧ୍ୟରେ ସ୍ଥାନ ପାଇଛି। ମାତ୍ର ଖଣିଜ ସମ୍ପଦ ସମ୍ପର୍କୀୟ ଶିଳ୍ପ ପ୍ରତିଷ୍ଠା ପାଇଁ ଅଧିକସଂଖ୍ୟକ ପୁଞ୍ଜିପତି ଓଡ଼ିଶା ଆସୁଛନ୍ତି। ଯେହେତୁ ଓଡ଼ିଶାରେ ଲୁହାପଥର, ବକ୍ସାଇଟ, କ୍ରୋମାଇଟ, କୋଇଲା ଇତ୍ୟାଦି ପର୍ଯ୍ୟାପ୍ତ ପରିମାଣରେ ଗଚ୍ଛିତ ଅଛି, ତେଣୁ ପୁଞ୍ଜିପତି ଆକୃଷ୍ଟ ହେବା ସ୍ୱାଭାବିକ। କିନ୍ତୁ ଅସଲ କଥା ହେଉଛି କାରଖାନା ଏବଂ ଖଣି ସଂସ୍ଥା ପ୍ରତିଷ୍ଠା ହେବା ଫଳରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କର ବିକାଶ ହେଉଛି କି? ଉତ୍ତର ହେଉଛି 'ନା'। କାରଣ ଶିଳ୍ପପତିମାନେ ଶିଳ୍ପ ପ୍ରତିଷ୍ଠା ପୂର୍ବରୁ ବିଭିନ୍ନ ପ୍ରକାର ଲୋଭନୀୟ ପ୍ରତିଶ୍ରୁତି ଦିଅନ୍ତି, ସ୍ଥାନୀୟ ଯୁବକମାନଙ୍କୁ ଲୋଭ ଦେଖାନ୍ତି।

ଅନେକ ପରିବାର ବିସ୍ଥାପିତ ହୁଅନ୍ତି, ଭିଟାମାଟି ଛାଡ଼ନ୍ତି। ମାତ୍ର କାରଖାନାର ପାଚେରି ଠିଆ ହେବା ପରେ ସ୍ଥାନୀୟ ବେକାର ଯୁବକ ହକ୍ ପାଏନା। ଶିଳ୍ପ ସଂସ୍ଥାମାନେ ବାହାର ରାଜ୍ୟର ଯୁବକଯୁବତୀଙ୍କୁ ଆଣି ନିଯୁକ୍ତି ଦିଅନ୍ତି ଏବଂ ଅଣଓଡ଼ିଆମାନେ ଠିକାଦାରି କରନ୍ତି। ସ୍ଥାନୀୟ ଯୁବକ ବାହାରକୁ ଦାଦନ ଖଟିବାକୁ ଯିବାକୁ ବାଧ୍ୟ ହୁଏ। କିଛି ଶ୍ରମିକଶ୍ରେଣୀର କାର୍ଯ୍ୟ ଏବଂ ଛୋଟମୋଟ ଠିକାଦାରୀ କିଛି ସ୍ଥାନୀୟ ମୁଷ୍ଟିମେୟ ପ୍ରଭାବଶାଳୀ ଯୁବକମାନଙ୍କୁ ଦିଆଯାଏ, ଯେଉଁମାନେ ସ୍ଥାନୀୟ ଅଞ୍ଚଳରେ ସେମାନଙ୍କୁ ସୁରକ୍ଷା ଦେଇପାରିବେ। ଏଥିପାଇଁ ରାଜ୍ୟ ସରକାର ଦୃଢ଼ ଆଇନ ପ୍ରଣୟନ କରି ଅଗ୍ରାଧିକାର ଭିତ୍ତିରେ ପ୍ରଥମେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଏବଂ ଠିକାଦାରୀ ଦେବା ବାଧ୍ୟତାମୂଳକ କରିବା ଆବଶ୍ୟକ। ଏଥିସହିତ ଉତ୍ପାଦିତ ଦ୍ରବ୍ୟ(ଫିନିସ୍‌ଡ ପ୍ରଡକ୍ଟ) ବାହାର ରାଜ୍ୟକୁ ପରିବହନ କରିବା ବଦଳରେ କଳକାରଖାନା ନିକଟରେ ଆନୁଷଙ୍ଗିକ ଶିଳ୍ପ ପ୍ରତିଷ୍ଠା କରିପାରିଲେ ଆହୁରି ନିଯୁକ୍ତି ଓ ବ୍ୟବସାୟର ସୁଯୋଗ ସୃଷ୍ଟି ହୋଇପାରନ୍ତା। ଯେପରିକି ଏସିଆର ସର୍ବବୃହତ ଷ୍ଟେନଲେସ ଷ୍ଟିଲ କାରଖାନା ଓଡ଼ିଶାର କଳିଙ୍ଗନଗରରେ ଅଛି। ମାତ୍ର ଷ୍ଟେନଲେସ ଷ୍ଟିଲର ଉପକରଣ କାରଖାନାଗୁଡ଼ିକ ବାହାର ରାଜ୍ୟରେ ପ୍ରତିଷ୍ଠା ଲାଭ କରିଛି। ସେହିପରି ଆଲୁମିନିୟମ ଏବଂ ଆଲୁମିନା କାରଖାନା ଓଡ଼ିଶାରେ; କିନ୍ତୁ ଆଲୁମିନିୟମ ଉତ୍ପାଦ ଏବଂ ବାସନକୁସନ ବାହାର ରାଜ୍ୟରେ ତିଆରି ହେଉଛି। ଏଗୁଡ଼ିକ ବାହାର ରାଜ୍ୟରେ ନରହି ଓଡ଼ିଶାରେ ପ୍ରତିଷ୍ଠା ହେଲେ ସ୍ଥାନୀୟ ଲୋକ ଉପକୃତ ହେବା ସହିତ ରାଜ୍ୟ ମଧ୍ୟ ଅଧିକ ରାଜସ୍ୱ ହାସଲ କରିପାରନ୍ତା।

୪) ପ୍ରତି ପରିବାରର ଅତିକମ୍‌ରେ ଜଣକୁ ନିଯୁକ୍ତିର ସୁଯୋଗ ଦେବା ଦରକାର ଯେପରି ପ୍ରତିଟି ପରିବାର ରୋଜଗାରକ୍ଷମ ହୋଇ ନିଜଗୋଡ଼ରେ ଛିଡ଼ା ହୋଇପାରିବେ ଏବଂ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ଆତ୍ମନିଯୁକ୍ତି ଦେବାର ବାଟ ବାହାର କରିବା ସରକାରଙ୍କ ଦାୟିତ୍ୱ ହେବା ଉଚିତ।(କ୍ରମଶଃ...)

ପୂର୍ବତନ ମନ୍ତ୍ରୀ, ଓଡ଼ିଶା

# ସଂରକ୍ଷଣରେ କ୍ରିମିଲେୟର

**କମଳାକାନ୍ତ ପ୍ରହରାଜ**

ରାଷ୍ଟ୍ରପତି କିମ୍ବା ପ୍ରଧାନମନ୍ତ୍ରୀଙ୍କ ଉତ୍ତରପିଢ଼ି ପାଇଁ ସଂରକ୍ଷଣ ସୁବିଧା ଆବଶ୍ୟକ କି? ବୋଧହୁଏ ନା। କାରଣ ସେମାନେ ବର୍ତ୍ତମାନ ସେତିକି ପରିମାଣ ସକ୍ଷମ ଯେ ତାଙ୍କ ପାଇଁ ଆଉ ସଂରକ୍ଷଣର ଆବଶ୍ୟକତା ନାହିଁ। ସେଥିପାଇଁ ତ ପଛୁଆ ଜାତି ପାଇଁ 'ଇଡବ୍ଲୁଏସ୍'(ଇକନୋମିକ୍ ୱିକର ସେକ୍‌ସନ୍), ଇବିସି(ଇକନୋମିକ୍ ବ୍ୟାକ୍‌ୱାର୍ଡ କ୍ଲାସେସ୍) ଉଲ୍ଲେଖ କରାଯାଇ ଯାହାର ବାର୍ଷିକ ଆୟ ୮ ଲକ୍ଷରୁ ଅଧିକ ସେମାନଙ୍କୁ ସଂରକ୍ଷଣରୁ ମୁକ୍ତ କରିବା ପାଇଁ ମତ ପ୍ରକାଶ ପାଇଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଦୁଃଖର ବିଷୟ ଏହା ପାଇଁ କୌଣସି ବିଧିବଦ୍ଧ ନିୟମ କାନୁନ୍ ନାହିଁ। ସେଥିପାଇଁ ଆମ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏବଂ ବିଭିନ୍ନ ଉଚ୍ଚ ନ୍ୟାୟାଳୟଗୁଡ଼ିକ ବିଭିନ୍ନ ସମୟରେ ବାଧ ହୋଇ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ବାରମ୍ବାର କହୁଛନ୍ତି ଯେ 'କ୍ରିମିଲେୟର'କୁ ସଂରକ୍ଷଣରୁ ଅଲଗା କରାଯାଉ।।

ସବୁ ଜାତି/ ବର୍ଗ/ ସମ୍ପ୍ରଦାୟରେ କିଛି କିଛି 'କ୍ରିମିଲେୟର' ରହିଛି, ଯେଉଁମାନେ ଶିକ୍ଷା, ସାମାଜିକ ଓ ରାଜନୈତିକ ପ୍ରତିଷ୍ଠା, ଅର୍ଥ ଆଦିରେ ଉନ୍ନତ। ସେମାନଙ୍କ ପାଇଁ ଅନ୍ୟ କୌଣସି ଅନୁଗ୍ରହର ପ୍ରୟୋଜନ ନାହିଁ। ମୋ ବ୍ୟକ୍ତିଗତ ଅନୁଭବ ଅନୁଯାୟୀ - ଓଡ଼ିଶାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନରେ ୫୦୦ ରୁ ଅଧିକ ଉଚ୍ଚ ବିଦ୍ୟାଳୟ, ୬୩ ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଶତାଧିକ ଛାତ୍ରାବାସରୁ ପ୍ରତିବର୍ଷ ୫୦ ରୁ ୬୦ ହଜାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଛାତ୍ରଛାତ୍ରୀ ସଫଳତାର ସହିତ ଉତ୍ତୀର୍ଣ୍ଣ ହେଉଛନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ସେମାନଙ୍କ ମଧ୍ୟରୁ ମାତ୍ର ୧୦% ବା କମ୍ ପିଲା ଜୀବନ-ଜୀବିକା ଯୁଦ୍ଧରେ ବିଜୟୀ ହୁଅନ୍ତି। ଅର୍ଥାତ୍ ଛୋଟ ବଡ଼ ଚାକିରି କରି କୌଣସିପ୍ରକାରେ ତିଷ୍ଠି ରହନ୍ତି। ଅପରପକ୍ଷରେ 'କ୍ରିମିଲେୟର'ରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଛାତ୍ରଛାତ୍ରୀମାନେ ୫ରୁ ୬ ହଜାର ମଧ୍ୟରେ ସୀମିତ ଥିବେ, ଯେଉଁମାନେ କି ରାଜ୍ୟ ବା ଦେଶର ନାମୀ ଦାମୀ ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରୁ ଉତ୍ତୀର୍ଣ୍ଣ ହୋଇଥା'ନ୍ତି। ଦେଖାଯାଏ ଯେ ସେମାନଙ୍କର ବାପ ମା'ଙ୍କର ସ୍ୱତନ୍ତ୍ର ତତ୍ତ୍ୱାବଧାନରେ ବଢ଼ିଥିବାରୁ ଚାକିରି ପାଇବା କ୍ଷେତ୍ରରେ ୮୦ ରୁ ୯୦ ଶତକଡ଼ା ପର୍ଯ୍ୟନ୍ତ କୃତକାର୍ଯ୍ୟ ହୋଇଥା'ନ୍ତି।

ଉଦାହରଣ ସ୍ୱରୁପ, ମନେ କରନ୍ତୁ ଏ ବର୍ଷ ସବୁ ବିଭାଗ ମିଶି ରାଜ୍ୟରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗ ପାଇଁ ୫୦୦ ଟି ଚାକିରି ବାହାରିଛି। ସେହି ବର୍ଗର ସାଧାରଣ ଗରିବ ଘରର ୧୦ ହଜାର ଓ ଧନୀ ଘରର ୧ ହଜାର ପିଲା ପରୀକ୍ଷା ଦେଇଥିବେ। ସାଧାରଣତଃ ଦେଖାଯାଉଛି ଯେ ସାଧାରଣ ଗରିବ ପିଲା ୧୦ ହଜାରରୁ ମାତ୍ର ୫୦/ ୬୦ ଟି ଚାକିରି ପାଉଥିବା ସ୍ଥଳେ ଧନୀ ଘରର ପିଲା ବାକି ୪୪୦ ରୁ ୪୫୦ ଟି ଚାକିରି ଉପରେ ନିଜର ହକ୍ ଜମାଇ ବସୁଛନ୍ତି। ଏହା ଗୁଣୋତ୍ତର ପ୍ରଗତି କ୍ରମେ ଘୋର ଆର୍ଥିକ ବୈଷମ୍ୟ ସୃଷ୍ଟି କରୁଛି। କିନ୍ତୁ ଏହାଠାରୁ ଆହୁରି ପରିତାପର ବିଷୟ ଏହିକି ଯେ ସରକାର ଉଚ୍ଚ ନ୍ୟାୟାଳୟ ଏବଂ ସର୍ବୋଚ୍ଚ ନ୍ୟାୟାଳୟର ଉପଦେଶ ଶୁଣିବା ପରିବର୍ତ୍ତେ, ତୁଷ୍ଟୀକରଣ ରାଜନୀତି ମାଧ୍ୟମରେ ରାଜ୍ୟରେ ଉଚ୍ଚଶିକ୍ଷାରେ ସଂରକ୍ଷଣକୁ ଦୁଇଗୁଣା ବୃଦ୍ଧି କରିଦେଲେ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଲୋକଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଗଲା। ସମସ୍ତେ ଉତ୍ସାହିତ ହୋଇ ସରକାରଙ୍କ ଗୁଣଗାନ କରିବାରେ ଲାଗିପଡ଼ିଲେ। 'କ୍ରିମିଲେୟର' କଥା ଭୁଲିଗଲେ।

ସଂରକ୍ଷଣରେ ଏହି ଦୁଇଗୁଣ ବୃଦ୍ଧି, ସେହି ବର୍ଗର ସାଧାରଣ ଗରିବ ଛାତ୍ରଛାତ୍ରୀମାନଙ୍କର ବିଶେଷ କିଛି ଲାଭ ହେବ ନାହିଁ। ସବୁ ସୁବିଧା ସୁଯୋଗ ସେହି 'କ୍ରିମିଲେୟର'ମାନେ ହିଁ ମାଡ଼ି ବସିବେ। ସାଧାରଣ ଗରିବ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଯେଉଁ ତିମିରକୁ ସେହି ତିମିରେ। ତେଣୁ ଯେତେଶୀଘ୍ର ସରକାର ସବୁ ରାଜନୈତିକ ଦଳ ଏବଂ ସମସ୍ତ ଜନତା ବୁଝିବିଚାରି ଯେତେଶୀଘ୍ର କାର୍ଯ୍ୟ କରିବେ, ଅର୍ଥାତ୍ ସଂରକ୍ଷଣ ବୃଦ୍ଧି ପରିବର୍ତ୍ତେ 'କ୍ରିମିଲେୟର'ମାନଙ୍କୁ ସଂରକ୍ଷଣରୁ ଅପସାରଣ ସହ କେବଳ ଆର୍ଥିକ ମାନଦଣ୍ଡ ଆଧାରରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯିବ, ତାହା ରାଜ୍ୟ, ଦେଶ ଓ ସମସ୍ତଙ୍କ ପାଇଁ ମଙ୍ଗଳ ହେବ।

(ଅବସରପ୍ରାପ୍ତ ଶିକ୍ଷା ମଣ୍ଡଳାଧୀଶ)

ଭୁବନେଶ୍ୱର, ମୋ: ୭୦୦୮୩୮୫୯୮୫

# ଅଶୋକଙ୍କ ଅଭିଲେଖ ଓ ସ୍ୱତନ୍ତ୍ର କଳିଙ୍ଗ ଅଭିଲେଖ

**ପ୍ରବୀର କୁମାର ପଟ୍ଟନାୟକ**

## ଓଡ଼ିଶାର ବୌଦ୍ଧ ପରମ୍ପରା

*ପୂର୍ବପ୍ରକାଶିତ ଉତ୍ତାରୁ...*

ନଂ୧୦ - ଏହା ଏକ ଶୁଦ୍ଧ ନୈତିକ ଅନୁଶାସନ। ଲୋକମାନେ ଯେପରି ଧମ୍ମ(ଧର୍ମ/ନୀତି) ଅନୁସରଣ କରନ୍ତି କେବଳ ସେଥିପାଇଁ ଅଶୋକ ପ୍ରସିଦ୍ଧ ବା ଯଶ କାମନା କରିଛନ୍ତି। ଧର୍ମର ମାର୍ଗ ଅତ୍ୟନ୍ତ କଠିନ ଏବଂ ଉଚ୍ଚ ପଦବୀରେ ଥିବା ବ୍ୟକ୍ତିମାନଙ୍କ ପାଇଁ ଏହା ଅଧିକ କଷ୍ଟକର। ନଂ ୧୪- ଏହି ଅନୁଶାସନଟି ପ୍ରାୟ ଏକ ପୁସ୍ତିକା ସଦୃଶ, ଯେଉଁଥିରେ ସମ୍ରାଟ ଅଶୋକ ସ୍ୱୀକାର କରିଛନ୍ତି ଯେ ତାଙ୍କର ସମସ୍ତ ଶିଳାଲେଖ ସବୁ ସ୍ଥାନରେ ଖୋଦିତ ହୋଇନାହିଁ ଏବଂ କିଛି ସଂସ୍କରଣରେ କିଛି ତ୍ରୁଟି ମଧ୍ୟ ରହିଯାଇ ଥାଇପାରେ।

ଯାହା ଦେଖାଯାଉଛି ଅଥବା ଜଣାଯାଉଛି, ଏହି ଅନୁଶାସନଗୁଡ଼ିକ କଳିଙ୍ଗରେ ମୌର୍ଯ୍ୟ ସାମ୍ରାଜ୍ୟର ଶକ୍ତିଶାଳୀ ନିୟନ୍ତ୍ରଣ କିମ୍ବା ସେଠାରେ ଅଶୋକଙ୍କ ଧର୍ମର ପ୍ରଚାର ପ୍ରସାର ଉପରେ କେଣେସି ପ୍ରକାର କ୍ଷତିକାରକ ପ୍ରଭାବ ପକାଇଥିବା ଆଦୌ ସମ୍ଭବ ନୁହେଁ। ବିଜିତ ଲୋକମାନଙ୍କ ମଧ୍ୟରେ ଏଗୁଡ଼ିକୁ ପ୍ରକାଶ ନ କରିବାର କୌଣସି ଠୋସ୍ କାରଣ ନଥିଲା। ଅନ୍ୟପକ୍ଷରେ, କଳିଙ୍ଗ ସଂସ୍କରଣରେ ବାଦ୍ ଦିଆଯାଇଥିବା ତିନୋଟି ଅନୁଶାସନରେ ଏପରି କିଛି ବିଷୟବସ୍ତୁ ଥାଇପାରେ, ଯାହାକୁ ସେଠାରେ ଅଧିକ ଲୋକଙ୍କୁ ଜଣାଇବା ଅନୁଚିତ କିମ୍ବା ବିପଦଜନକ ତଥା ଅସୁବିଧାଜନକ ହୋଇପାରେ ବୋଲି ଆଶଙ୍କା କରାଯାଇ ଥାଇପାରେ।

କଳିଙ୍ଗରେ ପ୍ରକାଶିତ ହୋଇନଥିବା ଶିଳାଲେଖ: ନଂ୧୧ - ଏହି ଅନୁଶାସନଟି ସ୍ପଷ୍ଟ ଭାବେ ଗୋଟିଏ ଅନପକାରୀ ରାଜାଜ୍ଞା ଥିଲା, ଯେଉଁଥିରେ ଧର୍ମର ଗୁଣଗାନ କରାଯାଇ ଏହାକୁ ମାନିବା ନିମନ୍ତେ ଲୋକମାନଙ୍କୁ କୁହାଯାଇଥିଲା। କଳିଙ୍ଗ ସଂସ୍କରଣରେ ଏହି କ୍ଷୁଦ୍ର ଅନୁଶାସନଟିକୁ କାହିଁକି ବାଦ ଦିଆଗଲା ସେ ନେଇ କୌଣସି ସ୍ପଷ୍ଟ ସଙ୍କେତ ଅଥବା ସୂଚନା ମିଳେ ନାହିଁ। ଏହା ହୁଏତ ଅସାବଧାନତା ଯୋଗୁଁ କିମ୍ବା ଭୁଲବଶତଃ ଅଥବା ସହଜ ଭାବରେ କହିଲେ ଏହି ଲେଖାଗୁଡ଼ିକରେ ସମାନ ପ୍ରକାରର ଭାବନା ଅନ୍ୟତ୍ର ଉପଲବ୍ଧ ଥିବାରୁ ଏହାକୁ ବାଦ ଦିଆଯିବା ଦ୍ୱାରା ସମୟ, ପରିଶ୍ରମ ତଥା ବ୍ୟୟଭାର ବଞ୍ଚାଯାଇପାରିବା ହୋଇଥାଇପାରେ। ନଂ ୧୨ - ଏହା ହେଉଛି ସେହି ପ୍ରସିଦ୍ଧ ଶିଳାଲେଖ ଅଥବା ରାଜାନୁଶାସନ, ଯେଉଁଥିରେ ସମ୍ରାଟ ଅଶୋକ ତାଙ୍କ ସାମ୍ରାଜ୍ୟର ବିଭିନ୍ନ ଧର୍ମ ଓ ସଂପ୍ରଦାୟଗୁଡ଼ିକ ମଧ୍ୟରେ ସହନଶୀନଳତା ତଥା ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ବଜାୟ ରଖିବା ନିମନ୍ତେ ଅଶୋକଙ୍କର ଏକ ଆହ୍ୱାନ। ଯଦି ଏହି ଅନୁଶାସନର ବାଦ ପଡ଼ିବା କେବଳ ସ୍ଥାନ ଓ ସମୟର ଅଭାବ ଯୋଗୁଁ ନ ହୋଇଥାଏ, ଯେପରି ନଂ ୧୧ କ୍ଷେତ୍ରରେ ଘଟିଥିଲା। ଆମେ କେବଳ ଏହା ହିଁ କହିପାରିବା କି ସେତେବେଳେ କଳିଙ୍ଗରେ ଏପରି କିଛି ଧର୍ମଗୋଷ୍ଠୀ ଥିଲେ, ଯାହାଙ୍କୁ ଅଶୋକ ଓ ମୌର୍ଯ୍ୟସାମ୍ରାଜ୍ୟ ପସନ୍ଦ କରୁନଥିଲେ ଏବଂ ସେହି ଧର୍ମ, ପରମ୍ପରା ବା ସଂସ୍କୃତିକୁ ରାଜ ପ୍ରୋତ୍ସାହନ ଦିଆଯାଉ ନ ଥିଲା। ଏଠାରେ ଆମେ କେବଳ ଅନୁମାନ କରିପାରିବା ଏବଂ ଏହା ପରେ ପରେ ରହିଥିବା ବିଷୟବସ୍ତୁକୁ ମଧ୍ୟ ଏକ ଅନ୍ଦାଜ ବୋଲି ଧରି ନିଆଯାଇପାରେ। କିନ୍ତୁ ଏହା ନିଶ୍ଚିତ ଭାବେ ଏକ ଯୁକ୍ତିଯୁକ୍ତ ସମ୍ଭାବନା।

ଏହା ସମସ୍ତଙ୍କୁ ଜଣା ଯେ ଓଡ଼ିଶାର ଲୋକମାନେ ବିଶେଷଭାବରେ ଶ୍ରୀଜଗନ୍ନାଥ ଧର୍ମ ପ୍ରତି ଅତ୍ୟନ୍ତ ଭକ୍ତିଭାବ ରଖିଥା'ନ୍ତି, ଯାହା ପୁରୀର ପ୍ରସିଦ୍ଧ ଶ୍ରୀମନ୍ଦିର ଉପରେ କେନ୍ଦ୍ରୀଭୂତ। ଓଡ଼ିଶାର ଆଞ୍ଚଳିକ ଜାତୀୟତା ଅତିକମ୍‌ରେ ହଜାରେ କିମ୍ବା ତା'ଠାରୁ ଅଧିକ ବର୍ଷ ଧରି ଏହି ଧର୍ମଧାରାକୁ କେନ୍ଦ୍ର କରି ଗଢ଼ି ଉଠିଛି। ଆମେ ଜଗନ୍ନାଥ ଧର୍ମ ଓ ସଂସ୍କୃତିର ଇତିହାସକୁ ଅଶୋକଙ୍କ ସମୟ ପର୍ଯ୍ୟନ୍ତ ନେଇ ଖୋଜି ପାରିବା ନାହିଁ। ମାତ୍ର ଏହା ସମ୍ଭବ ଯେ ଏହାପୂର୍ବରୁ କୌଣସି ଏକ ରୂପରେ ଏହି ଧର୍ମଧାରା ନିଶ୍ଚିତ ଭାବରେ ବିଦ୍ୟମାନ ଥିଲା, ଏକ ଅସଂସ୍କୃତ ରୂପରେ, ଯେଉଁଥିରେ ଏହାର ଦେବତ୍ୱ ହିନ୍ଦୁ ଦେବତା ବିଷ୍ଣୁଙ୍କ ସହିତ ଚିହ୍ନଟ ହୋଇ ନ ଥିଲା। ଏହିପରି ଏକ ଧର୍ମ / ସଂପ୍ରଦାୟ ଯାହାର ନିଜସ୍ୱ ସ୍ଥାନୀୟ ପୁରୋହିତ ବର୍ଗ ଥିଲେ। ସେମାନେ ମୌର୍ଯ୍ୟ ସାମ୍ରାଜ୍ୟର ଶାସନ ବିରୋଧରେ ନିଶ୍ଚିତ ଭାବରେ ପ୍ରତିରୋଧର ମତପୋଷଣ କରିଥିବେ ଏବଂ ବିଦ୍ରୋହ ନିମନ୍ତେ ଲୋକମାନଙ୍କୁ ଉତ୍ସାହିତ କରିଥିବେ। ଯାହା ଫଳରେ କଳିଙ୍ଗର ପୁରୁଣା ସ୍ଥାନୀୟ ରାଜାଙ୍କୁ ପୁଣି ଶାସନକୁ ଅଣାଯାଇପାରିବ। ଏହା ମଧ୍ୟ କଳିଙ୍ଗ ସଂସ୍କରଣରେ ଅଶୋକଙ୍କୁ ଦ୍ୱାଦଶ ଶିଳାଲେଖକୁ ବାଦ ଦିଆଯିବାର କାରଣ ହୋଇପାରେ। ଏହିଭଳି ଭିନ୍ନ ଭିନ୍ନ କଳ୍ପନା ଜଳ୍ପନା କରାଯାଇପାରେ।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଜାତୀୟ ଖାଦ୍ୟ ତୈଳ ମିଶନ-ଅଏଲ ପାମ୍ ଅନ୍ତର୍ଗତ ରନ୍ଧନ ତୈଳ ଉତ୍ପାଦନ ବୃଦ୍ଧି ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱାରୋପ



ଭୁବନେଶ୍ୱର,୩୧।୭ (ସମିସ): ଜାତୀୟ ଖାଦ୍ୟ ତୈଳ ମିଶନ-ଅଏଲ ପାମ୍ ଅନ୍ତର୍ଗତ ରନ୍ଧନ ତୈଳ ଉତ୍ପାଦନ ବୃଦ୍ଧି ଉପରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି। ଶୁକ୍ରବାର ମିଶନ ଅଏଲ ପାମ୍‌ର କାର୍ଯ୍ୟକାରିତାର ସ୍ଥିତି ଉପରେ ଲୋକଭବନର ନ୍ୟୁ ଅଭିଷେକ ହଲ ଠାରେ ଆୟୋଜିତ ବୈଠକରେ ରାଜ୍ୟପାଳ ଭାରତର ଆମଦାନି ନିର୍ଭରତା କମାଇବା ପାଇଁ ଘରୋଇ ଖାଦ୍ୟ ତୈଳ ଉତ୍ପାଦନ ବୃଦ୍ଧି କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହା ଜାତୀୟ ଅର୍ଥନୀତିକୁ ମଜବୁତ କରିବ, ବିଦେଶୀ ମୁଦ୍ରା ସଞ୍ଚୟ ଏବଂ ଖାଦ୍ୟ ନିରାପତ୍ତା ବଢ଼ାଇବ ବୋଲି ରାଜ୍ୟପାଳ କହିଥିଲେ। କୃଷିପ୍ରଧାନ ଦେଶ ହୋଇଥିବା ସତ୍ତ୍ୱେ ଭାରତ ଏପର୍ଯ୍ୟନ୍ତ ପ୍ରଚୁର ପରିମାଣରେ ଖାଦ୍ୟ ତୈଳ ଆମଦାନି କରୁଛି। ଫଳରେ ବିଦେଶୀ ମୂଦ୍ରାର ବହୁଳ ପରିମାଣରେ ବାହ୍ୟପ୍ରବାହ ହେଉଛି। ଆମଦାନି କମାଇ ଘରୋଇ ଉତ୍ପାଦନ ବୃଦ୍ଧି କରିପାରିଲେ ଦେଶର ଅର୍ଥନୀତି ମଜବୁତ୍ ହେବ। ଓଡ଼ିଶାରେ ସମ୍ଭାବନା ସମ୍ପର୍କରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଅନୁକୂଳ କୃଷି-ଜଳବାୟୁ ପରିସ୍ଥିତି ଏବଂ ବିସ୍ତୃତ ଚାଷପୋଯୋଗୀ ଜମି ସହିତ ଓଡ଼ିଶା ଭାରତର ଖାଦ୍ୟ ତୈଳ ସ୍ୱାବଲମ୍ବନଶୀଳତାରେ ଏକ ପ୍ରମୁଖ ଅବଦାନ ରଖୁଥିବା ରାଜ୍ୟ ଭାବେ ଉଭା ହେବାର ପୂର୍ଣ୍ଣ ସମ୍ଭାବନା ରହିଛି। ଜିଲ୍ଲା ପ୍ରଶାସନ, ଗବେଷଣା ଅନୁଷ୍ଠାନ ଏବଂ ତାଲିକାଭୁକ୍ତ ବେସରକାରୀ ସହଭାଗୀଙ୍କ ସହଯୋଗରେ ଓଡ଼ିଶା ସରକାର ଗ୍ରହଣ କରିଥିବା କ୍ଲଷ୍ଟର ଆଧାରିତ କାର୍ଯ୍ୟକାରିତା କୌଶଳ ଏକ ସ୍ଥିର ପାମ୍ ତୈଳ ପରିବେଶ ତଥା ଗ୍ରାମୀଣ ଜୀବିକାର ରୂପାନ୍ତରଣ କରିପାରିବ ବୋଲି ସେ କହିଥିଲେ। କୃଷି ଓ କୃଷକ ସଶକ୍ତିକରଣ ବିଭାଗର ବରିଷ୍ଠ ଅଧିକାରୀ, ଉଦ୍ୟାନ ନିର୍ଦ୍ଦେଶାଳୟ, ପାମ୍ ତୈଳ କମ୍ପାନୀର ପ୍ରତିନିଧି ଏବଂ ଲୋକ ଭବନର ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ଓଡ଼ିଶାରେ ଏହି ମିଶନର କାର୍ଯ୍ୟକାରିତାର ସ୍ଥିତି ଉପରେ ବିସ୍ତୃତଭାବେ ଆଲୋକପାତ କରିଥିଲେ। ଉଦ୍ୟାନ ନିର୍ଦ୍ଦେଶକ କଲୁଙ୍ଗ୍ ଗୋରାଖ୍ ୱାମନ ସ୍ୱାଗତ ଭାଷଣ ଦେଇଥିବା ବେଳେ ଯୁଗ୍ମ ନିର୍ଦ୍ଦେଶକ ଗୀତାଶ୍ରୀ ପାର୍ହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ୟା ପାଣିରେ ବୁଡ଼ି ୭ ବର୍ଷର ଶିଶୁ କନ୍ୟା ମୃତ

ଅସୁରାଳି,୩୧।୭ (ସମିସ): ଧାମନଗର ବ୍ଲକ୍ ଫତେପୁର ଗାଁର ନୃସିଂହ ସାହୁଙ୍କ ୭ ବର୍ଷର ଝିଅ ଜ୍ୟୋତି ସାହୁ ବନ୍ୟା ପାଣିରେ ବୁଡ଼ି ପ୍ରାଣ ହରାଇଥିବା ଜଣାପଡ଼ିଛି। ଏହି ଦୁଃଖଦ ଘଟଣା ପରେ ସମଗ୍ର ଧାମନଗର ଓ ଫତେପୁର ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ପ୍ରକାଶ ଯେ, ଆଜି ଦିନ ପ୍ରାୟ ୧୨ଟାରେ ଜ୍ୟୋତି ଗାଧୋଇବା ପାଇଁ ଯାଇଥିବା ବେଳେ ଅସାବଧାନତା ଯୋଗୁଁ ଗଭୀର ବନ୍ୟା ପାଣିରେ ବୁଡ଼ି ଯାଇଥିଲେ। ପରିବାର ଓ ସ୍ଥାନୀୟ ଲୋକେ ବହୁ ଖୋଜାଖୋଜି କରିବା ପରେ ତାଙ୍କର ମୃତଦେହ ଉଦ୍ଧାର କରାଯାଇଥିଲା। ଖବର ପାଇ ଧୂଷୁରୀ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି।


### ଶପଥପତ୍ର

ଆମ୍ଭେ ସନ୍ଦୀପ କୁମାର ଦାସ, ପିତା- ଶିଶିର କୁମାର ଦାସ ବୟସ ପ୍ରାୟ ୩୨ ବର୍ଷ, ଗ୍ରାମ/ସାହି - ନୂଆଗାଁ, ପୋ - ବାଲିସାହି, ନରସିଂହପୁର, ଜି-କଟକ, ଏହା ଜଣାଉ ଅଛୁ ଯେ ମୋ ଘର ନିକଟରେ, ଖାତା ନଂ. ୧୮୮/୧୦, ପ୍ଲଟ୍ ନଂ. ୪୨, ସମ୍ବନ୍ଧୀୟ ମୁଳ ଆରଓଆର୍ ହଜିଯାଇଛି / ମିଳୁନାହିଁ । ଏହି ସମ୍ବନ୍ଧରେ ୨୯.୦୭.୨୦୨୬ ତାରିଖରେ କୁଜୁମ ଥାନାରେ ଅଭିଯୋଗ କରାଯାଇଅଛି । ଯଦି କେହି ଉକ୍ତ ଆରଓଆର୍/ପଟ୍ଟା ପାଇଥାଆନ୍ତି ଦୟାକରି ନିମ୍ନୋକ୍ତ ଫୋନ୍ ନମ୍ବରରେ ଯୋଗାଯୋଗ କରିବେ । ଆଡ୍‌ଭୋକେଟ ସୋମନାଥ ପଟ୍ଟନାୟକ - ୮୪୨୦୦୧୧୯୯୫

### AFFIDAVIT

By virtue of an affidavit no10549, sworn before the Executive Magistrate Jajpur on dtd 31/07/2026, I Sasmita Jena, aged-35years, W/o- Late Bikas Jena, permanent resident of At/P.o- Kapila, P.s-Alakund, Dist-Jajpur, Odisha, Pin -755004 declared that I have changed my minor daughter's name from MAMUNI JENA(Old Name) to PAPUNI JENA(New Name) Henceforth she shall be known as **PAPUNI JENA** for all future purposes.

Sd/-Sasmita Jena

### AFFIDAVIT

By virtue of an affidavit no 2326, sworn before the Notary Public, Umerkote, Dist.- Nabarangpur, dtd 30/07/2026, I, Bharati Baidya, At/Po- Murtuma, U.V.-6, Ps.- Umerkote, Dist. Nabarangpur, hereby declare that the name of my minor daughter has been changed from Gungun Baidya to Aadyasha Baidya. Henceforth she shall be known as **Aadyasha Baidya** for all purposes.

Sd/- Bharati Baidya

### AFFIDAVIT

By virtue of an affidavit no. 113 before the Executive Magistrate, Bhubaneswar, dtd. 31/07/2026, I, Smruti Bhoi, D/o- Tunia Bhoi, residing At- Bhagabanpur, Po- Patrapada, Bhubaneswar-751019 do hereby declare that I have changed my name from Meghana Bhoi to **Smruti Bhoi.** That both the names refer to one and the same person i.e. myself. Henceforth I shall be known as **Smruti Bhoi** for all purposes.

Smruti Bhoi

### AFFIDAVIT

I, Chandan Mishra, aged about 46 years, S/o- Sashibhusan Mishra, resident of At- Sadhanapitha, Subalapur, PO: Satasnkha, PS: Pipili, Dist: Puri, State: Odisha, PIN- 752046 declared by this affidavit No. 1984, dtd- 23.07.2026 that now onwards I shall be known as **CHANDAN KUMAR MISHRA** for all future purposes.

### AFFIDAVIT

I, Kabita, aged about 41 years, W/o- Chandan Kumar Mishra, resident of At- Sadhanapitha, Subalapur, PO: Satasnkha, PS: Pipili, Dist: Puri, State: Odisha, PIN- 752046 declared by this affidavit No. 1983, dtd- 23.07.2026 that now onwards I shall be known as **KABITA MISHRA** for all future purposes.


24001/364/2627

### ଓଡିଶା ସରକାର
### ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଘୋଷଣା

**No. RDM-LAB-GM-0029-2025- 17877 / R&DM, Dated 27.04.2026**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **ଦୋଳବ**, ଥାନା- **ପାଟପୁର**, ତହସିଲ- **ସାନଖେମୁଣ୍ଡି**, ଜିଲ୍ଲା- ଗଞ୍ଜାମରେ ନିମ୍ନ ସୂଚୀତ 'କ' ତଫସିଲ ଜମିରେ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଗଞ୍ଜାମ ଜିଲ୍ଲାରେ ଛେଳିଗଡ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା **୨୯୬୫୦** ତା. **୦୭.୦୮.୨୦୨୫** ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- **ଦୋଳବ**, ଥାନା- **ପାଟପୁର**, ତହସିଲ- **ସାନଖେମୁଣ୍ଡି**, ଜିଲ୍ଲା- ଗଞ୍ଜାମରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ପୁନର୍ବାସ ଓ ଥଇଥାନ ଅଧିକାରୀ, (ଛେଳିଗଡ ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ- କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା: ଗଞ୍ଜାମ — ତହସିଲ: - ସାନଖେମୁଣ୍ଡି

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଦୋଳବ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧୯.୯୨୧ | ଏକର ୩.୫୮୫ | ଏଥି ସହିତ ସଂଲଗ୍ନ |

**ତଫସିଲ- ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା: ଗଞ୍ଜାମ — ତହସିଲ: - ସାନଖେମୁଣ୍ଡି

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୦୩.୧୨.୨୦୨୫।

**ଦୋଳବ ଗ୍ରାମର ଜମିର ବିବରଣୀ**

ମୌଜା – ଦୋଳବ ତହସିଲ - ସାନଖେମୁଣ୍ଡି ଜିଲ୍ଲା – ଗଞ୍ଜାମ

| କ୍ରମିକ ସଂଖ୍ୟା | ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅର୍ଜିତ ହେବାକୁ ଥିବା ଜମିର ପରିମାଣ | କିସମ | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୧ | ୨୦୧୮ | ୦.୦୭୦ | ୦.୦୫୫ | ବିଲ ଅଣଜଳସେଚିତ ଦୁଇ | ଅନନ୍ତ ରାଉଳ ପି: ଦଣ୍ଡିଆ ରାଉଳ ଜା: କୁରୁମ ବା:ନିଜଗାଁ | |
| | | ୨୦୪୧ | ୦.୦୬୦ | ୦.୦୨୦ | | | |
| ୨ | ୬ | ୨୧୩୨ | ୦.୩୨୦ | ୦.୧୭୫ | ପଦର | ଅରକ୍ଷିତ ରାଉତ, ଦୟା ରାଉତ, କୁନ୍ଦନ ରାଉତ ପି: କୋରା ରାଉତ, କେତକି ରାଉତ ସ୍ୱା: କୋରା ରାଉତ, ଶିରି ରାଉତ ସ୍ୱା: ଦୁଃଖୀ ରାଉତ, ଉଲି ରାଉତ, ହେମ ରାଉତ, ସତ୍ୟ ରାଉତ ପି: ଦଣ୍ଡିଆ ରାଉତ, ବାସୁ ରାଉତ ପି: ଅନାମ ରାଉତ, ମଧୁ ରାଉତ ପି: ଜଗା ରାଉତ, ବେନୁ ରାଉତ, ପୁନିଆଁ ରାଉତ ପି: ଇଶ୍ୱର ରାଉତ, ରଘୁ ରାଉତ ପି: କ୍ଷେତ୍ରି ରାଉତ, ତବଡିଆ ରାଉତ ପି: ଶୁକ୍ର ରାଉତ, ଅର୍ଜୁନ ରାଉତ, ବୁଧି ରାଉତ ପି: ରାମ ରାଉତ, ଚେରୁ ରାଉତ ପି: ଭିମ ରାଉତ, ସାଇବାଣି ରାଉତ ସ୍ୱା: ଭିମ ରାଉତ, ସିପା ରାଉତ ପି: କଇ ରାଉତ, ଭିମ ରାଉତ, ହରି ରାଉତ, ଲିଙ୍ଗା ରାଉତ, ଗୋବିନ୍ଦ ରାଉତ ପି: ବାପାଣି ରାଉତ, ମୋଟିଆଣି ରାଉତ ପି: ମୋହନ ରାଉତ, ରଇବାରି ରାଉତ ସ୍ୱା: ଯଦୁ ରାଉତ, ନଟିଆ ରାଉତ ପି: ଭାଇଗ ରାଉତ ଜା: କୁରୁମ ବା: ନିଜଗାଁ | |
| ୩ | ୭ | ୨୦୨୮ | ୦.୦୮୫ | ୦.୦୭୫ | ବିଲ ଅଣଜଳସେଚିତ ଦୁଇ | ଆନନ୍ଦ ରାଉଳ ପି: ଦଣ୍ଡିଆ ରାଉଳ ଜା: କୁରୁମ ବା:ନିଜଗାଁ | |
| | | ୨୦୩୦ | ୦.୦୫୨ | ୦.୦୩୫ | | | |
| | | ୨୦୪୦ | ୦.୦୫୫ | ୦.୦୫୦ | | | |
| ୪ | ୧୩ | ୨୦୭୩ | ୦.୩୫୦ | ୦.୦୫୦ | ପଦର | ଉଜ୍ଜଳ ଗଉଡ ପି: ମେହେଙ୍କାଳ ଗଉଡ ଜା: ଗଉଡ ବା:ନିଜଗାଁ | |
| ୫ | ୩୫ | ୧୭୨୨ | ୦.୬୦୦ | ୦.୧୧୦ | ପଦର | କୋରା ପାତ୍ର ପି: ଚନ୍ଦରୁ ପାତ୍ର ଜା: କୁରୁମ ବା:ନିଜଗାଁ | |
| ୬ | ୩୯ | ୨୧୦୦ | ୦.୧୦୦ | ୦.୦୪୫ | ପଦର | ଗଦା ନାୟକ ପି: ବେଣିଆ ନାୟକ ଜା: କୁରୁମ ବା:ନିଜଗାଁ | |
| | | ୨୧୦୧ | ୦.୦୬୫ | ୦.୦୧୦ | | | |
| ୭ | ୪୫ | ୧୭୦୩ | ୦.୨୯୦ | ୦.୦୭୦ | ପଦର | ଗୋପିନାଥ ରଥ ପି:ବିନାୟକ ରଥ ଜା:ବ୍ରାହ୍ମଣ ବା:ନିଜଗାଁ | |
| ୮ | ୫୮ | ୨୧୧୪ | ୦.୨୨୦ | ୦.୦୪୫ | ପଦର | ଜାଗିଲି ନାୟକ ପି: ଦଣ୍ଡ ନାୟକ, କୌତୁକି ନାୟକ ସ୍ୱା: ଦଣ୍ଡ ନାୟକ, ରଙ୍କ ନାୟକ, ବାବାଜି ନାୟକ ପି: ଭାଇଗ ନାୟକ, ଡଲି ନାୟକ, ଝୁମ୍ପା ନାୟକ ପି: ଭୋବନା ନାୟକ, ଚାଂପା ନାୟକ ସ୍ୱା:ଭୋବନା ନାୟକ, ସୁମା ନାୟକ, ପରି ନାୟକ, ରବି ନାୟକ ପି: ଅର୍ଜୁନ ନାୟକ, ଝରି ନାୟକ ସ୍ୱା: ଅର୍ଜୁନ ନାୟକ, ନଟବର ନାୟକ ପି: ନାଲୁ ନାୟକ, ତବଡିଆ ନାୟକ, ସହଦେବ ନାୟକ, ସବିତ୍ରି ନାୟକ ପି: ୟୁରିଆ ନାୟକ, କନ୍ତାରୁ ନାୟକ, ରଘୁନାଥ ନାୟକ, କୈବଲ ନାୟକ, ନକୁଳ ନାୟକ ପି: ବୈରାଗି ନାୟକ, ଉଲା ନାୟକ, ସେବାବତୀ ନାୟକ, ବିଷ୍ଣୁ ନାୟକ ପି: ଭୀମ ନାୟକ, ଝୁମ୍ପା ନାୟକ ସ୍ୱା: ଭୀମ ନାୟକ, ବୁଲି ନାୟକ ପି: ଅଧମ ନାୟକ, କୁମାରୀ ନାୟକ ସ୍ୱା: ଅଧମ ନାୟକ ଜା: କୁରୁମ ବା: ନିଜଗାଁ | |
| | | ୨୧୧୫ | ୦.୧୩୫ | ୦.୦୪୦ | | | |
| | | ୨୧୧୮ | ୦.୧୨୦ | ୦.୦୬୦ | | | |
| | | ୨୧୧୯ | ୦.୧୧୦ | ୦.୦୧୦ | | | |
| | | ୨୧୨୩ | ୦.୦୭୦ | ୦.୦୧୦ | | | |
| | | ୨୧୨୪ | ୦.୧୭୫ | ୦.୦୩୫ | | | |
| ୯ | ୫୯ | ୨୦୬୦ | ୦.୦୮୫ | ୦.୦୦୫ | ବିଲ ଅଣଜଳସେଚିତ ଦୁଇ | ଜାଗିଲି ନାୟକ ପି: ବେନୁ ନାୟକ ଜା: କୁରୁମ ବା: ନିଜଗାଁ | |
| ୧୦ | ୬୧ | ୨୦୮୫ | ୦.୧୦୫ | ୦.୦୨୦ | ପଦର | ଜାଗିଲି ପାତ୍ର, ପରି ପାତ୍ର, ପଙ୍କଜ ପାତ୍ର ପି: ବୃନ୍ଦା ପାତ୍ର, ସୀତା ପାତ୍ର ସ୍ୱା: ବୃନ୍ଦା ପାତ୍ର ଜା: କୁରୁମ ବା: ନିଜଗାଁ | |
| ୧୧ | ୭୨ | ୨୦୧୯ | ୦.୦୬୦ | ୦.୦୪୫ | ବିଲ ଅଣଜଳସେଚିତ ଦୁଇ | ଦଣ୍ଡିଆ ନାୟକ ପି: ନରସିଂହ ନାୟକ ଜା: କୁରୁମ ବା: ନିଜଗାଁ | |
| | | ୨୦୨୦ | ୦.୦୪୩ | ୦.୦୧୦ | | | |
| | | ୨୦୨୧ | ୦.୦୫୦ | ୦.୦୧୦ | | | |
| ୧୨ | ୮୩ | ୨୦୧୦ | ୦.୫୧୫ | ୦.୧୧୫ | ପଦର | ନଟବର ନାୟକ ପି: ନାଲୁ ନାୟକ, ଝରା ନାୟକ ସ୍ୱା: ନଟବର ନାୟକ ଜା: କୁରୁମ ବା: ନିଜଗାଁ | |
| | | ୨୦୧୭ | ୦.୯୦୦ | ୦.୦୦୫ | ବିଲ ଅଣଜଳସେଚିତ ଦୁଇ | | |
| ୧୩ | ୮୬ | ୧୫୯୧ | ୦.୧୯୦ | ୦.୦୬୦ | ବିଲ ଅଣଜଳସେଚିତ ଦୁଇ | ନରସିଂହ ପଣ୍ଡା, ଚନ୍ଦ୍ରଶେଖର ପଣ୍ଡା ପି: ଭିକାରୀ ପଣ୍ଡା ଜା:ବ୍ରାହ୍ମଣ ବା: ଭୀଷ୍ମଗିରୀ | |
| ୧୪ | ୯୧ | ୧୭୧୦ | ୧.୦୦୦ | ୦.୨୩୦ | ପଦର | ପର୍ଶୁରାମ ନାୟକ, ବିଦ୍ଧାଧର ନାୟକ, ଅଲେଖ ନାୟକ, କୃଷ୍ଣଚନ୍ଦ୍ର ନାୟକ ପି: ଧନୁ ନାୟକ ଜା:କୁରୁମ ବା:ନିଜଗାଁ | |
| ୧୫ | ୧୦୩ | ୧୭୦୬ | ୦.୧୦୫ | ୦.୦୧୫ | ପଦର | ବୀର ନାୟକ ପି: ପରମା ନାୟକ ଜା:କୁରୁମ ବା:ନିଜଗାଁ | |
| | | ୨୧୦୬ | ୦.୨୦୦ | ୦.୦୫୦ | | | |
| ୧୬ | ୧୦୭ | ୨୦୨୯ | ୦.୦୭୫ | ୦.୦୫୦ | ବିଲ ଅଣଜଳସେଚିତ ଦୁଇ | ଭୀମ ରାଉଳ ପି: ଦଣ୍ଡିଆ ରାଉଳ ଜା: କୁରୁମ ବା:ନିଜଗାଁ | |
| | | ୨୦୩୧ | ୦.୦୫୫ | ୦.୦୧୦ | | | |
| ୧୭ | ୧୦୮ | ୨୦୯୫ | ୦.୦୮୫ | ୦.୦୭୫ | ପଦର | ଭିକା ପାତ୍ର ପି: ଭଗିଆ ପାତ୍ର ଜା: କୁରୁମ ବା: ନିଜଗାଁ | |
| | | ୨୧୦୯ | ୦. ୩୫୦ | ୦.୦୫୦ | ବିଲ ଅଣଜଳସେଚିତ ଦୁଇ | | |
| ୧୮ | ୧୧୨ | ୨୦୯୪ | ୦.୦୮୫ | ୦.୦୧୦ | ବିଲ ଅଣଜଳସେଚିତ ଦୁଇ | ମହନ୍ତର ପାତ୍ର ପି: ବରଜ ପାତ୍ର ଜା: କୁରୁମ ବା: ନିଜଗାଁ | |
| ୧୯ | ୧୧୯ | ୨୦୮୨ | ୦.୩୦୦ | ୦.୦୪୫ | ପଦର | ମାଧବ ପାତ୍ର, ରମେଶ ପାତ୍ର, କଂଗ୍ରେସ ପାତ୍ର ପି: ଦଣ୍ଡାସି ପାତ୍ର, କ୍ଷିର ପାତ୍ର ସ୍ୱା: ଦଣ୍ଡାସି ପାତ୍ର ଜା: କୁରୁମ ବା: ନିଜଗାଁ | |
| ୨୦ | ୧୨୨ | ୨୦୭୪ | ୦.୩୬୦ | ୦.୦୬୫ | ପଦର | ରଘୁ ଗଉଡ ପି: ମେହେଙ୍କାଳ ଗଉଡ ଜା: ଗଉଡ ବା: ନିଜଗାଁ | |
| ୨୧ | ୧୨୩ | ୨୦୬୧ | ୦.୩୧୦ | ୦.୨୨୫ | ବିଲ ଅଣଜଳସେଚିତ ଦୁଇ | ରଘୁ ଗଉଡ, ଭଲା ଗଉଡ ପି: ଉଜ୍ଜ୍ୱଳ ଗଉଡ ଜା: ଗଉଡ ବା: ନିଜଗାଁ | |
| ୨୨ | ୧୩୭ | ୧୭୦୨ | ୦.୪୧୦ | ୦.୦୮୫ | ପଦର | ରାଜେନ୍ଦ୍ର ନାୟକ, ରବି ନାୟକ, କାମିନି ନାୟକ, ତନୁ ନାୟକ, ଝୁନୁ ନାୟକ ପି: କାଣ୍ଡିଆ ନାୟକ ଜା: କୁରୁମ ବା: ନିଜଗାଁ | |
| ୨୩ | ୧୩୯ | ୧୭୨୧ | ୦.୬୦୦ | ୦.୧୦୦ | ପଦର | ରାଜୁ ପାତ୍ର ପି: ରୁଷି ପାତ୍ର ଜା: କୁରୁମ ବା: ନିଜଗାଁ | |
| ୨୪ | ୧୫୦ | ୨୦୭୮ | ୦.୫୫୦ | ୦.୦୭୫ | ପଦର | ସନ୍ତୋଷ ପାତ୍ର ପି:ଅର୍ଜୁନ ପାତ୍ର, ଉଲି ପାତ୍ର ସ୍ୱା: ଅର୍ଜୁନ ପାତ୍ର ଜା: କୁରୁମ ବା: ନିଜଗାଁ | |
| ୨୫ | ୧୬୬ | ୨୦୮୩ | ୦.୩୦୦ | ୦.୦୪୦ | ପଦର | ସୁବୁଧି ପାତ୍ର ପି: ବାଉରି ପାତ୍ର ଜା: କୁରୁମ ବା: ନିଜଗାଁ | |
| ୨୬ | ୧୭୨ | ୨୦୮୯ | ୦.୦୯୦ | ୦.୦୫୦ | ପଦର | ସୁଦର୍ଶନ ପାତ୍ର ପି: ଭୀମ ପାତ୍ର ଜା: କୁରୁମ ବା: ନିଜଗାଁ | |
| ୨୭ | ୧୮୩ | ୧୬୦୮ | ୦.୭୮୦ | ୦.୧୫୫ | ପଦର | ଗ୍ରାମବାସୀଙ୍କ ତରଫେ ବା:ହେରମ୍ବ ନାୟକ, ବାଇ ନାୟକ, ରତନ ନାୟକ ପି:କାଲୁ ନାୟକ, ଜାଗିଲି ନାୟକ, ଗୋବିନ୍ଦ ନାୟକ, ଉଲି ନାୟକ ପି: ବେନୁ ନାୟକ, ପଠାଣି ନାୟକ, ରାମ ନାୟକ, ମୋଟିଆଣି ନାୟକ ପି: ଲାଲୁ ନାୟକ, ପର୍ଶୁରାମ ନାୟକ, ବିଦ୍ଧାଧର ନାୟକ, ଅଲେଖ ନାୟକ, କୃଷ୍ଣଚନ୍ଦ୍ର ନାୟକ, ତମାଳ ନାୟକ ପି: ଧନୁ ନାୟକ, ଝୁମ୍ପା ନାୟକ ସ୍ୱା: ଧନୁ ନାୟକ ଜା: କୁରୁମ ବା: ନିଜଗାଁ | |
| ୨୮ | ୧୮୫ | ୧୫୯୦ | ୦.୧୨୦ | ୦.୦୪୦ | ବିଲ ଅଣଜଳସେଚିତ ଦୁଇ | ହେରମ୍ବ ନାୟକ, ବାଇ ନାୟକ, ରତନ ନାୟକ ପି:କାଲୁ ନାୟକ, ଜାଗିଲି ନାୟକ, ଗୋବିନ୍ଦ ନାୟକ, ଉଲି ନାୟକ ପି: ବେନୁ ନାୟକ, ପଠାଣି ନାୟକ, ରାମ ନାୟକ, ମୋଟିଆଣି ନାୟକ ପି:ନାଲୁ ନାୟକ, ପର୍ଶୁରାମ ନାୟକ, ବିଦ୍ଧାଧର ନାୟକ, ଅଲେଖ ନାୟକ, କୃଷ୍ଣଚନ୍ଦ୍ର ନାୟକ, ତମାଳ ନାୟକ ପି: ଧନୁ ନାୟକ, ଝୁମ୍ପା ନାୟକ ସ୍ୱା: ଧନୁ ନାୟକ ଜା: କୁରୁମ ବା: ନିଜଗାଁ | |
| | | ୧୫୯୫ | ୧.୮୫୦ | ୦.୦୧୦ | ବିଲ ଜଳସେଚିତ ଦୋଫସଲି | | |
| | | ୧୫୯୮ | ୦.୦୬୫ | ୦.୦୧୦ | ବିଲ ଅଣଜଳସେଚିତ ଦୁଇ | | |
| | | ୧୫୯୯ | ୦.୦୮୫ | ୦.୦୧୦ | ବିଲ ଅଣଜଳସେଚିତ ଦୁଇ | | |
| | | ୧୬୦୦ | ୦.୪୬୦ | ୦.୦୧୦ | ପଦର | | |
| | | ୧୬୦୧ | ୦.୩୦୦ | ୦.୦୧୦ | ପଦର | | |
| | | ୧୬୦୬ | ୦.୪୮୫ | ୦.୦୧୦ | ପଦର | | |
| | | ୨୦୧୧ | ୦.୨୪୫ | ୦.୦୧୦ | ପଦର | | |
| | | ୨୦୩୯ | ୦.୩୮୦ | ୦.୦୧୦ | ପଦର | | |
| | | ୨୦୫୭ | ୦.୧୮୫ | ୦.୦୧୦ | ବିଲ ଅଣଜଳସେଚିତ ଦୁଇ | | |
| | | ୨୧୨୭ | ୦.୫୨୦ | ୦.୦୧୦ | ପଦର | | |
| | | ୨୧୩୦ | ୦.୬୮୦ | ୦.୨୦୦ | ପଦର | | |
| ୨୯ | ୧୮୫/୫ | ୨୦୦୯ | ୦.୫୪୦ | ୦.୧୦୫ | ପଦର | ଚିତ୍ରସେନ ନାୟକ ପି: ନଟବର ନାୟକ ଜା: କୁରୁମ ବା: ଦୋଳବ | |
| ୩୦ | ୧୮୫/୧୧ | ୧୭୨୦ | ୧.୦୦୦ | ୦.୧୮୫ | ପଦର | ଗଣେଶ ନାୟକ ପି: ହେରମ୍ବ ନାୟକ ଜା: କୁରୁମ ବା: ନିଜଗାଁ | |
| ୩୧ | ୧୮୫/୧୯ | ୨୧୦୮ | ୦.୧୩୦ | ୦.୦୧୦ | ପଦର | ବାବାଜୀ ନାୟକ ପି: ବୀର ନାୟକ ଜା: କୁରୁମ ବା: ଦୋଳବ | |
| | | ୨୧୦୭ | ୦.୧୩୦ | ୦.୦୦୫ | | | |
| | | ୧୭୦୫ | ୦.୧୩୦ | ୦.୦୯୦ | | | |
| ୩୨ | ୧୮୫/୩୪ | ୨୦୭୯ | ୦.୪୬୦ | ୦.୦୭୦ | ପଦର | ସନ୍ତୋଷ ପାତ୍ର ପି:ଅର୍ଜୁନ ପାତ୍ର ଜା: କୁରୁମ ବା: ଦୋଳବ | |
| ୩୩ | ୧୮୫/୮୫ | ୨୦୮୪ | ୦.୦୮୫ | ୦.୦୨୦ | ପଦର | ସୁମତି ମଣ୍ଡଳ ସ୍ୱା: କୋରା ମଣ୍ଡଳ ଜା: କୁରୁମ ବା: ନିଜଗାଁ | |
| ୩୪ | ୧୮୫/୮୭ | ୨୦୭୨ | ୦.୮୭୦ | ୦.୧୩୦ | ପଦର | ନମିତା ପ୍ରଧାନ ସ୍ୱା: ଭଗବାନ ପ୍ରଧାନ ଜା: କୁରୁମ ବା: ଡୁଣ୍ଡରା | |
| ୩୫ | ୧୮୫/୯୦ | ୨୦୨୭ | ୦.୧୪୦ | ୦.୦୦୫ | ବିଲ ଅଣଜଳସେଚିତ ଦୁଇ | ସୁଦର୍ଶନ ନାୟକ ପି:ନଟବର ନାୟକ ଜା: କୁରୁମ ବା: ନିଜଗାଁ | |
| ୩୬ | ୧୮୫/୯୧ | ୧୭୧୧ | ୦.୧୦୬ | ୦.୦୬୫ | ପଦର | ସିମାଞ୍ଚଳ ପାତ୍ର ପି:କୋରା ପାତ୍ର ଜା: କୁରୁମ ବା: ନିଜଗାଁ | |
| ୩୭ | ୧୮୫/୧୨୩ | ୨୦୭୭ | ୦.୪୭୫ | ୦.୦୬୫ | ପଦର | ପୂର୍ଣ୍ଣବାସୀ ପ୍ରଧାନ ସ୍ୱା: ବାସୁଦେବ ପ୍ରଧାନ ଜା: କୁରୁମ ବା: ଡୁଣ୍ଡରା | |

ମୋଟ - ୩.୫୮୫ ଏକର

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଂଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR-24001/24001/3/26-27/0120

13001/1367/2627

Phone No. : (0661)-2500224
Email ID : secretaryrda@gmail.com

### GOVERNMENT OF ODISHA
### ROURKELA DEVELOPMENT AUTHORITY, ROURKELA
NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No. 04/Rkl. RDA/2026-27 Dt.30.07.2026

| | | |
|---|---|---|
| 01. | Name of the Work | 1 no. works |
| 02. | Estimated Cost | 30.14 Lakhs |
| 03. | Period of Completion | 60 (Ninety) days |
| 04. | Date & Time of availability of bid document in the portal | From 11.00 AM of dt.31.07.26 to 5.00 PM of dt.11.08.26 |
| 05. | Last date / time of receipt of bids in the portal | 5.00 PM of 11.08.26 |
| 06. | Date & Time of opening of bids | At 11.00 AM of 12.08.26 |
| 07. | Name and Address of the Officer Inviting Bid | Secretary, Rourkela Development Authority, Uditnagar, Rourkela-769012. |

Further details can be seen from the web site www.tendersodisha.gov.in

Secretary,
Rourkela Development Authority, Rourkela

OIPR-13001/13250/1/26-27/0028

### KASTURBA GANDHI BALIKA VIDYALAYA OAV, BANDUPALI
BLOCK-RAJBODASAMBAR DIST-BARAGADA PIN 768036

Letter No- 01 Date- 28.07.2026

27001/115/2627 **SHORT TENDER CALL NOTICE**

Sealed Tender are invited from the registered/reputed firms and manufacturer having valid Pan, valid Goods and service Tax (GST) registration certificate for supply of following items like Grocery, Cosmetics, Dress material, Course Book,, Medicine, Non-Veg items, Milk Product, Toilet items, Vegetable, Fruits to the Kasturba Gandhi Balika Vidyalaya, OAV Bandupali Block-Rajbodasambar, Dist–Baragada Pin-768036 for the year 2026-27.

Last date of receipt of tender form is **18.08.2026 at 4.00 PM.** For details contact the undersigned with in office Hours.

Sd/- Principal Cum convenor
KGBV-IV, OAV, Bandupali RBS, Bargarh

OIPR-27001/27257/1/26-27/0001

### OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL
10001/421/2627 Notice No. 4282 Date: 31/07/26

**TENDER CALL NOTICE FOR SUPPLY OF DRUGS, LABORATORY REAGENTS & CONSUMABLES**

Sealed tenders are invited from different bidders having valid GST registration & Drug License for supply of Items as per the specification given by Chief District Medical & Public Health Officer, Dhenkanal. The detailed terms and conditions along with list of items are available on the website www.dhenkanal.odisha.gov.in, which may be downloaded for reference. Interested parties may submit their offers in sealed covers super-scribing as "Tender for supply of Drugs, Laboratory Reagents & Consumables with reference to Advertisement No. ______ dt. ________" to the undersigned through registered post/speed post only, which should reach on or before 5.00 P.M. of dt. 24.08.2026 positively and will be opened on next day at 11.00 AM before District Purchase Committee at office of the CDM & PHO, Dhenkanal in presence of the participants, who wish to attend the Tender Opening Meeting. In case of any bid amendment and clarification, responsibility lies with the bidders to collect the same from the website. The CDM&PHO, Dhenkanal shall have no responsibility for any delay/omission on part of the bidder. The tender paper will be rejected if the bidder changes any clause or annexure of the bid document downloaded from the website. The undersigned reserves the right to reject any or all the tenders without assigning any reason thereof.

Sd/-Chief District Medical &
Public Health Officer, Dhenkanal

OIPR-10001/10059/1/26-27/0009

## ଅମାମୁଣ୍ଡାରେ ବନ ମହୋତ୍ସବ ଓ ପରିବେଶ ସୁରକ୍ଷା ସପ୍ତାହ

ପଦ୍ମପୁର,୩୧।୭ (ସମିସ): ପଦ୍ମପୁର ବ୍ଲକ୍ ଅମାମୁଣ୍ଡା ଗ୍ରାମରେ ପ୍ରକୃତି ସେବକ ସୁରେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ବନମହୋତ୍ସବ ଓ ପରିବେଶ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଅମାମୁଣ୍ଡା ଗ୍ରାମରୁ ଜମଲା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଗ୍ରାମବାସୀଙ୍କ ସହଯୋଗରେ ୫୦୦ରୁ ଅଧିକ ବିଭିନ୍ନ ପ୍ରଜାତିର ଚାରାରୋପଣ କରାଯାଇଥିଲା। ପରିବେଶ ସୁରକ୍ଷା, ସବୁଜିମା ବୃଦ୍ଧି ଏବଂ ଆଗାମୀ ପିଢ଼ି ପାଇଁ ସୁସ୍ଥ ପରିବେଶ ସୃଷ୍ଟିର ବାର୍ତ୍ତା ଦେବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। ଏହି ସାମୂହିକ କାର୍ଯ୍ୟକ୍ରମରେ ଅମାମୁଣ୍ଡା ଗ୍ରାମର ବହୁ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ସହକାରୀ ଶିକ୍ଷକ ବୁଲୁ ଠେଲା ମଧ୍ୟ ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



ପାଇକମାଲ,୩୧।୭ (ସମିସ): ପାଇକମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଅରୁଣ ଶ୍ରେଣୀରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ମୋଟ ୧୨୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସରୋଜ ପ୍ରଧାନ ଯୋଗଦେଇ ପ୍ରକଳ୍ପଗୁଡ଼ିକ ପରିଦର୍ଶନ କରିଥିଲେ। ପ୍ରକଳ୍ପ ମୂଲ୍ୟାୟନ ଓ ନିରୀକ୍ଷଣରେ ହୃଦାନନ୍ଦ ଭୋଇ, ରାଜେନ୍ଦ୍ର ସାହୁ, ସୁବାସ ନାଏକ, ବିଜୟଲକ୍ଷ୍ମୀ ପ୍ରଧାନ, ମୀନକେତନ ସାହୁ, ମୀନକେତନ ବେହେରା ଏବଂ ଯୋଗେଶ୍ୱର ନାୟକ ସହଯୋଗ କରିଥିଲେ। ସଭାରେ ମୀନକେତନ ବେହେରା ସଭାପତିତ୍ୱ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସାନନ୍ଦ ବାରିକଙ୍କ ନେତୃତ୍ୱରେ ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଓ ଆଚାର୍ଯ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରିଚାଳନା ସମିତିର ସମସ୍ତ ସଦସ୍ୟ ଓ ସଦସ୍ୟା ମଧ୍ୟ ଉପସ୍ଥିତ ରହିଥିଲେ। ଶେଷରେ ପରିଚାଳନା ସମିତିର ସମ୍ପାଦକ ନନ୍ଦଲାଲ ନାୟକ ଧନ୍ୟବାଦ ଜ୍ଞାପନ କରିବା ସହ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ପୂର୍ବତନ କାଉନସିଲରଙ୍କ ପରଲୋକ



ପଦ୍ମପୁର,୩୧।୭ (ସମିସ): ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ ନଂ-୩ର ପୂର୍ବତନ କାଉନ୍ସିଲର ବିଜୟ କୁମାର ଭୋଇଙ୍କ ଗୁରୁବାର ରାତିରେ ୪୦ବର୍ଷ ବୟସରେ ପରଲୋକ ଘଟିଛି। ପତ୍ନୀ ପ୍ରଭାତି ଭୋଇ, ପୁଅ ହରିଶ ଭୋଇ ଓ ଦିବ୍ୟ ଭୋଇଙ୍କ ସମେତ ସମ୍ପର୍କୀୟ ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ବଡ଼ପୁଅ ହରିଶ ମୁଖାଗ୍ନି ଦେଇଥିଲେ।

## ବିକାଶ ନର୍ସିଂ କଲେଜରେ ଶପଥ ସମାରୋହ




ବରଗଡ଼,୩୧।୭ (ସମିସ): ବିକାଶ ହାୟର ଏଜୁକେସନାଲ୍ ଇନ୍ଷ୍ଟିଚ୍ୟୁଟ୍ ଅନ୍ତର୍ଗତ ବିକାଶ ନର୍ସିଂ କଲେଜ ଦ୍ୱାରା ପ୍ରଦୀପ ଆଲୋକୀକରଣ ସହ ଶପଥ ସମାରୋହ ସମ୍ପନ୍ନ ହୋଇଛି। ବିକାଶ କନ୍‌ଭେନସନ୍ ହଲ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ଅଧିକାରୀ ଇଂ ଅଜୟ କୁମାର ମହାପାତ୍ର, ବିକାଶ ମଲ୍‌ଟି ସ୍ପେସିଆଲିଟି ହସ୍ପିଟାଲର ଡାକ୍ତରୀ ନିର୍ଦ୍ଦେଶକ ଡ. ହିମାଂଶୁ ଶେଖର ମିଶ୍ର, ଭାରତୀୟ ତାଲିମପ୍ରାପ୍ତ ନର୍ସ ସଂଘର ଉପରାଷ୍ଟ୍ରପତି ଦିପ୍ତିମୟୀ ମଲ୍ଲିକ ଅତିଥି ଭାବେ ଓ ବିକାଶ ହାୟର ଏଜୁକେସନାଲ୍ ଇନ୍ଷ୍ଟିଚ୍ୟୁଟର ଡିନ୍ ଆର୍. ଏସ୍. ଭି କ୍ରିଷ୍ଣା ଉପସ୍ଥିତ ଥିଲେ। ନର୍ସିଂ କଲେଜର ଅଧ୍ୟକ୍ଷା ଦୀପାଞ୍ଜଳି ପଟେଲ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟକ୍ଷା ଦୀପାଞ୍ଜଳି ପଟେଲ ତଥା ସମସ୍ତ ଅଧ୍ୟାପକ-ଅଧ୍ୟାପିକାଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଗଣ ଶପଥ ଗ୍ରହଣ କରିଥିଲେ। ଅଧ୍ୟାପିକା ଗ୍ଲାଡିସ ଦାସ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ବରଗଡ଼ ମହିଳା ସମିତି ପକ୍ଷରୁ ରିଲିଫ ବଣ୍ଟନ




ବରଗଡ଼,୩୧।୭ (ସମିସ): ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ବରଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚକରକେନ୍ଦ ପଞ୍ଚାୟତରେ ନେହେରୁ ଆସୋସିସନର ମହିଳା ସମିତି ପକ୍ଷରୁ ରିଲିଫ ବଣ୍ଟନ କରାଯାଇଛି। ମହିଳା ସଦସ୍ୟାମାନେ ପହଞ୍ଚି ବସ୍ତି ଅଞ୍ଚଳରେ ଶୁଖିଲା ଖାଦ୍ୟ ଚୁଡ଼ା, ଗୁଡ଼, ବିସ୍କୁଟ ଓ କଦଳୀ ବଣ୍ଟନ କରିଥିଲେ। ଘରେ ପାଣି ପଶିଥିବା ୭୦ଜଣଙ୍କୁ ଏହି ଶୁଖିଲା ଖାଦ୍ୟ ପ୍ୟାକେଟ ବଣ୍ଟନ କରାଯାଇଥିଲା। ସମିତିର ସଭାନେତ୍ରୀ ସୁଷମା ଭୋଇ ଓ ସମ୍ପାଦିକା ଅନୁପମା ମିଶ୍ରଙ୍କ ନେତୃତ୍ୱରେ ସଦସ୍ୟା ମାନିନୀ ଭୋଇ, ରୁବି ଦାଶ, ସୁଭଦ୍ରା ରାଓ, ପିଙ୍କି ନନ୍ଦ, ଶିବାନୀ ଭୋଇ, ରୀନା ବେହେରା, କନକ ମହାନ୍ତି, ସୁମି ବିଶ୍ୱାଳ ଓ ବିନି ମହାନା ପ୍ରମୁଖ ରିଲିଫ୍ ବଣ୍ଟନ କରିଥିଲେ।

## ଜୋଙ୍କ ନଦୀରେ ଫସିଥିବା ୮ ଜଣ ଉଦ୍ଧାର



ଝାରବନ୍ଧ,୩୧।୭ (ସମିସ): ଝାରବନ୍ଧ ବ୍ଲକ ବଡଅନକି ଜୋଙ୍କ ନଦୀ ବ୍ରିଜ କାମ କରୁଥିବା ବେଳେ ଲଗାଣ ବର୍ଷା ଯୋଗୁଁ ନଦୀରେ ଜଳସ୍ତର ହଠାତ୍ ବୃଦ୍ଧି ପାଇଥିଲା। ନଦୀ ମଝିରେ ୮ ଜଣ ବ୍ୟକ୍ତି ଫସି ଯାଇଥିଲେ। ଖବର ପାଇ ଝାରବନ୍ଧ ଅଗ୍ନିଶମ ବାହିନୀର ଏକ ସ୍ୱତନ୍ତ୍ର ଉଦ୍ଧାରକାରୀ ଦଳ ପହଞ୍ଚି ୮ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରିଛି। ଝାରବନ୍ଧ ଅଗ୍ନିଶମ କେନ୍ଦ୍ରର ଓଆଇସି କୃଷ୍ଣଚନ୍ଦ୍ର ସବରଙ୍କ ନେତୃତ୍ୱରେ ଡ୍ରାଇଭର ହାବିଲଦାର ଅକ୍ରୂର ଚରଣ ସାହୁ, ଫାୟାରମ୍ୟାନ୍ ରାଧାକାନ୍ତ ପଟେଲଙ୍କ ସହିତ ଦୁଃଖୀରାମ ପ୍ରଧାନ, ପବନ କୁମାର ସବର ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ବନ୍ୟା ପରିସ୍ଥିତି ଓ ପ୍ରବଳ ସ୍ରୋତ ସତ୍ତ୍ୱେ ଦଳର ସଦସ୍ୟମାନେ ସାହସିକତାର ସହ ଉଦ୍ଧାର କରିଥିଲେ।

### ଅଙ୍ଗନବାଡ଼ି କର୍ମୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

# ପୋଷଣ ସଂଯୋଜକଙ୍କ ବଦଳି ପାଇଁ ସିଡିପିଓଙ୍କୁ ଦାବିପତ୍ର



- ଅଡିଟର ଖର୍ଚ୍ଚ ନାଁରେ ଲକ୍ଷାଧିକ ଟଙ୍କା ଆଦାୟ
- କିଏ ନେଲା ଟଙ୍କା ତଦନ୍ତ ଦାବି

ସୋହେଲା,୩୧।୭ (ସମିସ)

ସୋହେଲା ଆଇସିଡ଼ିଏସ୍ କାର୍ଯ୍ୟାଳୟରେ ପୋଷଣ ସଂଯୋଜକ ଭାବରେ କାର୍ଯ୍ୟ କରୁଥିବା ଜନୈକ ଠିକା କର୍ମଚାରୀ ଅଙ୍ଗନବାଡ଼ି କେନ୍ଦ୍ରମାନଙ୍କୁ ତଦନ୍ତ ନାଁରେ ଯାଇ କର୍ମୀମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ଅଭିଯୋଗ କରି ତାଙ୍କ ବଦଳି ଦାବି କରାଯାଇଛି। ଏନେଇ ସୋହେଲା ବ୍ଲକ ଅଙ୍ଗନବାଡ଼ି କର୍ମୀ ସଙ୍ଘ ପକ୍ଷରୁ ବରଗଡ଼ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସୋହେଲା ସିଡିପିଓ ସଂଯୁକ୍ତା ବରିହାଙ୍କୁ ପ୍ରଦାନ କରାଯାଇଛି। ତେବେ ପ୍ରଦାନ କରାଯାଇଥିବା ଦାବିପତ୍ରରେ ଏକ ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି।

ଗତ ମାର୍ଚ୍ଚ ମାସରେ ସୋହେଲା ସିଡିପିଓଙ୍କ କାର୍ଯ୍ୟାଳୟ ଅଡିଟ୍ ହୋଇଥିଲା। ଅଡିଟ୍ ଖର୍ଚ୍ଚ ନାଁରେ ବ୍ଲକର ପ୍ରତ୍ୟେକ ଅଙ୍ଗନବାଡ଼ି କର୍ମୀଙ୍କ ନିକଟରୁ ୧ହଜାର ଟଙ୍କା ଲେଖାଏଁ ଆଦାୟ କରାଯାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଟଙ୍କା ଆଦାୟ ଘଟଣା ଯଦି ସତ ତେବେ ସୋହେଲା ବ୍ଲକରେ ମୋଟ ୩୨୮ ଗୋଟି ଅଙ୍ଗନବାଡ଼ି କେନ୍ଦ୍ର ରହିଛି ଓ ପ୍ରତ୍ୟେକ କେନ୍ଦ୍ରରୁ ହଜାରେ ହିସାବରେ ଆଦାୟ ହୋଇଥିଲେ ମୋଟ ୩ଲକ୍ଷ ୨୮ ହଜାର ଟଙ୍କା ଆଦାୟ କରାଯାଇଛି। ଏତେ ଟଙ୍କା ଅଡିଟର୍‌ମାନଙ୍କୁ କ'ଣ ପାଇଁ ଦିଆଗଲା ଯଦି ଅଡିଟର ଟଙ୍କା ନେଇନାହାନ୍ତି ତେବେ ତାହା ଗଲା କୁଆଡ଼େ ଗଲା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଙ୍ଗନବାଡ଼ି କର୍ମୀଙ୍କ ନିକଟରୁ ଏହି ହଜାରେ ଟଙ୍କା କିଏ ଆଦାୟ କଲେ ଏବଂ କାହା ନିର୍ଦ୍ଦେଶରେ ଆଦାୟ କରାଗଲା ତାହାର ଉଚ୍ଚସ୍ତରୀୟ ତଦନ୍ତ ଦାବି ହେଉଛି। କର୍ମୀମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଉକ୍ତ ପୋଷଣ ସଂଯୋଜକଙ୍କୁ ୭ଦିନ ମଧ୍ୟରେ ବଦଳି କରା ନଗଲେ ବ୍ଲକର ସମସ୍ତ ଅଙ୍ଗନବାଡ଼ି କର୍ମୀମାନେ ସାମୂହିକ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିବା ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଏ ସମ୍ପର୍କରେ ବରଗଡ଼ ଜିଲା ସମାଜ କଲ୍ୟାଣ ଅଧିକାରିଣୀ ସନ୍ଧ୍ୟାରାଣୀ ନେପାକଙ୍କୁ ପଚାରିବାରୁ ଅଭିଯୋଗ ସମ୍ପର୍କରେ ସେ ବର୍ତ୍ତମାନ ସୁଦ୍ଧା କିଛି ସୂଚନା ପାଇ ନ ଥିବା କହିଥିଲେ।

## ସୋହେଲା କଲେଜ ଶକ୍ତିଶ୍ରୀ ସେଲ୍ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ



ସୋହେଲା,୩୧।୭ (ସମିସ): ସୋହେଲା ମହାବିଦ୍ୟାଳୟ ଶକ୍ତିଶ୍ରୀ ସେଲ୍ ପକ୍ଷରୁ ଛାତ୍ରୀମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଡ. ହରିହର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ତଥା ଶକ୍ତିଶ୍ରୀ ସେଲର ସଂଯୋଜିକା ଡ. ସୁନୀତି ଦାଶ ପରିଚାଳନା କରିଥିଲେ। ଏହି ଅବସରରେ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରୀ ମିତା ବିଶିଙ୍କୁ ସର୍ବସମ୍ମତି କ୍ରମେ ଶକ୍ତିଶ୍ରୀ ସାଥି ଏବଂ ଅନ୍ୟ ଛାତ୍ରୀମାନଙ୍କୁ ଶକ୍ତିଶ୍ରୀ ସଦସ୍ୟା ଭାବରେ ମନୋନୀତ କରାଯାଇଥିଲା। ସୋହେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଅଭିଜ୍ଞ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉପଯୁକ୍ତ ଦିଗଦର୍ଶନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଡ. ବିଶ୍ୱନିବେଦିତା ମେହେର, ଡ. ଯାଜ୍ଞସେନୀ ପ୍ରଧାନ, ସୁଭଦ୍ରା ଦଳପତି ପ୍ରମୁଖ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଏକ ସୁସ୍ଥ ନିରାମୟ ଜୀବନ ନିମନ୍ତେ ସଚେତନ କରିବା ସହିତ ଉପଯୁକ୍ତ ସ୍ୱଚ୍ଛତା, ଖାଦ୍ୟାଭ୍ୟାସ ଓ ଟୀକାକରଣ ସମ୍ପର୍କରେ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଇଂରାଜୀ ବିଭାଗର ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଜୟଶ୍ରୀ ସାହୁ, ଅସ୍ମିତା ମିଶ୍ର, ଡ. ଇସ୍ପୀରାଣୀ ପ୍ରଧାନ, ମୌସୁମୀ ବାରିକ, ସୁନିତା ସେଠ, ମିଥିଲେଶ କିରୋ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜନୀତି ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ପ୍ରେମଚାନ୍ଦ ଦୁଆନ, ପ୍ରତାପ ଚନ୍ଦ୍ର ମିଶ୍ର, ପରିତୋଷ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ସୁରେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନୃସିଂହନାଥରେ ୭୭ତମ ବନ ମହୋତ୍ସବ



ପାଇକମାଲ,୩୧।୭ (ସମିସ): ପ୍ରସିଦ୍ଧ ତୀର୍ଥକ୍ଷେତ୍ର ନୃସିଂହନାଥ ପୀଠରେ ୭୭ତମ ବନ ମହୋତ୍ସବ ଅବସରରେ ନୃସିଂହନାଥ ମନ୍ଦିର ପ୍ରଶାସନ ଓ ବନ ବିଭାଗର ମିଳିତ ଉଦ୍ୟମରେ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପଦ୍ମପୁର ଉପଜିଲ୍ଲାପାଳ (ଏଡିଏମ) ସରୋଜିନୀ ପ୍ରସନ୍ନ କୁଲ୍ଲୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷଦେବତାଙ୍କ ପୂଜା କରି ଚାରାରୋପଣର ଶୁଭାରମ୍ଭ କରିଥିଲେ। ନୃସିଂହନାଥ ଆୟୁର୍ବେଦ କଲେଜ ନିକଟରୁ ଗୁରୁଣ୍ଡା ରାସ୍ତା ପାର୍ଶ୍ୱରେ ପ୍ରାୟ ୫୦ଟି ଚାରା ଲଗାଯାଇଥିଲା। କାର୍ଯ୍ୟକ୍ରମରେ ୱାଟରସେଡ୍ ପିଡି ଏଲୋଇସ କେରକେଟ୍ଟା, ନୃସିଂହନାଥ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ସାମ୍ବାଦିକ ସଂଘର ସଭାପତି ବଡ଼ ଶତପଥୀ, ପ୍ରକୃତିବନ୍ଧୁ ବିଭୂତି ମୁଣ୍ଡ, ଫରେଷ୍ଟର ରମେଶ ପ୍ରଧାନ, ଶ୍ରୀନିବାସ ରାଓ ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମ ପରେ ଏଡିଏମ ଶ୍ରୀମତୀ କୁଲ୍ଲୁ ନୃସିଂହନାଥ ମନ୍ଦିର ଓ ଝରଣା ଅଞ୍ଚଳ ପରିଦର୍ଶନ କରିଥିଲେ। ଶିବମନ୍ଦିର ନିକଟରେ ନିର୍ମାଣାଧୀନ ବ୍ରିଜ ସ୍ଥଳରେ ବର୍ଷା ଜଳର ପ୍ରବଳ ସ୍ରୋତ ଯୋଗୁଁ ସୃଷ୍ଟି ହୋଇଥିବା ସମସ୍ୟାର ସମୀକ୍ଷା କରି ସେଠାରେ ଏକ ସୁଇସ୍ ଗେଟ୍ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ସେହିପରି ମୁଖ୍ୟ ମନ୍ଦିର ନିକଟରେ ଝରଣା ଉପରେ ଥିବା ଶିବମନ୍ଦିରକୁ ଯାତାୟାତ ସୁବିଧା ପାଇଁ ଶୀଘ୍ର ଏକ ବ୍ରିଜ ଓ ପାହାଚ ନିର୍ମାଣ କରାଯିବ ବୋଲି ସେ କହିଥିଲେ। ଏହାଦ୍ୱାରା ଚାଲଧାର ଜଳପ୍ରପାତର ସୌନ୍ଦର୍ଯ୍ୟ ଓ ପର୍ଯ୍ୟଟନ ସୁବିଧାରେ ବୃଦ୍ଧି ଘଟିବ ବୋଲି ସେ ମତ ପ୍ରକାଶ କରିଥିଲେ। ଝରଣାରେ ବର୍ଷା ଦିନରେ ଜଳପ୍ରବାହ ବଢ଼ିଥିବାରୁ ସ୍ନାନ କରିବାକୁ ଆସୁଥିବା ଶ୍ରଦ୍ଧାଳୁ, ବିଶେଷକରି ମହିଳାମାନଙ୍କୁ ସତର୍କତା ଅବଲମ୍ବନ କରି ସୁରକ୍ଷିତ ଭାବେ ସ୍ନାନ କରିବାକୁ ଏଡିଏମ ପରାମର୍ଶ ଦେଇଥିଲେ।

## ବାଇକ୍‌କୁ ପଛରୁ ଧକ୍କାଦେଲା ବଲେରୋ; ଜଣେ ମୃତ

ଗାଇସିଲେଟ,୩୧।୭ (ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ କଲେଜ ଛକ ପାଖରେ ଗୁରୁବାର ଅପରାହ୍ନରେ ଏକ ବାଇକ୍‌କୁ ପଛପଟୁ ବୋଲେରୋ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଜାମୁଟପାଲି ଗାଁର ମଧୁ ପ୍ରଧାନ। ଆହତ ଦୁଲାରସେନ ବାଗଙ୍କୁ ପ୍ରଥମେ ଗାଇସିଲେଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ମଧୁ ଓ ଦୁଲାରସେନ ଗାଇସିଲେଟରୁ ନିଜ ଗାଁ ଜାମୁଟପାଲିକୁ ଅପରାହ୍ନରେ ଫେରୁଥିବାବେଳେ ପଛପଟୁ ଏକ ବୋଲେରୋ (ଓଡି୧୭ଜି-୪୫୯୩) ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଗାଇସିଲେଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବାବେଳେ ମଧୁଙ୍କ ଅବସ୍ଥା ଗୁରୁତର ଥିବାରୁ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ କାକା ହରିବୋଲ ପ୍ରଧାନ ଗାଇସିଲେଟ ଥାନାରେ ଏତଲା ଦେବା ପରେ ପୁଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ବୋଲେରୋକୁ ଜବତ କରିଛି। ଶବ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଛି। ଘଟଣା ପରେ ବୋଲେରୋ ଚାଳକ ଫେରାର ହୋଇଯାଇଥିବା ଜଣାପଡ଼ିଛି।

## ପ୍ରବଳ ବର୍ଷାରେ ଛିନ୍ଦେଇକେଲା-ମାଲପଡ଼ା ରାସ୍ତା ଧୋଇଗଲା



ପାଇକମାଳ,୩୧।୭ (ସମିସ): ଲଗାଣ ବର୍ଷା ଯୋଗୁଁ ପାଇକମାଳ ବ୍ଲକ୍ ଛିନ୍ଦେଇକେଲା ପଞ୍ଚାୟତ ଛିନ୍ଦେଇକେଲା-ମାଲପଡ଼ା ରାସ୍ତାରେ ଥିବା ପୋଲ କ୍ଷତିଗ୍ରସ୍ତ ହୋଇଛି। ଯାତାୟାତ ପାଇଁ ଏହା ଏବେ ବିପଦସଙ୍କୁଳ ହୋଇପଡ଼ିଛି। ପ୍ରବଳ ବର୍ଷା ପରେ ପୋଲ ଉପରେ ଓ ପାଶ୍ୱର୍ ଅଞ୍ଚଳରେ ଅତ୍ୟଧିକ ଜଳ ପ୍ରବାହିତ ହେବାରୁ ମାଟି ଧୋଇଯାଇ ପୋଲ ଦୁର୍ବଳ ହୋଇ ପଡିଛି। ଏହି ରାସ୍ତା ଛିନ୍ଦେଇକେଲା, ମାଲପଡ଼ା ସମେତ ଆଖପାଖର ଅନେକ ଗ୍ରାମବାସୀଙ୍କ ପାଇଁ ପ୍ରମୁଖ ସଂଯୋଗ ପଥ। ପ୍ରତିଦିନ ଶତାଧିକ ଛାତ୍ରଛାତ୍ରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଯିବା ସହିତ ରୋଗୀ, ଚାଷୀ ଏବଂ ସାଧାରଣ ଲୋକ ମାଣ୍ଡୋସିଲ, ନୂଆପଡ଼ା ଓ ଅନ୍ୟାନ୍ୟ ସ୍ଥାନକୁ ବିଭିନ୍ନ କାମରେ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ପ୍ରବଳ ବର୍ଷା ପରେ ପୋଲର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବିଶେଷକରି ଜରୁରୀ ଚିକିତ୍ସା ସେବା ପାଇଁ ରୋଗୀ ପରିବହନ, ସ୍କୁଲକୁ ଯାଉଥିବା ଛାତ୍ରଛାତ୍ରୀ ଏବଂ ଦୈନିକ କାର୍ଯ୍ୟରେ ଯାଉଥିବା ଲୋକମାନେ ଅଧିକ ହଇରାଣ ହେଉଛନ୍ତି। ପୋଲର କ୍ଷତିଗ୍ରସ୍ତ ଅଂଶ ଦେଇ ଯାତାୟାତ କରିବା ସମୟରେ ଯେକୌଣସି ମୁହୂର୍ତ୍ତରେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଥିବାରୁ ସ୍ଥାନୀୟବାସିନ୍ଦାମାନେ ଚିନ୍ତା ପ୍ରକାଶ କରିଛନ୍ତି।

## ଏସ୍‌ଆଇଆର୍ ସମୟ ବୃଦ୍ଧି ପାଇଁ ବିଜେଡି ପକ୍ଷରୁ ଦାବିପତ୍ର



ବରଗଡ଼,୩୧।୭ (ସମିସ): ସମଗ୍ର ବରଗଡ଼ ଜିଲ୍ଲାରେ ଲଗାଣ ଓ ବ୍ୟାପକ ବର୍ଷା ଫଳରେ ସାଧାରଣ ଜନ ଜୀବନ ଅସ୍ତ ବ୍ୟସ୍ତ ହୋଇ ପଡିଥିବା ବେଳେ ଚାଷୀମାନେ ମଧ୍ୟ ନିଜ ନିଜ ଚାଷ କାର୍ଯ୍ୟରେ ବ୍ୟସ୍ତ ରହିଛନ୍ତି। ଏହି ସମୟରେ ବିଏଲ୍‌ଓ /ବିଏଲଏ ମାନଙ୍କ ଦ୍ୱାରା ଏସଆଇଆର୍‌ରେ କ୍ଷେତ୍ର ଯାଞ୍ଚ ବେଳେ ଦାବି ଓ ବିରୋଧ କାର୍ଯ୍ୟ କରିବା କଷ୍ଟସାଧ ହୋଇଛି। ଏହି ପରିପ୍ରେକ୍ଷୀରେ ଫର୍ମ ୬ ଓ ଫର୍ମ ୭ର ଯାଞ୍ଚ ନିରପେକ୍ଷ ଓ ସ୍ୱଚ୍ଛ ତଥା ନ୍ୟାୟ ସଂଗତ ଭାବେ କରିବା ଓ ଏଇଆର୍ ଓ /ଆର୍‌ଇଓ ମାନଙ୍କୁ ପର୍ଯ୍ୟାପ୍ତ ସମୟ ପ୍ରଦାନ କରିବା ଦ୍ୱାରା ଯୋଗ୍ୟ ଭୋଟରଙ୍କ ଭୁଲ ବିଲୋପକୁ ରୋକା ଯାଇ ପାରିବ ବୋଲି ବରଗଡ଼ ବିଜେଡି ପକ୍ଷରୁ ଦାବି କରାଯିବା ସହ ଚାଷକାର୍ଯ୍ୟ ଓ ପାଣିପାଗ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏସଆଇଆର୍ କ୍ଲେମ୍ ଓ ଅବଜେକ୍ସନ୍ ସମୟ ସୀମାକୁ ୩୦ ଦିନ ବୃଦ୍ଧି କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏଥି ସହିତ ବିଗତ ତିନି ଦିନ ତଳେ ପ୍ରବଳ ବର୍ଷା ଓ ଝଡ଼ରେ ବରଗଡ଼ ବ୍ଲକ ଚକରକେନ୍ ଗ୍ରାମର ବ୍ୟାପକ କ୍ଷୟକ୍ଷତିର ସଠିକ୍ ଆକଳନ କରି ରାଜ୍ୟ ସରକାରଙ୍କୁ ତୁରନ୍ତ ରିପୋର୍ଟ ପ୍ରଦାନ କରିବା ସହିତ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛି। ଚାଷୀଙ୍କୁ ଆବଶ୍ୟକ ମୁତାବକ ସାର ମିଳୁ ନ ଥିବା ବେଳେ ବାହାରେ ବ୍ୟାପକ କଳାବଜାର ହେଉଥିବାରୁ ଉଦ୍‌ବେଗ ପ୍ରକାଶ କରି ସରକାର ତୁରନ୍ତ କଳାବଜାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ବରଗଡ଼ ସହରରେ ପିଡବ୍ଲୁଡି ବିଭାଗର ଖାମଖିଆଲି ମନୋବୃତ୍ତି ଯୋଗୁଁ ଦେଖା ଦେଇଥିବା କୃତ୍ରିମ ବନ୍ୟା ଓ ଜଳବନ୍ଦୀ ପରିସ୍ଥିତିର ତଦନ୍ତ, ବରଗଡ଼ ଭେଡେନ କେନାଲର ତୁରନ୍ତ ମରାମତି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଗୁଡ଼ିକର ସମାଧାନ ପାଇଁ ବିଜେଡି ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ର ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌର ଅଧ୍ୟକ୍ଷା କଳ୍ପନା ମାଝୀ, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ବରଗଡ଼ ଟାଉନ ବିଜେଡି ସଭାପତି ଅନୁପ କୁମାର ଶତପଥୀ, ବରଗଡ଼ ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ନାଏକ, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଉମା ଚରଣ ରାଉତ, ଅବିନାଶ ମଲ୍ଲିକ, ରବୀନ୍ଦ୍ର ସାହୁ, ନିରଞ୍ଜନ ମହାନ୍ତି ପ୍ରମୁଖ ବିଜେଡି ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳ ଆଦିତ୍ୟ ଗୋୟଲ୍‌ଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

# ସ୍କୁଲ ପଡ଼ିଆରେ ମନ୍ଦିର ନିର୍ମାଣ ମସୁଧାକୁ ବିରୋଧ



- ଜିଲ୍ଲାପାଳ ଓ ରାଜସ୍ୱ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର
- ନ ଶୁଣିଲେ ତୀବ୍ର ବିରୋଧ ଚେତାବନୀ

ବରଗଡ଼,୩୧।୭ (ସମିସ)

୧୯୬୦ ମସିହାରୁ ପ୍ରତିଷ୍ଠିତ ବରଗଡ଼ର ସ୍ୱନାମ ଧନ୍ୟ ରାଣାପ୍ରତାପ ଉଚ୍ଚ ବିଦ୍ୟାଳୟର ଭିତ୍ତି ଭୂମିକୁ ସୁଦୃଢ଼ କରିବାକୁ ସେ ସମୟର କିଛି ବଦାନ୍ୟ ବ୍ୟକ୍ତି ବିଶେଷ ୫ ଏକର ୫୫ ଡେସିମିଲ ଜମି ଦାନ ସୂତ୍ରରେ ସ୍କୁଲ ନାମରେ ରେଜିଷ୍ଟ୍ରେସନ କରିଛନ୍ତି। ତେବେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉକ୍ତ ଜମିରେ ପର୍ଯ୍ୟାୟକ୍ରମେ ଡିଇଓ ଅଫିସ, ଇନଡୋର ଷ୍ଟାଡିୟମ୍ ଓ ଅନ୍ୱେଷା ଛାତ୍ରାବାସ ଭଳି ପ୍ରକଳ୍ପ ନିର୍ମାଣ କରି ସାରିଥିବା ବେଳେ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ବଳକା ଜମିରେ ଏବେ ପୁଣି ମନ୍ଦିର ନିର୍ମାଣ ପାଇଁ ମସୁଧା ଚଳାଇଛି। ଏହା ଜଣାପଡ଼ିବା ପରେ ଅଭିଭାବକ ଓ ପୁରାତନ ଛାତ୍ରଛାତ୍ରୀଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ପୂର୍ବରୁ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ପୁରାତନ ଛାତ୍ରସଂଘ ରାଣା ପ୍ରତାପ ସ୍କୁଲର ଅବଶିଷ୍ଟ ଜମିକୁ ଆଉ କୌଣସି ସଂସ୍ଥା ବା ପ୍ରକଳ୍ପକୁ ପ୍ରଦାନ ନ କରିବାକୁ ନିବେଦନ କରିଥିଲା। ଛାତ୍ରଛାତ୍ରୀ ସଂଖ୍ୟା ଦିନକୁ ଦିନ ବଢୁଥିବାବେଳେ ଭବିଷ୍ୟତରେ ଅତିରିକ୍ତ ଶ୍ରେଣୀ କୋଠରୀ, ଏମଡିଏମ ହଲ୍, ମିଟିଂ ହଲ ଓ ସ୍କୁଲର ଅନ୍ୟାନ୍ୟ ନିର୍ମାଣ ପାଇଁ ଜମିର ଆବଶ୍ୟକତା ରହିଥିବାବେଳେ ସ୍କୁଲ ପାଇଁ ଉଦ୍ଦିଷ୍ଟ ଜମିରେ ବିଭିନ୍ନ ପ୍ରକଳ୍ପ ନିର୍ମାଣକୁ ଅଭିଭାବକମାନେ ବିରୋଧ କରିଛନ୍ତି। ଆଗାମୀ ଦିନରେ ଏହି ସ୍କୁଲର ଭିତ୍ତିଭୂମି ପାଇଁ ଆହୁରି ଜମିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍କୁଲ ପାଇଁ ଦାନ ଦିଆଯାଇଥିବା ଜମି ଯଦି କୌଣସି ପ୍ରକଳ୍ପ ବା ସଂସ୍ଥାକୁ ପ୍ରଦାନ କରାଯାଏ ତାହେଲେ ତୀବ୍ର ବିରୋଧ କରାଯିବ ବୋଲି ଜିଲ୍ଲାପାଳ ବରଗଡ଼ ଓ ମାନ୍ୟବର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଉଦ୍ଦେଶ୍ୟରେ ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ ସଂଘ ଓ ପୁରାତନ ଛାତ୍ର ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି।

### ମାଲପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

## ବର୍ଷାରେ ଭୁଶୁଡ଼ିଗଲା ପୁରୁଣା ଶ୍ରେଣୀଗୃହ



ପାଇକମାଳ,୩୧।୭ (ସସିସ): ପାଇକମାଳ ବ୍ଲକ୍ ଛିନ୍ଦେଇକେଲା ପଞ୍ଚାୟତର ମାଲପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨ଟି ପୁରୁଣା ଶ୍ରେଣୀଗୃହ ପ୍ରବଳ ବର୍ଷାରେ ଭୁଶୁଡ଼ି ପଡ଼ିଛି। ତେବେ ରାତିରେ ଏହା ଘଟିଥିବାରୁ ସୌଭାଗ୍ୟବଶତଃ ଏକ ବଡ଼ ଧରଣର ଅଘଟଣ ଟଳି ଯାଇଛି। ଏହି ବିଦ୍ୟାଳୟରେ ଶିଶୁ ବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୯ଟି ଶ୍ରେଣୀରେ ୧୭୦ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ମାତ୍ର ୩ଟି ଶ୍ରେଣୀଗୃହରେ ପଢା ହେଉଛି। ଶ୍ରେଣୀଗୃହର ଘୋର ଅଭାବ ଯୋଗୁଁ ବିଦ୍ୟାଳୟ ପରିସରରେ ଥିବା ସିଆରସିସି କାର୍ଯ୍ୟାଳୟକୁ ଅସ୍ଥାୟୀ ଶ୍ରେଣୀକକ୍ଷ ଭାବେ ବ୍ୟବହାର କରାଯାଉଛି। ସେହିଭଳି ମାତ୍ର ୪ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଅନ୍ୟପକ୍ଷେ ସ୍ଥାୟୀ ପ୍ରଧାନ ଶିକ୍ଷକ ମଧ୍ୟ ନାହାନ୍ତି।

## ତରଭା- ମରାଡୁଗୁଛା- କଣ୍ଟାମାଲ ରାସ୍ତାରେ ୩ ଫୁଟ ପାଣି

**ତରଭା,୩୧।୭ (ସମିସ):** ତେଲନଦୀରେ ବନ୍ୟା ପାଣି ଫୁଲୁଥିବାରୁ ମରାଡୁଗୁଛା ହନୁମାନ ମନ୍ଦିର ନିକଟସ୍ଥ ମାହାରପଡା ନାଳର ଉଭୟ ପାର୍ଶ୍ୱରେ ୩ ଫୁଟ ଉଚ୍ଚ ବର୍ଷାଜଳ ଜମି ରହିଛି। ଏଣୁ ଗମନାଗମନ ଠପ୍ ହୋଇଯାଇଛି। ଇନ୍ଦ୍ରାବତି ଡ୍ୟାମରୁ ବନ୍ୟାଜଳ ନିଷ୍କାସନ ପାଇଁ ଗେଟ୍ ଖୋଲା ଯିବାରୁ ତେଲନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ତେଲନଦୀ ପାଣି ଫୁଲୁ ଥିବାରୁ ମାହାରପଡା ନାଳର ପାଣି ନିଷ୍କାସିତ ହୋଇ ପାରୁନାହିଁ। ଏହାଫଳରେ ତରଭା-ମରାଡୁଗୁଛା- କଣ୍ଟାମାଲ ରାସ୍ତାରେ ଗମନାଗମନ ପ୍ରଭାବିତ ହୋଇଛି।

## ଯୁବକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା; ଜଣେ ଗିରଫ

**ଶଗଡ଼ା,୩୧।୭ (ସମିସ):** ଘଣ୍ଟାପଡ଼ା ଥାନା ଆମ୍ବଗାଁରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ବିଲରେ ଚାଷ କରୁଥିବାବେଳେ ଜଣେ ଯୁବକକୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ମାରଣାସ୍ତ୍ର ସହ ହତ୍ୟାକାରୀକୁ ପୁଲିସ ଗିରଫ କରିଛି। ମୃତକ ହେଲେ ଉକ୍ତ ଗ୍ରାମର ରାଜ କୁମାର ରଣା। ଜମିବାଡ଼ି ବିବାଦ ସହ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଘଣ୍ଟାପଡା ପୁଲିସ ହତ୍ୟାକାରୀକୁ ଗିରଫ କରି ତଦନ୍ତ ଆରମ୍ଭ କରିଛି। ହତ୍ୟାକାରୀ ଯୁବକ ଜଣକ ହେଲେ ଆମ୍ବଗାଁର କାଳିବନ୍ତ ରଣା। ମୃତକଙ୍କ ସମ୍ପର୍କୀୟ ବୁବି ରଣାଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରି କାଳିବନ୍ତକୁ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରିଛି। ଆସନ୍ତାକାଲି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ସୌମ୍ୟରଞ୍ଜନ ପାତ୍ର ସୂଚନା ଦେଇଛନ୍ତି।

## ଭେରାଇଟି ଷ୍ଟୋର ତାଲା ଭାଙ୍ଗି ଚୋରି

**ତରଭା,୩୧।୭ (ସମିସ):** ତରଭା-ଚାରଭଟ୍ଟା ରାସ୍ତା ସରଗଜ ଛକରେ ଥିବା ଏକ ଭେରାଇଟି ଷ୍ଟୋରର ତାଲା ଭାଙ୍ଗି ଚୋରି ନେଇ ତରଭା ଥାନାରେ ଅଭିଯୋଗ ହୋଇଛି। ଷ୍ଟୋରର ମାଲିକ ନରେଶ ମିଶ୍ର ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ୨୪ ତାରିଖ ରାତିରେ କେହି ଦୁର୍ବୃତ୍ତ ଦୋକାନରେ ପଶି ବହୁ ମୂଲ୍ୟବାନ ଜିନିଷ ଓ ଦୋକାନରେ ଥିବା ନଗଦ ଟଙ୍କା ନେଇ ଯାଇଥିବା ଅଭିଯୋଗ କରିଛନ୍ତି। ଯାହାର ଆନୁମାନିକ ମୂଲ୍ୟ ୧୮ ରୁ ୨୦ ହଜାର ଟଙ୍କା ହେବ ବୋଲି ସେ ଏତଲାରେ ଦର୍ଶାଇଛନ୍ତି।

## ଦେଉଳି ଲୁଟ ଘଟଣାର ଆଉ ଜଣେ ଗିରଫ

**ଶଗଡା,୩୧।୭ (ସମିସ):** ମନମୁଣ୍ଡା ପୁଲିସ ଦେଉଳି ଠାରେ ହୋଇଥିବା ଏକ ଟଙ୍କା ଲୁଟ ଘଟଣାରେ ଆଉ ଜଣକୁ ଗିରଫ କରିଛି। ଏସ୍ଆଇ ପିଙ୍କି ପାତ୍ର ଅଭିଯୁକ୍ତ ସୋନୁ ମାଝୀକୁ ଆଜି ଦେଉଳି ଗ୍ରାମରୁ ଗିରଫ କରିଛନ୍ତି। ସୂଚନା ଅନୁସାରେ, ଗତ ବର୍ଷ ଏପ୍ରିଲ ୩ରେ ବାନ୍ଧନଝୁଲି ଗ୍ରାମର ମନୋଜ ମେହେର ମନମୁଣ୍ଡା ସ୍ଥିତ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରୁ ଟଙ୍କା ଉଠାଣ କରି ଘରକୁ ଫେରୁଥିବାବେଳେ ଦେଉଳି ମଦ ଭାଟି ନିକଟରେ କିଛି ଦୁର୍ବୃତ୍ତ ତାଙ୍କ ଠାରୁ ୩୦ ହଜାର ଟଙ୍କା ଲୁଟି ନେଇଥିଲେ। ଉକ୍ତ ଘଟଣାରେ ପୁଲିସ କପାଶିରା ଗ୍ରାମର ବିକାଶ ସେଠୀ ଓ ରାଜୀବ ମାଝିକୁ ଗିରଫ କରିଥିଲା। ଆଜି ସୋନୁକୁ କୋର୍ଟ ଚାଲାଣ କରାଯାଇଛି।

## ଫେରାର ଅଭିଯୁକ୍ତ ଗିରଫ



**ମନମୁଣ୍ଡା,୩୧।୭ (ସମିସ):** ମନମୁଣ୍ଡା ଥାନା ପୁଲିସ ଜଣେ ଫେରାର ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ଦେଉଳି ଗ୍ରାମର ସୋନୁ ମାଝୀ। ଏସ୍ଆଇ ରିଙ୍କି ପାତ୍ର କୌଣସି ସୂତ୍ରରୁ ଖବର ପାଇ ତାକୁ ଧରିଥିଲେ। ୩।୪।୨୦୨୫ରେ ଦେଉଳି ମଦ ଭାଟି ନିକଟରେ ବାନ୍ଧନଝୁଲି ଗ୍ରାମର ମନୋଜ ମେହେର ମନମୁଣ୍ଡା ଉତ୍କଳ ଗ୍ରାମୀଣ ବ୍ୟାଙ୍କରୁ ଟଙ୍କା ଉଠାଇ ଘରକୁ ଯାଉଥିବା ସମୟରେ ତାଙ୍କଠାରୁ ୩୦ ହଜାର ଟଙ୍କା ଛଡ଼ା ନେଇଥିଲା। ଅନ୍ୟପକ୍ଷେ ଏହି ଘଟଣାରେ ଆଗରୁ କପାସିର ଗ୍ରାମର ବିକାଶ ସେଠୀ ଓ ରାଜୀବ ମାଝୀକୁ ପୁଲିସ ଗିରଫ କରିଛି।

## ଆର୍ଥିକ ସ୍ୱାବଲମ୍ବନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**ବୌଦ୍ଧ,୩୧।୭ (ସମିସ):** ସ୍ଥାନୀୟ ଟାଉନହଲ୍‌ରେ ସହକାର ଭାରତୀ ପକ୍ଷରୁ ଆର୍ଥିକ ସ୍ୱାବଲମ୍ବନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତୀୟ ସହକାର ଭାରତୀ ପ୍ରମୁଖ ଲକ୍ଷ୍ମଣ ପାତ୍ର ଓ ସହକାର ଭାରତୀର ରାଜ୍ୟ ଦୁଗ୍ଧ ପ୍ରକୋଷ୍ଠ ପ୍ରମୁଖ ସୁବାଷ ପ୍ରଧାନ କାର୍ଯ୍ୟକ୍ରମରେ ଆର୍ଥିକ ସ୍ୱାବଲମ୍ବନ ହେବା ପାଇଁ ବିଭିନ୍ନ ଘରୋଇ ଉଦ୍ୟୋଗ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବରେ ଜିଲ୍ଲା ସଂଘ ଚାଳକ ସୂର୍ଯ୍ୟକାନ୍ତ ଦଳବେହେରା, ରାଷ୍ଟ୍ର ସେବିକା ସମିତି ଜିଲ୍ଲା କାର୍ଯ୍ୟବାହ ଗୀତାରାଣୀ ରାୟ ଚୌଧୁରୀ, ବିଜେପି ମହିଳା ନେତ୍ରୀ ନମିତା ରାଣୀ ଦାଶ, ସେବିକା ସମିତି ବିଭାଗ ବ୍ୟବସ୍ଥା ପ୍ରମୁଖ ସରିତା ମେହେର, ସଦସ୍ୟା ଲୀଳାବତୀ ବେହେରା, ମୀନାରାଣୀ ମିଶ୍ର, ସସ୍ମିତା ମେହେର, ନିନିତା ଦଳ ବେହେରା ମଞ୍ଚାସୀନ ଥିଲେ। ସହକାରୀ ଭାରତର ଜିଲ୍ଲା ସମ୍ପାଦକ ଦେବାଶିଷ ମହାକୁଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମନମୁଣ୍ଡାରେ ଏସ୍ଆଇଆର୍ ଜନଶୁଣାଣି ଶିବିର



**ମନମୁଣ୍ଡା,୩୧।୭ (ସମିସ):** ମନମୁଣ୍ଡା ପଞ୍ଚାୟତ ସଭାଗୃହରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଶରତ କୁମାର ମିଶ୍ର (ସହକାରୀ ଉପ ଜିଲ୍ଲାପାଳ,ବୌଦ୍ଧ), ଧନଞ୍ଜୟ ସାହୁ (ଅତିରିକ୍ତ ତହସିଲଦାର, କଣ୍ଟାମାଳ), ଜିତେନ୍ଦ୍ର କୁମାର ମେହେର (ବରିଷ୍ଠ ରାଜସ୍ୱ ସହାୟକ), ବୁଥ ସ୍ତରୀୟ ଅଧିକାରୀ ସୁପରଭାଇଜର ପ୍ରକାଶ ଚନ୍ଦ୍ର ପୁରୋହିତ ପ୍ରମୁଖ ଉପସ୍ଥିତ ରହି ବୁଥ ସ୍ତରୀୟ ଅଧିକାରୀ ଆନନ୍ଦ କୁମାର ପରମଗୁରୁ, କୈବଲ୍ୟ ମହାକୁଡ, ସୁମତି ନାଏକ, ସୁମତି ନାଏକ, ଜ୍ୟୋସ୍ନାମୟୀ ମିଶ୍ର, ପ୍ରେମସିନି ଗେଜଙ୍କ ସହଯୋଗରେ ଏସଆଆର ପଞ୍ଜିକରଣରେ ଅସୁବିଧା ଦେଖାଦେଇଥିବା ଲୋକଙ୍କ ଅଭିଯୋଗ ଶୁଣିଥିଲେ।

### କଣ୍ଟାମାଳ ପଞ୍ଚାୟତ ଡିଗ୍ରୀ କଲେଜ

# ରି-ଆଡ୍‌ମିସନ୍ ଫି’କୁ ନେଇ ଛାତ୍ର ଅସନ୍ତୋଷ

**ଶଗଡ଼ା,୩୧।୭ (ସମିସ)**



କଣ୍ଟାମାଳ ପଞ୍ଚାୟତ ଡିଗ୍ରୀ କଲେଜରେ ରି-ଆଡମିସନ୍ ଫି ଆଦାୟକୁ ନେଇ ଛାତ୍ରଛାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। କଲେଜରେ ୪ଟି ନିୟମିତ ରେଗୁଲାର ବିଭାଗ ଯଥା- ଶିକ୍ଷା, ଇତିହାସ, ରାଜନୀତି ବିଜ୍ଞାନ ଏବଂ ଓଡ଼ିଆରେ ରି-ଆଡମିସନ୍ ମାଗଣାରେ ହେଉଥିବା ବେଳେ ଅନ୍ୟାନ୍ୟ ସେଲ୍‌ଫ-ଫାଇନାନ୍ସିଂ ୮ଟି ବିଭାଗ ଯଥା- ସମସ୍ତ ବିଜ୍ଞାନ ବିଭାଗ ଓ ସଂସ୍କୃତ, ଇଂରାଜୀ ଏବଂ ସମାଜିକ ବିଜ୍ଞାନ ବିଭାଗରୁ ଟଙ୍କା ଆଦାୟ କରାଯାଉଥିବା ନେଇ ଛାତ୍ରଛାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସରକାରୀ ନିୟମ ଅନୁଯାୟୀ ଯୁକ୍ତ ତିନି ଡିଗ୍ରୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ପାଠପଢ଼ା ମାଗଣା ହେବା କଥା, କିନ୍ତୁ ଟଙ୍କା ନିଆଯାଉଥିବା ପ୍ରତିବାଦ କରି ଛାତ୍ରଛାତ୍ରୀମାନେ ସିଧାସଳଖ କଲେଜର ପ୍ରିନ୍ସିପାଲ୍‌ଙ୍କୁ ଭେଟି ଆଲୋଚନା କରିଛନ୍ତି। “ପାଠର ଅନ୍ତର ଚାଲିବ ନାହିଁ, ସବୁ ପିଲାଙ୍କ ମାଗଣା ହେଉ’ ବୋଲି ଦୃଢ଼ ଦାବି କରି ଛାତ୍ରଛାତ୍ରୀମାନେ ସମସ୍ତ ବିଭାଗର ଛାତ୍ରଛାତ୍ରୀଙ୍କର ରି-ଆଡମିସନ୍ ସମ୍ପୂର୍ଣ୍ଣ ମାଗଣା କରାଯାଉ ବୋଲି ଉଚ୍ଚଶିକ୍ଷା ବିଭାଗକୁ ଦାବି କରିଛନ୍ତି।

## ଜିଲ୍ଲାପାଳଙ୍କ ବିଭିନ୍ନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ



**ଇବ୍‌ଥର୍ମାଲ,୩୧।୭ (ସମିସ):** ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଲଖନପୁର ତହସିଲର ୩ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ କରି ଏହା କାର୍ଯ୍ୟକାରିତାର ସମୀକ୍ଷା କରିଛନ୍ତି। ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳ ମାଚିଦାସ୍ଥିତ ଜାମ୍ବୁନାଳ ପ୍ରକଳ୍ପ, ଅତାବିରା ଏବଂ ପାଲସଦାକୁ ଯାଇ ପ୍ରକଳ୍ପଗୁଡ଼ିକର କ୍ଷେତ୍ରସ୍ତରୀୟ ସ୍ଥିତି ଯାଞ୍ଚ କରିଥିଲେ। ପ୍ରତ୍ୟେକ ପ୍ରକଳ୍ପ ସ୍ଥଳରେ ଜିଲ୍ଲାପାଳ ସ୍ଥାନୀୟ ଗ୍ରାମବାସୀ ଓ ଚାଷୀଙ୍କ ସହ କଥାବାର୍ତ୍ତା କରିଥିଲେ। ଜଳର ଉପଲବ୍ଧତା, ଅଞ୍ଚଳରେ ଜଳସେଚନ ସୁବିଧା, କେନାଲଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ଚାଷ ସମୟରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସେ ପଚାରି ବୁଝିଥିଲେ। ଚାଷୀମାନେ ଜଳସେଚନ କ୍ଷେତ୍ରରେ ପାଉଥିବା ସୁବିଧା ଓ ଅସୁବିଧା ବିଷୟରେ ନିଜ ନିଜର ଅନୁଭୂତି ଜଣାଇଥିଲେ। ଜିଲ୍ଲାପାଳ ସମସ୍ତ ଚାଷୀଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ଶୁଣିବା ସହ ଜଳସେଚନ ସେବାରେ ସୁଧାର ଆଣିବା ଏବଂ ଚାଷ ସମୟରେ ନିୟମିତ ଓ ସମୟାନୁବର୍ତ୍ତୀ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ପରିଦର୍ଶନ ସମୟରେ ଲଖନପୁରର ଅତିରିକ୍ତ ତହସିଲଦାର ଅଜିତ ମହାନ୍ତ, କତରବଗା ଆର୍‌ଆଇ. ଏବଂ ସ୍ଥାନୀୟ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ।

## ସଂସ୍କାର ଭାରତୀ ତରଫରୁ ଗୁରୁପୂର୍ଣ୍ଣିମା ଉତ୍ସବ



**ବୌଦ୍ଧ,୩୧।୭ (ସମିସ):** ସ୍ଥାନୀୟ ରାଜବାଟୀ ପରିସରରେ ଉତ୍କଳ ପଶ୍ଚିମ ପ୍ରାନ୍ତ ଅଧୀନ ସଂସ୍କାର ଭାରତୀ ବୌଦ୍ଧଜିଲ୍ଲା ତରଫରୁ ଗୁରୁପୂର୍ଣ୍ଣିମା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଉତ୍ସବରେ ଜିଲ୍ଲା ସଂସ୍କାର ଭାରତୀ ସଭାପତି ଗୀତାରାଣୀ ରାୟ ଚୌଧୁରୀ ସଭାପତିତ୍ୱ କରିଥିଲେ। ଉତ୍କଳ ପଶ୍ଚିମ ପ୍ରାନ୍ତ କାର୍ଯ୍ୟକର୍ତ୍ତା ତଥା ପୂର୍ବାଞ୍ଚଳ ସାଂସ୍କୃତିକ ସଦସ୍ୟ ରଞ୍ଜନ ସାହୁ, ସଂକୀର୍ତ୍ତନ ମହାସଙ୍ଘ ଓଡିଶାର ବୌଦ୍ଧ ଜିଲ୍ଲା ସଭାପତ ଶ୍ରୀକାନ୍ତ ମିଶ୍ର ଓ ଶ୍ରୀ ପ୍ରେମାନନ୍ଦ ମିଶ ଅତିଥି ରୂପେ ଯୋଗ ଦେଇଥିଲେ। ଜିଲ୍ଲା ମହାମନ୍ତ୍ରୀ କଲ୍ୟାଣୀ ମିଶ୍ର ମଞ୍ଚ ସଂଯୋଜନା କରିଥିଲେ। ସୁରେନ୍ଦ୍ର କର୍ଣ୍ଣ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ୭୨ ଜଣଙ୍କୁ ପୂଜନ କରାଯାଇଥିଲା। ଏଥିସହିତ ବୌଦ୍ଧ ଜିଲ୍ଲାର ଦିବଙ୍ଗତ ଗୁରୁଙ୍କ ସମ୍ମାନରେ ୮୦ ଜଣ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ସଂକୀର୍ତ୍ତନ ସେଠୀ, ମନରଞ୍ଜନ ସାହୁ, ରଘୁନାଥ ମେହେରଙ୍କ ଦ୍ୱାରା ଗୁରୁ ବନ୍ଦନା ଓ ସାମୂହିକ ଶାନ୍ତି ପାଠ କରାଯାଇଥିଲା। ଅରୁଣ ମେଣ୍ଡିଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରଜନୀ ସାହୁ, ଅଖଣ୍ଡ ମହାକୁଳ, ବାମଦେବ ମହାନ୍ତି, ତୁଳସୀ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ସୁନିତା ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ବାଞ୍ଛାନିଧି ପ୍ରଧାନ, କୃଷ୍ଣ ମିଶ୍ର ଓ ସାଥୀଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା।

## ପ୍ରଶାସନିକ କାର୍ଯ୍ୟରେ ବ୍ୟବହାର ହେବ ଏଆଇ



**ତରଭା,୩୧।୭ (ସମିସ):** ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର (ଓକାକ୍)ଏବଂ ଓଡିଶା ନଲେଜ କର୍ପୋରେସନ ଲିମିଟେଡ଼ (ଓକେସିଏଲ) ମିଳିତ ଆନୁକୂଲ୍ୟରେ "ଏଆଇ ଟୁଲସ ଫର ଅପରେସନାଲ ଏକ୍ସିଲେନ୍ସ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ଼ ନୃପରାଜ ସାହୁ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ରାଜେନ୍ଦ୍ର ମାଝି,ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଅଞ୍ଜଳିନା ପ୍ରଧାନ ଉପସ୍ଥିତ ରହି କର୍ମଶାଳାର ଶୁଭାରମ୍ଭ କରିଥିଲେ। ଜିଲ୍ଲାପାଳ ଡ଼ ସାହୁ ତାଙ୍କ ବକ୍ତବ୍ୟରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ସଠିକ ବ୍ୟବହାର ମାଧ୍ୟମରେ ପ୍ରଶାସନିକ କାର୍ଯ୍ୟକୁ ଅଧିକ ସ୍ୱଚ୍ଛ ଅଧିକ ଦକ୍ଷ ଓ ଅଧିକ ଦ୍ରୁତ କରାଯାଇପାରିବ। ସରକାରୀ ସେବା ପ୍ରଦାନରେ ଏଆଇର ଉପଯୋଗୀତାକୁ ଅଧିକ ପ୍ରସାର କରିବାପାଇଁ ସେ ସମସ୍ତ ଅଧିକାରୀଙ୍କୁ ଏହାର ବ୍ୟବହାରିକ ପ୍ରୟୋଗ କରିବାକୁ ଆହ୍ୱାନ ଦେଇଥିଲେ। କର୍ମଶାଳାରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବ୍ୟବହାର ଏବଂ ସରକାରୀ କାର୍ଯ୍ୟରେ ଏହାର ପ୍ରୟୋଗ ସମ୍ପର୍କରେ ସଚେତନ ହୋଇଥିଲେ। କର୍ମଶାଳାରେ ଏଆଇ ମାଧ୍ୟମରେ ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟକୁ ଅଧିକ ସରଳ ,ଦ୍ରୁତ ଏବଂ ଦକ୍ଷ କରିବା ସହ ବିଭିନ୍ନ ଏଆଇ ଟୁଲର ବ୍ୟବହାରିକ ପ୍ରଦର୍ଶନ କରାଯାଇଥିଲା। କର୍ମଶାଳାରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଲାଗିଲା ବିଦ୍ୟୁତ ଟ୍ରାନ୍ସଫରମର; ସ୍ୱାଭାବିକ ହେଲା ଜଳ ଯୋଗାଣ

‘ସକାଳ’ ପ୍ରଭାବ



**ଶଗଡ଼ା,୩୧।୭ (ସମିସ):** ଟ୍ରାନ୍ସଫର୍ମର ପୋଡ଼ି ଯିବାରୁ ପିଇବା ପାଣି ପାଇଁ ନାହିଁ ନଥିବା ହଇରାଣ ହେଉଥିଲେ କଲରାକୋଠା ଗ୍ରାମବାସୀ। ୧୫ ଦିନ ହେବ ପାଣି ମିଳୁନଥିଲା। ବର୍ଷା ପବନରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ି ଯିବାରୁ ଏପରି ସମସ୍ୟା ହୋଇଥିଲା। ପ୍ରାୟ ୩୦୦ ପରିବାର ପିଇବା ପାଣି ପାଇଁ ନିକଟସ୍ଥ ନଳକୂପ ଓ ଦୂଷିତ ନାଳ ପାଣି ବ୍ୟବହାର କରିବାକୁ ବାଧ୍ୟ ହେଉଥିଲେ। ଏ ନେଇ ‘ସକାଳ’ରେ ଖବର ପ୍ରକାଶ ପରେ ବରଗଡ଼ ଜିଲ୍ଲାର ରମେଶ ମେହେର ବିନୋଜ କନ୍ଧେର, ଅତାବିରାର ରିଙ୍କୁ ଜଗଦଲା, କେନ୍ଦୁଝର ଜିଲ୍ଲାର ବିକ୍ରମ କେଶରୀ ମହନ୍ତ, ବଲାଙ୍ଗୀର ଜିଲ୍ଲାର ସୁଶାନ୍ତ କୁମାର ପ୍ରଧାନ, ସୁବର୍ଣ୍ଣପୁର ଜିଲ୍ଲାର ସର୍ଜନ ପାଣ୍ଡେ, ବୌଦ୍ଧ ଜିଲ୍ଲା କଣ୍ଟାମାଳର ଆଜାଦ କଲତା, ଅନନ୍ତ କୁମାର ମିଶ୍ର ଓ ମନଧର କର୍ମୀ ସାମାଜିକ ଗଣମାଧ୍ୟମ ଏକ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ଜିଲ୍ଲା ପ୍ରଶାସନ ଏବଂ ବିଦ୍ୟୁତ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ଶେଷରେ ଆଜି ବିଭାଗ ପକ୍ଷରୁ ଉକ୍ତ ଗ୍ରାମରେ ଏକ ନୂତନ ଟ୍ରାନ୍ସଫର୍ମର ଲଗାଯାଇ ଜଳ ଯୋଗାଣ ସ୍ୱାଭାବିକ କରାଯାଇଛି।

## ବାଇକ୍‌ରୁ ଗଞ୍ଜେଇ ଜବତ; ଜଣେ ଗିରଫ



**ଶଗଡ଼ା,୩୧।୭ (ସମିସ):** ମନମୁଣ୍ଡା ଥାନା ଏସ୍ଆଇ ପିଙ୍କି ପାତ୍ର ପୁଲିସ ଟିମ୍ ସହ ବିଳାଶପୁର, ବରଗୋଛା, କନପା, ସିଗାଡି ଅଞ୍ଚଳରେ ପାଟ୍ରୋଲିଂବେଳେ ଦ୍ରୁତ ଗତିରେ ଯାଉଥିବା ଏକ ବାଇକ୍ (ନଂ. ଓଡି୦୨ସିୟୁ-୩୯୨୨)କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ବସ୍ତା ମିଳିଛି। ପୁଲିସ ବାଇକ ସହ ଗଞ୍ଜେଇ ଜବତ କରି ଅଭିଯୁକ୍ତ ସୋନପୁର ଜିଲ୍ଲା ସଦର ଥାନା କଳିଙ୍ଗ ନଗର ଗ୍ରାମର ଶୁଭ୍ରାଂଶୁ ସୁନା (୨୮)କୁ ଗିରଫ କରିଛି।

## ଶ୍ରୀମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୋଠରୀ ଭାଙ୍ଗିଲା



**କଣ୍ଟାମାଲ,୩୧।୭ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଶ୍ରୀମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଏକ ପୁରୁଣା ଘର ବର୍ତ୍ତମାନ ଲଗାଣ ବର୍ଷାରେ ଭାଙ୍ଗି ଯାଇଛି। ଦୀର୍ଘବର୍ଷ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ଏଇ ଘର କାନ୍ଥ ଓ ଆଜବେଷ୍ଟସ ଭୁଶୁଡି ପଡିଥିବା ଦେଖିବାକୁ ମିଳିଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଚି। ଯେକୌଣସି ସମୟରେ ବଡ ଦୁର୍ଘଟଣା ଘଟିପାରେ ବୋଲି ସ୍ଥାନୀୟ ଲୋକେ ଆଶଙ୍କା କରୁଛନ୍ତି। ଗ୍ରାମବାସୀ ଓ ସ୍କୁଲ କମିଟି ତୁରନ୍ତ ନୂତନ କୋଠରୀ ନିର୍ମାଣ କରିବାକୁ ଦାବି ହେଉଛି।

## ସୁବର୍ଣ୍ଣପୁର ଜିଲ୍ଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ ଦାବି



**ଡୁଙ୍ଗୁରିପାଲି,୩୧।୭ (ସମିସ):** ସୁବର୍ଣ୍ଣପୁର ଜିଲ୍ଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ ପାଇଁ ଆଦିବାସୀ ନେତା ତଥା ସମାଜସେବୀ ବିହାରୀ ମାଝୀଙ୍କ ସହ ଏକ ଆଦିବାସୀ ପ୍ରତିନିଧି ରାଜ୍ୟ ଆଦିବାସୀ ବ୍ୟାପାର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଶ୍ରୀ ମାଝୀ କହିଛନ୍ତି ଯେ, ସୁବର୍ଣ୍ଣପୁର ଏକ ଆଦିବାସୀ ବହୁଳ ତଥା ପଛୁଆ ଜିଲ୍ଲା। ଏଠାରେ ଶବର, ବିଂଝାଲ, ଗଣ୍ଡ, କନ୍ଧ, କୋଲ, ମିର୍ଦ୍ଧା, କୁଡା ପ୍ରମୁଖ ଜନଜାତିର ଲୋକେ ବହୁ ସଂଖ୍ୟାରେ ବସବାସ କରୁଛନ୍ତି। ଜିଲ୍ଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ନ ଥିବାରୁ ଆଦିବାସୀ ସମ୍ପ୍ରଦାୟର ବିକାଶ ଏବଂ ବିଭିନ୍ନ କଲ୍ୟାଣମୂଳକ ଯୋଜନାର ସୁବିଧା ସେମାନଙ୍କୁ ସଠିକ୍ ଭାବେ ମିଳୁନି। ତେଣୁ ସୁବର୍ଣ୍ଣପୁର ଜିଲ୍ଲାକୁ ଏସଡିସିରେ ସାମିଲ କରାଗଲେ ଆଦିବାସୀ ସଂପ୍ରଦାୟର ସାମଗ୍ରିକ, ସାମାଜିକ, ଶିକ୍ଷାଗତ ଓ ଆର୍ଥିକ ବିକାଶ ତ୍ୱରାନ୍ୱିତ ହେବ ବୋଲି ସେ ମତ ପ୍ରକାଶ କରିଛନ୍ତି।


### ● ପରିବହନ ମନ୍ତ୍ରୀଙ୍କୁ ଦାବିପତ୍ର

## ପୁରୀ-ପାତାଳଗଙ୍ଗା ସରକାରୀ ବସ୍ ଚଳାଚଳ ଦାବି



**ଖଡ଼ିଆଳ,୩୧।୭ (ସମିସ):** ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ତାଙ୍କ ବାସଭବନରେ ନୂଆପଡ଼ା ଜିଲ୍ଲାର ବରିଷ୍ଠ ବିଜେପି ନେତା ଲମ୍ବୋଦର ନିଆଲ ସାକ୍ଷାତ କରି ପୁରୀରୁ ପାତାଳଗଙ୍ଗା ପର୍ଯ୍ୟନ୍ତ ଏକ ସରକାରୀ ବସ୍ ଚଳାଚଳ କରିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସରକାରୀ ବସ୍ ସେବା ଆରମ୍ଭ ହେଲେ ନୂଆପଡ଼ା ଜିଲ୍ଲା ସମେତ ପଶ୍ଚିମ ଓଡ଼ିଶାର ଅନେକ ଯାତ୍ରୀ, ଶ୍ରମିକ, ଛାତ୍ରଛାତ୍ରୀ ଏବଂ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଯାଉଥିବା ଭକ୍ତ ବିଶେଷ ଭାବରେ ଉପକୃତ ହେବେ ବୋଲି କୁହାଯାଇଛି। ଦାବିପତ୍ର ଗ୍ରହଣ କରିବା ପରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ପ୍ରସ୍ତାବକୁ ବିଚାର କରିବାକୁ ଆଶ୍ୱାସନ ଦେଇଥିବା ଜଣାପଡ଼ିଛି।

## ଜିଲ୍ଲା ବିଜେଡ଼ି ପକ୍ଷରୁ ସୁଶାନ୍ତଙ୍କୁ ଶ୍ରଦ୍ଧାଞ୍ଜଳି



**ଦେବଗଡ,୩୧।୭ (ସମିସ):** ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ଆହ୍ୱାନ କ୍ରମେ ବିଜୁ ଯୁବ ଜନତା ଦଳର ସଭାପତି ପ୍ରତାପ ଦେବ ଏବଂ ବିଜେଡି ପୌରାଞ୍ଚଳ ସଭାପତି ଚନ୍ଦ୍ରଶେଖର ଭୁକ୍ତାଙ୍କ ତତ୍ତ୍ୱାବଧାନରେ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ସ୍ୱର୍ଗତ ପୂର୍ବତନ ମନ୍ତ୍ରୀ ତଥା ପର୍ଯ୍ୟବେକ୍ଷକ ସ୍ୱର୍ଗତ ସୁଶାନ୍ତ ସିଂଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ବିଜୁ ଜନତା ଦଳର ବରିଷ୍ଠ କର୍ମୀ କାମାକ୍ଷାପ୍ରସାଦ ଗଙ୍ଗଦେବ, ମନୋଜ ପ୍ରଧାନ, ସୁବ୍ରତ ପାତ୍ର, ପ୍ରଶାନ୍ତ ଭଞ୍ଜ, ବିନୟ ପ୍ରଧାନ, ସମୀର ପ୍ରଧାନ, ଭବାନୀ ଶଙ୍କର ସାହୁ, ମାନସ ପ୍ରଧାନ, ଶରତ ମେହେରଙ୍କ ସମେତ ବିଜୁ ଜନତା ଦଳର ବହୁ ସଂଖ୍ୟକ କର୍ମୀ ଓ ଶୁଭେଚ୍ଛୁ ଉପସ୍ଥିତ ରହି ସ୍ୱର୍ଗତ ସୁଶାନ୍ତ ସିଂଙ୍କ ସ୍ମୃତିଚାରଣ କରିବା ସହ ତାଙ୍କର ଜନସେବା, ସାଧାରଣ ଲୋକଙ୍କ ପ୍ରତି ଥିବା ଆତ୍ମୀୟତା ଏବଂ ଦଳ ପ୍ରତି ନିଷ୍ଠା ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ମତ ପ୍ରକାଶ କରିଥିଲେ।

# ବିସ୍ଥାପିତଙ୍କ ପାଖରେ ପହଞ୍ଚିଲା ବିଜେଡି

**ବଲାଙ୍ଗିର,୩୧।୭ (ସମିସ)**



କିଛିଦିନ ଧରି ଲୋୟରସୁକତେଲ ଜଳସେଚନ ପ୍ରକଳ୍ପର ଶେଷ ବିସ୍ଥାପିତଗ୍ରାମ କୁମିଆଁପାଲି ଚର୍ଚ୍ଚାରେ ରହିଛି। ଏହି ଗାଁର ଆଦିବାସୀ ବିସ୍ଥାପିତ ପରିବାର ତାଙ୍କୁ ଉଚିତ କ୍ଷତିପୂରଣ ଓ ଥଇଥାନ ଦାବିରେ ଆନ୍ଦୋଳନରେ ବସିଥିଲେ। ପ୍ରଶାସନର ଅନେକ ବୁଝାସୁଝା ପରେ ମଧ୍ୟ ସମସ୍ୟାର ସମାଧାନ ହେଉନାହିଁ। ଏପଟେ ଡ୍ୟାମ୍‌ରେ ଜଳସ୍ତର ବଢି କୁମିଆଁପାଲି ଗାଁକୁ ପାଣି ପଶିଲାଣି। ବୁଡି ମରିବେ ପଛେ ସେମାନଙ୍କ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଗାଁ ଛାଡିବେ ନାହିଁ ବୋଲି ବିସ୍ଥାପିତମାନେ ଜିଦ୍ ଧରିଛନ୍ତି। ସେମାନଙ୍କୁ ୨୦୧୩ ଆଇନରେ କ୍ଷତିପୂରଣ ଓ ଥଇଥାନ କରିବା, ନୂଆକରି ସେମାନଙ୍କ ଘର, ଜମି, ଗଛ, ପୋଖରୀ ଇତ୍ୟାଦି ସର୍ଭେ କରିବା,୨୦୨୬ ଜାନୁୟାରୀ ୧କୁ କଟ୍‌ଅଫ ଡେଟ କରାଯାଇ ୧୮ ବର୍ଷରୁ ଅଧିକ ଯୁବକ/ଯୁବତୀଙ୍କୁ ମୁଣ୍ଡପିଛା କ୍ଷତିପୂରଣରେ ସାମିଲ କରିବା ଇତ୍ୟାଦି ୧୦ଦଫା ଦାବିନେଇ ସେମାନେ ଅଡି ବସିଛନ୍ତି। ଏପଟେ ଡ୍ୟାମ୍‌ରେ ପାଣି ବଢୁଥିବାରୁ ସେମାନଙ୍କ ଜୀବନପ୍ରତି ବିପଦ ମଧ୍ୟ ରହିଛି। ଜିଲ୍ଲା ପ୍ରଶାସନ ବିସ୍ଥାପିତଙ୍କୁ ପ୍ରତିଶ୍ରୁତି ଦେଇଛି; କିନ୍ତୁ ଠିକ୍ ଏହି ସମୟରେ ଜିଲ୍ଲାପାଳ ଛୁଟିନେଇ ଚାଲିଯାଇଥିବାରୁ ସମସ୍ୟା ସମାଧାନ ହୋଇପାରିନି। ସେହି କାରଣରୁ ବଲାଙ୍ଗିର ବିଧାୟକ କଳିକେଶନାରାୟଣ ସିଂଦେଓଙ୍କ ନିର୍ଦ୍ଦେଶରେ ଗୁରୁବାର ବିଜୁ ଜନତା ଦଳର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ କୁମିଆଁପାଲି ଗାଁକୁ ଯାଇ ବିସ୍ଥାପିତ ପରିବାରଙ୍କ ସହିତ ଆଲୋଚନା କରିଛନ୍ତି। ବିସ୍ଥାପିତ ଆଦିବାସୀଙ୍କ ଦାବିସବୁ ଯୁକ୍ତି ଓ ନ୍ୟାୟସଂଗତ ରହିଛି। ତେଣୁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେଇ ସେମାନଙ୍କୁ ଉଚିତ କ୍ଷତିପୂରଣ ସହ ଥଇଥାନ କରିବାକୁ ବିଜେଡି ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛି। ଜିଲ୍ଲା ପରିଷଦର ସଭାପତି ଦେବକୀ ସାହୁଙ୍କ ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧି ଦଳରେ ନିହାରରଂଜନ ବେହେରା, ଜିଲ୍ଲା ଯୁବ ବିଜୁ ଜନତା ଦଳ ସଭାପତି ତଥା ଲୋଇସିଂହା ବ୍ଲକ୍ ଅଧ୍ୟକ୍ଷ ଯତୀନ ପଟେଲ, ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲ୍ଲାସାଧାରଣ ସଂପାଦକ ଗୋଲାପ ବାଗ, ଛାତ୍ର ବିଜେଡି ସଭାପତି ସୁମନ ନନ୍ଦ, ସ୍ଥାନୀୟ ନେତା କୈଳାଶ ବରିହା, ଅଂଶୁମାନ ଗୁରୁ, ଟିବୁଲୁ କଦମ, ଭକ୍ତ ବରିହା, ଶେଷଦେବ ମହାକୁର ପ୍ରମୁଖ କୁମିଆଁପାଲି ଯାଇ ସେଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରି ଲୋକଙ୍କ ସହିତ ଆଲୋଚନା କରିଥିଲେ। ବିସ୍ଥାପିତଙ୍କ ଏହିସବୁ ଦାବିକୁ ନେଇ ବିଧାୟକ କଳିକେଶ ସିଂଦେଓଙ୍କ ଜରିଆରେ ସରକାରଙ୍କ ପାଖରେ ବିଜେଡି ଦୃଢଦାବି ରଖିବ ବୋଲି ଜିଲ୍ଲା ପରିଷଦ ସଭାପତି ଦେବକୀ ସାହୁ କହିଛନ୍ତି।

# ଭୁବନେଶ୍ୱର-ଦୁବାଇ ସିଧାସଳଖ ବିମାନ ସେବା ବନ୍ଦ

**ଭୁବନେଶ୍ୱର,୩୧।୭ (ସମିସ):** ଭୁବନେଶ୍ୱରରୁ ଦୁବାଇକୁ ଚାଲୁଥିବା ସିଧାସଳଖ ବିମାନ ସେବା ବନ୍ଦ ହେବା ପରେ ପ୍ରବାସୀ ଓଡ଼ିଆଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷକରି ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ କାର୍ଯ୍ୟରତ ହଜାର ହଜାର ଓଡ଼ିଆ ଶ୍ରମିକ, ପେଶାଦାର କର୍ମଚାରୀ ଓ ବ୍ୟବସାୟୀ ଏହି ନିଷ୍ପତ୍ତି ଯୋଗୁଁ ସେମାନଙ୍କ ଯାତାୟାତରେ ଗୁରୁତର ସମସ୍ୟା ସୃଷ୍ଟି ହେବ ବୋଲି କହିଛନ୍ତି।

ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ଦୁବାଇ, ୟୁଏଇ, ବ୍ୟାଙ୍କକ୍ ଓ ସିଙ୍ଗାପୁରକୁ ସିଧାସଳଖ ବିମାନ ଚଳାଚଳ କରାଯାଇଥିଲା। ରାଜ୍ୟରେ ପର୍ଯ୍ୟଟନର ବିକାଶ ସହ ବିଦେଶରେ ରହୁଥିବା ଓଡ଼ିଆଙ୍କ ଯାତାୟତ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଏଥିପାଇଁ ରାଜ୍ୟ ସରକାର ବିମାନ ଚଳାଚଳ ସଂସ୍ଥାକୁ ଆର୍ଥିକ ସହାୟତା ପ୍ରଦାନ କରୁଥିଲେ। ମାତ୍ର ସରକାର ପରିବର୍ତ୍ତନ ପରେ ଗୋଟିକ ପରେ ଗୋଟିଏ ସିଧାସଳଖ ଆନ୍ତର୍ଜାତୀୟ ଉଡ଼ାଣ ଭୁବନେଶ୍ୱରରୁ ବନ୍ଦ ହୋଇ ଯାଇଛି। ଯାହା ଫଳରେ ପେଟପାଟଣା ପାଇଁ ସମ୍ପୃକ୍ତ ଅଞ୍ଚଳକୁ ଯାତାୟତ କରୁଥିବା ଓଡ଼ିଆ ଯାତ୍ରୀମାନେ ଯାବତୀୟ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ସିଧାସଳଖ ବିମାନ ଚଳାଚଳ ବନ୍ଦ ହେବା ଯୋଗୁଁ ସେମାନଙ୍କୁ କଲକତା, ଦିଲ୍ଲୀ, ଚେନ୍ନାଇ ବା ମୁମ୍ବାଇ ଓ ସେଠାରୁ ବିଦେଶକୁ ଯିବା ପାଇଁ ପଡୁଛି । ଏହାଦ୍ୱାରା ଅଧିକ ଅର୍ଥ ବ୍ୟୟ ହେଉଛି ଓ ସମୟ ମଧ୍ୟ ନଷ୍ଟ ହେଉଛି । ନବୀନ ପଟ୍ଟନାୟକଙ୍କ ସମୟରେ ଲୋକଙ୍କ ପାଇଁ ଯେଉଁ ସୁବିଧା ମିଳୁଥିଲା, ଏବେ ତାହା ଆଉ ମିଳୁନାହିଁ

## ନବୀନଙ୍କୁ ଝୁରୁଛନ୍ତି ପ୍ରବାସୀ ଓଡ଼ିଆ

ବୋଲି ସେମାନେ କହିଛନ୍ତି।

ପ୍ରବାସୀ ଓଡ଼ିଆ ସଂଗଠନମାନଙ୍କ କହିବା ଅନୁସାରେ, ଭୁବନେଶ୍ୱର-ଦୁବାଇ ସିଧାସଳଖ ବିମାନ ସେବା ଆରମ୍ଭ ହେବା ପରେ ଓଡ଼ିଶାରୁ ଗଲ୍ଫ ଦେଶଗୁଡ଼ିକୁ ଯାତ୍ରା କରିବା ବହୁତ ସହଜ ହୋଇଥିଲା। ବିଶେଷକରି ଦୁବାଇକୁ କେନ୍ଦ୍ର କରି ଅନ୍ୟାନ୍ୟ ଗଲ୍ଫ ଦେଶକୁ ସଂଯୋଗ ସୁବିଧା ମିଳୁଥିବାରୁ ଯାତ୍ରୀମାନେ ସମୟ ଓ ଅର୍ଥ ଉଭୟ ସଞ୍ଚୟ କରିପାରୁଥିଲେ। ଏବେ ସେବା ବନ୍ଦ ହେବା ପରେ ସେମାନଙ୍କୁ ହାଇଦ୍ରାବାଦ, ଦିଲ୍ଲୀ, ମୁମ୍ବାଇ କିମ୍ବା ବେଙ୍ଗାଲୁରୁ ଭଳି ସହର ଦେଇ ଯାତ୍ରା କରିବାକୁ ପଡ଼ିବ, ଯାହାଦ୍ୱାରା ଯାତ୍ରା ସମୟ ବଢ଼ିବା ସହ ଖର୍ଚ୍ଚ ମଧ୍ୟ ବଢ଼ିବ। ରାଜ୍ୟରୁ ଆନ୍ତର୍ଜାତିକ ବିମାନ ସେବା ବିସ୍ତାର ନେଇ ବାରମ୍ବାର ଘୋଷଣା କରାଯାଉଥିବା ବେଳେ ଏକମାତ୍ର ଲୋକପ୍ରିୟ ସିଧାସଳଖ ରୁଟ୍ ବନ୍ଦ ହେବା ନିରାଶାଜନକ। ଓଡ଼ିଶାରୁ ବହୁ ସଂଖ୍ୟକ ଲୋକ ମଧ୍ୟପ୍ରାଚ୍ୟରେ କାର୍ଯ୍ୟରତ ଥିବାରୁ ଏହି ରୁଟ୍‌ର ଗୁରୁତ୍ୱ କେବଳ ପର୍ଯ୍ୟଟନ କିମ୍ବା ବ୍ୟବସାୟରେ ସୀମିତ ନୁହେଁ, ବରଂ ହଜାର ହଜାର ପରିବାରର ଜୀବିକା ସହ ମଧ୍ୟ ଜଡ଼ିତ। ଦୁବାଇରୁ ଭୁବନେଶ୍ୱରକୁ ସିଧାସଳଖ ବିମାନ ଥିବାରୁ ପର୍ବପର୍ବାଣୀ, ଜରୁରୀ ପାରିବାରିକ କାମ କିମ୍ବା ଚିକିତ୍ସାଜନିତ ପ୍ରୟୋଜନରେ ଶୀଘ୍ର ଘରକୁ ଆସିବା ସମ୍ଭବ ହେଉଥିଲା। ବର୍ତ୍ତମାନ ସେହି ସୁବିଧା ବନ୍ଦ ହୋଇ ଯାଇଛି। ତେଣୁ ରାଜ୍ୟ ସରକାର, କେନ୍ଦ୍ର ସରକାର ଏବଂ ସମ୍ପୃକ୍ତ ବିମାନ ସେବା ସଂସ୍ଥାକୁ ହସ୍ତକ୍ଷେପ କରି ଏହି ରୁଟ୍‌ରେ ପୁଣିଥରେ ସିଧାସଳଖ ବିମାନ ସେବା ଆରମ୍ଭ କରିବାକୁ ଦାବି କରିଛନ୍ତି। ଓଡ଼ିଶାର ବଢୁଥିବା ଆନ୍ତର୍ଜାତିକ ଯାତ୍ରୀ ସଂଖ୍ୟାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରୁ ଦୁବାଇ ସହ ଅନ୍ୟାନ୍ୟ ବିଦେଶୀ ସହରକୁ ସିଧାସଳଖ ବିମାନ ସେବା ବୃଦ୍ଧି ସମୟର ଆବଶ୍ୟକତା ଓ ରାଜ୍ୟ ପାଇଁ ହିତକର ବୋଲି ସେମାନେ ବର୍ଣ୍ଣନା କରିଛନ୍ତି ।

### ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ମାମଲା

# ବିକ୍ରମ ପଣ୍ଡାଙ୍କ ଜାମିନ୍ ଉପରେ ରାୟ ସଂରକ୍ଷିତ

**କଟକ,୩୧।୭ (ସମିସ):** ବହୁଚର୍ଚ୍ଚିତ ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଜାମିନ ଆବେଦନର ଆଜି ହାଇକୋର୍ଟ ସାନି ଶୁଣାଣି କରିବା ସହ ରାୟକୁ ସଂରକ୍ଷିତ ରଖିଛନ୍ତି। ଇତିମଧ୍ୟରେ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଅତିରିକ୍ତ ଚାର୍ଜସିଟ ଦାଖଲ କରାଯାଇଛି ଓ ମାମଲାର ତଦନ୍ତରେ ହୋଇଥିବା ଅଗ୍ରଗତି ସଂକ୍ରାନ୍ତରେ ହାଇକୋର୍ଟଙ୍କୁ ଆଜି ସରକାରଙ୍କ ତରଫରୁ ଅବଗତ କରାଯାଇଥିଲା। ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଜାମିନ ଆବେଦନର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ପ୍ରକାଶଥାଉକି, ଗତ ଏପ୍ରିଲ ୧୭ରେ ହାଇକୋର୍ଟରେ ଶ୍ରୀ ପଣ୍ଡାଙ୍କ ଜାମିନ ଆବେଦନର ପୂର୍ଣ୍ଣାଙ୍ଗ ଶୁଣାଣି ହୋଇ ରାୟ ସଂରକ୍ଷିତ ରହିଥିଲା। ମାମଲାର ତଦନ୍ତରେ ହୋଇଥିବା ଅଗ୍ରଗତି ସମ୍ପର୍କରେ ଅବଗତ ହେବା ପରେ ଆଜି ଅଦାଲତ ଚୂଡ଼ାନ୍ତ ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ପ୍ରକାଶ ଯେ ବ୍ରହ୍ମପୁର ଅତିରିକ୍ତ ଦୌରା ଜଜ ଅଦାଲତରେ ଜାମିନ ଖାରଜ ହେବା ପରେ ଶ୍ରୀ ପଣ୍ଡା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶ୍ରୀ ପଣ୍ଡାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ସୁବିର ପାଲିତ, ସରକାରଙ୍କ ପକ୍ଷରୁ ଏଜିଏ ପାର୍ଥସାରଥୀ ନାୟକ ଓ ଏତଲାକାରୀଙ୍କ ତରଫରୁ ଆଇନଜୀବୀ ବିଜୟ କୁମାର ରଗଡ ମାମଲା ପରିଚାଳନା କରୁଛନ୍ତି।

### ଅର୍ଥ ହେରଫେର ଅଭିଯୋଗ

# ବେତନଟୀ ଲ୍ୟାମ୍ପସର ପୂର୍ବତନ ଏମଡି ଭିଜିଲାନ୍ସ ଦ୍ୱାରା ଗିରଫ

**ବାରିପଦା, ୩୧।୭ (ସମିସ):** ଦୁର୍ନୀତି ଓ ସାର୍ବଜନୀନ ପାଣ୍ଠି ଅପବ୍ୟବହାର ମାମଲାରେ ଭିଜିଲାନ୍ସ ପକ୍ଷରୁ ଶୁକ୍ରବାର ମୟୂରଭଞ୍ଜ ଜିଲ୍ଲାର ବେତନଟୀ ଲ୍ୟାମ୍ପସର ବହିଷ୍କୃତ ପୂର୍ବତନ ପରିଚାଳନା ନିର୍ଦ୍ଦେଶ (ଏମଡି) ହିମାଂଶୁ ଦାସଙ୍କୁ ୪୦.୯୪ ଲକ୍ଷ ଟଙ୍କା ଆର୍ଥିକ ଅପବ୍ୟବହାର ମାମଲାରେ ଗିରଫ କରାଯାଇଛି। ତାଙ୍କୁ ବାରିପଦାର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତକୁ ପଠାଯାଇଛି। ୨୦୧୭-୧୮ ଆର୍ଥିକ ବର୍ଷରେ ବେତନଟୀ ଲ୍ୟାମ୍ପସରେ ଘଟିଥିବା ବୃହତ୍ ଆର୍ଥିକ ଅନିୟମିତତା ସହ ଶ୍ରୀ ଦାଦ ଜଡ଼ିତ ଥିଲେ। ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଥିବା ସମୟରେ ଶ୍ରୀ ଦାସ ସ୍ଥାନୀୟ ଋଣଗ୍ରହୀତା କୃଷକଙ୍କଠାରୁ କୃଷି ଓ ଫସଲ ଋଣ ପରିଶୋଧ, ସଦସ୍ୟ ଅଂଶଧନ ଯୋଗଦାନ, ଆବେଦନ ଫର୍ମ ଫି' ଓ ପ୍ରଶାସନିକ

**୪୦.୯୪ ଲକ୍ଷ ଟଙ୍କା ଆର୍ଥିକ ଅପବ୍ୟବହାରରେ ୪ ବର୍ଷ ପୂର୍ବେ ଚାକିରିରୁ ବହିଷ୍କୃତ ହୋଇଥିଲେ**



ଚାର୍ଜ ବାବଦରେ ବିପୁଳ ରାଶି ସଂଗ୍ରହ କରିଥିଲେ। ଏହି ଅର୍ଥ ଗ୍ରହଣ କରି ସେ କୃଷକମାନଙ୍କୁ ରସିଦ ମଧ୍ୟ ପ୍ରଦାନ କରିଥିଲେ। କିନ୍ତୁ ସଂଗୃହୀତ ରାଜସ୍ୱକୁ ସମିତି ଖାତାରେ ଜମା ନ କରି ସେ ଏହି କାରବାରଗୁଡ଼ିକୁ ଲ୍ୟାମ୍ପସର ଅଧିକାରିକ ଦୈନିକ ଖାତା (ଡେ ବୁକ୍)ରେ ଲେଖିବା ଇଚ୍ଛାକୃତ ଭାବେ ବନ୍ଦ କରିଦେଇଥିଲେ। ସେହି ପାଣ୍ଠିକୁ ବ୍ୟକ୍ତିଗତ ଲାଭ ପାଇଁ ବ୍ୟବହାର କରି ମୋଟ ୪୦ ଲକ୍ଷ ୯୪ ହଜାର ୩୦୬ ଟଙ୍କା ହଡପ କରିଥିଲେ। ଏ ସମ୍ପର୍କରେ ବାଲେଶ୍ୱର ଭିଜିଲାନ୍ସ ଥାନା କେସ୍ ନଂ. ୧୨ ଅନୁଯାୟୀ ଭାରତୀୟ ଦଣ୍ଡ ସଂହିତାର ଧାରା ୪୦୯ ଅନୁସାରେ ଶ୍ରୀ ଦାସ (୦୪.୦୪.୨୦୨୨ରୁ ସରକାରୀ ଚାକିରିରୁ ବହିଷ୍କୃତ)ଙ୍କ ବିରୋଧରେ ମାମଲା ଦାଖଲ କରାଯାଇଛି। ମାମଲାର ଅନୁସନ୍ଧାନ ଚାଲିଛି।

# ଯୋଗ୍ୟ ପ୍ରକଳ୍ପ ପାଇଁ ଚାରି ମାସର ରେରା ସମ୍ପ୍ରସାରଣ ଉପରେ ମନ୍ତ୍ରାଳୟ ପରାମର୍ଶକୁ କ୍ରେଡାଇ ଓଡ଼ିଶାର ସ୍ୱାଗତ

**ଭୁବନେଶ୍ୱର, ୩୧।୭ (ସମିସ) :** କ୍ରେଡାଇ ଓଡ଼ିଶା ଭାରତ ସରକାରଙ୍କ ଗୃହ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଓଏଚ୍‌ୟୁଏ) ଦ୍ୱାରା ଜାରି କରାଯାଇଥିବା ପରାମର୍ଶକୁ ସ୍ୱାଗତ କରିଛି, ଯେଉଁଥିରେ ରିଅଲ୍ ଇଷ୍ଟେଟ୍ (ନିୟନ୍ତ୍ରଣ ଏବଂ ବିକାଶ) ଆଇନ, ୨୦୧୬ର ଫୋର୍ସ ମାଜିଓର ବ୍ୟବସ୍ଥା ଅନୁଯାୟୀ ଯୋଗ୍ୟ ରିଅଲ୍ ଇଷ୍ଟେଟ୍ ପ୍ରକଳ୍ପ ପାଇଁ ରେରା ପଞ୍ଜିକରଣ ଏବଂ ସମ୍ପୃକ୍ତ ପ୍ରକଳ୍ପ ସମ୍ପ୍ରସାରଣ ମେଲାଇନଗୁଡ଼ିକର ଚାରି ମାସର



ବିସ୍ତାର ସୁପାରିଶ କରାଯାଇଛି। ଏହି ପରାମର୍ଶରେ ପଶ୍ଚିମ ଏସିଆ ବିବାଦ ଯୋଗୁଁ ହେଉଥିବା ଅଭୂତପୂର୍ବ ବିଭ୍ରାଟକୁ ସ୍ୱୀକାର କରାଯାଇଛି, ଯାହା ସାରା ଦେଶରେ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ବିଳମ୍ବର ପରିଣାମ ସ୍ୱରୂପ ବିଶ୍ୱ ଯୋଗାଣ ଶୃଙ୍ଖଳ ଏବଂ ଗୁରୁତର ନିର୍ମାଣ ସାମଗ୍ରୀର ଉପଲବ୍ଧତାକୁ ଗୁରୁତର ଭାବରେ ପ୍ରଭାବିତ କରିଛି। ମନ୍ତ୍ରଣାଳୟ ସମସ୍ତ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଏବଂ ରିଅଲ୍ ଇଷ୍ଟେଟ୍ ନିୟାମକ ପ୍ରାଧିକରଣ (ରେରା) ଗୁଡ଼ିକୁ ପରାମର୍ଶ ଦେଇଛି ଯେ ରେରା ଆଇନର ବ୍ୟବସ୍ଥା ଅନୁଯାୟୀ, ଯେଉଁ ଯୋଗ୍ୟ ପ୍ରକଳ୍ପଗୁଡ଼ିକର ପଞ୍ଜୀକରଣ ତାରିଖ, ସଂଶୋଧିତ ପୂରଣ ତାରିଖ, କିମ୍ବା ପୂର୍ବରୁ ବର୍ଦ୍ଧିତ ସମାପ୍ତ ତାରିଖ ୨୮ ଫେବୃଆରୀ ୨୦୨୬ କିମ୍ବା ତା'ପର ପର୍ଯ୍ୟନ୍ତ ଚାରିମାସ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ।

ସ୍ୱଦେଶ କୁମାର ରାଉତରାୟ, ଅଧ୍ୟକ୍ଷ, କ୍ରେଡାଇ ଓଡ଼ିଶା ଏବଂ ଉପାଧ୍ୟକ୍ଷ, କ୍ରେଡାଇ ନ୍ୟାସନାଲ୍ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ଏବଂ କହିଛନ୍ତି, ଆବାସ ଏବଂ ସହରୀ ବ୍ୟାପାର ମନ୍ତ୍ରଣାଳୟର ସକ୍ରିୟ ଏବଂ ସ୍ୱେଚ୍ଛାକୃତ ହସ୍ତକ୍ଷେପକୁ ଆମେ ଆନ୍ତରିକ ଭାବରେ ପ୍ରଶଂସା କରୁଛୁ। ଏହି ପରାମର୍ଶଦାତା ବିଶ୍ୱବ୍ୟାପୀ ଯୋଗାଣ ଶୃଙ୍ଖଳ ବିଭ୍ରାଟ ଯୋଗୁଁ "ଅପରିହାର୍ଯ୍ୟ ପ୍ରକଳ୍ପ ବିଳମ୍ବ'ର ସମ୍ମୁଖୀନ ହୋଇଥିବା ଡେଭଲପରମାନଙ୍କୁ ଅତ୍ୟନ୍ତ ଆବଶ୍ୟକୀୟ ଆଶ୍ୱସ୍ତି ପ୍ରଦାନ କରନ୍ତି। ଏହା ଗୃହକ୍ରେତାଙ୍କ ସ୍ୱାର୍ଥକୁ ରକ୍ଷା କରିବା ଏବଂ ରିଅଲ୍ ଇଷ୍ଟେଟ୍ କ୍ଷେତ୍ରରେ ବିଶ୍ୱାସକୁ ମଜବୁତ କରିବା ସହିତ ପ୍ରକଳ୍ପଗୁଡ଼ିକର ସୁବ୍ୟବସ୍ଥିତ ସମ୍ପୂର୍ଣ୍ଣୀକରଣକୁ ସହଜ କରିବ।

### ଜମି ପଟ୍ଟା ସଂଶୋଧନ ପାଇଁ ୩୦ ହଜାର ଟଙ୍କା ଲାଞ୍ଚ

# ନିଆଳି ମାଧବ ଆର୍‌ଆଇ ଓ ସହଯୋଗୀ ଗିରଫ

**କଟକ, ୩୧।୭ (ସମିସ):** ମ୍ୟୁଟେସନ ମାମଲାରେ ସପକ୍ଷରେ ରିପୋର୍ଟ ଦେବା ଏବଂ ସଂଶୋଧିତ ଜମି ପଟ୍ଟା ପ୍ରଦାନ କରିବା ପାଇଁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଦ୍ୱାରା ଧରାପଡ଼ିଛନ୍ତି ନିଆଳି ତହସିଲ ଅନ୍ତର୍ଗତ ମାଧବ ସର୍କଲର ରାଜସ୍ୱ ନିରୀକ୍ଷକ (ଆରଆଇ) କିଶୋର କୁମାର ସ୍ୱାଇଁ। ଏହି ମାମଲାରେ ଶ୍ରୀ ସ୍ୱାଇଁଙ୍କ ସମେତ ତାଙ୍କ ସହଯୋଗୀ (ବେସରକାରୀ ବ୍ୟକ୍ତି) ସୁକାନ୍ତ ପ୍ରଧାନଙ୍କୁ ମଧ୍ୟ ଗିରଫ କରିଛି ଭିଜିଲାନ୍ସ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନିୟମାନୁସାରେ ଜଣେ ଆବେଦନକାରୀ ଜମି ପଟ୍ଟା ସଂଶୋଧନ ପାଇଁ ଅନଲାଇନ୍ ମାଧ୍ୟମରେ ଆବେଦନ କରିଥିଲେ। ମାମଲାର ଶୀଘ୍ର ସମାଧାନ ପାଇଁ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ଆରଆଇ କିଶୋର ସ୍ୱାଇଁ ବିନା କାରଣରେ କାର୍ଯ୍ୟରେ ବିଳମ୍ବ କରିଆସୁଥିଲେ। ପଟ୍ଟା ଦେବା ପାଇଁ ସେ ଆବେଦନକାରୀଙ୍କୁ ୩୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଆବେଦନକାରୀ ଲାଞ୍ଚ ଦେବାକୁ ଅସମର୍ଥତା ପ୍ରକାଶ କରିଥିଲେ ବି ଆରଆଇ ତାଙ୍କ ଜିଦ୍‌ରେ ଅଟଳ ରହିବାରୁ ବାଧହୋଇ ସେ ଭିଜିଲାନ୍ସ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଭିଜିଲାନ୍ସ ଟିମ୍ ଏକ ଜାଲ ବିଛାଇଥିଲା। କାର୍ଯ୍ୟାଳୟ ଭିତରେ ୩୦ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଆରଆଇ କିଶୋର କୁମାର ସ୍ୱାଇଁ ଓ ସହଯୋଗୀ ସୁକାନ୍ତ ପ୍ରଧାନଙ୍କୁ ଭିଜିଲାନ୍ସ ଧରିଥିଲା। ସାକ୍ଷୀମାନଙ୍କ ଉପସ୍ଥିତିରେ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଗିରଫଦାରୀ ପରେ ଭିଜିଲାନ୍ସ ଟିମ୍ ଆରଆଇଙ୍କ ଅଫିସ୍ ପ୍ରକୋଷ୍ଠ ଏବଂ କଣ୍ଟାପଡ଼ା ବ୍ଲକ ଧାନମଣ୍ଡଳ ଗ୍ରାମରେ ଥିବା ତାଙ୍କ ଭଡ଼ା ଘରେ ଏକାସାଙ୍ଗରେ ଚଢ଼ଉ କରିଥିଲା। ଏହି ସମୟରେ ତାଙ୍କ ନିକଟରୁ ୧ଲକ୍ଷ ୩୫ହଜାର ଟଙ୍କା ନଗଦ ଉଦ୍ଧାର କରାଯାଇ ଜବତ କରାଯାଇଛି। ଏହି ଘଟଣାରେ କଟକ ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଉଭୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

### ଚାଉଳ ବୋଝେଇ ଟ୍ରକରେ ଗଞ୍ଜେଇ ଚାଲାଣ

# ୨.୫ କୋଟି ଟଙ୍କାର ଗଞ୍ଜେଇ ଜବତ

**ଭୁବନେଶ୍ୱର,୩୧।୭ (ସମିସ):** ଦିଲ୍ଲୀକୁ ଚାଉଳ ବୋଝେଇ ଟ୍ରକ୍‌ରେ ଗଞ୍ଜେଇ ଚାଲାଣ ବେଳେ ଏସ୍‌ଟିଏଫ୍ ୪୯୭ କେଜି ଗଞ୍ଜେଇ ଜବତ କରିଛି। ଏହାର ବଜାର ମୂଲ୍ୟ ୨.୫କୋଟିରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଉଛି।



ଏସ୍‌ଟିଏଫ୍ ସୂଚନା ମୁତାବକ ପୁଲିସ କିଛିଦିନ ତଳେ ରାଜସ୍ଥାନର ଏକ ଗ୍ୟାଙ୍ଗକୁ ଗିରଫ କରିଥିଲା। ସେମାନଙ୍କ ସୂଚନା ଆଧାରରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଥିଲା। ଭୁବନେଶ୍ୱର ପିତାପଲ୍ଲୀ ନିକଟରେ ଏକ ଟ୍ରକ୍‌କୁ ଅଟକାଯାଇଥିଲା। ଏହି ଟ୍ରକ୍‌ର ମାଲିକ ପ୍ରେମ୍ ଚନ୍ଦା ଓ ତାର ଘର ଉତ୍ତର ପ୍ରଦେଶର ଅଲ୍ଲୀଗଡ଼ ଜିଲ୍ଲାରେ। ଟ୍ରକ୍‌କୁ ଯାଞ୍ଚ କରାଯିବା ପରେ ଏଥିରେ ଚାଉଳ ବସ୍ତା ରହିଥିଲା ଓ ଚାଉଳ ବସ୍ତା ତଳେ ୪୯୭ କେଜିର ଗଞ୍ଜେଇ ରହିଥିଲା। ଏହାପରେ ଏସ୍‌ଟିଏଫ୍ ଗାଡ଼ିର ଡ୍ରାଇଭର ପ୍ରେମ୍‌କୁ ଗିରଫ ସହ ବ୍ୟବହୃତ ଗାଡ଼ି ଏବଂ ଏକ ମୋବାଇଲକୁ ଜବତ କରିଥିଲା। ପ୍ରେମ୍‌କୁ ଜେରା ବେଳେ ଏହି ଗଞ୍ଜେଇ କନ୍ଧମାଳରୁ ଅଣାଯାଇଥିଲା। ଗଞ୍ଜେଇ ବସ୍ତା ଗୁଡ଼ିକୁ ବ୍ରହ୍ମପୁରରୁ ଟ୍ରକ୍‌ରେ ଲୋଡିଂ କରାଯାଇଥିଲା ଓ ଏହାକୁ ନୂଆଦିଲ୍ଲୀ ଚାଲାଣ କରାଯାଇ ଥାନ୍ତା ବୋଲି ପୁଲିସ କହିଛି।

# ହଁସୁଆ ନଦୀରେ ଭାସିଯାଇ ଦୁଇ ଛାତ୍ର ନିଖୋଜ

**ଏରସମା, ୩୧।୭ (ସମିସ):** ଜଗତସିଂହପୁର ଜିଲ୍ଲା ଏରସମା ଥାନା ଅନ୍ତର୍ଗତ ଆମ୍ବିକି ପଞ୍ଚାୟତ ଆମ୍ବିକି ଗ୍ରାମରେ ଶନିବାର ଦୁଇ ଛାତ୍ର ହଁସୁଆ ନଦୀରେ ଭାସିଯାଇଛନ୍ତି। ସେମାନେ ଗାଧୋଇବାକୁ ଯାଇଥିବା ବେଳେ ନଦୀର ପ୍ରବଳ ସୁଅରେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ଗ୍ରାମର ପାଞ୍ଚ ଜଣ ପିଲା ନିକଟସ୍ଥ ହଁସୁଆ ନଦୀର ଦହିବର-ଆମ୍ବିକି ପୋଲ ନିକଟକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇବା ସମୟରେ ଅକ୍ଷୟ କାଣ୍ଡିଙ୍କ ଏକମାତ୍ର ପୁଅ ବୁଟୁ କାଣ୍ଡି (୧୪) ଏବଂ ବିଧାନ କାଣ୍ଡିଙ୍କ ଏକମାତ୍ର ପୁଅ କାହ୍ନା କାଣ୍ଡି (୧୯) ପ୍ରବଳ ସୁଅରେ ଭାସିଯାଇ ନିଖୋଜ ହୋଇଯାଇଥିଲେ। ବୁଟୁ ଦଶମ ଶ୍ରେଣୀରେ ପଢୁଥିବା ବେଳେ କାହ୍ନା ବେଟେକ୍ ଛାତ୍ର। ସାଙ୍ଗରେ ଥିବା ଅନ୍ୟ ପିଲାମାନେ ତୁରନ୍ତ ଗାଁ ଲୋକଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ଡଙ୍ଗା ସାହାଯ୍ୟରେ ନଦୀରେ ବ୍ୟାପକ ଖୋଜାଖୋଜି ଆରମ୍ଭ କରିଥିଲେ। ପରେ ପ୍ରଶାସନିକ ଅଧିକାରୀ ଓ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଘଟଣାସ୍ଥଳରେ ଏଡିଏମ୍ (ରାଜସ୍ୱ) ସମ୍ବିତ ରାଉତରାୟ, ଏରସମା ବିଡିଓ ଦାଶରଥି ଜେନା, ତହସିଲଦାର ସ୍ନିଗ୍ଧା ଶ୍ରଦ୍ଧାଞ୍ଜଳି ବେହେରା, ଅତିରିକ୍ତ ତହସିଲଦାର ଦେବେନ୍ଦ୍ର ପାଲ, ଏରସମା ଥାନା ଅଧିକାରୀ ପାର୍ଥପ୍ରୀତମ ବେଉରା, ସରପଞ୍ଚ ରଞ୍ଜନ ଜେଠୀ, ସମିତିସଭ୍ୟ ଧନଞ୍ଜୟ ସାହୁ, ବିଜେପି ନେତା ନୃସିଂହ ସାହୁ ଓ ସମାଜସେବୀ ସୁଶାନ୍ତ ମାଇତି ପ୍ରମୁଖ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟର ତଦାରଖ କରିଥିଲେ।






# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ଆଜିଠୁ ଖୋଲିବ...

ପକ୍ଷରୁ ଡାଙ୍ଗମାଳ ଓ ଗୁପ୍ତିଠାରେ ଥିବା ଫାଇବର୍ ବୋଟ୍‌ରେ ମଧ୍ୟ ପର୍ଯ୍ୟଟକ ବୁଲି ଭିତରକନିକାର ନୈସର୍ଗିକ ଶୋଭା ଉପଭୋଗ କରିପାରିବେ। ଚଳିତବର୍ଷ ଭିତରକନିକାକୁ ସମ୍ପୂର୍ଣ୍ଣ ଭାବେ ପଲିଥିନ୍‌ମୁକ୍ତ କରାଯାଇଛି। ପର୍ଯ୍ୟଟକ ପଲିଥିନ ଓ ପ୍ଲାଷ୍ଟିକ୍ ସାମଗ୍ରୀ ଜାତୀୟ ଉଦ୍ୟାନ ମଧ୍ୟକୁ ନ ଆଣିବା ପାଇଁ ବନ ବିଭାଗ ପକ୍ଷରୁ ନିବେଦନ କରାଯାଇଛି।

## ବଢ଼ିରେ ଉବୁଟୁବୁ...

ଏବେ ବି ଭଦ୍ରକ, ଯାଜପୁର ଓ ବାଲେଶ୍ୱର ଜିଲ୍ଲାର ଅନେକ ଗାଁ ଜଳପ୍ଲାବିତ ହୋଇ ରହିଛି। ଅନ୍ୟପଟେ ମହାନଦୀରେ ଗୁରୁବାର ସନ୍ଧ୍ୟା ସୁଦ୍ଧା ୯ ଲକ୍ଷ କ୍ୟୁସେକ୍ ଓ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ସାଢ଼େ ୮ ଲକ୍ଷ କ୍ୟୁସେକ୍ ପାଣି ଚାଲୁଥିବାରୁ ଏହାର ଶାଖାନଦୀଗୁଡ଼ିକ ଉପରେ ଏବେ ବି ବିପଦ ରହିଛି। ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ଦେବୀ, କୁଶଭଦ୍ରା, ଇବ୍, ବ୍ରାହ୍ମଣୀ, ବୈତରଣୀ, ବୁଢାବଳଙ୍ଗ, ସୁବର୍ଣ୍ଣରେଖା, ବଂଶଧାରା, ଋଷିକୁଲ୍ୟା, ଜଳକା ଆଦି ନଦୀର ଜଳପତ୍ତନ ସ୍ତର କ୍ରମଶଃ ହ୍ରାସ ପାଉଛି। ମହାନଦୀର ଜଳପତ୍ତନ ସ୍ତର ବିପଦସଙ୍କେତଠୁଁ ସାମାନ୍ୟ ଅଧିକ ରହିଛି। ହୀରାକୁଦ ଡ୍ୟାମର୍ ୨୨ ଟି ଗେଟ୍ ଖୋଲାଯାଇ ବନ୍ୟା ଜଳ ନିଷ୍କାସିତ କରାଯାଉଛି। ଏହି ଜଳ ହୀରାକୁଦରୁ ଆସି ମୁଣ୍ଡଳି ଠାରେ ପହଞ୍ଚିବାକୁ ପାଖାପାଖି ୩୬ ଘଣ୍ଟା ସମୟ ଲାଗିବ। ତେବେ ସେତେବେଳକୁ ମୁଣ୍ଡଳିଠାରେ ମହାନଦୀର ଜଳସ୍ତର ଅପେକ୍ଷାକୃତ କମ୍ ହୋଇ ଯାଇଥିବାରୁ ଏହି ବନ୍ୟାଜଳ ଦ୍ୱାରା ବିଶେଷ ବିପଦ ସୃଷ୍ଟି ହେବ ନାହିଁ ବୋଲି ଆଶା କରାଯାଉଛି। କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ ଆଦି ଜିଲ୍ଲାମାନଙ୍କୁ ସମ୍ପୂର୍ଣ୍ଣ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ରାଜସ୍ୱ ବିଭାଗ କହିଛି। ଜିଲ୍ଲା ପ୍ରଶାସନ ସହ ଓଡ୍ରାଫ୍, ଏନଡିଆରଏଫ୍ ଏବଂ ଅଗ୍ନିଶମ ବାହିନୀ ସବୁଠି ନିୟୋଜିତ ଅଛନ୍ତି। ରାଜ୍ୟରେ ୧୮ଟି ଓଡ୍ରାଫ୍, ୭ଟି ଏନଡିଆରଏଫ୍ ଏବଂ ୧୧୨ଟି ଅଗ୍ନିଶମ ତଥା ଜରୁରୀକାଳୀନ ଉଦ୍ଧାରକାରୀ ଦଳ ନିୟୋଜିତ ଥିବା ସହ ବିଭିନ୍ନ ଅଞ୍ଚଳରେ ଆବଶ୍ୟକ ଉଦ୍ଧାର କାର୍ଯ୍ୟ, ସ୍ଥାନାନ୍ତରଣ, ରିଲିଫ୍ ସମାଗ୍ରୀ ପ୍ରଦାନ ଆଦି କାର୍ଯ୍ୟରେ ଲାଗିଛନ୍ତି।

ବନ୍ୟା ସ୍ଥିତିକୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ପରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ବନ୍ୟା ଜଳ ଛାଡିବାର ୭୨ ଘଣ୍ଟା ମଧ୍ୟରେ କ୍ଷତିଗ୍ରସ୍ତ ଚାଷଜମିର କ୍ଷୟକ୍ଷତି ଆକଳନ କରି ଜିଲ୍ଲାପାଳମାନଙ୍କୁ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। କୃଷି ବିଭାଗ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମନ୍ୱିତ ଭାବେ ସର୍ବେକ୍ଷଣ କରାଯାଇ ଜିଲ୍ଲା ପ୍ରଶାସନର ରିପୋର୍ଟ ଆଧାରରେ ତୁରନ୍ତ ମିଳିତ ସହଯୋଗ ତଥା କ୍ଷତିପୂରଣ ରାଶି ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ଶସ୍ୟଜାତୀୟ ଫସଲ କିମ୍ବା ପନିପରିବା ସମସ୍ତ ପ୍ରକାର ଚାଷ ନିମନ୍ତେ କ୍ଷତିପୂରଣ ପ୍ରଦାନ ସହିତ ଆବଶ୍ୟକସ୍ଥଳେ କୃଷକମାନଙ୍କୁ ସ୍ୱଳ୍ପ ମିଆଦିର ବିହନ ମଧ୍ୟ ଯୋଗାଇ ଦିଆଯିବ। ଏଥିସହିତ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ବିଭିନ୍ନ ବିଭାଗର କାର୍ଯ୍ୟାଳୟ ତଥା କୋଠାବାଡ଼ିର ମରାମତି ସହ ଭିତ୍ତିଭୂମି ସୁଦୃଢ଼ କରିବା ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ଏବେ ସୁଦ୍ଧା ବନ୍ୟା ଦ୍ୱାରା ପ୍ରଭାବିତ ୭ ଟି ଜିଲ୍ଲାକୁ ଇତି ମଧ୍ୟରେ ଏସ୍‌ଡିଆର୍‌ଏଫ୍‌ରୁ ୨୬ କୋଟି ଟଙ୍କା ପ୍ରଦାନ କାରଯାଇଛି। ରିଲିଫ କ୍ୟାମ୍ପ ପରିଚାଳନା ପାଇଁ ଏହି ଅର୍ଥ ଯୋଗାଇ ଦିଆଯାଇଛି। ଏଥିରେ ଭଦ୍ରକ, ଯାଜପୁର, କେନ୍ଦୁଝର, ବାଲେଶ୍ୱରକୁ ୫ କୋଟି ଲେଖାଏଁ ଅର୍ଥ ଦିଆଯାଇଥିବା ବେଳେ ଜଗତସିଂହପୁର, କଟକ, ମୟୂରଭଞ୍ଜକୁ ୨ କୋଟି ଟଙ୍କା ଲେଖାଏ ଅର୍ଥ ପ୍ରଦାନ କରାଯାଇଛି। ସେହିପରି ଗୃହପାଳିତ ପଶୁଙ୍କ ଖାଦ୍ୟ ଯୋଗାଣକୁ ଗୁରୁତ୍ୱ ଦେଇ ସରକାରଙ୍କ ପକ୍ଷରୁ ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, କେନ୍ଦୁଝର, କେନ୍ଦ୍ରାପଡ଼ା, ଖୋରଧା ଓ ଜଗତସିଂହପୁର ଜିଲ୍ଲାକୁ ୧୦୪୩.୫୪୩ ମେଟ୍ରିକ ଟନ୍ ଗୋଖାଦ୍ୟ ପଠାଯାଇଛି। ୨ ଲକ୍ଷ ୩୮ ହଜାର ୫୧୪ ଲୋକଙ୍କୁ ରିଲିଫ କ୍ୟାମ୍ପରେ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଖୋଲିଲା ୨୨...

ବାମପାର୍ଶ୍ୱର ୧୫ଟି ଏବଂ ଓ ଡାହାଣ ପାର୍ଶ୍ୱର ୭ଟି ଏହିଭଳି ମୋଟ ୨୨ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୪,୨୨,୯୬୮ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩,୦୦,୦୫୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୬୪,୪୨୬ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୧୬୮୮ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୭ କ୍ୟୁସେକ୍, କେନାଲ ପାଇଁ ୩୫୯୫ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ତଳମୁଣ୍ଡରେ ବେଲଗାଁଠାରେ ୮୩,୬୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୨,୦୬,୨୪୪ କ୍ୟୁସେକ୍, ଖଇରମାଳଠାରେ ୩,୩୦,୦୦୦ କ୍ୟୁସେକ୍, ବାରମୁଲଠାରେ ୬,୦୨,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୮,୨୦,୮୪୩ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

ହୀରାକୁଦ ମୁଖ୍ୟବନ୍ଧ ଓ ଅପର୍ ମହାନଦୀ ବେସିନ୍ ମୁଖ୍ୟଯନ୍ତ୍ରୀ ଇଂ. ପ୍ରତାପ ଚନ୍ଦ୍ର ଚୌଧୁରୀ କହିଛନ୍ତି, ମହାନଦୀର ତଳମୁଣ୍ଡରେ ଏହି ଜଳ ନିଷ୍କାସନ ବନ୍ୟା ସ୍ଥିତି ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ଏହି ଜଳ ଖଇରମାଳ ପହଞ୍ଚିବାବେଳେ ସେଠାରେ ଜଳପ୍ରବାହ ହ୍ରାସ ପାଇଥିବ। ଅନ୍ୟପକ୍ଷରେ ଉପରମୁଣ୍ଡରେ ବର୍ଷା ନ ଥିବାରୁ ପ୍ରବେଶ କରୁଥିବା ଜଳ ପରିମାଣ ଆସନ୍ତାକାଲି ସନ୍ଧ୍ୟା ପର୍ଯ୍ୟନ୍ତ କମିଯିବ ।

## ଶାହାଙ୍କୁ ଭେଟିଲେ...

ଯୋଜନା' ମାଧ୍ୟମରେ ସେହି ଅଞ୍ଚଳ ଗୁଡ଼ିକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ କଲ୍ୟାଣକାରୀ ଯୋଜନା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରୁଛନ୍ତି। ସକ୍ରିୟ ପୋଲିସିଂ ଯୋଗୁଁ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶାରେ ହୋଇଥିବା ଦ୍ରୁତ ଶିଳ୍ପାୟନ ବିଷୟରେ ଆଲୋଚନା କରି ଏହାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଶିଳ୍ପ ସୁରକ୍ଷା କ୍ଷେତ୍ରରେ ଗୃହମନ୍ତ୍ରୀଙ୍କ ସହଯୋଗ ଲୋଡ଼ିଛନ୍ତି ମୁଖ୍ୟମନ୍ତ୍ରୀ। ସେହିପରି ସମବାୟ କ୍ଷେତ୍ରରେ ମଧ୍ୟ କେନ୍ଦ୍ର ସରକାର ଓଡ଼ିଶାକୁ ସହଯୋଗ ଯୋଗାଇ ଦେଉଛନ୍ତି। ଓଡ଼ିଶାରେ ଚିନି କଳ ଗୁଡ଼ିକର ପୁନରୁଦ୍ଧାର ପାଇଁ କେନ୍ଦ୍ର ସରକାରଙ୍କ ପ୍ରତ୍ୟକ୍ଷ ସହଯୋଗ ଯୋଗୁ ମୁଖ୍ୟମନ୍ତ୍ରୀ ଗୃହ ମନ୍ତ୍ରୀ ଶ୍ରୀ ଶାହଙ୍କୁ ଧନ୍ୟବାଦ ଦେଇଛନ୍ତି।

ଓଡ଼ିଶାର "ଡବଲ୍-ଇଞ୍ଜିନ୍ ସରକାର' ସିଧାସଳଖ ଜନସମ୍ପର୍କ ଏବଂ ଦ୍ରୁତ ଅଭିଯୋଗ ପ୍ରତିକାର ମାଧ୍ୟମରେ ଜନସାଧାରଣଙ୍କ ଆସ୍ଥା ଜିତି ପାରିଛି ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିବା ସହ ରାଜ୍ୟର ପ୍ରମୁଖ ବିକାଶ ଓ କଲ୍ୟାଣକାରୀ ପଦକ୍ଷେପଗୁଡ଼ିକ ବିଷୟରେ ଆଲୋକପାତ କରିଛନ୍ତି। ଏହି ଅବସରରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ରାଜ୍ୟର ପ୍ରଶଂସନୀୟ ଓ ଜନକଲ୍ୟାଣକାରୀ ପଦକ୍ଷେପଗୁଡ଼ିକର ଭୂୟସୀ ପ୍ରଶଂସା କରିଥିଲେ ଏବଂ ଓଡ଼ିଶାବାସୀଙ୍କ ଆଶା ଆକାଂକ୍ଷା ପୂରଣ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ଆଶ୍ୱାସନା ଦେଇଛନ୍ତି।

## ରାଜ୍ୟରେ ସାଂଘାତିକ...

କର୍କଟ ଓ ଥାଲାସେମିଆ ରୋଗୀମାନେ ରକ୍ତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ ଫେଡେରେସନ୍ ବ୍ଲଡ ଡୋନର୍ସ ଅର୍ଗାନାଇଜେସନ୍ ଅଫ୍ ଓଡ଼ିଶାର ସଭାପତି ଅକ୍ଷୟ କୁମାର ରାଉତ କହିଛନ୍ତି ଯେ, ଜୀବନବିନ୍ଦୁ ମାଧ୍ୟମରେ ରାଜ୍ୟରେ ପ୍ରାୟ ୫୦ ପ୍ରତିଶତ ରକ୍ତାଭାବ ଦୂର ହେଉଥିଲା। ପର୍ଯ୍ୟାପ୍ତ ପରିମାଣରେ ଶିବିର ଆୟୋଜନ କରାଯାଉଥିଲା। ମାତ୍ର ଏବେ ଅନ୍ୟକୁ ଜୀବନ ଦାନ ଦେଉଥିବା ରକ୍ତ ପାଇଁ କୌଣସି ସଚେତନ କରାଯାଉ ନାହିଁ। ଫଳରେ ସରକାରୀ ରକ୍ତଭଣ୍ଡାରରେ ରକ୍ତ ଅଭାବ ଦେଖାଦେଇଛି। କୌଣସି ଶିବିରରୁ ଯଦି ୧୦୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଉଛି, ସେଥିରେ ୪୫ ୟୁନିଟ୍ 'ଓ'ପଜିଟିଭ୍ ହୋଇଥାଏ। କିନ୍ତୁ ଏବେ ଓ' ପଜିଟିଭ ରକ୍ତ ଏବେ ଅଧିକାଂଶ ସରକାରୀ ରକ୍ତଭଣ୍ଡାରରେ ନାହିଁ। ଏଥିପାଇଁ ଏବେଠାରୁ ସରକାର ସତର୍କ ନ ହେଲେ ଆଗାମୀ ଦିନରେ ରକ୍ତ ପାଇଁ ଶହଶହ ମୂଲ୍ୟବାନ ଜୀବନ ଚାଲିଯିବ ବୋଲି ସେ କହିଛନ୍ତି।

## କାହାକୁ ସୁରକ୍ଷା...

କହିଥିବା ଏକ ପ୍ରକାର ସ୍ପଷ୍ଟ ହୋଇଛି, ତେବେ ସେ କାହାକୁ ବଞ୍ଚାଇବାକୁ ଯାଇ ମିଛ କହିଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଶ୍ୱବିଦ୍ୟାଳୟ କୁଳପତି ଡ. ମାନସ ରଞ୍ଜନ ସାହୁ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ହୋଇନାହିଁ। ସକାଳ ୧୦ ଟା ରେ ପରୀକ୍ଷା ଆରମ୍ଭ ହୋଇଥିବାବେଳେ ଏହା ପରେ ପ୍ରଶ୍ନପତ୍ର ହ୍ୱାଟସ୍‌ଆପ୍ ଗ୍ରୁପ୍‌ରେ ଆସିଛି। ଏଣୁ ଏହାକୁ ପ୍ରଶ୍ନପତ୍ର ଲିକ୍ କୁହାଯାଇ ପାରିବ ନାହିଁ, ବରଂ ମାଲ୍ ପ୍ରାକ୍ଟିସ୍ (କପି କରିବା) ବୋଲି କୁହାଯିବ। ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ମାତ୍ର ପରୀକ୍ଷା ଆରମ୍ଭ ହେବା ପୂର୍ବରୁ ପରୀକ୍ଷାର୍ଥୀଙ୍କ ପାଖରେ ପ୍ରଶ୍ନପତ୍ର ପହଞ୍ଚିଛ ଓ ଏହାର ସ୍କ୍ରିନସଟ୍ ମଧ୍ୟ ରହିଛି। ପୁଣି ପ୍ରଶ୍ନପତ୍ର ପହଞ୍ଚିବାର ମାତ୍ର କେଇ ସେକେଣ୍ଡ ମଧ୍ୟରେ ଉତ୍ତର ମଧ୍ୟ ସେହି ଗ୍ରୁପ୍‌ରେ ପଡ଼ିଥିବା ଦେଖାଯାଇଛି। ତେଣୁ କୁଳପତିଙ୍କ କହିବା ଅନୁଯାୟୀ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଭାଇରାଲ୍ ହୋଇଥିବାରୁ ଏହାକୁ ପେପର୍ ଲିକ୍ କାହିଁକି କୁହାଯିବ ନାହିଁ ଓ ଏହାକୁ ଆଧାର ତଦନ୍ତ କରି କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ? ପୁଣି କୁଳପତି ପ୍ରଶ୍ନପତ୍ର ଲିକ୍ ଘଟଣାକୁ କାହିଁକି ମାଲ୍ ପ୍ରାକ୍ଟିସ୍ କହି ଭିନ୍ନ ରୂପ ଦେବାକୁ ପ୍ରୟାସ କରୁଛନ୍ତି ତାହା ଆଉ ଏକ ପ୍ରଶ୍ନକୁ ଜନ୍ମ ଦେଇଛି।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ପ୍ରଶ୍ନପତ୍ର ଲିକ୍ ପାଇଁ ବହୁ ପୂର୍ବରୁ ସୁଚିନ୍ତିତ ଯୋଜନା କରାଯାଇଥିଲା। ଏଥିପାଇଁ ୩ଟି ହ୍ୱାଟସ୍‌ଆପ୍ ଗ୍ରୁପ୍ ହୋଇଥିଲା। ଏସ୍-୧ ଗ୍ରୁପ୍‌ରେ ସଂକ୍ଷିପ୍ତ ପ୍ରଶ୍ନପତ୍ର, ଏଲ୍-୧ ଗ୍ରୁପ୍‌ରେ ଦୀର୍ଘ ପ୍ରଶ୍ନପତ୍ର ଓ ଜେଡ୍-୧ ଗ୍ରୁପ୍‌ରେ ଅନ୍ୟ ସମସ୍ତ ପ୍ରଶ୍ନପତ୍ର ଦିଆଯାଉଥିଲା। ଏହାର ଉତ୍ତର ତ୍ୱରିତ ସେହି ଗ୍ରୁପ୍‌ରେ ହିଁ ଆସିଯାଉଥିଲା। ପିଲାମାନେ ପରୀକ୍ଷା ହଲ୍ ମଧ୍ୟକୁ ମୋବାଇଲ୍ ନେଇ ଉତ୍ତର ଲେଖୁଥିବା ଅଭିଯୋଗ ହେଉଛି। ଏପରିକି ପରୀକ୍ଷାର ଠିକ୍ ପୂର୍ବରୁ ନେଟୱାର୍କ ଜାମର୍ ମଧ୍ୟ ଅଫ୍ କରାଯାଇଥିବା ଅଭିଯୋଗ ହୋଇଛି। ଏହି ସମସ୍ତ ଘଟଣା ସିସିଟିଭିରେ କଏଦ୍ ହୋଇଥିବାବେଳେ ଏହାକୁ ଏଯାଏଁ ଜବତ କରାଯାଇ ନାହିଁ। ଫଳରେ ସିସିଟିଭିରେ ବୈଷୟିକ ତ୍ରୁଟିର ଆଳ ଦେଖାଇ ସମସ୍ତ ରେକର୍ଡ ଡିଲିଟ୍ କରିବାକୁ ପ୍ରୟାସ କରାଯାଉଥିବା ଜଣାପଡ଼ିଛି।

## କିରାଣି କିଙ୍ଗ୍‌ପିନ୍...

କରାଯାଇଥିବାବେଳେ ନୂତନ ଡିନ୍ ଯୋଗଦେବା ପରେ କିଛି ମାସ ପୂର୍ବରୁ ପୁଣି କଲେଜକୁ ଅଣାଯାଇଛି। ଅପରପକ୍ଷରେ ପ୍ରଶ୍ନପତ୍ର ଲିକ୍ ପାଇଁ ବ୍ୟାପକ ଅର୍ଥ କାରବାର ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ସମସ୍ତ ୧୫୪ ଜଣ ପରୀକ୍ଷାର୍ଥୀ ୨ହଜାର ଟଙ୍କା ଲେଖାଏଁ ପ୍ରାୟ ୩ ଜଣ ଛାତ୍ରଙ୍କ ନିକଟକୁ ପଠାଇଛନ୍ତି। ୟୁପିଆଇ ମାଧ୍ୟମରେ ଏହି ଟଙ୍କା କାରବାର ହୋଇଥିବାରୁ ଏହାର ଡିଜିଟାଲ୍ ପ୍ରମାଣ ମଧ୍ୟ ରହିଛି। ଆଦାୟ ହୋଇଥିବା ମୋଟ୍ ୩ ଲକ୍ଷ ୮ ହଜାର ଟଙ୍କା ମଧ୍ୟରୁ ଡିନ୍‌ଙ୍କ ନାମରେ ୨ ଲକ୍ଷ ଏବଂ ଅବଶିଷ୍ଟ ଟଙ୍କା କିରାଣି ଓ ସମ୍ପୃକ୍ତ ଥିବା ଅଧ୍ୟାପକଙ୍କ ପାଇଁ ନିଆଯାଇଛି। ଏହା ଏକ ଯୋଜନାବଦ୍ଧ ପ୍ରଶ୍ନପତ୍ର ଲିକ୍ ହୋଇଥିବାବେଳେ ଅପରାଧିକ ତଦନ୍ତ କରିବାକୁ ଅନ୍ୟ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକ ଓ ଶିକ୍ଷାବିତମାନେ ଦାବି କରିଛନ୍ତି।

# ଶହଶହ ହେକ୍ଟର ଚାଷଜମି ବାଲିଚର




**ଖଡ଼ିଆଳ, ୩୧।୭ (ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକରେ ଚଳିତ ବନ୍ୟା ଯୋଗୁଁ ଶହ ଶହ ହେକ୍ଟର ଚାଷଜମି ପ୍ରଭାବିତ ହୋଇଛି। ବିଶେଷ କରି ନଦୀ କୂଳରେ ଥିବା ପଞ୍ଚାୟତ ଗୁଡିକ ସାନ ମହେଶ୍ୱର, ବରଗାଁ, ଖୁଦପେଜ, ଚିନ୍ଦାଗୁଡା, ବିରିଘାଟ, ଡୁଆଝର, ନେହେନା, ସାନ ଦୋହେଲ, ସରଧାପୁର, ଡୁକଳା ତଥା ଅନ୍ୟାନ୍ୟ ପଞ୍ଚାୟତରେ ବନ୍ୟା ପାଣି ଛାଡ଼ିଯିବା ପରେ ବିସ୍ତୀର୍ଣ୍ଣ ଅଞ୍ଚଳରେ ବାଲି ଜମି ରହିଥିବାରୁ ଅନେକ ଚାଷ ଜମି ବାଲିଚରରେ ପରିଣତ ହୋଇଛି। ଧାନସହ ବିଭିନ୍ନ ଫସଲ ନଷ୍ଟ ହୋଇଥିବାରୁ ଚାଷୀମାନେ ଗଭୀର ଚିନ୍ତାରେ ପଡ଼ିଛନ୍ତି। ଚାଷୀ ମାନଙ୍କ ଅଭିଯୋଗ ଅନୁଯାୟୀ, ଚଳିତ ବର୍ଷ ବନ୍ୟା ସେମାନଙ୍କ ଚାଷ କାର୍ଯ୍ୟକୁ ଭାରି କ୍ଷତିଗ୍ରସ୍ତ କରିଛି। ଅନେକ ସ୍ଥାନରେ ଉର୍ବର ମାଟି ବାଲି ତଳେ ପୋତି ହୋଇ ଯାଇଥିବାରୁ ଆଗାମୀ ଦିନରେ ଚାଷ କରିବା ମଧ୍ୟ କଷ୍ଟସାଧ୍ୟ ହେବ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ପ୍ରଶାସନ ପକ୍ଷରୁ ତୁରନ୍ତ ଚାଷୀଙ୍କ କ୍ଷୟକ୍ଷତିର ସଠିକ୍ ଆକଳନ କରି କ୍ଷତିଗ୍ରସ୍ତ ଚାଷୀ ମାନଙ୍କୁ ସରକାରୀ ସହାୟତା, କ୍ଷତିପୂରଣ ଓ ପୁନର୍ବାସ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଚାଷୀମାନେ ପ୍ରଶାସନ ଠାରେ ଦାବି କରିଛନ୍ତି।

### ଥନଟ ଗ୍ରାମର ବିଭିନ୍ନ ସମସ୍ୟାର ସମାଧାନ ଦାବି

# ଦାବି ପୂରଣ ନ ହେଲେ ସ୍ୱାଧୀନତା ଦିବସରୁ ଅନଶନ ଚେତାବନୀ

**ଧର୍ମଗଡ଼, ୩୧।୭ (ସମିସ)**

ଧର୍ମଗଡ଼ ବ୍ଲକ ଅଧୀନ ବ୍ରାହ୍ମଣ ଛେଣ୍ଡିଆ ପଞ୍ଚାୟତ ଅଧୀନରେ ଥିବା ଥନଟ ଗ୍ରାମବାସୀ ଗ୍ରାମରେ ଥିବା ବିଭିନ୍ନ ସମସ୍ୟାକୁ ନେଇ ଧର୍ମଗଡ଼ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ୭ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଥନିଟ ଗ୍ରାମ ଏବେବି ଅନୁନ୍ନତ ଓ ବିଭାଗୀୟ ପ୍ରଶାସନିକ ଅବହେଳା ଯୋଗୁଁ ସରକାରଙ୍କ ଉନ୍ନୟନ କାର୍ଯ୍ୟ ଗୁଡ଼ିକ ସମ୍ପାଦନ ହୋଇ ପାରୁନାହିଁ। ଥନଟ ଗ୍ରାମରୁ କେବିଡି ରାସ୍ତା ଶୋଚନୀୟ ଅବସ୍ଥାରେ ରହିଛି। ଆଗକୁ ପ୍ରଧାନମନ୍ତ୍ରୀ ରାସ୍ତା ମଧ୍ୟ ହେବାର ଅଛି ବୋଲି ସୂଚନା ମିଳିଛି। ଏଣୁ ରାସ୍ତାର ଖାଲ ଢ଼ିପକୁ ପଥର ଗୁଣ୍ଡ ମଧ୍ୟ ଦେଇ ସମତଳ ଠିକ୍ କରାଯିବା, ପାନୀୟ ଜଳ ପ୍ରକଳ୍ପ ଯୋଗୁଁ କ୍ଷୟକ୍ଷତି ହୋଇଥିବା ସମସ୍ତ ରାସ୍ତାକୁ ମରାମତି କରାଯିବା, ପାନୀୟ ଜଳ ପ୍ରକଳ୍ପରୁ ଆସୁଥିବା ପାଣିକୁ ପରୀକ୍ଷା କରିବାରୁ ଖରାପ ବାହାରିଥିବା ଜଣାପଡ଼ିଛି, ତେଣୁ ଯେମିତି ପିଇବା ପାଣି ସେବନ ଦ୍ୱାରା କିଡ୍‌ନୀ ରୋଗରେ ଲୋକେ ଆକ୍ରାନ୍ତ ନ ହେବେ ସେଥିପାଇଁ ବିଶୋଧନ ଜଳ ଯୋଗାଇ ଦିଆଯିବା, ଡ୍ରେନ୍ ସୁବିଧା ନ ଥିବାରୁ ପାନୀୟ ଜଳ ପ୍ରକଳ୍ପରୁ ଆସୁଥିବା ପାଣି ରାସ୍ତାରେ ଜମି ରହିବା ଦ୍ୱାରା ଆଗକୁ ଡେଙ୍ଗୁ, ହଇଜା ଭଳି ଅନେକ ରୋଗରେ ଆକ୍ରାନ୍ତ ହେବାର ସମସ୍ୟା ଥିବାରୁ ରାସ୍ତା ର ଦୁଇ ପଟରେ ଡ୍ରେନ୍ ନିର୍ମାଣ କରାଯିବା, ଅନେକ ସ୍ଥାନରେ ନୁଆ ଷ୍ଟ୍ରିଟ୍ ଲାଇଟ ଏବଂ କିଛି ଜାଗାରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ ଖରାପ୍ ଥିବା ଲାଇଟକୁ ଶୀଘ୍ର ମରାମତି କରାଯିବା, ବିପିଏଲ୍ ଧାରୀଙ୍କ ପାଇଁ ଲାଗିଥିବା ଟ୍ରାନ୍ସଫର୍ମର ୫ ବର୍ଷରୁ ଉର୍ଦ୍ଧ୍ୱ ଦିନ ହେବ ଖରାପ ଥିବାରୁ ଶୀଘ୍ର ନୂଆ ଟ୍ରାନ୍ସଫର୍ମର ଲଗାଯିବା, ଥନଟ ହରିଜନ ପଡ଼ାର



ଆମ୍ବେଦକର କମ୍ୟୁନିଷ୍ଟ ହଲ ଛକ ଏବଂ ଗ୍ରାମର ଅନ୍ୟ କିଛି ସ୍ଥାନରେ ହାଇମାକ୍ସ ଲାଇଟ ଲଗାଯାଉ ବୋଲି ଆଜି ଯୁବ ସମାଜସେବୀ ଉମାକାନ୍ତ ସୁନାନୀଙ୍କ ନେତୃତ୍ୱରେ ଗଜିନ୍ଦ୍ର ତାଣ୍ଡି, ଆକାଶ ବାଗ, ଅଶ୍ୱିନ ତାଣ୍ଡି, ରିଙ୍କୁ ମଙ୍ଗରାଜ, ଧର୍ମେନ୍ଦ୍ର ବାଗ, ଅମିର, ପଦ୍ମନ ବାଗ, ବିଜୟ ବାଗ ପ୍ରମୁଖ ଉପଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଡେପୁଟି କଲେକ୍ଟର ଅମିତ କୁମାର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଉପରୋକ୍ତ ଦାବି ଗୁଡ଼ିକ ପୂରଣ କରା ନ ଗଲେ ଗ୍ରାମବାସୀ ସ୍ୱାଧୀନତା ଦିବସ ପାଳନ ଦିନ ଠାରୁ ବ୍ଲକ ସମ୍ମୁଖରେ ଅନଶନରେ ବସିବା ପାଇଁ ଚେତାବନୀ ଦେଇଛନ୍ତି।

# ଭିଜିଲାନ୍ସ କୋର୍ଟରେ ପୂର୍ବତନ ଡାଟା ଏଣ୍ଟ୍ରି ଅପରେଟର ଦଣ୍ଡିତ

**ଭବାନୀପାଟଣା, ୩୧।୭ (ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲା ତହସିଲରେ କାର୍ଯ୍ୟରତ ପୂର୍ବତନ ଡାଟା ଏଣ୍ଟ୍ରି ଅପରେଟର ସତ୍ୟ ନାରାୟଣ ଚୌଧୁରୀ ଲାଞ୍ଚ ମାମଲାରେ ଶୁକ୍ରବାର ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଛନ୍ତି। ଭବାନୀପାଟଣାସ୍ଥିତ ଜିଲ୍ଲା ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ବଦ୍ରୀ ନାରାୟଣ ନନ୍ଦ ଏହି ମାମଲାର ବିଚାର କରି ଅଭିଯୁକ୍ତ ଡାଟା ଏଣ୍ଟ୍ରି ଅପରେଟର ଚୌଧୁରୀଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଜେଲ ଦଣ୍ଡାଦେଶ ସହ ୫ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ନିଜ ରାୟରେ ଉଲ୍ଲେଖ କରିଛନ୍ତି। ସୂଚନାରୁ ପ୍ରକାଶ ଯେ, ଅଭିଯୁକ୍ତ ଡାଟା ଏଣ୍ଟ୍ରି ଅପରେଟର ଚୌଧୁରୀ ଅଭିଯୋଗକାରୀଙ୍କୁ କମ୍ୟୁନିଟି ସର୍ଭିସ ସେଣ୍ଟର (ସହଜ କେନ୍ଦ୍ର) ଖୋଲିବା ପାଇଁ ଆଇଡି ଓ ପାସୱାର୍ଡ ପ୍ରଦାନ କରିବା ନିମନ୍ତେ ୫ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଯାହାକୁ ନେଇ ଅଭିଯୋଗକାରୀ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ।ଗତ ୫ ଜାନୁୟାରୀ ୨୦୧୬ରେ ଅଭିଯୁକ୍ତ ଡାଟା ଏଣ୍ଟ୍ରି ଅପରେଟର ଚୌଧୁରୀ ଅଭିଯୋଗକାରୀଙ୍କ ଠାରୁ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ ରଙ୍ଗେ ହାତ ଧରିବା ସହ ଗିରଫ କରିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍?ତନ୍ତ୍ର ପିପି ସୁଧୀର କୁମାର ପଣ୍ଡା ଓ ଇମ୍ରାନ ଖାଁ ପରିଚାଳନା କରୁଥିଲେ।

# ପାଞ୍ଚ ଦିନ ହେଲା ବିଦ୍ୟୁତ୍ ସେବା ଠପ୍

**ଖଡ଼ିଆଳ, ୩୧।୭ (ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅଧୀନ ଖାସବାହଲ ପଞ୍ଚାୟତର ଚାରୋଟି ଗ୍ରାମ ଚଚରା ଭଟା, ଆର୍ତ୍ତତ୍ରାଣ ପୁର, ଖଇଭାଡି, ନୂଆ ରାଜପୁର ଗତ ପାଞ୍ଚ ଦିନ ଧରି ବିଦ୍ୟୁତ୍ ସେବା ନ ଥିବାରୁ ସାଧାରଣ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହେଉନଥିବା ଅଭିଯୋଗ ହୋଇଛି। ସ୍ଥାନୀୟଲୋକଙ୍କ କହିବା ଅନୁସାରେ, ବିଦ୍ୟୁତ୍ ବିଚ୍ଛିନ୍ନ ଯୋଗୁଁ ପିଇବା ପାଣି ଯୋଗାଣ, ଛାତ୍ରଛାତ୍ରୀଙ୍କ ପାଠପଢ଼ା, ଛୋଟ ବ୍ୟବସାୟ ଓ ଦୈନନ୍ଦିନ ଜୀବନ ଗୁରୁତର ଭାବରେ ପ୍ରଭାବିତ ହୋଇଛି। ତେବେ ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ଫୋନ୍ କିମ୍ବା ସାକ୍ଷାତ କରି ଅବଗତ କଲେ ସେମାନେ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ଗ୍ରାମବାସୀ ତୁଲାରାମ ହଂସ, ଚିନ୍ତାମଣି ବାଗ, ଅକାଲୁ ଠେଲା ଅଭିଯୋଗ କରିଛନ୍ତି। ଗ୍ରାମବାସୀ ତୁରନ୍ତ ବିଦ୍ୟୁତ୍ ସେବା ସ୍ୱାଭାବିକ କରିବା ସହ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି।

# ସାପ କାମୁଡ଼ାରେ ନାବାଳିକା ମୃତ

**ଥୁଆମୂଳ ରାମପୁର, ୩୧।୭ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ଅଧୀନ ସିନ୍ଧିପଦର ପଞ୍ଚାୟତର ବାର୍ଷିକୋନା ଗ୍ରାମରେ ବିଷାକ୍ତ ସାପ କାମୁଡ଼ାରେ ଜଣେ ୧୬ ବର୍ଷୀୟା ନାବାଳିକାଙ୍କ ମୃତ୍ୟୁ ଘଟିଛି। ବାର୍ଷିକୋନା ଗ୍ରାମର ଓଲା ମାଝୀଙ୍କ ଝିଅ ମାଧୁରୀ ମାଝୀ(୧୬) ଗୁରୁବାର ରାତିରେ ପ୍ରତିଦିନ ଭଳି ରାତ୍ରି ଭୋଜନ ସାରି ଆଉ ୬ ଜଣ ସାଙ୍ଗଙ୍କ ସହ ଏକ କୋଠରିରେ ଶୋଇଥିଲେ। ବିଳମ୍ବିତ ରାତିରେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ଘଟଣା ସମ୍ପର୍କରେ ପରିବାର ଲୋକେ ଅବଗତ ହୋଇଥିଲେ ମଧ୍ୟ ପ୍ରାରମ୍ଭରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସାଧାରଣ ଥିବାରୁ ବିଷୟଟିକୁ ଗୁରୁତ୍ୱ ଦେଇ ନ ଥିଲେ। କିନ୍ତୁ ଶୁକ୍ରବାର ସକାଳେ ମାଧୁରୀଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ଗୁରୁତର ହୋଇପଡ଼ିଥିଲା।



ପରିବାର ଲୋକ ତାଙ୍କୁ ଅପରାହ୍ନରେ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଥୁଆମୂଳ ରାମପୁର ପୁଲିସକୁ ସୂଚନା ଦିଆଯାଇଥିଲା। ପୁଲିସ ହସ୍ପିଟାଲରେ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଥୁଆମୂଳ ରାମପୁରକୁ ପଠାଇଛି। ଏନେଇ ପୁଲିସ ପକ୍ଷରୁ ଆବଶ୍ୟକୀୟ ତଦନ୍ତ ଜାରି ରହିଛି।

# ବିରଳ ପ୍ରଜାତିର ଏଣ୍ଡୁଅ ଉଦ୍ଧାର

**କୋମନା, ୩୧।୭ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ସଦର ପାଇକପଡ଼ାରୁ ଏକ ବିରଳ ପ୍ରଜାତିର ଏଣ୍ଡୁଅ ଉଦ୍ଧାର କରାଯାଇଛି। ପାଇକପଡ଼ାର ଅବିନାଶ ମଲ୍ଲିକଙ୍କ ଘର ସାମ୍ନାରେ ଏକ ବିରଳ ପ୍ରଜାତିର ଏଣ୍ଡୁଅ ଥିବା ଦେଖି ସେ କୋମନା ବନ ବିଭାଗକୁ ସୂଚନା ଦେଇଥିଲେ। ବନ ବିଭାଗ କର୍ମଚାରୀ ପହଞ୍ଚି ସୁରକ୍ଷିତ ଭାବେ ଉଦ୍ଧାର କରି କୋମନା ନିକଟସ୍ଥ ତନ୍ଦୁଲ ପାହାଡ଼ରେ ଛାଡ଼ି ଦେଇଛନ୍ତି। ବିରଳ ପ୍ରଜାତିର ଏଣ୍ଡୁଅକୁ ସୁରକ୍ଷିତ ଭାବେ ନେଇ ରେଞ୍ଜର ଭାରତ ବନ୍ଧୁ ଶବର, ୱାଇଲ୍ଡ ଲାଇଫ ୱାଡେନ୍ ମାୟାଧର ସରାଫ, ଫରେଷ୍ଟର ବିବେକାନନ୍ଦ ମିର୍ଦ୍ଧା, ବନ୍ୟଜନ୍ତୁ ଉଦ୍ଧାରକାରୀ ଫରେଷ୍ଟ ଗାର୍ଡ ବିମ୍ବାଧର ହଂସ, ପାରା ଫରେଷ୍ଟ ଗାର୍ଡ ସାଗର ଠେଲା ପ୍ରମୁଖ ତନ୍ଦୂଲ ପାହାଡ଼କୁ ଯାଇ ଏଣ୍ଡୁଅକୁ ସୁରକ୍ଷିତ ଭାବେ ଛାଡ଼ି ଥିଲେ।



# ଇନ୍ଦ୍ରାବତୀ କଲୋନୀ ନିକଟରେ ବେଆଇନ ବାଲି ଗଦା

**ଧର୍ମଗଡ଼, ୩୧।୭ (ସମିସ):** ଧର୍ମଗଡ଼ ଉପକଣ୍ଠ ଇନ୍ଦ୍ରାବତୀ କଲୋନୀ ନିକଟରେ ବେଆଇନ ବାଲି କାରବାରର ଏକ ବଡ଼ ମାମଲା ସାମ୍ନାକୁ ଆସିଛି। ଅନୁମତି ବିନା ଶହ ଶହ ଟ୍ରିପ ବାଲି ବେଆଇନ ଭାବେ ଗଚ୍ଛିତ କରି ରଖାଯାଇଛି। ସେ ନେଇ ସ୍ଥାନୀୟ ପ୍ରଶାସନ ପାଖରେ କୌଣସି ସ୍ପଷ୍ଟ ସୂଚନା ନାହିଁ। ଅଭିଯୋଗ ଅନୁସାରେ, ବର୍ତ୍ତମାନ ବର୍ଷା ଦିନ ହେତୁ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇଛି। ଏହି କାରଣରୁ ନଦୀରୁ ବାଲି ଉଠାଣ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ବଜାରରେ ବାଲିର ଏହି ଅଭାବର ସୁଯୋଗ ନେଉଛନ୍ତି ସ୍ଥାନୀୟ ବାଲି ମାଫିଆ। ଲୋକମାନେ ନିଜର ଘର କାମ କିମ୍ବା ଅନ୍ୟାନ୍ୟ ଜରୁରୀ ନିର୍ମାଣ କାର୍ଯ୍ୟ ପାଇଁ ବାଲି ଖୋଜୁଥିବା ବେଳେ, ମାଫିଆମାନେ ପୂର୍ବରୁ ବେଆଇନ ଭାବେ ଗଚ୍ଛିତ ରଖିଥିବା ଏହି ବାଲିକୁ ଦୁଇଗୁଣା ରୁ ଅଧିକ ଦାମରେ ବିକ୍ରି କରି ମାଲାମାଲ ହେଉଛନ୍ତି। ଏହି ସାଂଘାତିକ ବେଆଇନ କାରବାର ପଛରେ କୌଣସି ପ୍ରଭାବଶାଳୀ ବାଲି ମାଫିଆଙ୍କ ହାତ ଥିବା ସ୍ଥାନୀୟ ଅଞ୍ଚଳରେ ଦୃଢ଼ ଅନୁମାନ କରାଯାଉଛି। ଏଭଳି ପରିସ୍ଥିତିରେ ରାଜସ୍ୱ ହାନି ହେବା ସହ ସାଧାରଣ ଲୋକେ ଶୋଷଣର ଶିକାର ହେଉଛନ୍ତି। ଏଣୁ ମାଇନିଂ ବିଭାଗ ଏବଂ ଧର୍ମଗଡ଼ ତହସିଲଦାର ତୁରନ୍ତ ଏହି ସ୍ଥାନ ପରିଦର୍ଶନ କରି ଏକ ସରଜମିନ ତଦନ୍ତ କରନ୍ତୁ ଏବଂ ଏହି ବେଆଇନ କାରବାରରେ ସମ୍ପୃକ୍ତ ଥିବା ଦୋଷୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି।



# ଖେଳ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କୋକସରା, ୩୧।୭ (ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ରେଙ୍ଗାଳାପାଲି ପରମାନନ୍ଦ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ଦେବୀ ପ୍ରସାଦ ସାହୁ ଚାକିରୀ ଜୀବନରୁ ଅବସର ନେଇଛନ୍ତି। ଏହି କ୍ରମରେ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ବିଶିଷ୍ଟ ସମାଜସେବୀ ବଜେନ୍ଦ୍ର ପାଟ୍ଟଯୋଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ପ୍ରଧାନ ଶିକ୍ଷକ ବଜିନ୍ଦ୍ର ନାରାୟଣ ବେହେରା, ମନୋଜ ଶର୍ମା, ଦୁର୍ଲଭ ନାଏକ ମଞ୍ଚାସିନ ରହିଥିଲେ। ଶିକ୍ଷା ବିଭାଗର ଅବସର ଉପ ସଚିବ ମଦନଲାଲ ଶବର, ପୂର୍ବତନ ଗଣିତ ଶିକ୍ଷକ ଅଜୟ କୁମାର ପଣ୍ଡା, ପୂର୍ବତନ ବିଜ୍ଞାନ ଶିକ୍ଷକ ସାମନ୍ତ କୁମାର ପଟ୍ଟଯୋଶୀ, ଶିକ୍ଷକ ଲକ୍ଷ୍ମଣ ନାଏକ, ମୁରାରୀ ଚରଣ ସାହୁ, ଅଶ୍ୱିନ କୁମାର ରାଉତ ସମେତ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ। ଗ୍ରାମର ଶତାଧିକ ଲୋକେ ମଧ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ।



# ଭୀମଭୋଇ ସାମର୍ଥ୍ୟ ଶିବିର

**କର୍ଲାମୁଣ୍ଡା, ୩୧।୭ (ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟରେ ବ୍ଲକ ସ୍ତରୀୟ ଭୀମଭୋଇ ସାମର୍ଥ୍ୟ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷ କୁନି ସାହୁ, ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ସରପଞ୍ଚ ସଂଘ ବ୍ଲକ ସଭାପତି ବରୁଣ ଛତ୍ରିଆ, ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଦୀପ କୁମାର ମାଝୀ, ସାଇଟ ସେବର୍ ଇଣ୍ଡିଆ ମୋନାଲିସା ପତି, ଜିଲ୍ଲା ଶିଳ୍ପ କେନ୍ଦ୍ରରୁ ଅଂଶୁମାନ ଦାଶ ପ୍ରମୁଖ ଯୋଗ ଦେଇ ଦିବ୍ୟାଙ୍ଗ ଲୋକଙ୍କୁ ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ ଉପରେ ପରାମର୍ଶ ଦେଇଥିଲେ। ସଭାର ପିଇଓ ବସନ୍ତ କୁମାର ମିଶ୍ର ସଂଯୋଜନା କରିଥିଲେ। ଏଥିରେ ଜିଲ୍ଲାସ୍ତରରୁ ବିଭିନ୍ନ ବିଭାଗର ଡାକ୍ତରମାନେ ଯୋଗଦେଇ ଦିବ୍ୟାଙ୍ଗ ଚିହ୍ନଟ କରିଥଲେ। ଏଥିରେ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା।

# ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**କର୍ଲାମୁଣ୍ଡା, ୩୧।୭ (ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସ.ମାଳପଡ଼ା ପଞ୍ଚାୟତ ସର୍ଗୁଲ ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସୁଦର୍ଶନ ସାହୁ ଶୁକ୍ରବାର ଚାକିରିରୁ ଅବସରଗ୍ରାହଣ କରିଛନ୍ତି। ଏହି ଅବସରରେ ଆୟୋଜିତ ବିଦାୟୀ କାଳୀନ ସମ୍ବର୍ଦ୍ଧନା ସଭା ରେ କର୍ଲାମୁଣ୍ଡା ଗୋଷ୍ଠୀ ଶିକ୍ଷା ବିଭାଗ ଭାରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗୋପ ମଣୀ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସ.ମାଳପଡ଼ା ପଞ୍ଚାୟତ ସରପଞ୍ଚ ବରୁଣ ଛତ୍ରିଆ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ବନମାଳୀ ସାହୁ, ସର୍ଗୁଲ ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ମାଝୀ, ରେଙ୍ଗାଲି ସିଆରସିସି ଉଜ୍ଜଳ କୁମାର ସାହୁ, ନୋଡାଲ ସିଆରସିସି ପ୍ରସନ୍ନ କୁମାର ସାହୁ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅନ୍ତର୍ଯ୍ୟାମୀ ମଲ୍ଲିକ, ସମ୍ପାଦକ ସଞ୍ଜୟ କୁମାର ଦାସ, ତେରେସିଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗରୁଡ଼ ଧ୍ୱଜ ଗହୀର, ରତନ ଭୋଇ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ, ବିଦାୟୀ ଶିକ୍ଷକ ସୁଦର୍ଶନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ମାନେ ଅବସର ପ୍ରାପ୍ତ ଶିକ୍ଷକଙ୍କ ସମୟାନୁବର୍ତିତା ଉପରେ ପ୍ରଂଶସା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଓ ସ ମାଳପଡ଼ା ଗ୍ରାମବାସୀ, ଛାତ୍ର ଛାତ୍ରୀଙ୍କ ପକ୍ଷରୁ ଘୁମୁରା ବାଦ୍ୟ ବଜାଇ ବିଦାୟୀ ଶିକ୍ଷକଙ୍କୁ ଗ୍ରାମ ପରିକ୍ରମା କରିଥଲେ। ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଅବସର ନେଇ ଥିବା ଶିକ୍ଷକ ସୁଦର୍ଶନ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



# ହଜାରହଜାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିଥିବା ସୁଶୀଲ ବିଷିଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଭବାନୀପାଟଣା, ୩୧।୭ (ସମିସ)**

ପ୍ରାୟ ତିନି ଦଶନ୍ଧିରୁ ଅଧିକ ସମୟ ଧରି ଶିକ୍ଷାଦାନ କରି ଅଗଣିତ ଛାତ୍ରଛାତ୍ରୀଙ୍କ ଜୀବନକୁ ଆଲୋକିତ କରିଥିବା ବରିଷ୍ଠ ଶିକ୍ଷକ ସୁଶୀଲ କୁମାର ବିଷି ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ତାଙ୍କ ଅବସର ଉପଲକ୍ଷେ ସହକର୍ମୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ପରିବାର ସଦସ୍ୟମାନେ ଯେଉଁ ସମ୍ମାନ ଓ ସ୍ନେହ ପ୍ରଦର୍ଶନ କରିଛନ୍ତି, ତାହା ଏକ ଆଦର୍ଶ ଶିକ୍ଷକଙ୍କ ପ୍ରତି ସମାଜର କୃତଜ୍ଞତାର ଉଜ୍ଜ୍ୱଳ ଉଦାହରଣ ସୃଷ୍ଟି କରିଛି। ଅଗଷ୍ଟ ୧୯୯୭ ମସିହାରେ କଳାହାଣ୍ଡି ଜିଲ୍ଲାର ଦୁର୍ଗମ ଓ ପଛୁଆ ଅଞ୍ଚଳ ଥୁଆମୂଳ-ରାମପୁରରୁ ନିଜ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ ସୁଶୀଲ କୁମାର ବିଷି। ସେହି କଠିନ ପରିସ୍ଥିତିରେ ମଧ୍ୟ ନିଷ୍ଠା, ସମର୍ପଣ ଓ ସେବାଭାବ ସହ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ପରବର୍ତ୍ତୀ ସମୟରେ ସେ କଲମପୁର ବ୍ଲକର ମିନଗୁର ଓ ବଙ୍କାପାଳା ବିଦ୍ୟାଳୟରେ ଦୀର୍ଘଦିନ ଧରି ଶିକ୍ଷକତା କରି ଶିକ୍ଷାର ଆଲୋକ ବିତରଣ କରିଥିଲେ। ପରେ ଜୁନାଗଡ଼ ବ୍ଲକର ମାଟିଗାଁରେ ମଧ୍ୟ ନିଜ କର୍ତ୍ତବ୍ୟ ସଫଳତାର ସହ ପାଳନ କରିଥିଲେ। ଶେଷରେ ଲବଣିପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ରହି ଅବସରଗ୍ରହଣ କରିଛନ୍ତି। ଶିକ୍ଷକ ସୁଶୀଲ କୁମାର ବିଷି କେବଳ ପାଠପଢ଼ାରେ ସୀମିତ ନଥିଲେ। ସେ ଜଣେ ମେଳାପୀ, ସରଳ, ଶୃଙ୍ଖଳିତ ଓ ଛାତ୍ରଛାତ୍ରୀଙ୍କ ମନପସନ୍ଦ ଶିକ୍ଷକ ଭାବେ ସର୍ବତ୍ର ପରିଚିତ ଥିଲେ। ତାଙ୍କ ଶ୍ରେଣୀକକ୍ଷରେ ପାଠଦାନର ନିଆରା ଶୈଳୀ, ଛାତ୍ରଛାତ୍ରୀଙ୍କ ପ୍ରତି ସ୍ନେହ, ଶୃଙ୍ଖଳା ଓ ନୈତିକ ଶିକ୍ଷା ପ୍ରଦାନ ତାଙ୍କୁ ସମସ୍ତଙ୍କ ପ୍ରିୟ କରିଥିଲା। ଅଭିଭାବକମାନେ ମଧ୍ୟ ତାଙ୍କ କାର୍ଯ୍ୟଶୈଳୀକୁ ଉଚ୍ଚ ପ୍ରଶଂସା କରୁଥିଲେ। ସହକର୍ମୀମାନଙ୍କ ମଧ୍ୟରେ ମଧ୍ୟ ସେ ଜଣେ ଆଦର୍ଶ, ସହଯୋଗୀ ଓ ପ୍ରେରଣାଦାୟକ ଶିକ୍ଷକ ଭାବେ ପରିଚିତ ଥିଲେ। ଅବସର ଦିବସରେ ଲବଣିପୁର ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, କର୍ମଚାରୀ ଓ ଶୁଭେଚ୍ଛୁମାନେ ଏକ ଭାବବିହ୍ୱଳ ପରିବେଶରେ ତାଙ୍କୁ ବିଦାୟ ଜଣାଇଥିଲେ। ବାଜା ବଜାଇ, ଫୁଲମାଳା ପିନ୍ଧାଇ ଏବଂ ଶୁଭେଚ୍ଛା ଜଣାଇ ତାଙ୍କୁ ଭବାନୀପାଟଣା ସ୍ଥିତ ବାସଭବନ ପର୍ଯ୍ୟନ୍ତ ସାଥିରେ ନେଇ ଆସିଥିଲେ। ଏହି ଦୃଶ୍ୟ ଉପସ୍ଥିତ ସମସ୍ତଙ୍କୁ ଭାବପ୍ରବଣ କରିଥିଲା। ଦୀର୍ଘ ୨୯ ବର୍ଷରୁ ଅଧିକ ଶିକ୍ଷକତା ଜୀବନରେ ସୁଶୀଲ କୁମାର ବିଷି କେବଳ ପାଠ ପଢ଼ାଇନାହାନ୍ତି, ବରଂ ଅସଂଖ୍ୟ ଛାତ୍ରଛାତ୍ରୀଙ୍କ ମନରେ ମାନବିକତା, ଶୃଙ୍ଖଳା, ସତ୍ୟନିଷ୍ଠା ଓ ସମାଜସେବାର ମୂଲ୍ୟବୋଧ ସଞ୍ଚାର କରିଛନ୍ତି। ତାଙ୍କ ଅବଦାନ ସଦା ସର୍ବଦା ସ୍ମରଣୀୟ ହୋଇ ରହିବ।



# ସହକାରୀ ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



**ସିନାପାଲି, ୩୧।୭ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସ୍ଥିତ ସିଙ୍ଗଝର ପଞ୍ଚାୟତ ଅଧୀନ ପେଣ୍ଡ୍ରେନ ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ବସନ୍ତ କୁମାର ନାଏକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରଯାଇଛି। ଏହି ଅବସରରେ ରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପଦ୍ମଲୋଚନ ନାଏକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ସିଆରସିସି ସଞ୍ଜୟ କୁମାର ବୈଠାରୁ, ବିଦ୍ୟାଳୟ ପରିଚାଳନା ସଭାପତି ସନସାଏ ରାଉତ, ପୂର୍ବତନ ସରପଞ୍ଚ କୁଞ୍ଜଲ ସିଂ ମାଝୀ, ଜମୁଲାଲ ସା, ନର ସିଂ ମାଝୀ, ଚୁଡ଼ାମଣି ମାଝୀ, ଯଦୁନାଥ ମାଝୀ, ଡମ୍ବରୁଧର ନାୟକ, ଅନ୍ନପୂର୍ଣ୍ଣା ମେହେର, ନିତ୍ୟାନନ୍ଦ ବାଗ ପ୍ରମୁଖ ଉପସ୍ଥିତ ରହି ଶିକ୍ଷକ ଙ୍କ ପାଠ୍ୟ ଦାନ ପ୍ରତି କରିଯାଇଥିବା ଅନେକ ଗୁଣାବଳୀ କୁ ମନେ ପକାଇ ଥିଲେ। ଏଥିରେ ଗ୍ରାମର ଜନସାଧାରଣ, ଅଭିଭାବକ, ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ତଥା ପରିଚାଳନା କମିଟି ସଭ୍ୟ ସଭ୍ୟା ସାମିଲ ରହିଥିଲେ।

**ରାଜ୍ୟଗୋଷ୍ଠୀ କ୍ରୀଡ଼ା-୨୦୨୬**

# ଜୁଡୋରେ ଅସ୍ମିତାଙ୍କୁ ଐତିହାସିକ ସ୍ୱର୍ଣ୍ଣ

ଗ୍ଲାସ୍‌ଗୋ,୩୧।୭ (ଏଜେନ୍ସି)

ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତକୁ ଜୁଡୋରେ ଐତିହାସିକ ସ୍ୱର୍ଣ୍ଣ ପଦକ ମିଳିଛି। ଶୁକ୍ରବାର ଅନୁଷ୍ଠିତ ମହିଳା ୪୮ କିଗ୍ରା ଓଜନବର୍ଗରେ ଜୁଡୋକା ଅସ୍ମିତା ଦେ ଭାରତକୁ ଏହି ସ୍ମରଣୀୟ ସ୍ୱର୍ଣ୍ଣିମ ସଫଳତା ଦେଇଥିଲେ। ଫାଇନାଲରେ ଅସ୍ମିତା ୨-୧ରେ କାନାଡାର



ଅସ୍ମିତା ଦେ

ହେଇଦି କ୍ୱାଚଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ଫଳରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ଜୁଡୋ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିବାରେ ଅସ୍ମିତା ପ୍ରଥମ ଭାରତୀୟ ହୋଇଛନ୍ତି। ସେହିଭଳି ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ଏହା ଜୁଡୋରୁ ୧୨ତମ ପଦକ ଥିଲା। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୬ଟି କାଂସ୍ୟ ପଦକ ରହିଛି।

**ପ୍ରୀତି, ଅଙ୍କୁଶ ସହ ଫାଇନାଲରେ ୫ ବକ୍ସର**


ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ବକ୍ସର ମାନେ ଏଯାଏ ଅନୁଷ୍ଠିତ ୫ଟି ଇଭେଣ୍ଟ ମଧ୍ୟରୁ ୫ଟିରେ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଫଳରେ ଏହି ୫ଟି ଇଭେଣ୍ଟରୁ ଭାରତକୁ ଅତିକମ୍‌ରେ ୫ଟି ରୌପ୍ୟ ପଦକ ମିଳିବା ନିଶ୍ଚିତ ହୋଇଛି। ଅନ୍ୟ ୫ଟିର ସେମିଫାଇନାଲ ବିଳମ୍ବିତ ରାତିରେ ଖେଳାଯିବ। ଏଥିରେ ମଧ୍ୟ ଭାରତ ଅଧିକ ପଦକ ଜିତିବାର ରାସ୍ତା ପରିଷ୍କାର କରିବ ବୋଲି ଆଶା କରାଯାଉଛି। ବକ୍ସିଂ ଫାଇନାଲରେ ପ୍ରବେଶ କରିଥିବା ବକ୍ସରମାନେ ହେଲେ ମହିଳା ବିଭାଗରେ ପ୍ରୀତି ପାୱାର, ଯସ୍ମିନ ଲାମ୍ବୋରିଆ ଓ ଅରୁନ୍ଧତି ଚୌଧୁରୀ। ସେହିପରି ପୁରୁଷ ବିଭାଗରେ ଅଙ୍କୁଶ ପାଙ୍ଘଲ ଓ ଯଦୁମଣି ସିଂ। ସେହିଭଳି ସେମିଫାଇନାଲ ଖେଳିବାକୁ ଥିବା ଆଉ ୫ ବକ୍ସର ହେଲେ ମହିଳା ୫୧ କିଲୋଗ୍ରାମ୍‌ରେ ସାକ୍ଷୀ ଚୌଧୁରୀ, ୬୦ କେଜିରେ ପ୍ରିୟା ଘାଙ୍ଗାସ, ୭୫ କେଜିରେ ଲଭଲିନା ବୋରୋଗୋହାଇଁ, ପୁରୁଷ ୬୦ କେଜିରେ ସଚିନ ସିୱାଚ ଓ ପୁରୁଷ ୯୦ କେଜିରୁ ଉର୍ଦ୍ଧ୍ୱ କାଟେଗୋରୀରେ ନରେନ୍ଦ୍ର ବେରୱାଲ ସେମିଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ।

ମହିଳା ବିଭାଗ ସେମିଫାଇନାଲରେ ୫୭ କେଜିରେ ଯସ୍ମିନ ଲାମ୍ବୋରିଆ ସହଜରେ ଲିସୋଥୋର ରାପେଲାଙ୍ଗ ମାସେଲେଲାଙ୍କୁ, ମହିଳା ୭୦ କେଜିରେ ଅରୁନ୍ଧତି ଚୌଧୁରୀ ୪-୦ରେ ୱେଲ୍ସର ରୋଜି ଇକ୍ଲେସ୍‌ଙ୍କୁ, ପୁରୁଷ ୫୫ କେଜିରେ ଯଦୁମଣି ସିଂ ୫-୦ରେ ନାମିବ୍ୟାର ଫିଲିପ ହାଓସେବ୍‌ଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି।

ଶୁକ୍ରବାର ମହିଳା ବିଭାଗର ୫୪ କେଜି କାଟୋଗୋରୀରୁ ବକ୍ସିଂ ଇଭେଣ୍ଟ ଆରମ୍ଭ ହୋଇଥିଲା। ଏଥିରେ ୨ଥରର ଏସୀୟ ଚାମ୍ପିଅନ ପ୍ରୀତି ପାୱାରଙ୍କ ସହ ଜାମ୍ବିଆର କାଥେରିନ୍ ଏମ୍‌ୱାପେଙ୍କ ସହ ମୁକାବିଲା ହୋଇଥିଲା। ପ୍ରୀତି ୫-୦ରେ ଏକତରଫାଭାବେ କାଥେରିନ୍‌ଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲରେ କାନାଡାର ସ୍କାରଲେଟ ଡେଲଗାଡୋଙ୍କ ସହ ପ୍ରୀତିଙ୍କର ମୁକାବିଲା ହେବ।

ଦ୍ୱିତୀୟ କାଟେଗୋରୀ ପୁରୁଷ ବିଭାଗର ୮୦ କେଜି କାଟେଗୋରୀରେ ହୋଇଥିଲା। ଏଥିରେ ଭାରତର ଅଙ୍କୁଶ ପାଙ୍ଘଲ ୫-୦ରେ କାନାଡାର ଜୋଶୁଆ ଓଫୋରୀଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ପ୍ରୀତିଙ୍କ ଭଳି ଅଙ୍କୁଶ ମଧ୍ୟ ଏହି ମୁକାବିଲାକୁ ସହଜରେ ଜିତିନେଇଥିଲେ। ଆରମ୍ଭରୁ ଶେଷଯାଏ ଅଙ୍କୁଶ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ଶକ୍ତିଶାଳୀ ପଞ୍ଚ ଓ ଚତୁର ଟେକ୍‌ନିକ ବଳରେ ଜୋଶୁଆ ମୁଣ୍ଡ ଦେଖାଇ ଅଙ୍କୁଶଙ୍କ ଆକ୍ରମଣକୁ ପ୍ରତିହତ କରିବାକୁ ଚେଷ୍ଟା କରିଥିଲେ।

## ଏକ କେଜି ଲାଗି ସ୍ୱର୍ଣ୍ଣ ହରାଇଲେ ଲଭ୍‌ପ୍ରୀତ୍



ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୮ମ ଦିନରେ ଭାରତ ମାତ୍ର ଦୁଇଟି ପଦକ ଜିତିବାକୁ ସମର୍ଥ ହୋଇଥିଲା। ଭାରୋତ୍ତୋଳନର ୧୧୦ କେଜିରୁ ଉର୍ଦ୍ଧ୍ୱ କାଟେଗୋରୀରେ ଲଭ୍‌ପ୍ରୀତ୍ ସିଂହ ଓ ମହିଳା ଡିସ୍‌କସ୍ ଥ୍ରୋ'ରେ ସୀମା କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ପୁରୁଷ ସଟ୍‌ପୁଟ୍‌ରେ ତାଜିନ୍ଦର ପାଲ ସିଂ ତୁର୍ ପଦକ ଜିତିବେ ବୋଲି ଦୃଢ଼ ଆଶା ରହିଥିଲା। କିନ୍ତୁ ସେ ୫ମ ଓ ସମରପ୍ରୀତ୍ ସିଂହ ପାଲ ୭ମ ସ୍ଥାନରେ ରହି ଭାରତକୁ ନିରାଶ କରିଥିଲେ।

ପୁରୁଷ ୧୧୦ କେଜିରୁ ଉର୍ଦ୍ଧ୍ୱ ଭାରୋତ୍ତୋଳନରେ ଲଭ୍‌ପ୍ରୀତ୍ ସିଂହ ଆରମ୍ଭରୁ ଶେଷଯାଏ ପ୍ରାଧାନ୍ୟ ବିସ୍ତାର କରିଥିଲେ। କିନ୍ତୁ ଶେଷ ଲିଫ୍ଟରେ ନ୍ୟୁଜିଲାଣ୍ଡର ଡେଭିଡ୍ ଆଣ୍ଡ୍ର୍ୟୁ ଲିଟି ଚମତ୍କାର ପ୍ରଦର୍ଶନ ସହ ଲଭ୍‌ପ୍ରୀତ୍‌ଙ୍କଠାରୁ କ୍ଲିନ୍ ଆଣ୍ଡ ଜର୍କରେ ୧୧ କେଜି ଅଧିକ ଓଜନ ଉଠାଇ ସ୍ୱର୍ଣ୍ଣ ପଦକ ଛଡାଇନେଇଥିଲେ। ସ୍ନାଚ୍‌ରେ ୧୭୬ କେଜି ଓଜନ ଉଠାଇ ଲଭ୍‌ପ୍ରୀତ ସ୍ୱର୍ଣ୍ଣ ଜିତିବେ ବୋଲି ଆଶା ସୃଷ୍ଟି କରିଥିଲେ। ଦ୍ୱିତୀୟ ସ୍ଥାନରେ ଥିବା ଲିଟି ୧୬୬ କେଜି ଓଜନ ଉଠାଇଥିବାରୁ ଏହି ଆଶା ସୃଷ୍ଟି ହୋଇଥିଲା। କିନ୍ତୁ ଲିଟି ଯେ ଏତେ ଅଧିକ ଓଜନ ଉଠାଇବେ ତାହା କେହି ବିଶ୍ୱାସ କରିପାରି ନ ଥିଲେ। କ୍ଲିନ୍ ଆଣ୍ଡ ଜର୍କରେ ଲଭ୍‌ପ୍ରୀତ୍ ୨୧୨ ଓ ଲିଟି ଅବିଶ୍ୱସନୀୟ ୨୨୩ କେଜି ଓଜନ ଉଠାଇଥିଲେ। ମୋଟରେ ୩୮୯ କେଜି ଓଜନ ଉଠାଇ ଲିଟି ସ୍ୱର୍ଣ୍ଣ ଓ ୩୮୮ କେଜି ଓଜନ ଉଠାଇ ଲଭ୍‌ପ୍ରୀତ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଭାରୋତ୍ତୋଳନରେ ଭାରତର ଏହା ୮ମ ତଥା ଶେଷ ପଦକ ଥିଲା। ଏହା ମଧ୍ୟରୁ ମିରାବାଇ ଚାନୁ ଏକମାତ୍ର ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ।

## ମାତୃତ୍ୱ ପରେ ପିଏଚ୍‌ଡି କରୁଥିବା ସୀମାଙ୍କୁ ପଦକ

ମାତ୍ର ଦୁଇ ବର୍ଷରେ ଜଣେ ମେଧାବୀ ଛାତ୍ରୀରୁ ଅନ୍ତର୍ଜାତୀୟ ଡିସ୍‌କସ୍ ଫିଙ୍ଗାଳିରେ ପରିବର୍ତ୍ତିତ ହୋଇଛନ୍ତି ତାମିଲନାଡୁର ସୀମା କାଳିରମଣ। ଗ୍ଲାସ୍‌ଗୋରେ ଅନୁଷ୍ଠିତ ମହିଳା ଡିସ୍‌କସ୍ ଥ୍ରୋ'ରେ ସୀମା ୫୮.୬୫ ମିଟର ଦୂରତାକୁ ଫିଙ୍ଗି ତୃତୀୟ ସ୍ଥାନ ଅଧିକାର କରିଥିଲା। ନିକଟରେ ମା' ହୋଇଥିବା ଏହି ୨୭ ବର୍ଷୀୟା ଆଥଲେଟ ପରିବାର ଓ ପେସା ସହ ଖୁବ୍ ଭଲ ତାଳମେଳ ଖୁଆଇଥିଲେ। ଏବେ ପିଏଚ୍‌ଡି କରୁଥିବା ସୀମା ସ୍ୱାମୀ ରବର୍ଟ କାଳିରମଣଙ୍କ ଦ୍ୱାରା ପ୍ରଶିକ୍ଷଣ ପାଇଥିଲେ। ସେ ତାଙ୍କ କ୍ୟାରିୟରେ ୬୦ ମିଟର ଦୂରତା ଅତିକ୍ରମ



କରି ନ ଥିଲେ ମଧ୍ୟ ଏଠାରେ କାଂସ୍ୟ ପଦକ ଜିତିବାରେ ସଫଳ ହୋଇଥିଲେ। ଏଥିରେ ଭାଗ ନେଇଥିବା ଅନ୍ୟତମ ଭାରତୀୟ ନିଧିରାଣୀ ୫୫.୩୯ ମିଟର ଦୂରତାକୁ ଡିସ୍‌କସ୍ ଫିଙ୍ଗି ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲେ। ଜାମାଇକାର ସାମନ୍ଥା ହଲ ୬୧.୬୬ ମିଟରକୁ ଫିଙ୍ଗି ସ୍ୱର୍ଣ୍ଣ ଓ କାନାଡାର ଜୁଲିଆ ଟଙ୍କ୍ସ ୬୦.୬୭ ମିଟରକୁ ଫିଙ୍ଗି ରୌପ୍ୟ ପଦକ ଜିତିଥିଲେ।

# ଫିଟ୍‌ନେସ୍ ଟେଷ୍ଟରେ ବୁମ୍‌ରା ପାସ୍

## ଖେଳିବେ ଶ୍ରୀଲଙ୍କା ଟେଷ୍ଟ ସିରିଜ



ବେଙ୍ଗାଲୁରୁ, ୩୧।୭ (ଏଜେନ୍ସି): ଆଗାମୀ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ ପୂର୍ବରୁ ଭାରତୀୟ କ୍ରିକେଟ୍ ଦଳ ପାଇଁ ଏକ ବଡ଼ ଖୁସି ଖବର ଆସିଛି। ଅଭିଜ୍ଞ ଦ୍ରୁତ ବୋଲର ଯଶପ୍ରୀତ୍ ବୁମରା ଫିଟନେସ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ, ବୁମରା ଇଂଲଣ୍ଡ ଗସ୍ତରେ ଦିନିକିଆ ସିରିଜରେ ବୁମରା ଆଘାତ ପାଇଥିଲେ। ଏହାପରେ ସେ ପୁନର୍ବାସ ପାଇଁ ବେଙ୍ଗାଲୁରୁସ୍ଥିତ ବିସିସିଆଇର ସେଣ୍ଟର ଅଫ୍ ଏକ୍ସଲେନ୍ସ (ସିଓଇ)କୁ ଆସିଥିଲେ। ଫିଟନେସରେ ପାସ୍ ହେବାପରେ ତାଙ୍କୁ ବିସିସିଆଇର ସିଓଇ'ରୁ ଏକ ପ୍ରମାଣପତ୍ର ମିଳିଛି। ଫଳରେ ଅଗଷ୍ଟ ୧୫ରୁ ଘରୋଇ ଶ୍ରୀଲଙ୍କା ବିପକ୍ଷରେ ଆରମ୍ଭ ହେବାକୁ ଥିବା ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ବୁମରା ଉପଲବ୍ଧ ହୋଇଛନ୍ତି। ଏହି ସିରିଜ ପାଇଁ ୨୮ ଜୁଲାଇରେ ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଦଳ ଘୋଷଣା କରାଯାଇଥିଲା। ଯେଉଁଥିରେ ବୁମରା ସାମିଲ ଥିଲେ। ତଥାପି, ବିସିସିଆଇ କହିଥିଲା ଯେ ବୁମରାଙ୍କ ଅଂଶଗ୍ରହଣ ତାଙ୍କ ଫିଟନେସ୍ ଉପରେ ନିର୍ଭର କରିବ। ଏବେ ବୁମରା ଫିଟନେସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ଖେଳିବା ସ୍ପଷ୍ଟ ହୋଇଛି। ବୁମରା ଶେଷ ଥର ପାଇଁ ଗତବର୍ଷ ନଭେମ୍ବରରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏକ ଟେଷ୍ଟ ଖେଳିଥିଲେ।

## ବିଶ୍ୱକପ୍ ବିଜେତା ଫ୍ରାଙ୍କୋଙ୍କ ବିୟୋଗ



ରୋମ, ୩୧।୭ (ଏଜେନ୍ସି): ଫିଫା ବିଶ୍ୱକପ ବିଜେତା ଇଟାଲୀର ପୂର୍ବତନ ଫୁଟବଲ୍ ଖେଳାଳି ଫ୍ୟାଙ୍କୋ ବାରେସିଙ୍କ ଶୁକ୍ରବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ଏହି କିମ୍ବଦନ୍ତୀ ଡିଫେଣ୍ଡରଙ୍କୁ ୬୬ ବର୍ଷ ବୟସ ହୋଇଥିଲା। ଗତ କିଛି ସପ୍ତାହ ଧରି ସେ ଅସୁସ୍ଥ ଥିଲେ ବୋଲି ବାରେସି ପ୍ରତିନିଧିତ୍ୱ କରୁଥିବା କ୍ଲବ ଏସି ମିଲାନ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି। ବାରେସି ୧୯୮୨ରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ସେହିବର୍ଷ ଫିଫା ବିଶ୍ୱକପ୍ ଟ୍ରଫି ଜିତିଥିବା ଇଟାଲୀ ଦଳର ସେ ପ୍ରମୁଖ ସଦସ୍ୟ ରହିଥିଲେ। ସେହିଭଳି ତାଙ୍କ ନେତୃତ୍ୱରେ ଇଟାଲୀ ୧୯୯୪ ଫିଫା ବିଶ୍ୱକପ୍ ଖେଳି ରନର୍ସଅପ୍ ହୋଇଥିଲା। ଫ୍ରାଙ୍କୋ ଇଟାଲୀ ପାଇଁ ୧୨ ବର୍ଷ ଧରି ମୋଟ୍ ୮୧ଟି ମ୍ୟାଚ୍ ଖେଳିଥିଲେ। ଏହା ବ୍ୟତୀତ କ୍ଲବ ଫୁଟବଲରେ ତାଙ୍କର ଏକ ଲମ୍ବା କ୍ୟାରିଅର ଥିଲା। ଏସି ମିଲାନ ପାଇଁ ସେ ୧୯୭୭ରୁ ଦୀର୍ଘ ୧୯ ବର୍ଷ ପ୍ରତିନିଧିତ୍ୱ କରିଥିଲେ।ଏହି କ୍ଲବ ପାଇଁ ଫ୍ରାଙ୍କୋ ଦ୍ୱିତୀୟ ସର୍ବାଧିକ ୭୧୯ଟି ମ୍ୟାଚ୍ ଖେଳିଥିଲେ। କ୍ଲବ ତାଙ୍କ ସମ୍ମାନାର୍ଥେ ୬ ନମ୍ବର ଜର୍ସିକୁ ମଧ୍ୟ ଅବସର ଦେଇଥିଲା। ଏସି ମିଲାନ କ୍ଲବ ପାଇଁ ୬ଟି ସେରି ଏ ଟାଇଟଲ ଏବଂ ତିନୋଟି ୟୁରୋପୀୟ କପ୍ / ଚାମ୍ପିଅନ୍ସ ଲିଗ୍ ଜିତିଥିଲେ।

## ଟାଉନ୍ କ୍ଲବ୍ ୫-୦ରେ ବିଜୟୀ



ଫାଓ ଲିଗ୍

ଭୁବନେଶ୍ୱର, ୩୧।୭ (ସମିସ): ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଚାଲିଥିବା ଫାଓ ଲିଗ୍‌ର ୨୮ତମ ଦିବସରେ ଶୁକ୍ରବାର ୨ଟି ମ୍ୟାଚ୍ ଖେଳାଯାଇଥିଲା। ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଟାଉନ କ୍ଲବ ୫-୦ ଗୋଲ୍‌ରେ ଚାଉଳିଆଗଞ୍ଜ କ୍ଲବକୁ ପରାସ୍ତ କରିଥିଲା। ଟାଉନ କ୍ଲବ ପ୍ରଥମାର୍ଦ୍ଧରେ ୨ ଓ ଦ୍ୱିତୀୟାର୍ଦ୍ଧରେ ୩ଟି ଗୋଲ୍ ଦେଇଥିଲା। ସେହିଭଳି ବିଡ଼ାନାସୀ କ୍ଲବ ଓ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ମଧ୍ୟରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ଅମୀମାଂସିତ ରହିଥିଲା। ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ।

## ଚର୍ଚ୍ଚାରେ ବିଜୟଙ୍କ ଶେଷ ଓଭର ମେଡେନ

ପାଲେକେଲ, ୩୧।୭ (ଏଜେନ୍ସି): ଭାରତର ପୂର୍ବତନ ବ୍ୟାଟର୍ ବିଜୟ ଶଙ୍କର ଶ୍ରୀଲଙ୍କାରେ ଚାଲିଥିବା ଲଙ୍କା ପ୍ରିମିଅର ଲିଗ୍‌ରେ ଶେଷ ଓଭରରେ ମେଡେନ ଖେଳି ଚର୍ଚ୍ଚାକୁ ଆସିଛନ୍ତି। ୩୫ ବର୍ଷୀୟ ବିଜୟ କାଣ୍ଡି ରୟାଲ୍ସ ପକ୍ଷରୁ ଖେଳୁଛନ୍ତି। ଗତକାଲି ଜାଫ୍ନା କିଙ୍ଗ୍‌ସ ବିପକ୍ଷ ମ୍ୟାଚରେ କାଣ୍ଡି ରୟାଲ୍ସକୁ ଶେଷ ଓଭରରେ ବିଜୟ ଲାଗି ୨୨ ରନ ଆବଶ୍ୟକ ହେଉଥିଲା। କାଣ୍ଡି ପକ୍ଷରୁ ବିଜୟ ଶଙ୍କର ଶେଷ ଓଭରଟି ସାମ୍ନା କରିଥିଲେ। ତେବେ ଜାଫ୍ନା କିଙ୍ଗ୍‌ସ ବୋଲର ଦିଲଶାନ ମଦୁଶନକା ଏହି ଓଭରଟି ୱିକେଟ ମେଡେନ ନେଇଥିଲେ। ଫଳରେ ଜାଫ୍ନା କିଙ୍ଗ୍‌ସ ୨୧ ରନରେ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ବିଜୟ ୨୧ ବଲରେ ୨୫ ରନ କରି ଶେଷ ବଲରେ ଆଉଟ୍ ହୋଇଥିଲେ। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଜାଫ୍ନା କିଙ୍ଗ୍‌ସ ୨୦ ଓଭରରେ ୬ ୱିକେଟରେ ୨୨୧ ରନ କରିଥିଲା। ଜବାବରେ କାଣ୍ଡି ଦଳ ଇନିଂସର ଶେଷ ବଲରେ ୨୦୦ ରନରେ ଅଲଆଉଟ ହୋଇଥିଲା।

## 'ଓଡ଼ିଶାର କ୍ରୀଡ଼ା ଭିତ୍ତିଭୂମି ସାରା ଦେଶ ପାଇଁ ଉଦାହରଣ'

ଭୁବନେଶ୍ୱର, ୩୧।୭ (ସମିସ)

ବିହାର ସରକାରଙ୍କ କ୍ରୀଡ଼ା ଓ ଉଦ୍ୟୋଗ ମନ୍ତ୍ରୀ ଶ୍ରେୟସୀ ସିଂହ ତାଙ୍କ ଓଡ଼ିଶା ଗସ୍ତର ଦ୍ୱିତୀୟ ଦିବସରେ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମର କ୍ରୀଡ଼ାଭିତ୍ତିଭୂମି ପରିଦର୍ଶନ କରିଛନ୍ତି। କଳିଙ୍ଗ ଷ୍ଟାଡିୟମ୍ ପରିସରରେ ଥିବା ସୁଟିଂ ହାଇ-ପରଫରମାନ୍ସ ସେଣ୍ଟର (ଏଚପିସି), ଜିମ୍ନାଷ୍ଟିକ୍ସ ଏଚପିସି, ଆକ୍ୱାଟିକ୍ ସେଣ୍ଟର (ସୁଇମିଂ), ବ୍ୟାଡମିଣ୍ଟନ୍ ଏଚପିସି, ହକି ଏଚପିସି, ସ୍ପୋର୍ଟସ୍ ସାଇନ୍ସ ସେଣ୍ଟର (କ୍ରୀଡ଼ା ବିଜ୍ଞାନ କେନ୍ଦ୍ର), ଇଣ୍ଡୋର ଆଥଲେଟିକ୍ସ ସେଣ୍ଟର, ଭାରୋତ୍ତୋଳନ ଏଚପିସି, ଏଆଇଏଫ୍‌ଏଫ-ଫିଫା ଟାଲେଣ୍ଟ ଏକାଡେମୀର ପରିଦର୍ଶନ କରି ସମୀକ୍ଷା କରିଥିଲେ। ଦୁଇ ରାଜ୍ୟ ମଧ୍ୟରେ ସହଯୋଗ ପ୍ରତିବଦ୍ଧତାକୁ ଦୋହରାଇ ଶ୍ରେୟସୀ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ରେୟସୀ କହିଛନ୍ତି ଯେ "ଓଡ଼ିଶାର କ୍ରୀଡ଼ା ବ୍ୟବସ୍ଥା ଏବଂ ଖେଳାଳି-କେନ୍ଦ୍ରିକ ପରିବେଶ ସାରା ଦେଶ ପାଇଁ ଏକ ଉଦାହରଣ। ଏଠାକାର କାର୍ଯ୍ୟଶୈଳୀ ଏବଂ ବିଶ୍ୱସ୍ତରୀୟ ହାଇ-ପରଫରମାନ୍ସ ସେଣ୍ଟରଗୁଡ଼ିକରୁ ମିଳିଥିବା ଅନୁଭୂତି ବିହାରର ନୂଆ କ୍ରୀଡ଼ା ପ୍ରକଳ୍ପ ଏବଂ ଭିତ୍ତିଭୂମି ଗଢ଼ିବାରେ ବହୁତ ସାହାଯ୍ୟ କରିବ।' ଉଲ୍ଲେଖଯୋଗ୍ୟ, ବିହାରରେ ନିର୍ମାଣ ହେବାକୁ ଥିବା ପ୍ରସ୍ତାବିତ 'ସ୍ପୋର୍ଟ୍ସ ସିଟି' ଓ ଆଧୁନିକ କ୍ରୀଡ଼ା ଭିତ୍ତିଭୂମି ପାଇଁ ଅନୁଭୂତି ହାସଲ କରିବା ଲାଗି ମନ୍ତ୍ରୀ ଶ୍ରେୟସୀ ସିଂ ଓଡ଼ିଶା ଗସ୍ତରେ ରହିଛନ୍ତି।

## ଜାମ୍‌ସେଦପୁରର ଖେଳିବାକୁ ନେଇ ଆଶଙ୍କା

**ଆଇଏସ୍‌ଏଲ୍-୧୩**

ରୋମ, ୩୧।୭ (ଏଜେନ୍ସି): ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସଏଲ୍)ର ତ୍ରୟୋଦଶ ସଂସ୍କରଣ ସେପ୍ଟେମ୍ବର ୪ରୁ ଆରମ୍ଭ ହେବାକୁଯାଉଛି। ତେବେ ଏଥିପୂର୍ବରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ୨୦୨୨ରେ ଲିଗ୍ ସିଲ୍ଡ ବିଜେତା ଜାମସେଦପୁର ଏଫସି ଆଗାମୀ ସିଜନରେ ଖେଳିବାର ସମ୍ଭାବନା ନାହିଁ। ରିପୋର୍ଟ ଅନୁଯାୟୀ ଜାମସେଦପୁର ଏଫ୍‌ସି କ୍ଲବ୍ ଅଂଶଗ୍ରହଣ ଫି'ର ପ୍ରଥମ କିସ୍ତି ଦେଇନାହିଁ। ସର୍ବଭାରତୀୟ ଫୁଟବଲ୍ ମହାସଂଘ (ଏଆଇଏଫ୍‌ଏଫ) ପକ୍ଷରୁ ଜାମସେଦପୁର ଫି ଦେଇ ନ ଥିବା ନିଶ୍ଚିତ କରିଛି। ଫଳରେ ଆଗାମୀ ସିଜନରୁ କ୍ଲବ ଓହରିଯିବାର ସମ୍ଭାବନା ଅଛି। ଜାମସେଦପୁର ଏଫ୍‌ସି ପକ୍ଷରୁ ଏନେଇ ଆନୁଷ୍ଠାନିକ ଭାବରେ କୌଣସି ସୂଚନା ଦିଆଯାଇନାହିଁ। ରିପୋର୍ଟ ଅନୁଯାୟୀ ଆଇଏସଏଲରେ ଅଂଶଗ୍ରହଣ କରିବାକୁ ଥିବା ୧୪ଟି କ୍ଲବ୍ ମଧ୍ୟରୁ ଜାମସେଦପୁର ଏବଂ ଇଣ୍ଟର କାଶି ଧାର୍ଯ୍ୟ ସମୟ ଜୁଲାଇ ୨୦ ସୁଦ୍ଧା ୫୫ ଲକ୍ଷ ଟଙ୍କାର ପ୍ରଥମ କିସ୍ତି ଦେଇ ନଥିଲେ। ଏହାପରେ ଫି ଦେବାର ଶେଷ ତାରିଖ ଜୁଲାଇ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ସଦ୍ୟତମ ରିପୋର୍ଟ ଅନୁଯାୟୀ ଇଣ୍ଟର କାଶି କିସ୍ତିର ଏକ ପ୍ରମୁଖ ଅଂଶ ଦେଇସାରିଛି। ତେବେ ଜାମସେଦପୁର ଏପର୍ଯ୍ୟନ୍ତ ଦେୟ ଦେଇନାହିଁ।

## ୨୯ରେ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀରେ ଆନ୍ତଃଜିଲ୍ଲା ବିଦ୍ୟାଳୟ ଜିମ୍ନାଷ୍ଟିକ୍

ଭୁବନେଶ୍ୱର,୩୧।୭(ସମିସ): ଜାତୀୟ କ୍ରୀଡ଼ା ଦିବସ ଅବସରରେ ଭୁବନେଶ୍ୱରର ସମେଇଗଡ଼ିଆସ୍ଥିତ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀରେ ୫ମ ଆମନ୍ତ୍ରିତ ଆନ୍ତଃଜିଲ୍ଲା ବିଦ୍ୟାଳୟ ଜିମ୍ନାଷ୍ଟିକ୍ ପ୍ରତିଯୋଗିତା ଅଗଷ୍ଟ ୨୯ରେ ଆୟୋଜିତ ହେବ। ଉଭୟ ବାଳକ ଓ ବାଳିକା ବିଭାଗ ପାଇଁ ମୋଟ ୫ଟି ବୟସ ବର୍ଗରେ ଏହା ଆୟୋଜନ କରାଯିବ। ଯେଉଁଥିରେ ୬, ୮ ଓ ୧୦ ବର୍ଷରୁ କମ୍ ବୟସ ବର୍ଗ, ଆଡ଼ଭାନ୍ସ ଲିଭେଲ ଏବଂ ଓପନ ବର୍ଗ ରହିଛି। ୬ ଓ ୮ ବର୍ଷରୁ କମ୍ ବିଭାଗରେ କେବଳ ଫ୍ଲୋର ଏକ୍ସରସାଇଜ୍, ୧୦ ବର୍ଷରୁ କମ୍ ବାଳକରେ ଫ୍ଲୋର ଏକ୍ସରସାଇଜ୍ ଓ ଭଲ୍ଟିଂ ଟେବୁଲ୍, ୧୦ ବର୍ଷରୁ କମ୍ ବାଳିକାରେ ଫ୍ଲୋର ଏକ୍ସରସାଇଜ୍ ଓ ବାଲାନ୍ସିଂ ବିମ୍, ଆଡ଼ଭାନ୍ସ ବର୍ଗ ବାଳକରେ ଫ୍ଲୋର ଏକ୍ସରସାଇଜ୍, ଭଲ୍ଟିଂ ଟେବୁଲ୍, ପୋମେଲ୍ ହୋର୍ସ ଓ ପାରାଲେଲ୍ ବାର୍ ପ୍ରତିଯୋଗିତା ଆୟୋଜନ ହେବ। ଓପନ୍ ବର୍ଗରେ କେବଳ ଫ୍ଲୋର ଏକ୍ସରସାଇଜ୍ ପ୍ରତିଯୋଗିତା ଆୟୋଜନ ହେବ। ଓଡ଼ିଶାର ସମସ୍ତ ଜିଲ୍ଲାର ବିଦ୍ୟାଳୟଗୁଡ଼ିକରୁ କ୍ରୀଡ଼ାବିତ୍‌ମାନେ ଭାଗନେବା ପାଇଁ ଏକାଡେମୀର ଅଧ୍ୟକ୍ଷା ମିରାରାଣୀ ଦାସ ନିବେଦନ କରିଛନ୍ତି। ପଞ୍ଜୀକରଣ ଓ ଅଧିକ ବିବରଣୀ ପାଇଁ ଏକାଡେମୀ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## ତାଇପେଇ ଓପନ୍: ସେମିରେ ଉନ୍ନତି ଓ ତନଭୀ



ତାଇପେଇ ସିଟି, ୩୧।୭ (ଏଜେନ୍ସି): ଦୁଇକୋଟି ୨୯ ଲକ୍ଷ ଟଙ୍କା ପୁରସ୍କାର ରାଶିବିଶିଷ୍ଟ ତାଇପେଇ ଓପନ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତର ଉନ୍ନତି ହୁଡା ଓ ତନଭୀ ଶର୍ମା ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ଉନ୍ନତି ୨୩-୨୧, ୨୧-୧୬ ସିଧାସଳଖ ଗେମରେ ନିଜ ଦେଶର ଦେବୀକା ସିହାଗଙ୍କୁ ପରାସ୍ତ କରିଥିଲେ। ସେମିଫାଇନାଲରେ ଉନ୍ନତିଙ୍କ ମୁକାବିଲା ଭିଏତ୍‌ନାମର ଗୁୟେନ ଥୁଏ ଲିନଙ୍କ ସହ ହେବ। ସେହିଭଳି ଅନ୍ୟ ଏକ କ୍ୱାର୍ଟରରେ ତନଭୀ ୨୧-୧୫, ୧୮-୨୧, ୨୧-୧୪ ଗେମରେ ଥାଇଲାଣ୍ଡର ସୁପନିଦା କାଟେଥୋଙ୍ଗଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ଘରୋଇ ଖେଳାଳି ହୁଆଙ୍ଗ ସୁନଙ୍କ ସହ ତନଭୀଙ୍କ ସେମିଫାଇନାଲ ଲଢ଼େଇ ଅନୁଷ୍ଠିତ ହେବ। ତେବେ ପୁରୁଷ ସିଙ୍ଗଲ୍ସରେ ଭାରତକୁ ନିରାଶ ହେବାକୁ ପଡ଼ିଛି। କିରନ ଜର୍ଜ ମାତ୍ର ୩୩ ମିନିଟରେ ୧୨-୨୧, ୧୦-୨୧ ଗେମରେ ଜାପାନର ୟୁଦାଇ ଓକିମୋଟୋଙ୍କ ନିକଟରୁ ହାରି ବିଦାୟ ନେଇଛନ୍ତି।

**● ଖେଲୋ ଇଣ୍ଡିଆ ଯୋଜନା, କ୍ରୀଡ଼ା ମହାସଂଘକୁ ବିପୁଳ ଅନୁଦାନ**

## ୫ ବର୍ଷ ଲାଗି ୩୬,୪୪୧ କୋଟି ଟଙ୍କାର ବ୍ୟୟବରାଦ

ନୂଆଦିଲ୍ଲୀ,୩୧।୭ (ଏଜେନ୍ସି)

ଖେଲୋ ଇଣ୍ଡିଆ ଯୋଜନା ଲାଗି ଭାରତ ସରକାର ବିପୁଳ ପରିମାଣରେ ଅର୍ଥ ବ୍ୟୟବରାଦ କରିଛନ୍ତି। ଭାରତକୁ ଏକ ବିଶ୍ୱସ୍ତରୀୟ କ୍ରୀଡ଼ା ଦେଶରେ ପରିଣତ କରିବା ଲାଗି ଖେଲୋ ଇଣ୍ଡିଆ ଯୋଜନାର ସମ୍ପ୍ରସାରଣ, ଅତ୍ୟାଧୁନିକ ତଥା ବିଜ୍ଞାନ ସମ୍ମତ ପ୍ରଶିକ୍ଷଣ, କ୍ରୀଡ଼ା ସଂଘ ଗୁଡିକୁ ଅଧିକ ଆର୍ôଥକ ଅନୁଦାନ, ଉଚ୍ଚ ସ୍ତରର କୋଚିଂ ଇକୋ ସିଷ୍ଟମ କରିବା ନିମନ୍ତେ କେନ୍ଦ୍ର ସରକାର ଏକ ବୃହତ ଯୋଜନା କରିଛନ୍ତି। ଏଥିଲାଗି ଆସନ୍ତା ୫ଟି ଆର୍ଥିକ ବର୍ଷ ଲାଗି ୩୬,୪୪୧ କୋଟି ଟଙ୍କାର ଅର୍ଥ ବ୍ୟୟବରାଦକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ଏହା ମଧ୍ୟରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ନିମନ୍ତେ କ୍ରୀଡ଼ାବିତ୍ ପ୍ରସ୍ତୁତ କରିବା ଲାଗି ମଧ୍ୟ ଆର୍ଥିକ ବ୍ୟବସ୍ଥା ରହିଛି। ଏହି ୩୬, ୪୪୧ କୋଟି ଟଙ୍କା ମଧ୍ୟରୁ ଖେଲୋ ଇଣ୍ଡିଆ ଯୋଜନା ଲାଗି ୨୯,୦୫୪ କୋଟି ଓ କ୍ରୀଡ଼ା ମହାସଂଘ ଗୁଡିକ ଲାଗି ୭, ୩୮୭ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହି ଅର୍ଥ ବିନିମୟରେ କ୍ରୀଡ଼ା ମହାସଂଘ ଗୁଡିକ କ୍ରୀଡ଼ାବିତ୍‌ଙ୍କୁ ଉନ୍ନତ ପ୍ରଶିକ୍ଷଣ, ଟ୍ରେନିଂ ଓ ଅନ୍ତର୍ଜାତୀୟ ସ୍ତରରେ ଦକ୍ଷତାର ଉନ୍ନତି ଲାଗି ବ୍ୟୟ କରିବେ। ସେହିପରି ଖେଲୋ ଇଣ୍ଡିଆ ଯୋଜନାରେ ତୃଣମୂଳସ୍ତରରୁ ପ୍ରତିଭା ଚିହ୍ନଟ କରି ଅଲିମ୍ପିକ୍ ପର୍ଯ୍ୟନ୍ତ ପ୍ରସ୍ତୁତି କରିବା ଓ ଶୀର୍ଷସ୍ତରର ଆଥ୍‌ଲେଟଙ୍କ ଲାଗି ସମସ୍ତ ପ୍ରକାର ଖର୍ଚ୍ଚ, ଖେଲୋ ଇଣ୍ଡିଆ ଆଥ୍‌ଲେଟ ଚିହ୍ନଟ କାର୍ଯ୍ୟକ୍ରମ, ଫିଡର ସ୍କୁଲ ଓ ଉତ୍କୃଷ୍ଟ ବିଦ୍ୟାଳୟ ପ୍ରତିଷ୍ଠା କରି ପ୍ରତିଭାବାନ କ୍ରୀଡ଼ାବିତ୍ ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଛି। ଏଲିଟ ଆଥଲେଟ ସୃଷ୍ଟି କରିବା ଲାଗି ଏଲିଟ କୋଚ୍ ଓ କୋଚିଂ ବ୍ୟବସ୍ଥା ପ୍ରତିଷ୍ଠା କରିବା, ସମଗ୍ର ଭାରତ ବର୍ଷରେ କୋଚିଂର ମାନ ବୃଦ୍ଧି କରିବା ଏହି ଯୋଜନାରେ ଅନ୍ତର୍ଭୁକ୍ତ। ଏହି କାର୍ଯ୍ୟକ୍ରମ ବଳରେ ଭାରତକୁ ଏକ କ୍ରୀଡ଼ା ଶକ୍ତିରେ ପରିଣତ କରାଯିବାର ଲକ୍ଷ୍ୟ ରଖାଯାଇଛି।


ଖେଳ ଓ ଖେଳାଳିଙ୍କ ଉନ୍ନତି ଲାଗି ଏହି ଯୋଜନା କରାଯାଇଛି। କିନ୍ତୁ ଗତ ୩ ବର୍ଷ ହେଲା ଶକ୍ତିବର୍ଦ୍ଧକ ଔଷଧ ସେବନରେ ଭାରତ ବିଶ୍ୱରେ ଶୀର୍ଷସ୍ଥାନ ଅଧିକାର କରିଛି। ଏହି ଧପ୍ପାବାଜିଙ୍କୁ ନିୟନ୍ତ୍ରଣ କରିବା ଲାଗି ଏହି ଯୋଜନାରେ କୌଣସି ବ୍ୟବସ୍ଥା କରାଯାଇନାହିଁ। ଯେଉଁ ରାଜ୍ୟରୁ ସର୍ବାଧିକ ଆଥଲେଟ ଆସୁଛନ୍ତି, ସେହି ରାଜ୍ୟରେ ଏବେ ସବୁଠାରୁ ଅଧିକ ନିଷିଦ୍ଧ ଡ୍ରଗ୍ସ କାରବାର ହେଉଛି। ଏମାନଙ୍କ ଲାଗି କିଛି ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରା ନ ଗଲେ ଏହି ଯୋଜନା ଫଳପ୍ରସୁ ହେବା କଷ୍ଟକର।

**ସର୍ବଭାରତୀୟ ଜୁନିଅର ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ**

## ଫାଇନାଲରେ ଦୀକ୍ଷା-ପାରୁଲ, ଚାନ୍ଦ-ଜ୍ଞାନଦତ୍ତ

ଭୁବନେଶ୍ୱର,୩୧।୭ (ସମିସ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଜୁନିଅର ର୍‍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଯାଇଛି। ବାଳିକା ଏକକରେ ତାମିଲନାଡୁର ଦୀକ୍ଷା ଏସ୍‌ଆର୍‌ଙ୍କ ସହ ରାଜସ୍ଥାନର ପାରୁଲ ଚୌଧୁରୀଙ୍କର ମୁକାବିଲା ହେବ। ସେହିପରି ବାଳକ ଏକକ ଫାଇନାଲରେ ଉତ୍ତରାଖଣ୍ଡର ନିଶ୍ଚଳ ଚାନ୍ଦଙ୍କ ସହ ତେଲଙ୍ଗାନାର ଟି. ଜ୍ଞାନଦତ୍ତଙ୍କ ସହ ମୁକାବିଲା କରିବେ। ସେହିପରି ସମସ୍ତ ୩ଟିଯାକ ଯୁଗଳର ଫାଇନାଲ ମୁକାବିଲା ମଧ୍ୟ ହେବ। ସୁରୁଲାଲ ମଟାରୀଙ୍କ ସଂଯୋଜନାରେ ଆଜି ତୃତୀୟସ୍ଥାନ ଲାଗି ମୁକାବିଲା ଶେଷ ହୋଇ ପୁରସ୍କାର ପ୍ରଦାନ କରାଯାଇଛି।



ଶୁକ୍ରବାର ମହିଳା ଏକକ ସେମିରେ ତାମିଲନାଡୁର ଦୀକ୍ଷା ୨-୧ରେ ଆଦର୍ଶିନୀ ଶ୍ରୀ'ଙ୍କୁ, ରାଜସ୍ଥାନର ପାରୁଲ ଚୌଧୁରୀ ୨-୧ରେ ମଧ୍ୟ କର୍ଣ୍ଣାଟକର ସାଇନା ମାନିମୁଥୁଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ବାଳକ ଏକକରେ ଉତ୍ତରାଖଣ୍ଡର ନିଶ୍ଚଳ ଚାନ୍ଦ ଓ ଜ୍ଞାନଦତ୍ତ ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହେବେ। ମିଶ୍ରିତ ଯୁଗଳ ଫାଇନାଲରେ ଛତିଶଗଡ଼ର ଦିବ୍ୟାନାସ ଅଗରୱାଲ-ଭାମା ପ୍ରଭୁଆନନ୍ଦଙ୍କ ସହ ଦିଲ୍ଲୀ-ଉତରାଖଣ୍ଡ ଯୋଡି ଯୋଗନ୍ସ ସିଂ-ଆନ୍ୟା ବିସ୍ତଙ୍କ ଯୋଡି ସହ ମୁକାବିଲା ହେବ। ସେହିପରି ବାଳିକ ଯୁଗଳ ଫାଇନାଲରେ ଉତ୍ତରାଖଣ୍ଡର ଆନ୍ୟା ବିସ୍ତ-ଆଞ୍ଜେଲ ପୁନେରା ଯୋଡିଙ୍କ ସହ କର୍ଣ୍ଣାଟକ ଯୋଡି ଡିଆର ଅଦିତି- ପୋନ୍ନାମ୍ମା ବିଭିଙ୍କ ସହ, ବାଳକ ବିଭାଗ ଯୁଗଳ ଫାଇନାଲରେ କେରଳ-ଦିଲ୍ଲୀ ଯୋଡି ଆଥିସ ଶ୍ରୀନିବାସ-ଯୋଗନ୍ସ ସିଂଙ୍କ ସହ କର୍ଣ୍ଣାଟକର ପବନ ଏସ୍- ପୁନିତ ଏସ୍ ଯୋଡିଙ୍କର ମୁକାବିଲା ହେବ। ଶନିବାର ସମସ୍ତ ଫାଇନାଲ ସହ ପ୍ରତିଯୋଗିତା ଉଦ୍‌ଯାପିତ ହେବ ବୋଲି ଆୟୋଜକ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ସଂଘ ସମ୍ପାଦକ ନିଲୀନ କୁମାର ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS